ଧରିତ୍ରୀ 51 Years

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ (୧୨+୮=୨୦ ପୃଷ୍ଠା) | Bhubaneswar, Friday, October 17/2025 | Page 20 | ₹ 7.00

୫୧ଶ ଭାଗ ୩୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 321 | ମୂଲ୍ୟ ₹୭/-








SAATCHI & SAATCHI

ଧରିତ୍ରୀ 51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ Bhubaneswar, Friday, October 17/2025 | ପୃଷ୍ଠା-୧



କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଗୁରୁବାର ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ ପରେଡ୍‌ରେ ଅଂଶଗ୍ରହଣ କରିଥିବା ପୋଲିସ ଶ୍ୱାନ ଟିମ୍। **(ଫଟୋ: ରାଜକିଶୋର ମହାନ୍ତି)**

# ମୋଦି କହିଛନ୍ତି, ଭାରତ କିଣିବନି ରୁଷୀୟ ତୈଳ: ଟ୍ରମ୍ପ

**ଭାରତ ରୁଷିଆଠାରୁ ତୈଳ କିଣିବା ବନ୍ଦ କରିଦେବ ବୋଲି 'ବନ୍ଧୁ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି। ୟୁକ୍ରେନ୍ ଆକ୍ରମଣକାରୀ ରୁଷିଆ ଉପରେ ଚାପ ସୃଷ୍ଟି ଦିଗରେ ଏହା ଏକ 'ବଡ଼ ପଦକ୍ଷେପ' ବୋଲି ଟ୍ରମ୍ପ ଅଭିହିତ କରିଛନ୍ତି। ଏନେଇ କଂଗ୍ରେସ ମୋଦିଙ୍କୁ ଟାର୍ଗେଟ କରିଥିବାବେଳେ ଉକ୍ତ ପ୍ରସଙ୍ଗ ଦେଶରେ ରାଜନୈତିକ ହଟଚମଟ ସୃଷ୍ଟି କରିଛି। ଇତିମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ରୁଷୀୟ ତୈଳ କ୍ରୟ ବନ୍ଦ କରିବା ଉପରେ କୌଣସି ପ୍ରକାର ଟେଲିଫୋନିକ୍ ଆଲୋଚନା ହୋଇ ନ ଥିବା ନୂଆଦିଲ୍ଲୀ ସ୍ପଷ୍ଟ କରିଛି।**

ୱାଶିଂଟନ/ନୂଆଦିଲ୍ଲୀ/ମସ୍କୋ,୧୬।୧୦ (ବ୍ଲୁମ୍‌ବର୍ଗ/ରଏଟର୍ସ/ପି.ଟି.)

୨୦୨୨ ଫେବୃଆରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ସେନା ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ସେବେଠୁ ୧,୩୩୦ ଦିନ ଧରି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଜାରି ରହିଛି। ଯୁଦ୍ଧ ପରଠାରୁ ଚାଇନା ଓ ଭାରତ ରୁଷୀୟ ତୈଳର ବଡ଼ କ୍ରେତା ରହିଆସିଛନ୍ତି। ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର କ୍ଷମତାକୁ ଆସିଲେ ୟୁକ୍ରେନ୍ ଯୁଦ୍ଧ ବନ୍ଦ କରାଇବେ ବୋଲି ଗତ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ। ଟ୍ରମ୍ପ ୨୦୨୫ ଜାନୁଆରୀ ୨୦ରେ ରାଷ୍ଟ୍ରପତି ରୂପେ ପୁନଃ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଯୁଦ୍ଧ ବନ୍ଦ

### ମୋଦି-ଟ୍ରମ୍ପ ଆଲୋଚନା ହୋଇନାହିଁ: କେନ୍ଦ୍ର

ଦିଗରେ ପଦକ୍ଷେପ ନେବା ସହ ରୁଷିଆ ପାଇଁ ଯୁଦ୍ଧର ଇନ୍ଧନ ରୂପକ ତୈଳ ନ କିଣିବାକୁ ଭାରତକୁ ପରାମର୍ଶ ଦେଇଆସିଛନ୍ତି। କିନ୍ତୁ ନୂଆଦିଲ୍ଲୀ ଦେଶର ଉପଭୋକ୍ତାମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ମସ୍କୋଠାରୁ ତୈଳ କିଣିବା ଜାରି ରଖିଛି। ଏହି ପୃଷ୍ଠଭୂମିରେ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ୨୫% ଆମଦାନୀ ଶୁଳ୍କ ସହ ରୁଷୀୟ ତୈଳ କ୍ରୟ ବାବଦକୁ ଅତିରିକ୍ତ ୨୫% ଜରିମାନା କଷିଛନ୍ତି, ଯାହାକି ଗତ ଅଗଷ୍ଟ ଶେଷଭାଗରୁ ଲାଗୁ ହୋଇଛି। ☞ପୃଷ୍ଠା-୬

## ଜନଶୁଣାଣିକୁ ଗୁରୁତ୍ୱ ଦେଉନାହାନ୍ତି ୬ ବିଭାଗ

ଭୁବନେଶ୍ୱର,୧୬।୧୦(ରବିନାରାୟଣ ଜେନା)

### ଗଡୁଛି ୩୮ ହଜାର ଲୋକଙ୍କ ସମସ୍ୟା

ରାଜ୍ୟରେ ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସୋମବାର ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ମନ୍ତ୍ରୀ ପରିଷଦ ସମସ୍ତ ଅବହେଳିତ ବର୍ଗଙ୍କୁ ଭେଟି ଗୁହାରି ଶୁଣୁଛନ୍ତି ଏବଂ ତା'ର ତ୍ୱରିତ୍ ସମାଧାନ ଦିଗରେ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ହେଲେ ୬ଟି ବିଭାଗ ଲୋକଙ୍କ ଅଭିଯୋଗର ସମାଧାନ ଦିଗରେ ଗୁରୁତ୍ୱ ଦେଉ ନାହାନ୍ତି, ଯେଉଁଥିପାଇଁ ପ୍ରାୟ ୩୮ହଜାର ଲୋକଙ୍କ ଅଭିଯୋଗର ସମାଧାନ ହୋଇପାରୁନାହିଁ। ଏନେଇ ସରକାରଙ୍କ ପକ୍ଷରୁ ବାରମ୍ବାର ପତ୍ର ଲେଖାଗଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିବାରୁ ଏହାକୁ ନେଇ ଗତ ୧୫ ତାରିଖରେ ସମ୍ପୃକ୍ତ ବିଭାଗୀୟ ମୁଖ୍ୟଙ୍କୁ ପୁନର୍ବାର ପତ୍ର ଲେଖି ତାଗିଦ୍ କରାଯାଇଛି।

ସାଧାରଣ ଅଭିଯୋଗ ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରା ବୁଧବାର ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ଜନଶୁଣାଣି ହେଉଛି ଓଡ଼ିଶା ସରକାରଙ୍କ ସର୍ବୋତ୍ତମ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ। ଏହା ମାଧ୍ୟମରେ ନାଗରିକମାନଙ୍କୁ ଯେକୌଣସି ସ୍ଥାନରୁ ଏବଂ ଯେ କୌଣସି ସମୟରେ ରାଜ୍ୟର ପଦସ୍ଥ ସରକାରୀ ଅଧିକାରୀଙ୍କ ନିକଟରେ ସେମାନଙ୍କ ଅଭିଯୋଗ ପହଞ୍ଚିପାରିବ। ହେଲେ ପରିଲକ୍ଷିତ ହୋଇଛି, ଜଳସମ୍ପଦ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ, ଇସ୍ପାତ ଓ ଖଣି ଏବଂ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗରେ ଅଭିଯୋଗ ସମାଧାନ ହାର ଅନ୍ୟାନ୍ୟ ବିଭାଗଠାରୁ ଯଥେଷ୍ଟ କମ୍ ରହିଛି। ଏହାକୁ ଦୃଷ୍ଟିରେ ରଖି ବାକି ପଡ଼ିଥିବା ଅଭିଯୋଗଗୁଡ଼ିକର ☞ପୃଷ୍ଠା-୬

## ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩% ବୃଦ୍ଧି

### ଜୁଲାଇ ପହିଲାରୁ ପିଛିଲା ଭାବେ ପାଇବେ

ଭୁବନେଶ୍ୱର,୧୬।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦୀପାବଳି ପୂର୍ବରୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩% ବୃଦ୍ଧି ନେଇ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୫ ରୁ ୫୮%କୁ ବୃଦ୍ଧି ପାଇଛି। ଏହା ଜୁଲାଇ ପହିଲା ୨୦୨୫ରୁ ପିଛିଲା ଭାବେ ଲାଗୁହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ଦରମାରେ ନଗଦ ଆକାରରେ ମିଳିବ। ଏହା ସହ ପେନ୍‌ସନଭୋଗୀମାନଙ୍କ ଟିଆଇରେ ମଧ୍ୟ ୩ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟିଆଇ ପାଇବେ। ଏହାଦ୍ୱାରା ପ୍ରାୟ ସାଢେ ୮ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

**ଆଜିର ସମ୍ପାଦକୀୟ** ଅର୍ଥନୀତି ଓ ଅସମାନତା

## ଭାରତରେ ବନାଗ୍ନି: ବର୍ଷକରେ ୧.୫ କୋଟି ଲୋକ ପ୍ରଭାବିତ



- ୟୁପିରେ ସର୍ବାଧିକ ୪୬ ଲକ୍ଷ
- ବିଶ୍ୱବ୍ୟାପୀ ୨୧୫ ବିଲିୟନ ଡଲାରର ସମ୍ପତ୍ତି କ୍ଷତିଗ୍ରସ୍ତ

ନୂଆଦିଲ୍ଲୀ,୧୬।୧୦(ପି.ଟି.)

ବର୍ଷ ୨୦୨୪-୨୫ରେ ଭାରତରେ ବନାଗ୍ନି ଯୋଗୁ ପ୍ରାୟ ୧.୫ କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ଉତ୍ତରପ୍ରଦେଶରେ ସର୍ବାଧିକ ୪୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଗୁରୁବାର ଆର୍ଥ ସିଷ୍ଟମ ସାଇନ୍ସ ଡେଟା ନାମକ ଏକ ଜର୍ନାଲରେ ପ୍ରକାଶିତ 'ଷ୍ଟେଟ୍ ଅଫ୍ ୱାଇଲ୍ଡ ଫାୟାର୍ସ' ଶୀର୍ଷକ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଫସଲ ଜାଳିବା, ପ୍ରଚଣ୍ଡ ତାତି, ଶୁଷ୍କ ଇନ୍ଧନ ସଂଗ୍ରହ ଆଦି ଯୋଗୁ ଉତ୍ତରପ୍ରଦେଶରେ ବନାଗ୍ନି ଘଟଣା ବଢ଼ିଛି ବୋଲି ଏହି ଅଧ୍ୟୟନରେ କୁହାଯାଇଛି। ସେହିପରି ଗତବର୍ଷ ବନାଗ୍ନି ଯୋଗୁ ପଞ୍ଜାବରେ ୩୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବ୍ରିଟେନ୍‌ର ୟୁନିଭର୍ସିଟି ଅଫ୍ ଇଷ୍ଟ ଆଞ୍ଜଲିଆ, ୟୁକେ ମେଟ୍ ଅଫିସର ଗବେଷକଙ୍କ ଦ୍ୱାରା ମିଳିତ ଭାବେ ଏହି ଅଧ୍ୟୟନ କରାଯାଇଛି।

ଅଧ୍ୟୟନ ଅନୁଯାୟୀ, ସାରା ବିଶ୍ୱରେ ହିଟ୍ ୱେଭ୍ ଏବଂ ମରୁଡ଼ି ଯୋଗୁ ବନାଗ୍ନି ଘଟଣା ଲଗାତର ବଢ଼ିବା ସହ ତୀବ୍ର ହେବାରେ ଲାଗିଛି। ଫଳରେ ନିଆଁ, ପ୍ରଦୂଷିତ ଧୂଆଁ ଆଦି ମାଧ୍ୟମରେ ଲୋକଙ୍କ ଜୀବନ ପ୍ରତି ବିପଦ ବଢ଼ୁଛି। ଏହା ଲୋକଙ୍କୁ ଆର୍ଥିକ ଭାବେ ଦୁର୍ବଳ କରିବା ସହ ☞ପୃଷ୍ଠା-୬








A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in




# ରାଜ୍ୟର ଜିଡିପି ୭% ରହିବ: ଅର୍ଥ ବିଭାଗ

**ଭୁବନେଶ୍ୱର,୧୬।୧୦ (ରବିନାରାୟଣ ଜେନା)**

ରାଜ୍ୟର ଗ୍ରସ୍ ଡୋମେଷ୍ଟିକ ପ୍ରଡକ୍ଟ(ଜିଡିପି) ହାର ୭% ରହିବ ବୋଲି ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି। ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ତଥ୍ୟକୁ ଆଧାର କରି ସବୁ ବିଭାଗୀୟ ସଚିବଙ୍କୁ ଦର୍ଶାଇଛନ୍ତି। ପ୍ରମୁଖ ସଚିବ ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ପୁଞ୍ଜି ଖର୍ଚ୍ଚ ଉପରେ ନିରନ୍ତର ଗୁରୁତ୍ୱ ଏବଂ ଜିଏସ୍‌ଟି ୨.୦ ସଂସ୍କାର, ଅଭିବୃଦ୍ଧି ଦୃଷ୍ଟିକୋଣ ପାଇଁ ଶୁଭ ସଙ୍କେତ ପ୍ରଦାନ କରୁଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ବାର୍ଷିକ ବଜେଟ ୨୦୨୫-୨୬ ଆକଳନ ସମୟରେ ଜିଏସ୍‌ଡିପି ଅଭିବୃଦ୍ଧି ୮% ହେବ ବୋଲି ଅନୁମାନ କରାଯାଇଥିଲା। ମାତ୍ର ଆରବିଆଇ ଏନେଇ ପୂର୍ବାନୁମାନ କରିଛନ୍ତି ଯେ, ୨୦୨୫-୨୬ରେ ପ୍ରକୃତ ଜିଡିପି ଅଭିବୃଦ୍ଧି ହାର ୭% ରହିବ।

ପ୍ରମୁଖ ସଚିବ ରାଜ୍ୟ ସରକାରଙ୍କ ଅତିରିକ୍ତ ବଜେଟ ସଂକ୍ରାନ୍ତରେ ସବୁ ସଚିବଙ୍କଠାରୁ ମଙ୍ଗଳବାର ପ୍ରସ୍ତାବ ଆହ୍ୱାନ କରିବା ପରିପ୍ରେକ୍ଷୀରେ ଦର୍ଶାଇଛନ୍ତି, ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟ ପ୍ରାପ୍ତି ପୂର୍ବ ବର୍ଷର ସଂଗ୍ରହ ତୁଳନାରେ ୯% ବୃଦ୍ଧି ପାଇଛି। ଖର୍ଚ୍ଚ (ଋଣ ସେବା ବ୍ୟତୀତ) ୩୪% ରହିଛି। ଅଭିବୃଦ୍ଧି ଗତିକୁ ବଜାୟ ରଖିବା ପାଇଁ ଭିତ୍ତିଭୂମି ଖର୍ଚ୍ଚ ଉପରେ ବିଶେଷ ଗୁରୁତ୍ୱ ଦେଇ ଖର୍ଚ୍ଚର ଗତିକୁ ତ୍ୱରାନ୍ୱିତ କରିବା ଲାଗି ସେ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, ୨୦୨୫-୨୬ ବାର୍ଷିକ ବଜେଟ ପ୍ରସ୍ତୁତ କରିବା ସମୟରେ ବିତ୍ତୀୟ ନିଅଣ୍ଟର ହାରକୁ ଜିଏସ୍‌ଡିପିର ୩.୨% ଆକଳନ କରାଯାଇଥିଲା। ପ୍ରଶାସନିକ ବିଭାଗମାନେ ଜୀବିକା ସମ୍ବନ୍ଧୀୟ ବ୍ୟୟ ଏବଂ ଚାଲୁଥିବା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସମାପ୍ତି ପାଇଁ ଠିକ୍ ଆକଳନ କରିବା ଆବଶ୍ୟକ; ଯଦ୍ୱାରା ରାଜ୍ୟରେ ଅର୍ଥନୈତିକ କାରବାରକୁ ଆବଶ୍ୟକ ପ୍ରୋତ୍ସାହନ ମିଳିପାରିବ। ତେଣୁ ୨୦୨୫-୨୬ ବର୍ଷର ଅତିରିକ୍ତ ବଜେଟରେ ଚାଲୁ ରହିଥିବା ପ୍ରକଳ୍ପ ଏବଂ ନୂତନ ଯୋଜନାକୁ ପ୍ରାଥମିକତା ଦିଆଯାଇ ପାରିବ। ଏଥିରେ ପ୍ରଶାସନିକ ବିଭାଗମାନେ ଅତିରିକ୍ତ ବ୍ୟବସ୍ଥା ପାଇଁ ପୁନଃର୍ବିନିଯୋଗ ପରିସର ବହିର୍ଭୂତ ୟୁନିଟ୍‌ରୁ ସମାନ ଅର୍ଥକୁ ଅନ୍ୟ ପ୍ରକଳ୍ପରେ ଉପଯୋଗ କରିପାରିବେ। ନୂତନ ପୁଞ୍ଜି ପ୍ରକଳ୍ପ, ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ନୂତନ ଯୋଜନା ଏବଂ ଜୀବିକା ସୁଯୋଗ ସୃଷ୍ଟି ପାଇଁ ପ୍ରସ୍ତାବଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ପାଣ୍ଠି ଯୋଗାଇ ଦିଆଯିବ। ଏନେଇ ଚଳିତମାସ ଶେଷ ସୁଦ୍ଧା ପ୍ରସ୍ତାବ ଦେବାକୁ ହେବ ବୋଲି ପ୍ରମୁଖ ସଚିବ ପତ୍ରରେ ଦର୍ଶାଇଛନ୍ତି।

# ପୁରୀ,ଦିଲ୍ଲୀ ମଧ୍ୟରେ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)**

ଚଳିତ ପାର୍ବଣ ଋତୁରେ ଅତିରିକ୍ତ ଭିଡ଼ ଦୂରକରିବା ପାଇଁ ଭାରତୀୟ ରେଳପଥ ପୁରୀ ଏବଂ ନୂଆଦିଲ୍ଲୀ ମଧ୍ୟରେ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ପରିଚାଳନା କରିବ। ୦୪୪୦୮ ଆନନ୍ଦ ବିହାର ପୁରୀ ପାର୍ବଣ ସ୍ୱତନ୍ତ୍ର ଏକ୍ସପ୍ରେସ୍ ୧୮ ତାରିଖ ରାତି ୧୧ଟାରେ ନୂଆଦିଲ୍ଲୀ ଆନନ୍ଦ ବିହାର ଟର୍ମିନାଲରୁ ଛାଡ଼ିବ। ୦୪୪୦୭ ପୁରୀ ଆନନ୍ଦ ବିହାର ପାର୍ବଣ ସ୍ୱତନ୍ତ୍ର ଏକ୍ସପ୍ରେସ୍ ୨୦ ତାରିଖ ଅପରାହ୍ନ ୪ଟାରେ ପୁରୀରୁ ଛାଡ଼ିବ। ପୁରୀ ଏବଂ ଆନନ୍ଦ ବିହାର ମଧ୍ୟରେ ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର, କଟକ, ଭଦ୍ରକ, ବାଲେଶ୍ୱର, ଟାଟାନଗର, ବୋକାରୋ ଷ୍ଟିଲ୍ ସିଟି, ହଜାରିବାଗ ରୋଡ୍, ଗୟା, ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ଜଙ୍କ୍‌ଶନ, ମିର୍ଜାପୁର ଏବଂ ଗାଜିଆବାଦରେ ଏହି ସ୍ୱତନ୍ତ୍ର ଟ୍ରେନ୍ ରହଣି କରିବ। ଏଥିରେ ୧୫ଟି ସାଧାରଣ ଏବଂ ସ୍ଲିପର କୋଚ, ଗୋଟିଏ ଲଗେଜ କମ୍ ବ୍ରେକ୍ ଭ୍ୟାନ୍ ଏବଂ ଗୋଟିଏ ଦିବ୍ୟାଙ୍ଗଜନ କୋଚ୍ ରହିବ।

ଅନ୍ୟପଟେ ୦୮୪୭୫ ପୁରୀ- ହଜରତ ନିଜାମୁଦ୍ଦିନ ସ୍ପେଶାଲ ଏକ୍ସପ୍ରେସ୍ ୧୯ ତାରିଖ ସକାଳ ୪ଟା ୫୦ରେ ପୁରୀରୁ ଯାତ୍ରା ଆରମ୍ଭ କରିବ। ପୁରୀ ଏବଂ ନିଜାମୁଦ୍ଦିନ ମଧ୍ୟରେ ଏହି ଟ୍ରେନ୍ ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର, ଢେଙ୍କାନାଳ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ୍, ବିଳାସପୁର, ଝାନ୍ସୀ ଏବଂ ଆଗ୍ରା କ୍ୟାଣ୍ଟଠାରେ ରହଣି କରିବ। ଏହି ସ୍ୱତନ୍ତ୍ର ଟ୍ରେନ୍‌ରେ ୪ଟି ସାଧାରଣ କୋଚ୍, ୧୪ଟି ସ୍ଲିପର୍ ୧୪ ଏବଂ ୨ଟି ଲଗେଜ କମ୍ ବ୍ରେକ୍‌ଭ୍ୟାନ୍ କମ୍ ଦିବ୍ୟାଙ୍ଗଜନ କୋଚ୍ ରହିବ।

# ୨୫୮ ଗାଡ଼ିର ରେଜିଷ୍ଟ୍ରେଶନ ରଦ୍ଦହେବ

**ବାରମ୍ବାର ଟ୍ରାଫିକ୍ ନିୟମ ଉଲ୍ଲଂଘନ**

## ଏସ୍‌ଟିଏକୁ ଚିଠି ଲେଖିଲା କମିଶନରେଟ୍ ପୋଲିସ

**ଭୁବନେଶ୍ୱର,୧୬।୧୦ (ସତ୍ୟଜିତ ରାଉତ)**

ବାରମ୍ବାର ଟ୍ରାଫିକ୍ ନିୟମ ଉଲ୍ଲଂଘନ ଏବଂ ଜରିମାନା ନ ଭରିବାରୁ ୨୫୮ଟି ଗାଡ଼ିର ରେଜିଷ୍ଟ୍ରେଶନ ରଦ୍ଦ କରାଯିବ। ଏନେଇ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ପକ୍ଷରୁ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ)କୁ ଚିଠି ଲେଖାଯାଇଛି। ଏହି ଅମାନିଆ ମାଲିକମାନଙ୍କ ଗାଡ଼ିର ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍ ଓ ଫିଟ୍‌ନେସ୍ ସାର୍ଟିଫିକେଟ୍ ରଦ୍ଦ କରିବାକୁ ଅନୁରୋଧ କରାଯାଇଛି। ତେବେ ଏ ସମ୍ପର୍କରେ ଏସ୍‌ଟିଏ ପକ୍ଷରୁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏସବୁ ଗାଡ଼ି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସବୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)କୁ ଏସ୍‌ଟିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବାରମ୍ବାର ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ିଗୁଡ଼ିକୁ କଳା ତାଲିକାଭୁକ୍ତ କରିବା ସହ ରେଜିଷ୍ଟ୍ରେଶନ ଓ ଫିଟ୍‌ନେସ୍ ସାର୍ଟିଫିକେଟ୍ ରଦ୍ଦ କରିବାକୁ କୁହାଯାଇଛି। ତେବେ ସଡ଼କ ସୁରକ୍ଷା ନିୟମ ମାନିବାକୁ କମିଶନରେଟ୍ ପୋଲିସ ପକ୍ଷରୁ ନିବେଦନ କରାଯିବା ସହ ଅଭ୍ୟାସଗତ ଅମାନିଆ ଗାଡ଼ିଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୬।୧୦(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଟେଲିଫୋନ ଯୋଗେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହିତ କଥା ହୋଇ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସେ ନବୀନଙ୍କ ଦୀର୍ଘ ନିରାମୟ ଜୀବନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି କହିଛନ୍ତି।








As homes light up with diyas, light up your celebrations with the happiness of driving a Kia. With GST and additional festive benefits, this is your moment to start a journey filled with comfort, tech, and style. Visit your nearest Kia dealership today.

| Model | Old Ex-showroom | New Ex-showroom | GST Reduction | Additional festive benefits up to | Total benefits |
|---|---|---|---|---|---|
| Sonet | ₹7 99 900 | ₹7 30 138 | ₹69 762 | ₹1 15 000 | ₹1 84 762 |
| Syros | ₹9 49 900 | ₹8 67 053 | ₹82 847 | ₹1 58 000 | ₹2 40 847 |
| Seltos | ₹11 18 900 | ₹10 79 276 | ₹39 624 | ₹1 60 000 | ₹1 99 624 |
| Carens | ₹10 86 412 | ₹10 47 454 | ₹38 958 | ₹88 000 | ₹1 26 958 |
| Carens Clavis | ₹11 59 412 | ₹11 17 835 | ₹41 577 | ₹1 23 000 | ₹1 64 577 |

*Benefits available on other Kia cars as per applicability.

For more information, visit our dealership or contact: 1800 108 5000 | 093195 91407 | www.kia.com | Book Kia | kiacare@kiaindia.net | Look for "Kia India" @

*Terms & condition apply. Ex-showroom price mentioned is for the base variant (PAN India). Benefits shown are the combination of exchange, loyalty, corporate, scrappage and special benefits, which are applicable on select models and variants, may vary from model to model and region to region. The product shown is for representation purposes only. Actual features, colors, and specifications may not be part or standard fitment and may vary. Kia India Pvt. Ltd. reserves the right to make any changes with respect to the trims, colors, specifications, and other details of any model as mentioned or to modify/ discontinue any offer/ scheme/ service without prior notice. Kia urges you to follow traffic rules, these are meant to keep you safe on the roads. Visit your nearest Kia dealership for more details.

**Empreo Kia :** Patia, Tel: 9777064777, 9124401571 **Central Kia:** Pahal, Bhubaneswar, Tel: 7440004288, 7440002919 **Trupti Kia :** Patrapada, Bhubaneswar, Tel: 7064414001, 7064414004, 7064414005 **Trupti Kia:** Puri Bypass Road, Tel: 7064414001 **Central Kia:** Near Srusti Hospital, Ring Road, Mangalabag, Cuttack - 753001, Tel: 9237304769 **Trupti Kia:** Keonjhar, Tel: 7064414005 **Sanjib Kia:** Panikoili, Jajpur, Tel: 9937689001

ଯେ ଅନ୍ୟଠାରୁ ପ୍ରେମ ପାଏ ଓ ତାକୁ ଭୋଗ କରେ- ସେହି ପ୍ରେମ ଦ୍ୱାରା ସେ ନିଜକୁ ଉଜ୍ଜ୍ୱଳ କରିପାରେନା କି ପରିପୂର୍ଣ୍ଣ କରିପାରେନା। କିନ୍ତୁ ଯେ ଅନ୍ୟକୁ ପ୍ରେମ ଦିଏ- ତା'ର ସେହି ପ୍ରେମ ହିଁ ତାକୁ ଉଜ୍ଜ୍ୱଳ ଓ ପରିପୂର୍ଣ୍ଣ କରିଦିଏ। -ଶ୍ରୀମା

-ତୁଳା (ଗର୍ଭଣା) ସଂକ୍ରାନ୍ତି, ଉମା ଏକାଦଶୀ ଗୋବତ୍ସା ଦ୍ୱାଦଶୀ ଓ ହଳ ନିଷେଧ



# ଅର୍ଥନୀତି ଓ ଅସମାନତା



କୌଶିକ ବସୁ

ଏବେ ଅତ୍ୟନ୍ତ ଭୟାନକ ଓ କଷ୍ଟଦାୟକ ସମୟରେ ଅସମାନତା ବୃଦ୍ଧି ପାଉଛି।ଏହା ଭିତରେ ଅନେକ ଦେଶର ରାଜନେତାମାନେ ଗରିବଙ୍କୁ ଲାଭ ଦେଉଥିବା କାର୍ଯ୍ୟକ୍ରମ ଓ ସେବାକୁ ସୀମିତ କରୁଛନ୍ତି । ଏହା ବ୍ୟତୀତ ପ୍ରବାସୀ ଓ ଶରଣାର୍ଥୀଙ୍କ ବିରୋଧରେ କ୍ରୋଧ ଓ ଭୟର ବାତାବରଣ ସୃଷ୍ଟି କରୁଛନ୍ତି। ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା, ସମୃଦ୍ଧି ପାଇଁ ପ୍ରୋତ୍ସାହନ ଏବଂ ନାଗରିକଙ୍କ ସୁରକ୍ଷା କ୍ଷେତ୍ରରେ ସେମାନଙ୍କ ଉଦ୍ଦେଶ୍ୟ ବାହାରକୁ ମହାନ୍ ଜଣାପଡୁଥିଲେ ମଧ୍ୟ ଏହା ବହୁ ସମୟରେ ସେମାନଙ୍କୁ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ଧନୀ କରିବାର ଏକ ଛଦ୍ମ ନୀତିଗତ କାର୍ଯ୍ୟକ୍ରମ ଭଳି ପ୍ରତୀୟମାନ ହେଉଛି। ରାଜନୀତି ପ୍ରକ୍ରିୟାରେ ଏଭଳି ଅଧୋଗତି ପଛରେ ଥିବା ଅନେକ କାରଣ ମଧ୍ୟରୁ ସବୁଠୁ ପ୍ରମୁଖଟି ହେଉଛି ଅର୍ଥନୀତି କାର୍ଯ୍ୟକାରିତାର ଅଧୋଗତି। ଅନେକ ସମୟରେ ଅର୍ଥନୀତିକୁ ବୈଜ୍ଞାନିକ ଅଧ୍ୟୟନର ବିଷୟ ଭାବେ ବର୍ଣ୍ଣନା କରାଯାଏ, ଯାହା ନୈତିକତା ଓ ମୂଲ୍ୟବୋଧ ବିନା 'ଇଫ୍-ଦେନ୍' ବା ପରିକଳ୍ପନା ଓ ସିଦ୍ଧାନ୍ତର ବିଚାରକୁ ଅନୁଧ୍ୟାନ କରିଥାଏ। କିନ୍ତୁ ବୈଜ୍ଞାନିକ ସିଦ୍ଧାନ୍ତଗୁଡ଼ିକ ଆମ ମୂଲ୍ୟବୋଧ ଓ ବୈଚାରିକ ବ୍ୟାଖ୍ୟାନକୁ ପ୍ରଭାବିତକରେ। ବୈଜ୍ଞାନିକ ବିଚାର କିମ୍ବା ଭାବନାର ଯୁକ୍ତିଗୁଡ଼ିକ କାର୍ଯ୍ୟକୁ ତର୍କସଙ୍ଗତ କରିବା ସକାଶେ ବ୍ୟବହାର କରାଯାଇପାରେ, ଯାହା ଆମ ନୈତିକ ସମ୍ବେଦନଶୀଳତାରେ ବାଧା ଉପୁଜାଏ। ବାସ୍ତବରେ, ମୁଖ୍ୟଧାରାର ଅର୍ଥନୀତିର ଦର୍ଶନ ହେଉଛି ବିଶେଷକରି ଲମ୍ବା ସମୟ ଧରି ପ୍ରଚଳିତ ନବ ଉଦାରବାଦୀ ବିଚାରଧାରା, ଯାହା ଅଭିବୃଦ୍ଧି, ଦକ୍ଷତା ଏବଂ ବଜାର ସ୍ୱାଧୀନତାକୁ ଗୁରୁତ୍ୱ ଦେଇଥାଏ । ଏହା ବହୁ ସମୟରେ ଲୋଭ, ଶୋଷଣ ଏବଂ ଅତ୍ୟଧିକ ଅସମାନତା ବୃଦ୍ଧି କରିଥାଏ।

ଅର୍ଥନୀତି ବ୍ୟବସ୍ଥାରେ ଅସମାନତା ସୃଷ୍ଟି ହୋଇପାରେ। ନୋବେଲ ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍‌ଙ୍କ 'କାପାବିଲିଟି ଆପ୍ରୋଚ୍' ବା 'ସାମର୍ଥ୍ୟ ଦୃଷ୍ଟିକୋଣ'କୁ ଆଧାରକରି ୨୦୧୨ରେ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି, କେତେକ ଶୈକ୍ଷିକ ଦୃଷ୍ଟିକୋଣ ଲୋକଙ୍କୁ ଅଧିକ ଯତ୍ନଶୀଳ ଓ ସହଯୋଗୀ କରିବାରେ ସାହାଯ୍ୟ କରିପାରେ। କିନ୍ତୁ ଅନ୍ୟସବୁ ଗବେଷଣା ସୂଚିତ କରିଛି ଯେ ଅନ୍ୟମାନଙ୍କ ତୁଳନାରେ ଅର୍ଥନୀତି ବିଦ୍ୱାନମାନେ ଅଧିକ ସ୍ୱାର୍ଥପର ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ଏଥିରୁ ବୁଝାପଡୁଛି, ପଢ଼ାଯାଉଥିବା ଅର୍ଥନୀତି ଏକ ସାଧାରଣ କିମ୍ବା ଏପରିକି ଆକାଂକ୍ଷୀ ନୈତିକ ସିଦ୍ଧାନ୍ତ ଭାବେ ସ୍ୱାର୍ଥପରତାକୁ ପ୍ରୋତ୍ସାହିତ କରିଥାଏ। ସମସ୍ୟା ହେଉଛି, ଅନ୍ୟ ଜଣେ ନୋବେଲ ବିଜେତା ଅର୍ଥନୀତିଜ୍ଞ ସ୍ୱର୍ଗତ କେନେଥ୍ ଆରୋ ୧୯୭୮ର ଏକ ଗବେଷଣାତ୍ମକ ରିପୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ଜଟିଳ ବିଶ୍ୱରେ ନେଓକ୍ଲାସିକାଲ ଅର୍ଥନୀତିର କଳ୍ପନା ୧୦ ମିନିଟ୍ ପାଇଁ ବି ତିଷ୍ଠି ରହିବ ନାହିଁ। ଅର୍ଥନୈତିକ କାର୍ଯ୍ୟକଳାପ,ପ୍ରତିଯୋଗୀ ଫାର୍ମ ଓ ବ୍ୟକ୍ତିଙ୍କ ବିନା ବଜାର ଚାଲିପାରିବ ନାହିଁ। ଅନ୍ୟ



ଅର୍ଥରେ ସେମାନେ ବିଶ୍ୱାସ ଓ ସହଯୋଗ ଉପରେ ନିର୍ଭରକରନ୍ତି। ସ୍ୱାଧୀନତା ଓ ସମାନତାକୁ ବିପରୀତ ଭାବେ ଦେଖିବାରେ ମୁଖ୍ୟଧାରାର ଅର୍ଥନୀତିର ପ୍ରବୃତ୍ତିକୁ ଆରୋ ମଧ୍ୟ ବିରୋଧ କରିଥିଲେ। ନବ ଉଦାରବାଦୀ ସିଦ୍ଧାନ୍ତ ହେଉଛି, କିଛି ମାତ୍ରାର ଅସମାନତା ନିଶ୍ଚିତ ଭାବେ ରହିବ, କିନ୍ତୁ ଏହାକୁ ହ୍ରାସ କରିବାରେ କୌଣସି ପଦକ୍ଷେପ ସ୍ୱାଧୀନତାର ଅବକ୍ଷୟ ଘଟାଇବ। ଭବିଷ୍ୟତର ପରିଣାମ ବର୍ତ୍ତମାନର କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୋଇଥାଏ। ଯଦି ତୁମେ ଅତି ଧନୀ , ତେବେ ତୁମେ ଏହାକୁ ନିଶ୍ଚିତ ଭାବେ କଠିନ ପରିଶ୍ରମ କିମ୍ବା ନୂତନ ଚିନ୍ତାଧାରା ବଳରେ ଉପାର୍ଜନ କରିଥିବ ଏବଂ ତୁମେ ନିଶ୍ଚିତ ଭାବେ ସ୍ୱାଧୀନ ଭାବେ ତୁମ ଯୋଗଦାନର ଲାଭକୁ ଉପଭୋଗ କରିବ।

କିନ୍ତୁ ଆରୋ ସୂଚିତ କରିଛନ୍ତି, ଯେତେବେଳେ କେତେଜଣ ବ୍ୟକ୍ତି ମଣିଷ ଜାତିର କଲ୍ୟାଣ ସମ୍ପର୍କିତ ପ୍ରମୁଖ ନିଷ୍ପତ୍ତିଗୁଡ଼ିକ ନେଉଛନ୍ତି ସେତେବେଳେ ସେମାନେ ନିଜ ସ୍ୱାର୍ଥକୁ ଲକ୍ଷ୍ୟକରି ଏହା କରୁଛନ୍ତି। ସମାନତାକୁ ଅଣଦେଖା କରୁଥିବା କାର୍ଯ୍ୟଗୁଡ଼ିକ ଯଥା ଆନ୍ଦୋଳନରେ ବାଧାଦେବା ଏବଂ ଅଧିକ ସୂକ୍ଷ୍ମ ଆକାରରେ ଅର୍ଥନୈତିକ ଚାପ ଇତ୍ୟାଦି ଶ୍ରମିକଙ୍କ ସ୍ୱାଧୀନତାକୁ ଅତ୍ୟଧିକ ସୀମିତ କରିଦେଉଛି। ନିଜକୁ ଶ୍ରେଷ୍ଠ ମଣୁଥିବା ଅଳ୍ପ କେତେଜଣ ବ୍ୟକ୍ତି ଅର୍ଥ ବ୍ୟବସ୍ଥାକୁ ଆୟତ୍ତରେ ରଖିବା ସୂଚିତକରେ ଯେ, ଔପଚାରିକ ଗଣତନ୍ତ୍ର ଓ ସ୍ୱାଧୀନତା ହେଉଛି ଏକ ବାହାନା। ଶେଷରେ ଆରୋ ଉଲ୍ଲେଖ କରିଥିଲେ, ସଂସ୍ଥାଗୁଡ଼ିକ ସାମଗ୍ରିକ ଭାବେ ସୃଷ୍ଟିକରୁଥିବା ଅସମାନତା ମାନବ ପାଇଁ ଉଦ୍ଦିଷ୍ଟ ମର୍ଯ୍ୟାଦା ପ୍ରତି ଅପମାନ।

ଦାର୍ଶନିକ ଇସାଏହ ବର୍ଲିନ୍ ସଂକ୍ଷେପରେ କହିଛନ୍ତି , ଗଧିଆକୁ ସ୍ୱାଧୀନତା ଦେବା ବହୁ ସମୟରେ ମେଣ୍ଢାର ମୃତ୍ୟୁର କାରଣ ହୁଏ। ରାଜନେତାଙ୍କୁ ଆକର୍ଷିତକରିବା ଏବଂ ସେମାନଙ୍କ ପସନ୍ଦକୁ ପ୍ରଭାବିତ କରିବା ପାଇଁ 'ହେଟା'ଙ୍କ ପାଖରେ ଅଧିକ ସମ୍ବଳ ଥିବା ଏବଂ ସାର୍ବଜନୀନ ମତକୁ ପ୍ରଭାବିତ କରିବା ନିମନ୍ତେ ବ୍ୟାପକ ଡିଜିଟାଲ ସାଧନ ରହିଥିବାରୁ ଏହି ଚେତାବନୀ ବିଶେଷକରି ଏବକାର ସମୟ ପାଇଁ ପ୍ରଯୁଜ୍ୟ ଏବଂ ଭବିଷ୍ୟତ ପାଇଁ ଚିନ୍ତାକରିବା ଦରକାର। ଅନ୍ୟ ଜଣେ ନୋବେଲ ବିଜେତା ଜୋଶେଫ୍.ଇ. ଷ୍ଟିଗ୍‌ଲାଇଜ 'ଜଣେ ବ୍ୟକ୍ତି, ଗୋଟିଏ ଭୋଟ'ର ସିଦ୍ଧାନ୍ତ 'ଗୋଟିଏ ଡଲାର, ଗୋଟିଏ ଭୋଟ'କୁ ପଥ ଦେଖାଇଛି ବୋଲି ଉଲ୍ଲେଖ କରିଥିଲେ। କିନ୍ତୁ ନିଜସ୍ୱ ଆର୍ଥିକ ସ୍ୱାର୍ଥ ଉପରେ ଅତ୍ୟଧିକ ଧ୍ୟାନଦେବାରେ ସମସ୍ୟା ରହିଛି। ଉଗ୍ର ଜାତୀୟତାବାଦ ମଧ୍ୟ ଅସମାନତା ବୃଦ୍ଧି କରିଥାଏ। ଗୋଟିଏ ସମୟରେ ଆର୍ଥିକ ପରିଚାଳନା ପାଇଁ ଯେତେବେଳେ ସ୍ୱାଧୀନ ତଥା ସାର୍ବଭୌମ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଥିଲା ସେତେବେଳେ ପ୍ରଗତିକୁ ସହଯୋଗ କରିବା ସକାଶେ ଜାତୀୟ ଗୌରବର ଏକ ଭୂମିକା ରହିଥିଲା। କିନ୍ତୁ ଏବେ ଆମର ଜଗତୀକରଣ ବିଶ୍ୱରେ ଦେଶ-ଦେଶ ମଧ୍ୟରେ ଯେଭଳି ଲୋକ, ସାମଗ୍ରୀ ଓ ପୁଞ୍ଜିର ପ୍ରବାହ ଘଟୁଛି ତାହା ସମୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଅପରିହାର୍ଯ୍ୟ ମଧ୍ୟ, ହେଲେ କେତେଜଣ ଧନିକଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହି ସମୟରେ ଅତି ଧନୀ ବିଶେଷ ଏବଂ ରାଜନୈତିକ କ୍ଷମତାଶାଳୀ ବ୍ୟକ୍ତି ସେମାନଙ୍କ ସ୍ୱାର୍ଥକୁ ଆଗକୁ ବଢ଼ାଇବା ଲାଗି ଜାତୀୟତାବାଦକୁ ଉସୁକାଉଛନ୍ତି। ଏହା ମଧ୍ୟ ଦୀର୍ଘଦିନ ଧରି ପରୀକ୍ଷିତ ଯେ, ଜାତୀୟ ସୁରକ୍ଷା ପାଇଁ ଯୁଦ୍ଧରେ ଲଢୁଥିବା ଲୋକମାନେ ଧନ କିମ୍ବା କ୍ଷମତାର ଅସମାନତା ବିରୋଧରେ ସଙ୍ଗଠିତ ହେବେ ନାହିଁ ଏବଂ ଏଭଳି ସ୍ଥିତିରେ ଅସମାନତା ବୃଦ୍ଧି ପାଇପାରେ। ଜାତୀୟ ଗୌରବ ହେଉଛି ଅତୀତର ଏକ ସୁରକ୍ଷିତ ପରମ୍ପରା। ପାରସ୍ପରିକ ଲାଭଦାୟକ ବାଣିଜ୍ୟ ବ୍ୟବସ୍ଥାରୁ ଆରମ୍ଭକରି ସମ୍ମିଳିତ ଜଳବାୟୁ ପଦକ୍ଷେପ ପର୍ଯ୍ୟନ୍ତ ସାମୂହିକ ଲକ୍ଷ୍ୟ ହାସଲ ଦିଗରେ ବୈଶ୍ୱିକ ସହଯୋଗ ଲୋଡ଼ା ଏବଂ ଏଥିପାଇଁ ଏହା ହେଉଛି ଉପଯୁକ୍ତ ସମୟ। କିନ୍ତୁ ତାହା ହାସଲକରିବା ଏତେ ସହଜ ନୁହେଁ। ମାର୍କେଟକୁ ଚଳାଇବା ଭଳି ସମସ୍ତେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ପାଇଁ ଆବଶ୍ୟକ ହେଉଥିବା ଅନ୍ତର୍ଜାତୀୟ ପଦକ୍ଷେପ କେବଳ ବିଶ୍ୱାସ ଓ ସହଯୋଗ ଉପରେ ନିର୍ଭରକରେ।

ଆହ୍ୱାନର ମୁକାବିଲା ଓ ସେଥିରୁ ଲାଭ ପାଇବା ସମ୍ପର୍କରେ ଫ୍ରାନ୍ସର ଦାର୍ଶନିକ ଜିନ୍ -ଜାକ୍ସ ରୌସେୟୁଙ୍କ ଷ୍ଟାଗ୍‌ହଣ୍ଟ ଗେମ୍ ସିଦ୍ଧାନ୍ତ ଦର୍ଶାଇଛି। ଯଦି ୨ ଶିକାରୀ ପୃଥକ୍ ଭାବେ ଗୋଟିଏ ଲେଖା ଠେକୁଆ ଶିକାର କରନ୍ତି ତେବେ ସେମାନେ ଅଳ୍ପ ଲାଭ ପାଇବା ନିଶ୍ଚିତ। କିନ୍ତୁ ସେମାନେ ଯଦି ମିଳିତ ଭାବେ ଶିକାର କରନ୍ତି ତେବେ ଅଧିକ ଲାଭ ପାଇବେ। କେବଳ ସେମାନଙ୍କ ତରଫରୁ ପାରସ୍ପରିକ ସହଯୋଗ କିମ୍ବା ଭାଗୀଦାରି ରହିଲେ ଏହା ସମ୍ଭବ ହେବ, ଅନ୍ୟଥା ଶେଷରେ ସେମାନେ କିଛି ପାଇବେ ନାହିଁ। ସେହିଭଳି ସହଯୋଗ, ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍ଓ) ଏବଂ ଅନ୍ତର୍ଜାତୀୟ ନ୍ୟାୟାଳୟ( ଆଇସିଜେ) ଭଳି ଅନ୍ତଃରାଷ୍ଟ୍ରୀୟ ସଂସ୍ଥାଗୁଡ଼ିକ ଉପରେ ଦୃଢ଼ ବିଶ୍ୱାସ ରହିବା ଦରକାର। ଏହା ହେଲେ ଦେଶଗୁଡ଼ିକ ପୂର୍ବାପେକ୍ଷା ନିଜେ ଯାହା ହାସଲ କରିଥିଲେ ତାହା ତୁଳନାରେ ଅଧିକ ପାଇପରିବେ। ଏହି ସଂସ୍ଥାଗୁଡ଼ିକୁ ଦୃଢ଼କରାଯିବା ଦରକାର। ଏହା ସହ ଅନ୍ୟ ସହଯୋଗୀ ସଂସ୍ଥାଗୁଡ଼ିକ ଆମ ନୈତିକ ସୁଯୋଗଗୁଡ଼ିକୁ ପୁନଃ ସଞ୍ଚଳନ କରିବାରେ ମଧ୍ୟ ସାହାଯ୍ୟ କରିପାରିବେ। ନିଜସ୍ୱ ସ୍ୱାର୍ଥକୁ ଯୁକ୍ତିଯୁକ୍ତ ମନେକରି ତା'ଉପରେ ବିଶେଷ ଧ୍ୟାନଦେବା କିମ୍ବା ଆମ ପାଇଁ ଥିବା ସୁଯୋଗଗୁଡ଼ିକୁ ସଙ୍କୁଚିତ କରିବା ପରିବର୍ତ୍ତେ ଆମେ ଜାତୀୟତା ବଦଳରେ ମାନବତାର ଅଧିକ ମୂଲ୍ୟାୟନ କରିବା ଦରକାର।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ ତଥା ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା**

# ଆଶୀର୍ବାଦର ଛାଇ



ରାକେଶ ପଣ୍ଡା

ସମାଜରେ ଲୋକମାନେ ଯେତେବେଳେ ଜାଣିବାକୁ ପାଆନ୍ତି ଯେ ଝିଅ ବଦଳରେ ପୁଅଟିଏ ଜନ୍ମ ହୋଇଛି, ସେହି ମୁହୂର୍ତ୍ତରେ ସେମାନଙ୍କ ମନ ଆନନ୍ଦର ସବୁ ସୀମାକୁ ଲଙ୍ଘିଯାଇଥାଏ। ପରବର୍ତ୍ତୀ ସମୟରେ, ହାତଧରି ଚାଲି ଶିଖାଇବାଠାରୁ ଆରମ୍ଭ କରି କାନ୍ଧରେ ବସେଇ ଯାନିଯାତ୍ରା ବୁଲାଇବା ପର୍ଯ୍ୟନ୍ତ ଏଥିରେ ଜଡ଼ିତ ଥିବା ପ୍ରତିଟି ମୁହୂର୍ତ୍ତ, କ୍ଷଣ ଓ କଷ୍ଟକୁ ସେମାନେ ତାଙ୍କ ପିଲା ପାଇଁ ସମର୍ପିତ କରିଥାନ୍ତି। ପିଲାଟିର ଲାଳନ, ପାଳନ, ତା'ର ଆଗାମୀ ଦିନର ଭବିଷ୍ୟତକୁ ନିରାପଦ କରିବା ଲାଗି ଯତ୍ନବାନ ହୋଇଥାନ୍ତି। କିନ୍ତୁ ଆଜିର ସମୟରେ ବିଭିନ୍ନ ଗଣମାଧ୍ୟମରେ ମାତାପିତାଙ୍କୁ ସନ୍ତାନଟିଏ ନିଷ୍ଠୁର ଭାବରେ ହତ୍ୟା କରିବା ତଥା ସେମାନଙ୍କୁ ମାରପିଟ କରିବାର ଅନେକ ଘଟଣା ପ୍ରକାଶ ପାଉଛି। କେଉଁ ଘଟଣାରେ ନିଶାସକ୍ତ ପୁଅ ମାତାପିତାଙ୍କଠାରୁ ଅର୍ଥ ନ'ପାଇ ସେମାନଙ୍କୁ ଆଘାତ କରୁଛି ତ ପୁଣି କେଉଁଠି ଅର୍ଥଲୋଭୀ ସନ୍ତାନ ସେମାନଙ୍କଠାରୁ ଟଙ୍କା ଓ ସମ୍ପତ୍ତି ଆଶାରଖି ନ ପାଇ ସେମାନଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଉଛି। ଏତଦ୍‌ବ୍ୟତୀତ ବିଦେଶରେ ରହୁଥିବା ସନ୍ତାନଙ୍କ ପାଖରେ ମା'ବାପାଙ୍କ ଦେହ କଥା ବୁଝିବାକୁ ସମୟ ନାହିଁ। ନିଜ ପାଖରେ ରଖି ସେମାନଙ୍କ ସେବା, ଶୁଶ୍ରୂଷା କରିବା ଓ ଦୈନନ୍ଦିନ କଥା ବୁଝିବା ତ ଦୂରର ବିଷୟ, ଗୋଟିଏ ଦୁଇଟି ବର୍ଷର ବ୍ୟବଧାନରେ ସେମାନେ ଗୃହକୁ ଆସିବାକୁ ଚାହିଁ ନ ଥାନ୍ତି। ଏହା ପଛରେ ଏକ ବାହାନା ରହିଥାଏ। ତାହା ହେଉଛି ବ୍ୟସ୍ତବହୁଳ। କିନ୍ତୁ ଛୋଟ ପ୍ରଶ୍ନବାଚୀ ସୃଷ୍ଟି ହୁଏ। ତାହା ହେଉଛି, ମାତାପିତାଙ୍କ ଭଲ ମନ୍ଦ ଖବର ବୁଝିବା ଏବଂ ପରିଣତ ବୟସରେ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତାକୁ ପୂରଣ କରିବା ଦାୟିତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ନୁହେଁ କି ? ଦୁଃଖର ବିଷୟ, ମାତାପିତାଙ୍କ ପ୍ରତି ଥିବା ସେସବୁ ଦାୟିତ୍ୱ ଓ କର୍ତ୍ତବ୍ୟକୁ ସେ ଜାଣି ଜାଣି ଉପେକ୍ଷା କରେ। ତା'ର ମାନସିକତାରେ ପରିବାର ଓ ଦାୟିତ୍ୱ ନିର୍ବାହର ସୀମା କେବଳ ସ୍ତ୍ରୀ ଓ ପିଲାଙ୍କ ମଧ୍ୟରେ ସୀମିତ ରହିଯାଏ, ବାପା ମା' ସଦସ୍ୟ ହୋଇ ନ'ଥାନ୍ତି। ଏକ ଅସହାୟ ଓ ଯନ୍ତ୍ରଣାଦାୟକ ଜୀବନର ପରିସମାପ୍ତି ପରେ ଯେତେବେଳେ ମାତାପିତା ଇହଧାମ ତ୍ୟାଗ କରନ୍ତି, ସେତେବେଳେ ସନ୍ତାନଟିଏ ତା'ର ପୈତୃକ ବାସଗୃହ ତଥା ଗ୍ରାମକୁ ଆସିଥାଏ ୧୨ ଦିନ ପାଇଁ ଶୁଦ୍ଧିକ୍ରିୟା ଲାଗି। ଏତଦ୍‌ବ୍ୟତୀତ, ସେମାନେ ଜୀବିତ ଓ ସୁସ୍ଥ ଥିବା ଅବସ୍ଥାରେ ଯେଉଁ ସନ୍ତାନ ସେମାନଙ୍କ ମୁହଁରେ ଭଲ ମନ୍ଦ ଟିକିଏ ଦେଇ ନ ଥାଏ, ସେମାନଙ୍କ ସେବା ଶୁଶ୍ରୂଷା କରି ନ ଥାଏ ଏବଂ ଟଙ୍କାଟିଏ ବ୍ୟୟ କରି ନ ଥାଏ, ସେ ଉକ୍ତ ଶୁଦ୍ଧିକ୍ରିୟା ସମୟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଭୋଜି ଦେଇଥାଏ ଏବଂ ଲୋକଙ୍କର ସାମାନ୍ୟ ପ୍ରଶଂସାରେ ଗର୍ବ ଅନୁଭବ କରିଥାଏ। ଉକ୍ତ ୧୨ ଦିନରେ ବ୍ୟୟ ହୋଇଥିବା ତା'ର ସମୟ, ଟଙ୍କା ଏବଂ ଦ୍ରବ୍ୟକୁ ଯଦି ସେ ମାତାପିତା ବଞ୍ଚିଥିବା ସମୟରେ ଦେଇଥାନ୍ତା, ତେବେ ସେମାନଙ୍କ ଜୀବନ କିଛି ମାତ୍ରାରେ ସାର୍ଥକ ହୋଇଥାନ୍ତା!

ଅଧିକାଂଶ ସନ୍ତାନ ନିଜର ମାତାପିତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଦେଉଛନ୍ତି। ଅପରପକ୍ଷରେ, ଭାରତୀୟ ସଭ୍ୟତା, ସଂସ୍କୃତି ଓ ଧର୍ମଗ୍ରନ୍ଥଗୁଡିକ ମାତାପିତାଙ୍କୁ ସନ୍ତାନଙ୍କ ଚଳନ୍ତି ଠାକୁର ତଥା ଜୀବନ୍ତ ଦେବତା ଭାବରେ ଅଭିହିତ କରିଥାନ୍ତି। ବୃଦ୍ଧ ମାତାପିତା ସେମାନଙ୍କର ପ୍ରତିଟି ସନ୍ତାନଙ୍କ ପାଇଁ ହେଉଛନ୍ତି ବିଶାଳ ବୃକ୍ଷ ସଦୃଶ। ଯଦିଓ ବୟସର ଅପରାହ୍ନରେ ପହଞ୍ଚି ସେମାନେ ଶାରୀରିକ ଓ ଆର୍ଥିକ ସାହାଯ୍ୟ, ସହଯୋଗ କରିବାକୁ ଅକ୍ଷମ, ତଥାପି ନିଃସ୍ୱାର୍ଥ ଭଲପାଇବା ଓ ଆଶୀର୍ବାଦ ରୂପକ ଛାୟାରୁ ତାଙ୍କର ସନ୍ତାନକୁ କେହି ବଞ୍ଚିତ କରି ପାରିବେ ନାହିଁ। ଗୃହରେ ସେମାନଙ୍କ ଉପସ୍ଥିତି ହିଁ ଯଥେଷ୍ଟ। ଯାହା ମାନସିକ ସ୍ତରରେ ପ୍ରତିଟି ସନ୍ତାନର ମନୋବଳ ବଢ଼ାଇବା ସହ ସାହସ ଦେଇଥାଏ। ମନ ଦୃଢ଼ ହୋଇ ସ୍ୱତଃ କହି ଉଠିବ, ମୋ ସହ ବାପା ଅଛନ୍ତି, ମୋ ନିକଟରେ ମା' ଅଛି। ଜଣେ ବ୍ୟକ୍ତିର ସମ୍ପୂର୍ଣ୍ଣ ଜୀବନ କାଳ ମଧ୍ୟରେ, ମାତାପିତାଙ୍କଠାରୁ ବଡ଼ ନିଃସ୍ୱାର୍ଥପର ଚରିତ୍ର ଏବଂ ଶୁଭାକାଂକ୍ଷୀ କେହି ଜଣେ ହେଲେ ମିଳିବେ ନାହିଁ। ସେମାନେ ଦୁନିଆର ସବୁଠାରୁ ବଡ଼ ମୂଲ୍ୟବାନ ସମ୍ପତ୍ତି। ଏଣୁ ପ୍ରତିଟି ସନ୍ତାନ ନିଜର ମାତାପିତାଙ୍କ ଆଶୀର୍ବାଦ ଓ ଭଲପାଇବାର ଛାଇ ତଳେ ଜୀବନ ବିତାଇବା ଉଚିତ। ଯାହା ସେମାନଙ୍କୁ ଜୀବନର ପ୍ରତିଟି ଝଡ଼ଝଞ୍ଜା, ବିପଦ, ଦୁଃଖ ଓ କଷ୍ଟ ପରିସ୍ଥିତିରୁ ଏକ ଅଦୃଶ୍ୟ ଶକ୍ତି ହୋଇ ରକ୍ଷା କରିବ।

**ବନ୍ଦାଲୋ, ଟାଙ୍ଗୀ, କଟକ**
**ମୋ: ୯୩୩୭୮୯୭୬୫୦**

## ଏଇ ଭାରତରେ

ହାଇଦ୍ରାବାଦସ୍ଥିତ ମହିନ୍ଦ୍ରା ୟୁନିଭର୍ସିଟିରେ ଇଞ୍ଜିନିୟରିଂ ପଢୁଥିବା ୨୨ ବର୍ଷୀୟ ରାହୁଲ ଆର୍‌ପାକା ରକ୍ଷକ ନାମକ ଏକ ରୋବୋ ନିର୍ମାଣ କରିଛନ୍ତି। ଏହାକୁ ନିର୍ମାଣ କରିବା ପାଇଁ ମହିନ୍ଦ୍ରା କମ୍ପାନୀ ତାଙ୍କୁ ସହଯୋଗ କରିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ( ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଚାଳିତ ଏହି ରୋବୋ ଜମିରୁ ଘାସକୁ ନଷ୍ଟ କରିପାରୁଛି। ଏହାର ବ୍ୟବହାର କୃଷକମାନଙ୍କୁ ଘାସ ବଛା ଖର୍ଚ୍ଚ କମାଇପାରିବ ବୋଲି କହନ୍ତି ରହୁଲ। ଆର୍ଥିକ ଦୃଷ୍ଟିକୋଣରୁ ଏହା କୃଷକଙ୍କ ପାଇଁ ଲାଭଦାୟକ । ବଡ଼ କଥା ହେଉଛି, ରକ୍ଷକ ଜମିରେ ଏଆଇ ମାଧ୍ୟମରେ ଘାସକୁ କମ୍ ସମୟରେ ଠାବ କରିବା ସହ ତାହାକୁ ଲେଜର ଦ୍ୱାରା ନଷ୍ଟ କରୁଛି। ରକ୍ଷକ ଟ୍ରାକ୍ଟର ବ୍ୟାଟେରିରେ ଚାର୍ଜ ହୋଇପାରୁଛି। ରାହୁଲ କହନ୍ତି, ଏହି ରୋବୋର ମୂଲ୍ୟ ୧୦ ଲକ୍ଷ ଟଙ୍କା ରହିବ।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଅକ୍ଟୋବର ୧୯୭୬

- କେନ୍ଦ୍ର ଜନସ୍ୱାସ୍ଥ୍ୟ ଓ ପରିପାର୍ଶ୍ୱ ଇଞ୍ଜିନିୟରିଂ ସଂସ୍ଥା ୧୧୫୧ ନିୟୁତ ଟଙ୍କା ବ୍ୟୟରେ ୫ଟି ଜଳଯୋଗାଣ ବ୍ୟବସ୍ଥା କାର୍ଯ୍ୟ କରିବା ପାଇଁ ବୈଷୟିକ ମଞ୍ଜୁରୀ ପାଇଛି।
- ସିଆଇଏର ସହାୟତାରେ କାଷ୍ଟ୍ରୋ ବିରୋଧୀମାନଙ୍କ ଦ୍ୱାରା କ୍ୟୁବା ଏୟାରଲାଇନ୍ସର ଗୋଟିଏ ବିମାନକୁ ଧ୍ୱଂସ କରିଦେବା ପରେ ଆମେରିକା ଓ କ୍ୟୁବା ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ କ୍ୟୁବା ପ୍ରତ୍ୟାହାର କରିନେଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 4 | | 1 | | | 7 | |
| | 5 | | | 9 | | | | |
| 3 | | 1 | 5 | | 6 | 8 | | |
| | | | | | | 1 | | |
| | | 2 | | 4 | | | | |
| | | | 8 | | 2 | | | |
| | | | 9 | | 7 | | | 6 |
| 7 | | 8 | | | | | 1 | 3 |
| | | 3 | | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 9 | 2 | 3 | 8 | 4 | 7 | 6 |
| 7 | 4 | 3 | 5 | 6 | 9 | 8 | 2 | 1 |
| 2 | 6 | 8 | 7 | 4 | 1 | 3 | 9 | 5 |
| 4 | 7 | 1 | 8 | 5 | 2 | 6 | 3 | 9 |
| 9 | 2 | 5 | 6 | 1 | 3 | 7 | 8 | 4 |
| 3 | 8 | 6 | 9 | 7 | 4 | 1 | 5 | 2 |
| 8 | 3 | 2 | 4 | 9 | 6 | 5 | 1 | 7 |
| 6 | 9 | 7 | 1 | 8 | 5 | 2 | 4 | 3 |
| 5 | 1 | 4 | 3 | 2 | 7 | 9 | 6 | 8 |

ଗତକାଲିର ଉତ୍ତର

# ଆତୁଆଳର ଦୁଇ କଥା



ଗଣେଶ୍ୱର ନାୟକ

ଆତୁଆଳର ଦୁଇ କଥା, ଯାହା ଉପରେ ସାରା ସମାଜ ଛିଡ଼ା ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତାହା ଅତି ଶକ୍ତିଶାଳୀ, ତାହାର ଠିକ୍ ଉପଯୋଗ ନ ହେଲେ ସମାଜର ଅନେକ କ୍ଷତି ଘଟାଇବ, ଆମେ ମଧ୍ୟ କହିପାରିବା ସମାଜରେ ଯେତେ ବି ଅଘଟଣ ଘଟୁଛି, ତାହାର ମୂଳରେ ସେହି ଦୁଇଟିରୁ କୌଣସି ଗୋଟିଏ କାରକ ହୋଇଥିବ ନିଶ୍ଚିତ। ସେଥିପାଇଁ ଜ୍ଞାନୀଗୁଣୀଜନ ତାହାକୁ ଅତି ସନ୍ତର୍ପଣରେ, ସତର୍କତାର ସହିତ ସ୍ଥାନ, କାଳ, ପାତ୍ରରେ ଦେଖି ଆଲୋଚନା କରିବା ପାଇଁ ସବୁବେଳେ ଉପଦେଶ ଦେଇଥାନ୍ତି, ଯାହା ସର୍ବସମ୍ମୁଖରେ ସର୍ବଦା ପ୍ରକାଶ ଯୋଗ୍ୟ ନୁହେଁ ମଧ୍ୟ।

ସାମାଜିକ ବିଜ୍ଞାନରେ ରଚିଥିବା ବ୍ୟକ୍ତିଙ୍କୁ ଯଦି ପଚରା ଯାଏ କାହା ବିନା ମଣିଷ ସମାଜ ବଞ୍ଚିପାରିବ ନାହିଁ, ତାହାର ଉତ୍ତର ସେମାନଙ୍କ ନିକଟରୁ ଆସିବ 'ଯୌନାକାଂକ୍ଷା'। ଯଦିଓ ଆମଭଳି ସାଧାରଣ ମଣିଷ ମନକୁ ଅନେକ ଉତ୍ତର ଆସିବ, କିନ୍ତୁ ଆମେ ପଛକୁପଛ ସମୟକୁ ଫେରିଯିବା, ଶେଷରେ ଏହି ଉତ୍ତରରେ ଏକମତ ହେବା। ପଶୁପକ୍ଷୀ ପ୍ରାକୃତିକ ନିୟମକୁ ସମାହିତ କରି ବଂଶ ବିସ୍ତାର କରନ୍ତି। ସେହିପରି ଜୈବ ବିବର୍ତ୍ତନର ଧାରାରେ ଆଦିମ ମଣିଷ ଏହି ପ୍ରାକୃତିକ କ୍ରିୟାକୁ ସମାପନ କରୁଥିଲା। ଏହାକୁ ଆମେ ସମସ୍ତେ ଜାଣୁ, କିନ୍ତୁ ସର୍ବସମ୍ମୁଖରେ ଆଲୋଚନାକୁ ସମାଜ ଗ୍ରହଣ କରେ ନାହିଁ। ସମସ୍ତେ ସର୍ବଦା ଉହ୍ୟ ରଖିବାକୁ ଚାହାନ୍ତି।

ସରକାର ଏବେ ଏକ ପ୍ରୟାସ କରିଛନ୍ତି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ଯୌନ ଶିକ୍ଷା ଦେବେ। ଏହା ଏକ ସମୟୋପଯୋଗୀ ପଦକ୍ଷେପ ହୋଇପାରେ, କିନ୍ତୁ କେଉଁ ଉପାୟରେ ଶିକ୍ଷାଦାନ କରାଯିବ ତାହା ବିଚାରଯୋଗ୍ୟ। ଶିକ୍ଷକ ଉଭୟ ଛାତ୍ରୀ ଓ ଛାତ୍ର ଉପସ୍ଥିତିରେ ଏହି ଶିକ୍ଷାର ଆଲୋଚନା କଲାବେଳେ ମାନସପଟରେ ସକାରାତ୍ମକଠାରୁ ନକାରାତ୍ମକ ଭାବ ଅଧିକ ଉଦ୍ରେକ ହୋଇପାରେ। କିନ୍ତୁ ଛାତ୍ର ଓ ଛାତ୍ରୀଙ୍କୁ ପୃଥକ୍ ଭାବେ, ସେମାନଙ୍କ ଅଗୋଚରରେ, ସ୍ୱାସ୍ଥ୍ୟ କର୍ମୀ, ନର୍ସ ବା ଡାକ୍ତରମାନଙ୍କ ଦ୍ୱାରା ଗୋଟିଏ ଶିକ୍ଷା ବର୍ଷରେ ଅନେକ ସ୍ୱାସ୍ଥ୍ୟ କର୍ମଶାଳା ନାମରେ ଯୌନଶିକ୍ଷା ଦିଆଯାଇପାରେ। ଏହା ସତ୍ୟ, ଅନେକ ନାରୀ ଅଜ୍ଞତା ପାଇଁ ଅନେକ ଯୌନ ସମ୍ବନ୍ଧୀୟ ରୋଗର ସମ୍ମୁଖୀନ ହେଉଛନ୍ତି। ଏପରିକି ସହର, ଗାଁରେ ସମସ୍ତ ନାରୀଙ୍କୁ ସାମୂହିକ ଭାବେ ସ୍ୱାସ୍ଥ୍ୟ କର୍ମୀ, ମହିଳା ଡାକ୍ତରଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟ ସାକ୍ଷରତା ଅନୁଷ୍ଠିତ ହେବା ଉଚିତ। କେହି କେହି ଯୁକ୍ତି ରଖିପାରନ୍ତି, ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ତ ଏକାଠି ପୁଣି ଏ ସମ୍ବନ୍ଧୀୟ ପାଠ ପଢ଼ା ଯାଉଛି। ଏହା ଠିକ୍ କଥା। କିନ୍ତୁ ସେମାନେ ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ବୟସରେ ଆଉ ସେ ପାଠପଢ଼ା ବୃତ୍ତିକୁ ନେଇ। ତେଣୁ କୌଣସି ବିଷମ ଏତେଟା ଆସି ନ ପାରେ। ଜ୍ଞାନ ଅର୍ଜନ କ୍ଷେତ୍ରରେ ପରିବେଶ ଟିକେ ସକାରାତ୍ମକ ହେବା ଜରୁରୀ।

ଅନେକଙ୍କ ମନେଥିବ ନବେ ଦଶକରେ ଯେତେବେଳେ ଏଡ୍‌ସ ରୋଗ ବ୍ୟାପିବାକୁ ଲାଗିଲା, ଏ ସମ୍ବନ୍ଧରେ ଦୂରଦର୍ଶନରେ ବାରମ୍ବାର ସଚେତନତା ବିଜ୍ଞାପନ ପ୍ରଚାର କରାଗଲା, ଏହାକୁ ସମାଜ ସହଜରେ ଗ୍ରହଣ କଲା ନାହିଁ। ଅନେକେ ଅଭିଯୋଗ କଲେ ଘରେ ପରିବାର ସହିତ ଦୂରଦର୍ଶନ ଦେଖିବା ସହଜ ହେଉନାହିଁ ଅର୍ଥାତ୍ ଲଜ୍ଜାବୋଧ ହେଉଛି। ଏପରିକି କଥା ବିଧାନସଭାରେ ମଧ୍ୟ ଉଠିଥିଲା।




ଦ୍ୱିତୀୟ ଆତୁଆଳର କଥା ହେଉଛି ଅର୍ଥ ବା ଧନ ଉପାର୍ଜନ କରିବାର ସଚେତନତା ଶିକ୍ଷା। ଆମେ ସାଧାରଣତଃ ବିଦ୍ୟାର୍ଥୀଙ୍କୁ ଯାହା ଦରକାର ନିଜେ କିଣି ଦେଇଥାଉ। ଆମର ଅନେକଙ୍କ ଧାରଣା ପିଲାଙ୍କ ହାତରେ ପଇସା ପଡ଼ିଲେ, ସେମାନେ ବିପଥଗାମୀ ହୋଇଯିବେ। ଅନେକ ସମୟରେ ଜ୍ଞାନୀଗୁଣୀ କହିଥାନ୍ତି ଯଦିଓ ବଞ୍ଚିବା ପାଇଁ କିଛି ଅର୍ଥର ପ୍ରୟୋଜନ, ତଥାପି ଟଙ୍କା ଜୀବନର ସବୁକିଛି ନୁହେଁ। 'ଅର୍ଥ'ର ଗୁରୁତ୍ୱକୁ ଆଖିଆଗରେ ରଖି କୌଟିଲ୍ୟ ରାଷ୍ଟ୍ର ପରିଚାଳନା ସମ୍ବନ୍ଧୀୟ ଶାସ୍ତ୍ରର ନାମ ରଖିଥିଲେ 'ଅର୍ଥ ଶାସ୍ତ୍ର', ଯଦିଓ ଏହି ଶାସ୍ତ୍ରର ଅର୍ଥ ସହିତ କିଛି ନେଣଦେଣ ନାହିଁ।

ଆମ ପିଲାମାନଙ୍କୁ ବ୍ୟବସାୟ ସମ୍ବନ୍ଧୀୟ ଜ୍ଞାନ ଆହରଣ ପାଇଁ ବାଣିଜ୍ୟ ପାଠ ରହିଛି। ସରକାର ଏବେ ଗୋଟିଏ ପ୍ରସ୍ତାବ ରଖିଛନ୍ତି, ଶେୟାର୍ ମାର୍କେଟ ସମ୍ବନ୍ଧରେ ସବୁପିଲାଙ୍କୁ ଶିକ୍ଷା ଦିଆଯିବ। ଏ ସମ୍ବନ୍ଧରେ ଅନେକେ ଏକମତ ହେଉ ନାହାନ୍ତି। ବିଦ୍ୟାର୍ଥୀଟିଏ ଧନ ଆଡ଼କୁ ମନ ଚଞ୍ଚଳ ହୋଇଗଲେ, ତାହା ସମାଜ ଉପରେ, ପରିବାର ଉପରେ, ନିଜ ଉପରେ ଅନେକ କୁପ୍ରଭାବ ପକାଇବ। ମାନସିକ ଭାବେ ଅନ୍ୟ କୌଣସି ସୃଜନାତ୍ମକ କାର୍ଯ୍ୟ ପ୍ରତି ଉଦାସୀନ ରହିବ। ଯଦିଓ କିଛି ଠିକ୍ ଆଉ ଭୁଲ୍‌ର ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଅନେକଙ୍କ ମତ ଏହା ପିଲାଙ୍କୁ ଜ୍ଞାନ ଅର୍ଜନ କରିବାର ପ୍ରକ୍ରିୟାକୁ ବ୍ୟାଘାତ କରିବ। ଏଠାରେ ସୂଚିତ କରାଯାଇପାରେ ଶେୟାର ମାର୍କେଟକୁ ଫଟକା ବଜାର ବୋଲି କୁହାଯାଏ। ମୋବାଇଲ ଯୁଗରେ ପିଲାଏ ଏମିତି ବିଭିନ୍ନ ଠକାମିର ଶିକାର ହେଉଛନ୍ତି, ଅଜଣା ଯୋଗୁ ନୁହେଁ, ଲୋଭ ଯୋଗୁ। ତାହା ଅନ୍‌ଲାଇନ ଜୁଆ ଖେଳ ହୋଇପାରେ ବା ଶେୟାର ମାର୍କେଟର ମନୋଲୋଭା ବିଜ୍ଞାପନ ହୋଇପାରେ। ସେଥିପାଇଁ କୌଣସି କଥା ସର୍ବସମ୍ମୁଖରେ ଥୋଇବା ବିଚାରର ବିଷୟ। ସବୁ ଛାତ୍ରୀଛାତ୍ରଙ୍କୁ ଶେୟାର ମାର୍କେଟର ଶିକ୍ଷା ଦେଲେ, ଆଉ ଯଦି ସଭିଏଁ ଷଣ୍ଢ ଲଢ଼େଇ ଆଉ ଭାଲୁ ଲଢ଼େଇ ମଧ୍ୟରେ ମନୋନିବେଶ କରନ୍ତି, ପିଲାଏ ପ୍ରକୃତ ଜ୍ଞାନ ଅର୍ଜନରୁ ବିରତ ରହିବେ ନିଶ୍ଚିତ। ସାମାଜିକ ଦାୟିତ୍ୱବୋଧ ଟିକକ କ୍ଷୁଣ୍ଣ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ମଣିଷର ସ୍ୱଭାବ ସହଜରେ କିପରି ଅର୍ଥ ଉପାର୍ଜନ କରିବ, ଆଉ ରାତିକା ରାତି ଧନୀ ହୋଇଯିବ। ଲଟେରି କ'ଣ ସମସ୍ତେ ଜାଣନ୍ତି, ଆଉ ଲଟେରି ଖେଳି ଅନେକେ କ୍ଷତି ସହୁଥିବାର ମଧ୍ୟ ଦେଖାଯାଉଛି, ଆଉ ଜୀବନ ବି ଯାଉଛି। ଆର୍ଥିକ ସାକ୍ଷରତା ପାଇଁ ସବୁ ବର୍ଗର ମଣିଷଙ୍କୁ ନେଇ ଅନେକ କର୍ମଶାଳା କରାଯାଇପାରେ।

ଅନେକ ଆତୁଆଳର କଥା ଅଛି, ଯାହା ସର୍ବସମ୍ମୁଖରେ ବିଚାର ହେବା ଉଚିତ। କିନ୍ତୁ ଅନେକ କଥା ସମାଜ ଚାହେଁ ସ୍ଥାନ, କାଳ, ପାତ୍ରକୁ ତଉଲି ଆଲୋଚନା ହେଉ। ସେଥିପାଇଁ ଶିକ୍ଷାବିତ୍, ମନସ୍ତତ୍ତ୍ୱବିତ୍, ସମାଜର ଜ୍ଞାନୀଗୁଣୀଙ୍କ ପରାମର୍ଶ ନେଇ ତଥା ଅନେକ ବିଚାର କରି ଏସବୁ ପ୍ରୟୋଗ ହେବା ଜରୁରୀ ମନେହୁଏ, ନଚେତ୍ ପରବର୍ତ୍ତୀ ସାମାଜିକ ବିଭ୍ରାଟକୁ ହାତ,କାତ ପାଇବ ନାହିଁ....।

**ଗୋଗଲ, କାଏମା, ଯାଜପୁର**
**ମୋ:୯୭୭୭୭୪୯୭୨୭**

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ଦୁରବସ୍ଥା: ଦୁର୍ଘଟଣା ଆଶଙ୍କା

ମହାଶୟ,

ଗବକୁଣ୍ଡଠାରୁ ବଳଙ୍ଗା ବାମପଟ ପିଚୁ ରାସ୍ତା ହୋଇଥିଲା। ପରେ ସୁଆଣ୍ଡୋଠାରୁ ବିଦ୍ୟାଧରପୁର ପର୍ଯ୍ୟନ୍ତ ପ୍ରଶସ୍ତ ଦୋରସ୍ତ ପିଚୁରାସ୍ତା ହୋଇଛି। ମାତ୍ର ବିଦ୍ୟାଧରପୁର ପାଟଣା ସାହିଠାରୁ ଖଡ଼ିକୁଦା ଛକ ପର୍ଯ୍ୟନ୍ତ ରାସ୍ତାରୁ ପିଚୁ ଉଠିଯାଇ ଖାଲଖମାରେ ପରିପୂର୍ଣ୍ଣ। ଏହି ରାସ୍ତାରେ ଛାତ୍ରୀଛାତ୍ର ଗୁଆଳିଗୋରଡ଼ା ଉଚ୍ଚ ବିଦ୍ୟାଳୟ ଓ ବଳଙ୍ଗା ମହାବିଦ୍ୟାଳୟକୁ ଯାଉଛନ୍ତି। ଏଥିସହିତ ଏହାର ପାଖାପାଖି ୧୫ ଖଣ୍ଡ ଗ୍ରାମର ଚାଷୀ, ପଥଚାରୀ, ଭାରିଯାନ, ବସ୍, ଟ୍ରାକ୍ଟର, ଅଟୋ, ସାଇକେଲ, ବାଇକ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଅନେକ ବାଇକ, ସାଇକେଲ, ଆରୋହୀ ଉପର ନଦୀବନ୍ଧ ନାଳି ସଡ଼କରେ ମଧ ଯାତାୟାତ କରୁଛନ୍ତି। ସତ୍ୟବାଦୀ ବିଧାୟକ, ନିମାପଡ଼ା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ତଥା ଜିଲାପାଳ, ପୁରୀ ସରଜମିନ ତଦନ୍ତ କରି ତୁରନ୍ତ ଏହି ରାସ୍ତା ମରାମତି କରାଯିବା ପାଇଁ ପଦକ୍ଷେପ ନିଅନ୍ତୁ। ଏହା ଦ୍ୱାରା ଅଞ୍ଚଳବାସୀ ଉପକୃତ ହେବେ।

**-ରାମଚନ୍ଦ୍ର ଦାସ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ସ୍ଫଟିକ ଧବଳ ଦଶନେ ତୁମର
ଦଶଦିଶ ଉଠୁ ହସି
ଅଧର ଶୋଭାକୁ ସରସ କରୁ ଗୋ
ତୃତୀୟାର ଶିଶୁ ଶଶି ।
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଯୋଗଜନ୍ମା ପୁରୁଷ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ



ନବୀନ ନନ୍ଦ

**୧୩୮ତମ ଜୟନ୍ତୀ ଉପଲକ୍ଷେ**



୧୮୮୭ ମସିହା ଅକ୍ଟୋବର ୧୭ରେ ଢେଙ୍କାନାଳ ଜିଲାର ହରେକୃଷ୍ଣପୁର ଗ୍ରାମରେ ହରେକୃଷ୍ଣ ଓ ମାଣିକ ଦେବୀଙ୍କ ଗର୍ଭରେ ଜନ୍ମନେଇଥିଲେ ଭାରତ ଭୂମିର ଏକ ଯୋଗଜନ୍ମା ପୁରୁଷ ସାରଙ୍ଗଧର ଦାସ। ରେଭେନ୍‌ଶା କଲେଜରେ ପଢ଼ିବା ସମୟରେ ସେ ଗୋପବନ୍ଧୁ ଓ ଆଚାର୍ଯ୍ୟ ହରିହର ଦାସଙ୍କ ସହିତ ଘନିଷ୍ଠ ହୋଇ ଦେଶସେବାର ଅଭିଳାଷ ଜନ୍ମାନ୍ତର କଲେ। ଆର୍ଥିକ ସଙ୍କଟ ମଧ୍ୟରେ ମଧ୍ୟ ସେ ଜାପାନକୁ ଯାଇ ଶିଳ୍ପ ଓ କୃଷି ବିଜ୍ଞାନରେ ଉଚ୍ଚଶିକ୍ଷା ଲାଭ କରିଥିଲେ, ପରେ ଆମେରିକାର ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ଚିନି ଶିଳ୍ପରେ ପାରଙ୍ଗମ ହୋଇଥିଲେ।

୧୯୨୦ ମସିହାରେ ମାତୃ ଅସୁସ୍ଥତା ଖବର ପାଇ ଭାରତ ଫେରିଲେ ଓ ନିଜ ଜନ୍ମଭୂମି ଢେଙ୍କାନାଳରେ ଏକ ଚିନି କାରଖାନା ସ୍ଥାପନର ସ୍ୱପ୍ନ ଦେଖିଲେ। ରାଜା ସୁରପ୍ରତାପ ମହିନ୍ଦ୍ର ବାହାଦୁରଙ୍କ ପ୍ରୋତ୍ସାହନରେ ବ୍ରହ୍ମକୁଣ୍ଡ ପାଖରେ ଆଖୁଚାଷ ଓ ଚିନି ଶିଳ୍ପ ପାଇଁ ଜମି ପଟ୍ଟା ମିଳିଲା। କିନ୍ତୁ ନୂଆ ରାଜା ଶଙ୍କର ପ୍ରତାପଙ୍କ ଶାସନ ଓ ବ୍ରିଟିଶ ପଲିଟିକାଲ ଏଜେଣ୍ଟଙ୍କ ଅସହଯୋଗ ଫଳରେ ତାଙ୍କର ସ୍ୱପ୍ନ ଭାସିଗଲା। ସେହି ସମୟରେ ରାଜପରିବାର ତାଙ୍କୁ ଦେଶଦ୍ରୋହୀ ବୋଲି ଦେଖି ଚିନିକଳ ଯନ୍ତ୍ର ଭାଙ୍ଗିଦେଲେ, ଘରକୁ ନିଆଁ ଲଗାଇଦେଲେ ଓ ସମସ୍ତ ସମ୍ପତ୍ତି ହାତରୁ ଚାଲିଗଲା। ସେ ପରେ ବିହାରର ଚମ୍ପାରଣରେ ଚିନି କାରଖାନାରେ କାମ କଲାବେଳେ ମହାତ୍ମା ଗାନ୍ଧୀଙ୍କ ସହ ଯୋଗ ଦେଲେ ଓ ଗଡ଼ଜାତ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ନେଲେ। ତାଙ୍କ ନେତୃତ୍ୱରେ ଢେଙ୍କାନାଳ ପ୍ରଜାମଣ୍ଡଳ ଗଠନ ହୋଇ ଗଡ଼ଜାତ ଗାନ୍ଧୀ ନାମରେ ସେ ଖ୍ୟାତିଲାଭ କଲେ।

୧୯୪୬ ମସିହାରେ ସାରଙ୍ଗଧର ବିଧାୟକ ରୂପେ ନିର୍ବାଚିତ ହେଲେ ଏବଂ କୃଷି ଓ ଶିଳ୍ପର ଉନ୍ନତି ପାଇଁ ଆଗ୍ରହ ଦେଖାଇଲେ। ପରେ ସୋସିଆଲିଷ୍ଟ ପାର୍ଟିରେ ଯୋଗ ଦେଇ ୧୯୫୨ ମସିହାରେ ଢେଙ୍କାନାଳ ପଶ୍ଚିମ କଟକ ଲୋକ ସଭା ଅଞ୍ଚଳରୁ ସାଂସଦ ହେଲେ। ଲୋକ ସଭାରେ ଭାରତର ଚିନି ଶିଳ୍ପ ଓ କୃଷିର ଉନ୍ନତି ବିଷୟରେ ତାଙ୍କ ଭାଷଣ ଆଜି ମଧ୍ୟ ସ୍ମରଣୀୟ।

୧୯୫୭ ମସିହାରେ ସେ ମୃତ୍ୟୁବରଣ କଲେ। ମୃତ୍ୟୁ ପୂର୍ବରୁ ସାରଙ୍ଗଧର ନିଜ ସମସ୍ତ ସମ୍ପତ୍ତିକୁ 'ଜାନକୀ ଦେବୀ ନାରୀ ଓ ଶିଶୁ କଲ୍ୟାଣ ସମିତି' ଏବଂ 'ଗଙ୍ଗାଧର ଶିଶୁ କଲ୍ୟାଣ ସମିତି' ନାମକ ଦୁଇ ଟ୍ରଷ୍ଟକୁ ଦାନକରି ଯାଇଥିଲେ, ଯାହା ମାଧ୍ୟମରେ ନାରୀ ଓ ଶିଶୁ କଲ୍ୟାଣ ପାଇଁ ତାଙ୍କ ସମ୍ପତ୍ତିର ଆୟ ଖର୍ଚ୍ଚ ହେବାକୁ ଇଚ୍ଛା କରିଥିଲେ। କିନ୍ତୁ ଦୁଃଖ ଯେ ଏହି ଟ୍ରଷ୍ଟଗୁଡ଼ିକ ତାଙ୍କ ଇଚ୍ଛା ଅନୁଯାୟୀ କାର୍ଯ୍ୟକାରୀ ହୋଇପାରିନାହିଁ ଓ ତାଙ୍କ ମହାନ୍ ଉଦ୍ଦେଶ୍ୟ ଅନର୍ଥକ ହୋଇ ରହିଛି।

ତାଙ୍କ ସ୍ମୃତିରେ କେବଳ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ୨୦୨୩ ମସିହାରେ ଏକ ଡାକଟିକେଟ ମୁକ୍ତି ପାଇଛି। ବର୍ତ୍ତମାନ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ପ୍ରତିବର୍ଷ ତାଙ୍କ ଜନ୍ମ ଓ ଶ୍ରାଦ୍ଧ ଦିବସକୁ ରାଜ୍ୟସ୍ତରରେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଏହା ଗଡ଼ଜାତ ଗାନ୍ଧୀଙ୍କ ପ୍ରତି ଏକ ସତ୍ୟ ସମ୍ମାନ।

ସାରଙ୍ଗଧର ଦାସ ଆମ ଗଡ଼ଜାତ ଆନ୍ଦୋଳନର ଆତ୍ମା ଏବଂ ଓଡ଼ିଶାର ଶିଳ୍ପ, କୃଷି ଜାଗରଣର ପ୍ରଥମ ସ୍ୱପ୍ନଦର୍ଶୀ। ତାଙ୍କ ଆଦର୍ଶ ଓ ତ୍ୟାଗ ଆମ ଆଗାମୀ ପିଢ଼ି ପାଇଁ ପ୍ରେରଣା ହୋଇ ରହିବ।

– ପୂର୍ବତନ ବିଧାୟକ, ଢେଙ୍କାନାଳ
୮୨୪୯୪୩୪୪୦୬

# ସବୁଜ ଶକ୍ତି ପରିବର୍ତ୍ତନକୁ ତ୍ୱରାନ୍ୱିତ ପାଇଁ ତ୍ରିପାକ୍ଷିକ ବୁଝାମଣା



ଭୁବନେଶ୍ୱର, ୧୬।୧୦ (ରବିନାରାୟଣ ଜେନା)

ସ୍ଥାୟୀ ପରିବେଶ ପ୍ରତିଷ୍ଠା ଏବଂ ସବୁଜ ଶକ୍ତି-କ୍ଷମତାସମ୍ପନ୍ନ ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗୁରୁବାର ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଚୁକ୍ତିନାମା ବେଳେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ନୀତି ଆୟୋଗଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବି.ଭି.ଆର୍. ସୁବ୍ରମଣ୍ୟମ ଏବଂ ଆଇଏସ୍ଇଜି ଫାଉଣ୍ଡେଶନ ନିର୍ଦ୍ଦେଶକ ଡ. ଶିରୀଷ ସାଙ୍କେଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ରାଜ୍ୟରେ ଅଳ୍ପବ୍ୟୟରେ ବିଦ୍ୟୁତ୍ ରୂପାନ୍ତରୀଣ ଯୋଜନା ପ୍ରକଳ୍ପ ଏବଂ କାର୍ଯ୍ୟକାରିତା କରାଯିବାକୁ ଲକ୍ଷ୍ୟ ରହିଛି। ଏହି ପଦକ୍ଷେପ ରାଜ୍ୟର ବିକଶିତ ଓଡ଼ିଶା ୨୦୩୬ ଏବଂ ୨୦୪୭ ଭିଜନ ସହ ସମନ୍ୱୟ ରହିଛି; ଯଦ୍ୱାରା ବିଦ୍ୟୁତ୍ କ୍ଷେତ୍ରକୁ ଅଧିକ ସୁଲଭ, ସ୍ଥାୟୀ, ସ୍ୱୟଂସମ୍ପୂର୍ଣ୍ଣ ଏବଂ ପରିବେଶ ଉତ୍ତରଦାୟୀ କରାଯାଇପାରିବ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶକ୍ତି ବିଭାଗ ତଥା ଇଲେକ୍ଟ୍ରୋନିକ୍ ଓ ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ପ୍ରାର୍ଥୀଙ୍କୁ ନେଇ ସୃଷ୍ଟି ହୋଇଥିବା ଅନ୍ତର୍ଦ୍ୱନ୍ଦ୍ୱର ସମାଧାନ ହୋଇପାରିନି: ବିଜେଡି

ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆପଡ଼ାରେ ଦେଇଥିବା ବକ୍ତବ୍ୟ ଉପରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ହତାଶ ଭାବ ତାଙ୍କ ଭାଷଣରେ ପରିଲକ୍ଷିତ ହେଉଥିଲା। ଚିରାଚରିତ ଢଙ୍ଗରେ ମୁଖ୍ୟମନ୍ତ୍ରୀ କେବଳ ଗୁଡ଼ିଏ ଗପ ଶୁଣାଇଛନ୍ତି, ଯାହାକୁ କେବେ ବି ନୂଆପଡ଼ାବାସୀ ଗ୍ରହଣ କରିବେ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଭାଜପା ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିବେ ବୋଲି କୁହାଯାଇଥିଲା। କିନ୍ତୁ ତାହା ହୋଇପାରି ନାହିଁ। ଭାଜପାରେ ପ୍ରାର୍ଥୀଙ୍କୁ ନେଇ ସୃଷ୍ଟି ହୋଇଥିବା ଅନ୍ତର୍ଦ୍ୱନ୍ଦ୍ୱ ଏବେ ମଧ୍ୟ ସମାଧାନ ହୋଇପାରିନାହିଁ ବୋଲି ଜଳ ଜଳ ଦିଶୁଛି। ସମ୍ଭବତଃ ସେହି କାରଣରୁ ମୁଖ୍ୟମନ୍ତ୍ରୀଙ୍କ ହତାଶଭାବ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ବର୍ତ୍ତମାନ ଦେଇଥିବା ବକ୍ତବ୍ୟ ଅନ୍ତଃସାରଶୂନ୍ୟ ଥିଲା। କେବଳ ଭାଜପାର ବିଜୟ ନିଶ୍ଚିତ ବୋଲି ଦାବି କରିବା ଛଡ଼ା ତାଙ୍କ ବକ୍ତବ୍ୟରେ ଆଉ କିଛି ନ ଥିଲା। ପ୍ରବାଦ ପୁରୁଷ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ନୂଆପଡ଼ା ଜିଲା ଜନ୍ମ ନେଇଥିଲା। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ନୂଆପଡ଼ାର ବିକାଶ ତ୍ୱରାନ୍ୱିତ ହୋଇଥିଲା। ନୂଆପଡ଼ାବାସୀ ବିଜେଡି ସହିତ ଅଛନ୍ତି। ଉପନିର୍ବାଚନରେ ନୂଆପଡ଼ାବାସୀ ବିଜେଡି ସପକ୍ଷରେ ମତଦାନ କରିବେ ବୋଲି ଲେନିନ୍ କହିଛନ୍ତି।

# ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ

ରାଇରଙ୍ଗପୁର, ୧୬।୧୦ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଚାଡ଼ିରିପାହାଡ଼ ଗ୍ରାମରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ଗାଧୋଇବାକୁ ଯାଇଥିବାବେଳେ ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ଦ୍ୱୟ ହେଲେ ସେହି ଗ୍ରାମର ଦାସରଥି ହାଁସଦାଙ୍କ ପୁଅ ସାକିଲା ସିଂ (୯) ଏବଂ ମୁନିରାମ ମୁର୍ମୁଙ୍କ ପୁଅ ସୁବୋଧ ମୁର୍ମୁ (୮)। ସୂଚନା ଅନୁଯାୟୀ, ସକାଳ ୯ଟା ସମୟରେ ସାକିଲା ଓ ସୁବୋଧ ଗାଧୋଇବା ପାଇଁ ଗାଁ ପୋଖରୀକୁ ଯାଇଥିଲାବେଳେ ବୁଡ଼ିଯାଇଥିଲେ। ଖବରପାଇ ଡାମତଳିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀରୁ ସୋମନଙ୍କୁ ଉଦ୍ଧାରକରି ରାଇରଙ୍ଗପୁର ହସ୍ପିଟାଲ ପଠାଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ୨ଟି ଅପମୃତ୍ୟୁ ମାମଲା (ନଂ. ୧୮/୨୫ ଓ ୧୯/୨୫) ରୁଜୁ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅପରାଧ

# ନାବାଳିକା ବଳାତ୍କାର ମାମଲା: ଦୋଷୀଙ୍କୁ ୨୦ ବର୍ଷ ଜେଲ

ଜଗତ୍‌ସିଂହପୁର, ୧୬।୧୦ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅଞ୍ଚଳରେ ୨୦୨୧ରେ ହୋଇଥିବା ନାବାଳିକା ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ (ପୋକ୍ସୋ) ବିଚାରପତି ସଏଦ ଅବଦୁଲ କାଦିର ଜାହିର ଅହମ୍ମଦ ଏହି ମାମଲାର ବିଚାର କରି ଅଭିଯୁକ୍ତ ତଥା ବିରିଡ଼ି ଥାନା ଅଞ୍ଚଳର ସୌମ୍ୟରଞ୍ଜନ ବେହେରାଙ୍କୁ ୨୦ ବର୍ଷ ଜେଲଦଣ୍ଡ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ଅଛି। ଅନ୍ୟପଟେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ୨୦୨୧ ଅଗଷ୍ଟ ୨୧ରେ ଏହି ଥାନା ଅଞ୍ଚଳର ଜଣେ ନାବାଳିକା ରାତିରେ ଘରେ ଶୋଇଥିବାବେଳେ ଅଭିଯୁକ୍ତ ସୌମ୍ୟରଞ୍ଜନ ସେଠାରେ ପହଞ୍ଚି ପୀଡ଼ିତାଙ୍କୁ ବଳାତ୍କାର କରିଥିଲେ। ଏହି ସମୟରେ ପୀଡିତାଙ୍କ ସାନ ଭଉଣୀ ଦେଖିଦେବାରୁ ସୌମ୍ୟରଞ୍ଜନ ଖସି ପଳାଇଥିଲେ। ୫ ଦିନ ପରେ ସାନ ଭଉଣୀ ଏକଥା ମା'ଙ୍କ ଆଗରେ ପ୍ରକାଶ କରିଥିଲେ। ଏହାପରେ ଅଭିଯୁକ୍ତ ବିବାହ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପୁଣି ବଳାତ୍କାର କରିଥିଲେ। ୨୦୨୧ ଅଗଷ୍ଟ ୨୬ରେ ପୀଡ଼ିତାଙ୍କ ମା' ଏନେଇ ବିରିଡ଼ି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବିରିଡି ଥାନାରେ ମାମଲା (ନଂ. ୧୬୪/୨୧) ରୁଜୁ କରାଯାଇଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଅଜମଣି ରୁଦ୍ର ଥିଲେ। ସେତେବେଳେ ପୀଡ଼ିତାଙ୍କୁ ୧୬ ବର୍ଷ ହୋଇଥିଲା। ଏହି ଘଟଣାରେ ୧୯ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ପୋଲିସ କବ୍‌ଜାରେ ବାହାର ରାଜ୍ୟର ୫ ଯୁବକ, ମାଷ୍ଟରମାଇଣ୍ଡ

**ପୀତବାସ ପଣ୍ଡା ହତ୍ୟା ମାମଲା**

ବ୍ରହ୍ମପୁର, ୧୬।୧୦ (ସୁବାସ ଚନ୍ଦ୍ର ପାଢ଼ୀ)



ପୀତବାସ ପଣ୍ଡା

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ପଛରେ ବାହାର ରାଜ୍ୟର ଲିଙ୍କ୍ ରହିଥିବା ଜଣାପଡ଼ିଛି। ଶତାଧିକ ସିସିଟିଭି ଓ ଡମ୍ପ ଡାଟା ଆନାଲିସିସ୍ କରି ପୋଲିସ ପୀତବାସଙ୍କୁ ଗୁଳି କରିଥିବା ସୁଟରଙ୍କୁ ଚିହ୍ନଟ କରିବା ସହ ଘଟଣାର ମାଷ୍ଟରମାଇଣ୍ଡଙ୍କ ସମେତ ୬ଜଣଙ୍କୁ କାବୁ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସେମାନେ ବିହାର, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଉତ୍ତରାଖଣ୍ଡ ରାଜ୍ୟର ବୋଲି ସୂଚନା ମିଳିଛି। ବିହାରୀ ଯୁବକ ଜଣଙ୍କ ବନ୍ଧୁକରେ ପୀତବାସଙ୍କୁ ବ୍ଲାଙ୍କ ପଏଣ୍ଟରୁ ହତ୍ୟା କରିଥିବା ସ୍ପଷ୍ଟ ହୋଇଥିବା କୁହାଯାଉଛି। ବାହାର ରାଜ୍ୟକୁ ଯାଇଥିବା ପୋଲିସ ଟିମ୍ ଗୁରୁବାର ବ୍ରହ୍ମପୁର ଫେରିଛି। ଅଟକ ଯୁବକମାନଙ୍କୁ ବିଭିନ୍ନ ସ୍ଥାନରେ ରଖି ଜେରା ଚାଲିଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ପୋଲିସର ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ।

ଗତ ୬ ତାରିଖ ରାତିରେ ଆଇନଜୀବୀ ପୀତବାସଙ୍କୁ ହତ୍ୟା କରାଯାଇଥିଲା। ଏହାପରେ ପୋଲିସ ସହର ତଥା ଜିଲାର ୭୦ରୁ ଊର୍ଦ୍ଧ୍ୱ ବିଭିନ୍ନ ନେତା, ପୋଲିସ, ମାଫିଆଙ୍କ ସମେତ ଏକାଧିକ ଲୋକଙ୍କୁ ସନ୍ଦେହରେ ଡାକି ପଚରାଉଚରା କରିଥିଲା। ଏପରିକି ପୀତବାସଙ୍କ ମୋବାଇଲକୁ ବର୍ଷକ ମଧ୍ୟରେ କେଉଁମାନେ ଫୋନ କରିଥିଲେ, ସେମାନଙ୍କ ମଧ୍ୟରେ କ'ଣ ସବୁ କଥାବାର୍ତ୍ତା ହୋଇଥିଲା ତାହାର ରେକର୍ଡ ଯାଞ୍ଚ କରିଥିଲା। ପ୍ରାଥମିକ ତଦନ୍ତରୁ ପଚରାଉଚରା ବେଳେ ଘଟଣା ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସର ହସ୍ତଗତ ହୋଇଥିଲା। ପୀତବାସଙ୍କ ସହ କାହାର ଶତ୍ରୁତା ନ ଥିବା ପରିବାର ଲୋକେ କହିଥିଲେ। ସୁପାରି କିଲର ଦ୍ୱାରା ପୀତବାସଙ୍କୁ ହତ୍ୟା କରାଯାଇଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଥିଲା। ବ୍ରହ୍ମପୁର ସହର ସମେତ କେତେକ ବାହାର ରାଜ୍ୟର ମୋବାଇଲ ଟୱାରରୁ ଡାଟା ସଂଗ୍ରହ କରି ଅପରାଧୀଙ୍କୁ ଧରିବା ପାଇଁ ପ୍ରୟାସ ଚଳାଇଥିଲା। ଏହି ସମ୍ବେଦନଶୀଳ ଘଟଣାର ପ୍ରକୃତ ଅପରାଧୀଙ୍କୁ ଧରିବା ପାଇଁ ନୂତନ ଜ୍ଞାନକୌଶଳ ବ୍ୟବହାର କରାଯାଇଥିବା ଜଣାପଡିଛି।

# ମଧ୍ୟସ୍ଥ ମୁନା ମହାନ୍ତି, ୨ ସହଯୋଗୀ ଗିରଫ

**ବହୁଚର୍ଚ୍ଚିତ ଏସ୍ଆଇ ପରୀକ୍ଷା ଜାଲିଆତି**

ଭୁବନେଶ୍ୱର, ୧୬।୧୦ (ସତ୍ୟଜିତ ରାଉତ)

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ଅନ୍ୟତମ ମୋଷ୍ଟୱାଣ୍ଟେଡ ତଥା ମଧ୍ୟସ୍ଥ ମୁନା ମହାନ୍ତିଙ୍କୁ କ୍ରାଇମବ୍ରାଞ୍ଚ ଗୁରୁବାର ରାତିରେ ଦଶପଲ୍ଲା ନିକଟରୁ ଗିରଫ କରିଛି। ଏଥିସହିତ ମୁନାଙ୍କ ସହଯୋଗୀ ସୁକାନ୍ତ ମହାରଣା ଓରଫ ରିଙ୍କୁ ଓ ତାଙ୍କ ଭାଇ ଶ୍ରୀକାନ୍ତଙ୍କୁ ମଧ୍ୟ ଗିରଫ କରାଯାଇଥିବା ଜଣାପଡ଼ିଛି। ଗିରଫ ପରେ ସେମାନଙ୍କୁ ବ୍ରହ୍ମପୁର ନିଆଯାଇଥିବା ବିଶେଷସୂତ୍ରରୁ ସୂଚନା ମିଳିଛି। ଏହି ଘଟଣାର ମାଷ୍ଟରମାଇଣ୍ଡ (ମୁଖ୍ୟ ଅଭିଯୁକ୍ତ) କୁହାଯାଉଥିବା ପଞ୍ଚସଫ୍ଟ ସଂସ୍ଥା ମାଲିକ ଶଙ୍କର ପ୍ରୁଷ୍ଟି ବିଦେଶ ଚାଲିଯାଇଥିବା ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ଶଙ୍କରଙ୍କ ମୁଖ୍ୟ ସହଯୋଗୀ ତଥା ମଧ୍ୟସ୍ଥ ମୁନା ଏବଂ ୨ସହଯୋଗୀ ସୁକାନ୍ତ ଏବଂ ଶ୍ରୀକାନ୍ତ ଦଶପଲ୍ଲାର ଏକ ଫାର୍ମ ହାଉସରେ କିଛିଦିନ ହେବ ଆତ୍ମଗୋପନ କରିଥିଲେ। ଏନେଇ କ୍ରାଇମବ୍ରାଞ୍ଚ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ଫାର୍ମ ହାଉସରେ ଚଢ଼ାଉ କରିଥିଲେ ମଧ୍ୟ ତାହା ପୂର୍ବରୁ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇ ଯାଇଥିଲେ। ପରେ ସେମାନଙ୍କୁ କାବୁ କରାଯାଇଥିବା ଜଣାପଡ଼ିଛି।

# ସ୍ତ୍ରୀଙ୍କ ତଣ୍ଟିଚିପି ହତ୍ୟା: ସ୍ୱାମୀ ଗିରଫ

ସୁନ୍ଦରଗଡ଼, ୧୬।୧୦ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା କିଞ୍ଜିରିକେଲା ଥାନା ଅନ୍ତର୍ଗତ ବନ୍ଧବାହାଲ ଗ୍ରାମରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଘରୋଇ କଳିକୁ କେନ୍ଦ୍ରକରି ସ୍ତ୍ରୀଙ୍କ ତଣ୍ଟିଚିପି ସ୍ୱାମୀ ହତ୍ୟା କରିଛନ୍ତି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏନେଇ କିଞ୍ଜିରିକେଲା ଥାନାରେ ନଂ. ୨୧୬/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ସ୍ୱାମୀ ଅର୍ଜୁନ ସିଂହ (୩୬) ବିଭିନ୍ନ ସମୟରେ ସ୍ତ୍ରୀ ସଞ୍ଜୁଲତା ସିଂହ (୩୨)ଙ୍କ ସହ ଝଗଡା କରନ୍ତି। ଘଟଣା ରାତିରେ ଅର୍ଜୁନ ନିଶାସକ୍ତ ଅବସ୍ଥାରେ ଘରକୁ ଆସିଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ କୌଣସି କଥାକୁ ନେଇ ସ୍ତ୍ରୀଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅର୍ଜୁନ ସ୍ତ୍ରୀ ସଞ୍ଜୁଙ୍କ ତଣ୍ଟି ଚିପିଦେଇଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ ପଡୋଶୀ ସଞ୍ଜୁଙ୍କୁ ନ ଦେଖି ଘର ଭିତରକୁ ଯାଇ ଦେଖିଲା ବେଳକୁ ଖଟ ଉପରେ ମୃତଦେହ ପଡିଥିଲା। ଏନେଇ ସେମାନେ କିଞ୍ଜିରିକେଲା ଥାନାକୁ ସୂଚନା ଦେଇଥିଲେ। ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର, ଆଇଆଇସି ଅଜୟ ଜେନା ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ଅର୍ଜୁନଙ୍କୁ ଆଣି ଥାନାରେ ପଚରାଉଚରା ବେଳେ ସେ ରାତିରେ ସଞ୍ଜୁଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଏୟାରପୋର୍ଟରୁ ଧରାପଡ଼ିଲେ ହତ୍ୟା ଅଭିଯୁକ୍ତ

**ସିଙ୍ଗାପୁରରୁ ଫ୍ଲାଇଟ୍‌ରେ ଭୁବନେଶ୍ୱର ଆସିଥିଲେ**

ଭୁବନେଶ୍ୱର, ୧୬।୧୦ (ସତ୍ୟଜିତ ରାଉତ)

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଜଣେ ହତ୍ୟା ଅଭିଯୁକ୍ତ ଧରାପଡ଼ିଛନ୍ତି। ସେ ହେଲେ ଚେନ୍ନାଇର ଭୀରାମଣୀ କୁମାର। ଚେନ୍ନାଇ ପୋଲିସ ଭୁବନେଶ୍ୱରରେ ପହଞ୍ଚି ଏୟାରପୋର୍ଟଥାନାରୁ ଭୀରାମଣୀଙ୍କୁ ନେଇଛି। ଚେନ୍ନାଇରେ ଏକ ହତ୍ୟା ମାମଲାରେ ଭୀରାମଣୀ ବହୁଦିନ ଧରି ଫେରାର ଥିଲେ। ତାଙ୍କୁ ଧରିବାକୁ ଲୁକ୍ ଆଉଟ୍ ସର୍କୁଲାର ମଧ୍ୟ ଜାରି କରାଯାଇଥିଲା। ବୁଧବାର ସକାଳେ ଭୀରାମଣୀ ସିଙ୍ଗାପୁରରୁ ଫ୍ଲାଇଟ୍ ଯୋଗେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିଥିଲେ। ଯାଞ୍ଚବେଳେ ଇମିଗ୍ରେଶନ୍ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏ ସମ୍ପର୍କରେ ଚେନ୍ନାଇ ପୋଲିସକୁ ଖବର ଦିଆଯାଇଥିଲା। ଏଥିସହିତ ଭୀରାମଣୀଙ୍କୁ ଏୟାରପୋର୍ଟ ଥାନା ପୋଲିସ ହେପାଜତରେ ଦିଆଯାଇଥିଲା। ବୁଧବାର ରାତିରେ ଚେନ୍ନାଇ ପୋଲିସ ଟିମ୍ ଭୁବନେଶ୍ୱରରେ ପହଞ୍ଚି ଭୀରାମଣୀଙ୍କୁ ନେଇଯାଇଥିବା ଏୟାରପୋର୍ଟ ଥାନା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୬।୧୦ (ଦୁର୍ଯ୍ୟୋଧନ ପାତ୍ର)



ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କୋଣ୍ଡାଗାଁ ଜିଲା ପୋଲିସ ନିକଟରେ ଗୁରୁବାର ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ପୂର୍ବ ବସ୍ତର ଡିଭିଜନ ଟେଲର ଟିମ୍ କମାଣ୍ଡର ତଥା ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମହିଳା ମାଓବାଦୀ ଗୀତା ଓରଫ କମଲୀ ସଲାମ କୋଣ୍ଡାଗାଁ ଏସ୍‌ପି ଅକ୍ଷୟ କୁମାରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ ସରକାରଙ୍କ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣକାରୀ ଯୋଜନାରେ ପ୍ରଭାବିତ ହୋଇ ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲହେବାକୁ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ ପ୍ରକାଶ କରିଛନ୍ତି। କୋଣ୍ଡାଗାଁ ପୋଲିସ ତରଫରୁ ଗୀତାଙ୍କୁ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ମାଓବାଦୀଙ୍କଠାରୁ ଟଙ୍କା ନେଇ ତଥ୍ୟ ଦେଉଥିଲେ ରୁପୁ ସିଂ

**ରେଲୱେ ଟ୍ରାକ୍‌ରେ ବିସ୍ଫୋରଣ ଘଟଣା**

**ସରିଲା ରିମାଣ୍ଡ, ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କଲା ଏନ୍ଆଇଏ**

ଭୁବନେଶ୍ୱର, ୧୬।୧୦ (ସତ୍ୟଜିତ ରାଉତ)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅଞ୍ଚଳରେ ମାଓବାଦୀମାନେ ରେଲୱେ ଟ୍ରାକ୍‌ରେ ବିସ୍ଫୋରଣ କରି ଉଡ଼ାଇବା ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ପକ୍ଷରୁ ତଦନ୍ତ କରାଯାଉଛି। ତେବେ ଏହି ମାମଲାରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ରୁପୁ ସିଂଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି ଏନ୍ଆଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ରିମାଣ୍ଡ ସରିବା ପରେ ରୁପୁଙ୍କୁ ପୁଣି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ମାଓବାଦୀଙ୍କଠାରୁ ଟଙ୍କା ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଉଥିଲେ ବୋଲି ଜଣାପଡିଛି। ରୁପୁଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ଏନ୍ଆଇଏ ଟିମ୍ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଅଧିକ ଖୋଳତାଡ଼ ଚଳାଇଛି। ଝାଡ଼ଖଣ୍ଡରେ ଏନ୍ଆଇ ଟିମ୍ ଛାନ୍‌ଭିନ୍ ଚଳାଇଥିବା ବେଳେ ମାମଲାରେ ସମ୍ପୃକ୍ତ ଥିବା ଜଣେ ମାଓନେତାଙ୍କ ସମେତ ୮ ଜଣଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ଅଗଷ୍ଟରେ ପୃଥକ୍ ବିସ୍ଫୋରଣରେ ରେଲୱେ କର୍ମଚାରୀ ଏତୁଆ ଓରାମଙ୍କ ମୃତ୍ୟୁ ହୋଇଥିବାବେଳେ ବୁଦ୍ଧୁରାମ ମୁଣ୍ଡା ଗୁରୁତର ହୋଇଥିଲେ। ବିମଳାଗଡ଼-କିରିବୁରୁ ସେକ୍ସନର ରାଞ୍ଜଡା ରେଳ ଷ୍ଟେଶନରୁ ୩ କିଲୋମିଟର ଦୂର ରେଳଧାରଣାର ପିଲର ନଂ. ୪୭୮/୧ରେ ମାଓବାଦୀମାନେ ଲ୍ୟାଣ୍ଡ ମାଇନ ଖଞ୍ଜି ଥିଲେ। ଅଗଷ୍ଟ ୨ ରାତିରେ ବୁଦ୍ଧୁରାମ ସେଠାରେ ଡ୍ୟୁଟି କରୁଥିବାବେଳେ ହଠାତ୍ ବିସ୍ଫୋରଣ ଘଟିବାରୁ ସେ ଗୁରୁତର ହୋଇଥିଲେ। ପରଦିନ ସକାଳେ ପିଲର ନଂ.୪୭୭/୩୪-୩୫ ନିକଟରେ ପୁଣି ବିସ୍ଫୋରଣ ଘଟି କାର୍ଯ୍ୟରତ ରେଲୱେ କର୍ମଚାରୀ ଏତୁଆଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସରକାରୀ ରେଳପଥ ଥାନା ପୋଲିସ ଅଭିଯୁକ୍ତ ରୁପୁଙ୍କୁ ଗିରଫ କରିଥିଲା। ଏହି ଘଟଣା ଜାତୀୟ ସୁରକ୍ଷା ସମ୍ପର୍କିତ ହୋଇଥିବାରୁ ଏନ୍ଆଇ ତଦନ୍ତ ଭାର ନେଇ ତଦନ୍ତ ଆରମ୍ଭ କରିଥିଲା।

# ଆତ୍ମସମର୍ପଣକଲେ ଅଭିଯୁକ୍ତ ପାର୍ଟନର

**କୁକୁଡ଼ା ଫାର୍ମ ମାଲିକଙ୍କୁ ହତ୍ୟା ଘଟଣା**

ଚାନ୍ଦବାଲି, ୧୬।୧୦ (ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ଥାନା ବଡ଼ସିଂହପୁର (ବଙ୍ଗାଳୀପଡ଼ା) ଗ୍ରାମରେ ଥିବା ଏକ କୁକୁଡ଼ା ଫାର୍ମର ମାଲିକ ଅଜୟ ଗିରି(୪୧)ଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ଫାର୍ମର ପାର୍ଟନର ଶୁଭ୍ରାଂଶୁ ସ୍ୱାଇଁ ବୁଧବାର ରାତିରେ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତଦନ୍ତକାରୀ ଅଫିସର ମତୋ ଫାଣ୍ଡି ଅଧିକାରୀ ଛତିଶ କୁମାର ଗୋଚ୍ଛି ଓ ଚାନ୍ଦବାଲି ଥାନାଧିକାରୀ ପରେଶ କୁମାର ମହାନ୍ତି କର୍ମଚାରୀଙ୍କ ସହ ଶୁଭ୍ରାଂଶୁଙ୍କ ସହ ଅଟକ ଥିବା ଫାର୍ମର କର୍ମଚାରୀ କିଶୋର କୁମାର ପଣ୍ଡାଙ୍କୁ ଗୁରୁବାର ଅପରାହ୍ନରେ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରାଇଛନ୍ତି।

ପ୍ରକାଶ ଯେ, ଗତ ୧୩ ତାରିଖରେ ହତ୍ୟା ଘଟଣା ଘଟିଥିବା ବେଳେ ପୋଲିସ କିଶୋରଙ୍କ ସମେତ ଫାର୍ମର ୨ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିଲା। ସେମାନଙ୍କଠାରୁ କିଛି ସୁରାକ୍ ପୋଲିସକୁ ମିଳିଥିଲା। ଫାର୍ମର ଅନ୍ୟ ପାର୍ଟନର ଶୁଭ୍ରାଂଶୁ ଘଟଣା ଦିନ ଅଜୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚାନ୍ଦବାଲି ଡାକ୍ତରଖାନା ପଠାଇବା ପରେ ସକାଳୁ ଫେରାର ହୋଇଯାଇଥିଲେ। ଏଣୁ ମୃତ ଅଜୟଙ୍କ ପରିବାର ଲୋକଙ୍କର ତାଙ୍କ ଉପରେ ସନ୍ଦେହ ହୋଇଥିଲା। ମୃତ ଅଜୟଙ୍କ ଭଣଜା ଚନ୍ଦନ ଦେଙ୍କ ଅଭିଯୋଗକ୍ରମେ ଚାନ୍ଦବାଲି ଥାନାରେ ଏକ ହତ୍ୟା ମାମଲା (ନଂ.୪୨୪/୨୫) ରୁଜୁ ହୋଇଥିଲା। ତଦନ୍ତ ଜାରି ରହିଥିବା ବେଳେ ଶୁଭ୍ରାଂଶୁ ବୁଧବାର ରାତିରେ ମତୋ ଫାଣ୍ଡିରେ ଆତ୍ମସମର୍ପଣ କରିଥିଲେ। ଫାର୍ମରେ ଆର୍ଥିକ ଅନିୟମିତତାକୁ ନେଇ ଅଜୟଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହାକୁ ନେଇ ଅଜୟଙ୍କୁ ହତ୍ୟା କରାଯାଇଛି। ଘଟଣା ଦିନ ବିଳମ୍ବିତ ରାତିରେ ସେ ଫାର୍ମର ସିସିଟିଭିର ତାରକାଟି ଅଜୟ ଶୋଇଥିବା ବେଳେ ଏକ ଲୁହା ପାଇପ୍‌ରେ ତାଙ୍କ ମୁଣ୍ଡକୁ ୩ଥର ଆଘାତ କରିଥିଲେ। ଘଟଣାସ୍ଥଳରେ ଅଜୟଙ୍କ ମୃତ୍ୟୁ ଘଟିଥିଲା। କିଶୋର ଏଥିରେ ସହାୟତା କରିବା ସହ ଦୁହେଁମିଶି ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ ବୋଲି ଶୁଭ୍ରାଂଶୁ ସ୍ୱୀକାର କରିଥିବା ଥାନାଧିକାରୀ ମହାନ୍ତି କହିଛନ୍ତି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରାଜ୍ୟସ୍ତରୀୟ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ମହୋତ୍ସବ –୨୦୨୫, ସ୍ଥାନ: ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସର, ପ୍ରେସ କଲୋନୀ, ସମୟ: ଅପରାହ୍ନ ୪ଟା।
- ଟିଲୋ ଆଥଲେଟିକ୍ ଆସୋସିଏଶନ୍ ପକ୍ଷରୁ କନ୍‌କ୍ଲେଭ ଗେମ୍ ଚେଞ୍ଜର କାର୍ଯ୍ୟକ୍ରମ, ସ୍ଥାନ, ହୋଟେଲ୍ ଡୁରେନ୍, ସମୟ: ସନ୍ଧ୍ୟା ୬ଟା।
- ହିନ୍ଦୁସ୍ତାନୀ ସଙ୍ଗୀତ ସଭା ପକ୍ଷରୁ ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ସମ୍ମିଳନୀ କକ୍ଷ, ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ଓଡ଼ିଶା ପୋଲିସର କ୍ରାଇମବ୍ରାଞ୍ଚ ଶାଖା ଆନୁକୂଲ୍ୟରେ ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସି ବଜାର, ସମୟ: ସକାଳ ୮ଟା।
- କଟକ ଜିଲାସ୍ତରୀୟ କଳା ଉତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଖାନନଗର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ କଟକ ନାଟ୍ୟୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ସେଭେନ୍ ପିଲର୍ସ ଅଫ୍ ୱିସ୍‌ଡମ ପ୍ରେକ୍ଷାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆକାଶବାଣୀର ପୂର୍ବତନ ନିର୍ଦ୍ଦେଶକ ଡ. ହୃଷୀକେଶ ପଣ୍ଡାଙ୍କ ୮ମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ରାଇସିନା ମଣ୍ଡପ, ସିଡିଏ ସେକ୍ଟର–୯, ସମୟ: ଅପରାହ୍ନ ୫ଟା।

**ପୁରୀ**
- ରାମଚରିତ ମାନସ ପାରାୟଣ, ସ୍ଥାନ: ଶରଧାବାଲି ଅଭୟ ମହାବୀର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ଉତ୍ସାହ', ସ୍ଥାନ: ସ୍ପୋର୍ଟସ୍ ହଷ୍ଟେଲ କ୍ୟାମ୍ପସ, ଭୀମପୁରା, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ବିକାଶ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମରଣିକା ଉନ୍ମୋଚନ ଉତ୍ସବ, ସ୍ଥାନ: ରାଣୀପାଟଣାସ୍ଥିତ ପ୍ରେସ ଇମ୍ପ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**
- କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ସରସଦା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।

**କେନ୍ଦୁଝର**
- ସମ୍ବର୍ଦ୍ଧନା ସଭା ଓ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ,ସ୍ଥାନ: ସେଣ୍ଟ ମେରିଜ୍ ସ୍କୁଲ୍, ବଡ଼ବିଲ,ସମୟ:ସକାଳ ୮ଟା।

**ମୟୂରଭଞ୍ଜ**
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ଭାଜପା ପକ୍ଷରୁ ସ୍ମୃତି ଚାରଣ ସଭା, ସ୍ଥାନ: ୧୬ ନଂ. ଜାତୀୟ ରାଜପଥସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

**କନ୍ଧମାଳ**
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟ କ.ନୂଆଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡ଼ି ବିଇଓଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ଜଗତ୍‌ସିଂହପୁର**
- ପାରାଦୀପ ପୌରପରିଷଦ ଆଗଧାଡିର କର୍ମଚାରୀଙ୍କ ପାଇଁ ସହଯୋଗ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ସମ୍ମିଳନୀ କକ୍ଷ, ପୌର କାର୍ଯ୍ୟାଳୟ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦ୍ରାପଡ଼ା**
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ୟାମସୁନ୍ଦରପୁର, କେନ୍ଦ୍ରାପଡ଼ା, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜିଲା ପ୍ରଶାସନ ପକ୍ଷରୁ ଯାଜପୁର ଟାଉନରେ ଲକ୍ଷ୍ମୀନାରାୟଣ ଓ କାଳୀ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ : ଜିଲା ପରିଷଦ ସମ୍ମିଳନୀ କକ୍ଷ। ସମୟ : ଅପରାହ୍ନ ୫ଟା।

**ନୟାଗଡ଼**
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ:ନାଟୁଗାଁ, ସୁବଳୟା,ସଜନାପଡା, ରଘୁନାଥପୁର, ଅଁଳାମଡା, ମେଳାନ୍ଧ, ଅରାସାହି, ଆଙ୍କୁଲା ପାଟଣା, ସମୟ: ସକାଳ ୮ଟା ରୁ ରାତି ୯.୩୦।
- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ନୟାଗଡ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- କାଉନସିଲ ବୈଠକ, ସ୍ଥାନ: ନୟାଗଡ ମ୍ୟୁନିସିପାଲିଟି ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦.୩୦।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆଗାଁ ବ୍ଲକ ସଭାଗୃହ, ସମୟ:ପୂର୍ବାହ୍ନ ୧୧ଟା।
- ପୋଷାକ ବିତରଣ, ସ୍ଥାନ:ନୀଳମାଧବ ନୋଡାଲ ସ୍କୁଲ କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅବସରରେ ପ୍ରବଚନ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ସଂଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ଅଷ୍ଟମ ଦିବସରେ ରାମ ଜଟାୟୁ ଉଦ୍ଧାର, ବାଳୀବଧ ଓ ସୁନ୍ଦରାକାଣ୍ଡ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା।

**ଅନୁଗୋଳ**
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକସ୍ଥିତ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।

**ରାୟଗଡ଼ା**
- କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ–୨୦୨୫, ସ୍ଥାନ: ସରକାରୀ ନୋଲାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନବରଙ୍ଗପୁର**
- ଉମରକୋଟରେ ୬୯ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ସିପାକ୍ ଟାକ୍ରୋ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଉମରକୋଟ, ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ଶିବିର, ସ୍ଥାନ: ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତ, ସମୟ: ପୂର୍ବାହ୍ନ ୧୦ଟା।
- ପରିମଳ ମାଧ୍ୟମରେ ଗ୍ରାମୀଣ ସମୃଦ୍ଧି ନେଇ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ମହୁଲି୧୭, ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ବନ୍ଧୁଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ପୁପୁଗାଁ ସଦର ମହକୁମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁନ୍ଦୁରା ବ୍ଲକ, ସମୟ: ଅପରାହ୍ନ ୩ଟା।

**ସମ୍ବଲପୁର**
- ମାତା ଭଗବତୀ ଦେବୀ ଏବଂ ଅଖଣ୍ଡ ଦୀପ ଜନ୍ମ ଶତାବ୍ଦୀ ବର୍ଷ ଉପଲକ୍ଷେ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ଗାୟତ୍ରୀ ପୀଠ ସମ୍ମୁଖ ରାସ୍ତା, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ କଥା ମୃତ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀ ସ୍ଥିତ ଶ୍ରୀଶ୍ରୀ ଜ୍ଞାନ କ୍ଷେତ୍ର, ସମୟ: ଅପରାହ୍ନ ୫ଟା।
- ନବରତ୍ନ ସାଂସ୍କୃତିକ ଅନୁଷ୍ଠାନ ଆୟୋଜିତ ସମ୍ବଲପୁରୀ ନାଟକ ଶ୍ରୀରାମ ଅଯୋଧ୍ୟା ଫିରୁଛନ ମଞ୍ଚସ୍ଥ, ସ୍ଥାନ : ଗଙ୍ଗାଧରମୁକ୍ତ ମଞ୍ଚ, ସମୟ : ସନ୍ଧ୍ୟା ୭ଟା।
- ପ୍ରୟାସ ପରିବାର ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ମହାନଗର କାର୍ଯ୍ୟାଳୟ ସମ୍ମୁଖ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତି ବୋର୍ଡ ବୈଠକ,ସ୍ଥାନ: ବୁର୍ଡା ସମିତି କାର୍ଯ୍ୟାଳୟ,ଲୋଇସିଂହା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଫିସ, ଡୁଡୁକା, ଆଗଲପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମହାଶକ୍ତି ଫାଉଣ୍ଡେଶନ ୨୧ ତମ ବାର୍ଷିକୋତ୍ସବ ତଥା କନ୍‌କ୍ଲେଭ ୨୦୨୫, ସ୍ଥାନ: ସ୍ୱୟମ୍ ହୋଟେଲ ଏଣ୍ଡ ରିସର୍ଟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୀମପାହାଡ ମହୋତ୍ସବ ୨୦୨୫ ଲୋଗୋ ଉନ୍ମୋଚନ ଉତ୍ସବ,ସ୍ଥାନ: ଭୀମପାହାଡ, ଦେଓଗାଁ ବ୍ଲକ,ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

**ରାଉରକେଲା**
- ମା' ଦକ୍ଷିଣ କାଳୀଙ୍କ ଅଧିବାସ, ସ୍ଥାନ: ସେକ୍ଟର–୧, ସମୟ: ସକାଳ ୭ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ରଘୁନାଥପାଲୀ ଉପ୍ରା ବିଦ୍ୟାଳୟ, ସମୟ: ସକାଳ ୯ଟା।
- କାଳୀପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର–୨୦ ଟିପ୍ ଟାଇପ୍ ମାର୍କେଟ, ସମୟ: ପୂର୍ବାହ୍ନ ୧୧ଟା।
- ହମ୍ ନିଶାଦ୍ ପକ୍ଷରୁ ଡିଲ୍ୟୁଗ୍–୨୦୨୫, ସ୍ଥାନ: ସେକ୍ଟର–୨୦ ରାଉରକେଲା କ୍ଲବ ମେନ୍ ହଲ୍, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଚନ୍ଦ୍ରଶେଖର ରଥଙ୍କ ଜନ୍ମ ଜୟନ୍ତୀ, ସ୍ଥାନ:ସେକ୍ଟର–୭, ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟ ସମୟ: ସନ୍ଧ୍ୟା ୭ଟା।
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଫର୍ଟିଲାଇଜର, ସମୟ: ପୂର୍ବାହ୍ନ ୧୧ଟା।
- ସାହିତ୍ୟ ସଭା, ସ୍ଥାନ: ନୋବେଲ ଆସୋସିଏଶନ, ଉଦିତନଗର, ସମୟ: ସନ୍ଧ୍ୟା ୭ଟା ୩୦।

**ସୁନ୍ଦରଗଡ଼**
- ଛାତ୍ର ଏବଂ ଶିକ୍ଷକମାନଙ୍କ ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଏକ ଦିନିଆ ଜିଲା ସ୍ତରୀୟ କର୍ମଶାଳା, ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ଼,ସମୟ:ପୂର୍ବାହ୍ନ ୧୦ଟା।

**ବରଗଡ଼**
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବରଗେଇବିରା ଖେଳ ପଡିଆ, ବରଗଡ଼, ସମୟ: ସକାଳ ୮ଟା।
- 'ସମ୍ଭବ' ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- ବିକାଶ ଡିଗ୍ରୀ କଲେଜରେ ବୈଷୟିକ କର୍ମଶାଳା, ସ୍ଥାନ: ଭବାନୀପାଟଣା ବିକାଶ ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଯୋଜନା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
- ଜିଲାସ୍ତରୀୟ କପା ସଂଗ୍ରହ ବୈଠକ, ସ୍ଥାନ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ହନୁମାନପାଲିଠାରେ ସୀତା ବିବାହ ପାଇଁ ନିର୍ବନ୍ଧ କାର୍ଯ୍ୟକ୍ରମ, ସ୍ଥାନ: ହନୁମାନପାଲି, ବୀରମହାରାଜପୁର, ସମୟ: ସକାଳ ୮ଟା।
- ରାମାୟଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ:ବରିଷ୍ଠ ସଙ୍ଗଠନ କାର୍ଯ୍ୟାଳୟ ବୀରମହାରାଜପୁର, ସମୟ: ସକାଳ ୯ଟା।
- ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ପଣ୍ଡିଆପାଲି, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ମାସ ବ୍ୟାପୀ ଅଖଣ୍ଡ ନାମଯଜ୍ଞର ଦଶମ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି, ଉଲୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମନ୍ଦିରରେ ସୁନ୍ଦରକାଣ୍ଡ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର ହନୁମାନ ମନ୍ଦିର, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।
- ହନୁମାନ ପାଲିଠାରେ ରାମଲୀଳାର ସୀତା ବିବାହ ନାଟକ ମଞ୍ଚସ୍ଥ, ସ୍ଥାନ : ହନୁମାନପାଲି ମନ୍ଦିର ସମ୍ମୁଖ, ସମୟ: ରାତି ୯ଟା।

**ନୂଆପଡ଼ା**
- ସୁରଭି କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପ୍ରାଥମିକ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅତି ନିକଟତର ବନ୍ଧୁଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିବେ। କର୍ମକ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପାରନ୍ତି। ପରିବାରରେ ଛୋଟ କଥାରେ ଚିହ୍ନା ପଡିଲେ ଅପଦସ୍ଥ ହେବେ। ବିନା କାରଣରେ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ।

**ବୃଷ**
କର୍ମକ୍ଷେତ୍ରରେ ଫାଇଲ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପାରିବାରିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମ ଶୃଙ୍ଖଳିତ ରହିବ ନାହିଁ। ଅର୍ଥ ଓ ସମ୍ମାନ ପାଇବେ,ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ**
ସାଧାରଣ କଥାରେ ବନ୍ଧୁ ବିରକ୍ତ ପ୍ରକାଶ କରିପାରନ୍ତି। ଦୃଢ଼ ମନୋବଳ ଯୋଗୁ ବହୁ ବିପଦରୁ ରକ୍ଷା ପାଇବେ। ମାନସିକ ଦ୍ୱନ୍ଦ୍ୱ ବୃଦ୍ଧି ପାଇବା କାରଣରୁ ନିଷ୍ପତ୍ତି ନେବାରେ ବିଳମ୍ବ କରାଇବ। ମାନସିକ ସ୍ଥିତି ଠିକ୍ ରହିଲେ ମଧ୍ୟ ପାରିବାରିକ ସମସ୍ୟାଜଡିତ ରହିପାରନ୍ତି।

**କର୍କଟ**
ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ସହକର୍ମୀମାନେ ସହଯୋଗର ହାତ ବଢାଇବେ, କିନ୍ତୁ ସହଜରେ କାମ ହାସଲ ହେବା କାଠିକର ପାଠ ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ନିଜ ଲୋକମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ସିଂହ**
କର୍ମକ୍ଷେତ୍ରରେ ଟେନ୍‌ସନ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ସକାଳୁ ସକାଳୁ କୌଣସି ଶୁଭାକାଂକ୍ଷୀଙ୍କ ସାନିଧ୍ୟ ଲାଭ କରିବେ। ଆର୍ଥିକ ଦିଗଟି ଭଲ ରହିବ, ମାତ୍ର ସ୍ୱାସ୍ଥ୍ୟ ହାନି ଘଟିବ। ରାଜନୈତିକ ସ୍ତରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**
ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। କଥା ଦେଇଥିବା ବନ୍ଧୁ ପର କ୍ଷଣରେ ଓଲଟା କଥା କହିବେ। ପରିବାରରେ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ। ପରିବହନରେ ଲାଗିରହିଥିବା ସମସ୍ୟା ସମାଧାନ ହୋଇଯିବ।

**ତୁଳା**
କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ପ୍ରିୟଜନଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ ଓ ସାମୟିକ ଆନନ୍ଦ ପାଇବେ। ହାତରୁ ଖାଇ ପର ପାଇଁ ଖଟିବେ କିନ୍ତୁ ପ୍ରଶଂସା ବଦଳରେ ସମାଲୋଚିତ ହେବେ । ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ବିଛା**
ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ପିଲାମାନଙ୍କ ବୈବାହିକ ସମ୍ବନ୍ଧ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ପରିଜନମାନଙ୍କ ସହିତ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ବନ୍ଧୁଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ**
ପଛକଥା ପଛକୁ ପକାଇ କାମ କରି ଚାଲନ୍ତୁ ଭଲ ହେବ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ କିନ୍ତୁ ସାମୟିକ ଆନନ୍ଦ ପାଇବେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ।

**ମକର**
କର୍ମକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ। ପଡୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ଆଜିର ଯାତ୍ରା, ପରିଭ୍ରମଣ, ମନୋରଞ୍ଜନ ପ୍ରୀତିପ୍ରଦ ହେବ। ବାକ୍ ସଂଯମତା ରକ୍ଷା ନ କଲେ ଅଯଥା କଳହ ସୃଷ୍ଟି ହୋଇପାରେ।

**କୁମ୍ଭ**
ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପରିଜନଙ୍କ ସହିତ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ପୁରୁଣା ରୋଗ ପୀଡ଼ା ପାଇଁ ଟେନ୍‌ସନ୍ ବଢ଼ିଯାଇପାରେ।

**ମୀନ**
ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। କର୍ମକ୍ଷେତ୍ରର ସମସ୍ୟା କମିବା ଫଳରେ ରହିଥିବା ଟେନ୍‌ସନ୍ କମିଯିବ। ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। କର୍ମକ୍ଷେତ୍ରର ସମସ୍ୟାକୁ ସୁଧାରି ନେବାରେ ସମର୍ଥ ହେବେ।

ଆଜି ଅକ୍ଟୋବର ୧୭ ତାରିଖ, ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ ଦିବସ, ଗର୍ଭଣା ସଂକ୍ରାନ୍ତି, କାର୍ତ୍ତିକ କୃଷ୍ଣପକ୍ଷର ସର୍ବସମ୍ମତ ରମା ଏକାଦଶୀ ଯୁକ୍ତ ଦ୍ୱାଦଶୀ ଶୁକ୍ରବାର। ରାଶିନକ୍ଷତ୍ର–ଦିବା ଘ.୦୧।୫୮ ପର୍ଯ୍ୟନ୍ତ ମଘା/ସିଂହ, ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୫ ଗତେ, ଘ.୦୬।୩୧ ମଧ୍ୟେ, ଘ.୦୭।୧୭ ଗତେ, ଘ.୦୮।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ଗତେ, ଘ.୧୧।୩୧ ମଧ୍ୟେ ରାହୁକାଳ।

## ମୋଦି କହିଛନ୍ତି...

ପ୍ରଥମ ପୃଷ୍ଠାରୁ...

ଏଥିଯୋଗୁ ଭାରତକୁ ନିଜ ସାମଗ୍ରୀ ରପ୍ତାନି କରିବା କାଠିକର ହୋଇପଡ଼ିଛି। ଭାରତର ବାଣିଜ୍ୟିକ କାରବାର ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି। ୨୦୨୫ ସେପ୍ଟେମ୍ବରରେ ଭାରତର ବାଣିଜ୍ୟିକ ନିଅଣ୍ଟ ୩୨.୧୫ ବିଲିୟନ୍ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି, ଯାହାକି ଗତ ୧୩ ମାସରେ ସର୍ବାଧିକ। ଭାରତ ଓ ଆମେରିକା ସମ୍ପର୍କରେ ତିକ୍ତତା ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ପାଲଟିଥିବା ରୁଷୀୟ ତୈଳ କ୍ରୟ ପ୍ରସଙ୍ଗରେ ବୁଧବାର ଟ୍ରମ୍ପ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ହ୍ୱାଇଟ୍‌ହାଉସ୍ ଓଭାଲ ଅଫିସରେ ଖବରଦାତାମାନଙ୍କୁ ଟ୍ରମ୍ପ କହିଛନ୍ତି, ଭାରତ ରୁଷୀୟ କ୍ରୁଡ୍ କିଣୁଥିବାରୁ ଏହା ୧୫ ଲକ୍ଷ ଲୋକଙ୍କ ଜୀବନ ଯାଇଥିବା ପୁଟିନ୍‌ଙ୍କ ହାସ୍ୟାସ୍ପଦ ଯୁଦ୍ଧ ପାଇଁ ଆର୍ଥିକ ସହାୟକ ହେଉଛି। ଏହାକୁ ନେଇ ଆମେରିକା ଅସନ୍ତୁଷ୍ଟ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପ ମୋଦିଙ୍କୁ ତାଙ୍କର ଜଣେ ବନ୍ଧୁ ଦର୍ଶାଇ ଉଭୟଙ୍କ ମଧ୍ୟରେ ବହୁତ ଭଲ ସମ୍ପର୍କ ରହିଥିବା କହିଛନ୍ତି। ଟ୍ରମ୍ପ ଆହୁରି ଦାବି କରିଛନ୍ତି ଯେ, ଭାରତ ରୁଷିଆଠାରୁ ଆଉ କ୍ରୁଡ୍ ଅଏଲ୍ କିଣିବ ନାହିଁ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଆଶ୍ୱାସନା ଦେଇଛନ୍ତି। ଏହା ଏକ ବଡ଼ ପଦକ୍ଷେପ। ବର୍ତ୍ତମାନ ଚାଇନା ମଧ୍ୟ ରୁଷୀୟ ତୈଳ କ୍ରୟ ବନ୍ଦ କରୁ।

ମୋଦିଙ୍କୁ ଜଣେ ମହାନ୍ ବ୍ୟକ୍ତି ଭାବେ ଅଭିହିତ କରି ଟ୍ରମ୍ପ କହିଛନ୍ତି, ସେ ଟ୍ରମ୍ପଙ୍କୁ ଭଲ ପାଆନ୍ତି। ତାଙ୍କ ରାଜନୈତିକ କ୍ୟାରିୟର ନଷ୍ଟ କରିବାକୁ ଟ୍ରମ୍ପ ଚାହାନ୍ତି ନାହିଁ। ସେ ଭାରତକୁ ଅନେକ ବର୍ଷ ଧରି ଦେଖିଆସିଛନ୍ତି। ଏହା ଏକ ଅବିଶ୍ୱସନୀୟ ଦେଶ, ଯେଉଁଠି ପ୍ରତିବର୍ଷ ଜଣେ ନୂଆ ନେତା କ୍ଷମତାକୁ ଆସିଥାନ୍ତି। ଏପରି କି ସେମାନଙ୍କ ମଧ୍ୟରୁ କେତେଜଣ କିଛି ମାସ ଭିତରେ ବଦଳିଥାନ୍ତି। ବର୍ଷ ବର୍ଷ ଧରି ଏପରି ଚାଲିଆସିଥିବାବେଳେ ବନ୍ଧୁ ମୋଦି ଦୀର୍ଘ ସମୟ ହେଲା ପ୍ରଧାନମନ୍ତ୍ରୀ ରହିଆସିଛନ୍ତି। ମୋଦି ତାଙ୍କୁ ଆଗକୁ ରୁଷୀୟ ତୈଳ କ୍ରୟ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପର୍ଯ୍ୟାୟକ୍ରମେ ତୈଳ କ୍ରୟ ବନ୍ଦ କରିବାକୁ ସମୟ ଲାଗିବ କିନ୍ତୁ ତାହା ଆରମ୍ଭ ହୋଇସାରିଛି ବୋଲି ମୋଦି କହିଥିବା ଟ୍ରମ୍ପ ପ୍ରକାଶ କରିଛନ୍ତି। ତେବେ ରୁଷିଆ–ୟୁକ୍ରେନ୍ ଯୁଦ୍ଧ ବନ୍ଦ ହେବା ପରେ ଭାରତ ମସ୍କୋ ସହ ଶକ୍ତି ବାଣିଜ୍ୟ ଜାରି ରଖିପାରିବ। ଭାରତ ଯଦି ତୈଳ ନ କିଣେ ତେବେ ସବୁ ସୁବିଧାଜନକ ହେବ ବୋଲି ଟ୍ରମ୍ପ କହିଛନ୍ତି।

ପ୍ରକାଶ ଯେ, ବିଶ୍ୱର ତୃତୀୟ ବୃହତ୍ ତୈଳ ଆମଦାନୀକାରୀ ରାଷ୍ଟ୍ର ଭାରତ ନିଜ ଚାହିଦା ପୂରଣ ପାଇଁ ପାରମ୍ପରିକ ଭାବେ ମଧ୍ୟପ୍ରାଚ୍ୟ ତୈଳ ଉପରେ ନିର୍ଭରଶୀଳ ରହିଆସିଥିଲା। ତେବେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠାରୁ ମସ୍କୋଠାରୁ ରିହାତି ମୂଲ୍ୟରେ ତୈଳ କ୍ରୟ ପରିମାଣ ଅହେତୁକ ବୃଦ୍ଧି ପାଇଛି। ପୂର୍ବରୁ ଭାରତ ରୁଷିଆଠାରୁ ୧% କ୍ରୁଡ୍ ଅଏଲ୍ କିଣୁଥିବାବେଳେ ଏଥିରେ ହଠାତ୍ ପ୍ରାୟ ୪୦% ପର୍ଯ୍ୟନ୍ତ ବୃଦ୍ଧି ଦେଖିବାକୁ ମିଳିଛି। ତେବେ ଭାରତ ଏହାର ଜାତୀୟ ଶକ୍ତି ସୁରକ୍ଷା ଓ ଅପେକ୍ଷାକୃତ ସ୍ୱଳ୍ପ ମୂଲ୍ୟ ଯୋଗୁ ଏପରି କରୁଥିବା କହୁଛି। ଟ୍ରମ୍ପଙ୍କ ସଦ୍ୟ ମନ୍ତବ୍ୟ ପରେ ଭାରତ ସମାନ କଥା ଦୋହରାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର କହିଛନ୍ତି, ଭାରତ ନିଜ ବଜାର ଚାହିଦା ପୂରଣ ପାଇଁ ଶକ୍ତି କ୍ଷେତ୍ରରେ ଉତ୍ସର ବିବିଧତା ଉପରେ ଜୋର୍ ଦେଉଛି। ଏନର୍ଜି ବଜାରର ଉଠାପକା ଭିତରେ ଭାରତୀୟ ଉପଭୋକ୍ତାମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଭିନ୍ନ ଆମଦାନୀ ନୀତି ଆପଣାଯାଉଛି। ଏହି କ୍ରମରେ ଆମେରିକା ସହ ମଧ୍ୟ ଶକ୍ତି ସମ୍ପର୍କକୁ ବ୍ୟାପକ କରିବାକୁ ନୂଆଦିଲ୍ଲୀ ଆଶାବାଦୀ ଥିବା ଜୟସ୍ୱାଲ ସ୍ପଷ୍ଟ କରିଛନ୍ତି। ଜୟସ୍ୱାଲ ଏପରି ସଫେଇ ଦେଇଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଟ୍ରମ୍ପଙ୍କୁ ନେଇ ଭୟଭୀତ। ତେଣୁ ଭାରତର କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ ଆମେରିକା ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ମୋଦି ସରକାରଙ୍କ ବିଦେଶ ନୀତି ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ିପଡ଼ିଛି। କେନ୍ଦ୍ର ସରକାର ବିରୋଧୀ ନେତାମାନଙ୍କୁ ବିଶ୍ୱାସକୁ ନେଇ ସର୍ବଦଳୀୟ ବୈଠକ ଡାକନ୍ତୁ, ନଚେତ୍ ସମସ୍ତଙ୍କ ସହ ଜଣ ଜଣକରି ଆଲୋଚନା କରନ୍ତୁ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଦାବି କରିଛନ୍ତି। ବିରୋଧୀଙ୍କ ସମାଲୋଚନା ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ମିଡିଆ ବିବୃତିରେ ଟ୍ରମ୍ପ–ମୋଦି ଆଲୋଚନା ପ୍ରସଙ୍ଗକୁ ଖଣ୍ଡନ କରାଯାଇଛି। ଦୁଇ ନେତାଙ୍କ ମଧ୍ୟରେ ବୁଧବାର ଫୋନ୍‌ରେ ରୁଷୀୟ ତୈଳ କ୍ରୟ ସମ୍ପର୍କରେ କୌଣସି ପ୍ରକାର ଆଲୋଚନା ହୋଇନାହିଁ ବୋଲି କୁହାଯାଇଛି। ଇତିମଧ୍ୟରେ ନୂଆଦିଲ୍ଲୀରେ ଅବସ୍ଥାପିତ ରୁଷିଆ ରାଷ୍ଟ୍ରଦୂତ ଡେନିସ୍ ଅଲିପୋଭ୍ କହିଛନ୍ତି, ଆମେ କାହାର ବାଣିଜ୍ୟିକ କାରବାରରେ ହସ୍ତକ୍ଷେପ କରୁନାହୁଁ। ଭାରତ ନିଜ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଆମଠାରୁ ତୈଳ କିଣୁଛି। ତେବେ ରୁଷିଆ ଭାରତ ସହ ଶକ୍ତି ସହଯୋଗ ବଜାୟ ରହିବା ନେଇ ଆଶାବାଦୀ ଏବଂ ନୂଆଦିଲ୍ଲୀ ତୈଳ ଆମଦାନୀ ଜାରି ରଖିବ ବୋଲି ରୁଷିଆ ଉପପ୍ରଧାନମନ୍ତ୍ରୀ ଆଲେକ୍‌ଜାଣ୍ଡାର ନେଭାକ୍ କହିଛନ୍ତି।

ସେପଟେ ବ୍ରିଟେନ୍ ରୁଷିଆର ସର୍ବବୃହତ୍ ତୈଳ ଉତ୍ପାଦନକାରୀଗୁଡ଼ିକ ସମେତ ଚାଇନାର ୨ଟି ଏନର୍ଜି ଫାର୍ମ ଏବଂ ଭାରତୀୟ ରିଫାଇନର୍ ନାୟରା ଏନର୍ଜି ଲିମିଟେଡ୍ ଉପରେ କଟକଣା ଜାରି କରିଛି। ରୁଷିଆ ସହ ତୈଳ କାରବାର ଯୋଗୁ ଏପରି ପଦକ୍ଷେପ ନିଆଯାଇଥିବା ବ୍ରିଟେନ୍ ସ୍ପଷ୍ଟ କରିଛି। ଏଭଳି ସ୍ଥିତିରେ ଅଶୋଧିତ ତୈଳ ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଛି। ଗୁରୁବାର ବ୍ରେଣ୍ଟ ବ୍ୟାରେଲ ପିଛା ୬୨ ଡଲାରର ନିକଟତର ହୋଇଛି। ଆଗକୁ ଏଥିରେ ଆହୁରି ବୃଦ୍ଧି ଘଟିପାରେ ବୋଲି ଜଣେ ବିଶେଷଜ୍ଞ ମତ ଦେଇଛନ୍ତି। କ୍ରୁଡ୍ ଓ ବ୍ରେଣ୍ଟ ଅଧିକ ମହଙ୍ଗା ହେଲେ ଏହା ଜୁଲାଇ ପରଠାରୁ ସର୍ବାଧିକ ହେବ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି।

ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଈଶ୍ୱର ଚାହିଁଲେ ସବୁ ହୁଏ
ଦୂବ ମଧ୍ୟ ଦାରୁ ହୁଏ।**

ଈଶ୍ୱର ସର୍ବଶକ୍ତିମାନ୍ ତଥା ସର୍ବବିଦ୍ୟମାନ୍। ତାଙ୍କରି ନିର୍ଦ୍ଦେଶରେ ସୂର୍ଯ୍ୟ ଚନ୍ଦ୍ର ଆତଯାତ ହେଉଥିବା ବେଳେ ତାଙ୍କ ବିନା ଇଚ୍ଛାରେ ଗଛରୁ ପତ୍ରଟିଏ ମଧ୍ୟ ଝଡ଼ିପାରି ନ ଥାଏ। ଈଶ୍ୱରଙ୍କ କୃପା ମିଳିଲେ ଦୂବ ଘାସଟି ମଧ୍ୟ ଦାରୁରେ ପରିଣତ ହୋଇଯାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଇଷ୍ଟ ରୁଷ୍ଟ ହେଲେ ସଂଶୋଧନ
ଇଷ୍ଟ ତୁଷ୍ଟ ହେଲେ ବୈକୁଣ୍ଠ ସମାନ।**

ନିଜର ଭୁଲ୍ ଥିଲେ ବା ଦୋଷ ଥିଲେ ସେଥିରେ ଯୁକ୍ତିତର୍କ ନ କରି ତାହାର ସଂଶୋଧନ କରିବା ଉଚିତ୍ ହୋଇଥାଏ। ଏପରି କରିବା ଦ୍ୱାରା ବିବାଦ ଆଗକୁ ବଢ଼ି ନ ଥାଏ ଓ ଏହାଦ୍ୱାରା ଅନେକ ସୁଫଳ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଜନଶୁଣାଣିକୁ ଗୁରୁତ୍ୱ...

ଦ୍ରୁତ୍ ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କର। ସେ ତଥ୍ୟ ସହିତ ଦର୍ଶାଇଛନ୍ତି, ପଞ୍ଚାୟତିରାଜ ବିଭାଗରେ ଏବେ ବି ୨୦ହଜାର ୫୪୯ଟି ଅଭିଯୋଗ ସମାଧାନ ହୋଇ ନ ଥିବାବେଳେ ମହିଳା ଓ ଶିଶୁ କଲ୍ୟାଣ ବିଭାଗରେ ୨ହଜାର ୩୧୯ ଅଭିଯୋଗ ଗଡୁଛି। ସେହିପରି ଜଳସମ୍ପଦ ବିଭାଗରେ ୧ହଜାର ୪୪୬, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୪ହଜାର ୯୮୮, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୮ହଜାର ୬୫୨ ଏବଂ ଖଣି ଓ ଇସ୍ପାତ ବିଭାଗରେ ୫୦୬ଟି ଅଭିଯୋଗ ଗଡୁଛି। ପଞ୍ଚାୟତିରାଜ ବିଭାଗକୁ ବାଦ୍ ଦେଇ ଅନ୍ୟ ୫ଟି ବିଭାଗରେ ଅଭିଯୋଗ ସମାଧାନ ହାର ୮୦ପ୍ରତିଶତରୁ କମ୍ ରହିଛି।

ଇତିମଧ୍ୟରେ ରାଜ୍ୟରେ ୪୦ଟି ବିଭାଗକୁ ୪ଲକ୍ଷ ୯୯ହଜାର ୮୫୧ଟି ଅଭିଯୋଗ ମିଳିଥିବାବେଳେ ଗତ ସେପ୍ଟେମ୍ବରରେ ୧୭ହଜାର ୧୧ଟି ଅଭିଯୋଗ ସରକାରଙ୍କ ହସ୍ତଗତ ହୋଇଛି। ସେପ୍ଟେମ୍ବର ମାସରେ ସରକାରଙ୍କ ହସ୍ତଗତ ହୋଇଥିବା ଅଭିଯୋଗର ସମାଧାନ ହାର ୧୧ପ୍ରତିଶତ ଭିତରେ ରହିଛି। ଅଧିକାଂଶ ବିଭାଗର ଅଭିଯୋଗ ସମାଧାନ ହାର ୩ରୁ ୫ପ୍ରତିଶତ ମଧ୍ୟରେ ରହିଛି। ସେପ୍ଟେମ୍ବର ସୁଦ୍ଧା ରାଜ୍ୟରେ ୬୬ହଜାର ୮୬୮ଟି ଅଭିଯୋଗ ୪୦ଟି ବିଭାଗରେ ଗଡୁଛି। ଅଭିଯୋଗ ସମାଧାନ ହାର ମଧ୍ୟରେ ସାଧାରଣ ଉଦ୍ୟୋଗ, ସୂଚନା ଓ ଲୋକସମ୍ପର୍କ, ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗର ସମାଧାନ ହାର ୯୭ରୁ ୯୮ପ୍ରତିଶତ ମଧ୍ୟରେ ରହିଛି।

## ବର୍ଷକରେ ୧.୫ କୋଟି...

ଦେଶର ଅର୍ଥନୀତି ଏବଂ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ନେଇ ଅଧ୍ୟୟନରେ କୁହାଯାଇଛି। ଗତବର୍ଷ ବନାଗ୍ନି ଯୋଗୁ ବିଶ୍ୱବ୍ୟାପୀ ୩୭ ଲକ୍ଷ ବର୍ଗ କି.ମି. ଅଞ୍ଚଳ ଜଳିଯାଇଥିଲା, ଯାହା ଭାରତର କ୍ଷେତ୍ରଫଳଠାରୁ ମଧ୍ୟ ଅଧିକ। ଏଥିରୁ ନିର୍ଗତ ହୋଇଥିବା ଅଙ୍ଗାରକାମ୍ଳ ୮ ବିଲିୟନ ଟନ୍‌ରୁ ଅଧିକ ବୋଲି ରିପୋର୍ଟରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ବିଶ୍ୱବ୍ୟାପୀ ବନାଗ୍ନି ଘଟଣାକୁ ବଢ଼ାଇବା ସହ ଏହାର ଗମ୍ଭୀରତାକୁ ବୃଦ୍ଧି କରିଛି ବୋଲି ଏହି ଅଧ୍ୟୟନ ସ୍ପଷ୍ଟ ଭାବେ ପ୍ରମାଣିତ କରିଥିବା ଅଧ୍ୟୟନର ମୁଖ୍ୟ ଲେଖକ ଡଗ୍ଲାସ କେଲୀ କହିଛନ୍ତି। ଗତବର୍ଷ ସାରା ବିଶ୍ୱରେ ୧୦ କୋଟି ଲୋକ ବନାଗ୍ନିର ସମ୍ମୁଖୀନ ହୋଇ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ। ଦକ୍ଷିଣ ଏବଂ ଦକ୍ଷିଣପୂର୍ବ ଏସିଆ, ମଧ୍ୟ ଏବଂ ପୂର୍ବ ଆଫ୍ରିକାରେ ଏହି ସଂଖ୍ୟା ସର୍ବାଧିକ ଥିଲା ବୋଲି ଅଧ୍ୟୟନରେ କୁହାଯାଇଛି। ବନାଗ୍ନି ଯୋଗୁ ଭାରତ ଏବଂ ରିପବ୍ଲିକ ଅଫ୍ କଙ୍ଗୋରେ ସର୍ବାଧିକ ୧.୫ କୋଟି ଲେଖାଏ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ନାଇଜେରିଆ, ଚାଇନା, ମୋଜାମ୍ବିକ ଏବଂ ଦକ୍ଷିଣ ସୁଦାନରେ ୫୦ ଲକ୍ଷ ଲେଖାଏ ଲୋକ ପ୍ରଭାବିତ ହୋଇଥିବା ଏହି ଅଧ୍ୟୟନ କହିଛି। ବନାଗ୍ନି ଯୋଗୁ ଗତବର୍ଷ ବିଶ୍ୱବ୍ୟାପୀ ୨୧୫ ବିଲିୟନ ଡଲାର ମୂଲ୍ୟର ଘର ଏବଂ ଭିତ୍ତିଭୂମିକୁ କ୍ଷତି ପହଞ୍ଚିଛି। ଭାରତରେ ୪୪ ବିଲିୟନ ଡଲାର (ପ୍ରାୟ ୩.୬ ଲକ୍ଷ କୋଟି ଟଙ୍କା)ର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଏହାପଛକୁ ଆମେରିକାରେ ୨୬ ବିଲିୟନ ଡଲାର ଏବଂ ଚାଇନାରେ ୧୭ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିବା ଏହି ରିପୋର୍ଟ କହିଛି।

## କପିଳ ଶର୍ମାଙ୍କ କାନାଡା କାଫେକୁ ପୁଣି ଗୁଳିମାଡ଼

**ନୂଆଦିଲ୍ଲୀ,୧୬।୧୦**

ହାସ୍ୟାଭିନେତା କପିଳ ଶର୍ମାଙ୍କ କାନାଡାର ସୁରିସ୍ଥିତ କାପ୍ସ କାଫେରେ ବୁଧବାର ବିଳମ୍ବିତ ରାତିରେ ପୁଣି ଗୁଳିମାଡ଼ ହୋଇଛି। ଗତ ୪ ମାସ ମଧ୍ୟରେ ଏହା ତୃତୀୟ ଘଟଣା। ପୂର୍ବରୁ ଜୁଲାଇ ୧୦ ଏବଂ ଅଗଷ୍ଟ ୭ରେ କପିଳଙ୍କ କାଫେକୁ ଗୁଳିମାଡ଼ ହୋଇଥିଲା। ଲରେନ୍ସ ବିଷ୍ଣୋଇଙ୍କ ଗ୍ୟାଙ୍ଗର ୨ ସଦସ୍ୟ ଗୋଲ୍ଡି ଧିଲୋନ୍ ଏବଂ କୁଲଦୀପ୍ ସିଧୁ ସୋସିଆଲ ମିଡିଆ ଜରିଆରେ ଆକ୍ରମଣର ଶ୍ରେୟ ଦାବି କରିଛନ୍ତି। ଜନସାଧାରଣଙ୍କୁ ଦୂରେଇ ରହିବାକୁ ସେମାନେ ସତର୍କ କରାଇଥିଲେ। ବୁଧବାର ରାତି ପ୍ରାୟ ୩ଟା ୪୫ ମିନିଟ୍ ସମୟରେ ଜଣେ ବ୍ୟକ୍ତି ଏକ ଗାଡ଼ି ଭିତରୁ ଅନ୍ୟୂନ ୬ଟି ଗୁଳିମାଡ଼ କରିଥିବା ଭିଡିଓରେ ଦେଖିବାକୁ ମିଳିଛି। ସେତେବେଳେ କାଫେରେ କର୍ମଚାରୀମାନେ ଥିଲେ ମଧ୍ୟ କେହି ମୃତାହତ ହୋଇନାହାନ୍ତି। ସୁରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ୧୭୦ ମାଓବାଦୀଙ୍କ ଆତ୍ମସମର୍ପଣ: ଅବୁଝମାଡ଼ ଅଞ୍ଚଳ ମାଓବାଦୀ ମୁକ୍ତ

**ନୂଆଦିଲ୍ଲୀ, ୧୬।୧୦**

ଛତିଶଗଡ଼ର ଉତ୍ତର ବସ୍ତରସ୍ଥିତ ଅବୁଝମାଡ଼ ପାହାଡ଼ିଆ ଅଞ୍ଚଳରେ ଗୁରୁବାର ୧୭୦ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହାପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଅବୁଝମାର ପାହାଡ଼ିଆ ଅଞ୍ଚଳକୁ ମାଓବାଦୀ ମୁକ୍ତ ବୋଲି ସାମାଜିକ ଗଣମାଧ୍ୟମ 'X'ରେ ଘୋଷଣା କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହିଂସା ତ୍ୟାଗ କରି ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି ଏବଂ ଭାରତର ସମ୍ବିଧାନ ଉପରେ ବିଶ୍ୱାସ ପ୍ରକଟ କରିଛନ୍ତି। ସେମାନଙ୍କର ଏହି ନିଷ୍ପତ୍ତିକୁ ଶାହା ପ୍ରଶଂସା କରିଛନ୍ତି। ଭାରତରେ ମାଓବାଦର ଅନ୍ତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପ୍ରୟାସକୁ ଏହା ଏକ ସଫଳତା ବୋଲି ସେ କହିଛନ୍ତି।

## କର୍ଣ୍ଣାଟକର ସର୍ବସାଧାରଣ ସ୍ଥାନରେ ଆର୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ବନ୍ଦ ହେବ

**ବେଙ୍ଗାଲୁରୁ,୧୬।୧୦**

କର୍ଣ୍ଣାଟକରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ବିଭିନ୍ନ କାର୍ଯ୍ୟକୁ ରୋକିବା ପାଇଁ ରାଜ୍ୟ କ୍ୟାବିନେଟ୍ ଗୁରୁବାର ନିଷ୍ପତ୍ତି ନେଇଛି। ଉକ୍ତ ନିଷ୍ପତ୍ତି ଅନୁଯାୟୀ ଆର୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତାମାନେ ରାସ୍ତାରେ ଶୋଭାଯାତ୍ରା ଏବଂ ସର୍ବସାଧାରଣ ସ୍ଥାନରେ ତଥା ସରକାରୀ ଅନୁଷ୍ଠାନଗୁଡ଼ିକରେ କାର୍ଯ୍ୟକ୍ରମ କରିପାରିବେ ନାହିଁ। ଆର୍‌ଏସ୍‌ଏସ୍ ଏବଂ ଏହାର ସ୍ୱୀକୃତିପ୍ରାପ୍ତ ସଂଗଠନଗୁଡ଼ିକ ଉପରେ ନିଷେଧାଦେଶ ଲଗାଇବା ପାଇଁ ସୂଚନା ପ୍ରଯୁକ୍ତି ଓ ବାୟୋଟେକ୍‌ନୋଲୋଜି ମନ୍ତ୍ରୀ ପ୍ରିୟଙ୍କ ଖାର୍ଗେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କୁ ପତ୍ର ଲେଖିଥିଲେ।

୨୦୨୩ରେ ତତ୍କାଳୀନ ଭାଜପା ସରକାରଙ୍କ ପକ୍ଷରୁ ସର୍କୁଲାର ଜାରି କରାଯାଇଥିଲା, ଯେଉଁଥିରେ ସ୍କୁଲ୍ ପରିସର ଏବଂ ଏହା ସହ ସମ୍ପୃକ୍ତ ଖେଳପଡ଼ିଆକୁ ଅନ୍ୟ କାର୍ଯ୍ୟ ପାଇଁ ବ୍ୟବହାର ଉପରେ କଟକଣା ଲାଗିଥିଲା। ବର୍ତ୍ତମାନର କଂଗ୍ରେସ ସରକାର ଭାଜପା ସମାଲୋଚନାର ଜବାବ ଦେବାକୁ ଉକ୍ତ ସର୍କୁଲାରର ଅବତାରଣା କରିଛି। ପ୍ରିୟଙ୍କ କହିଛନ୍ତି, ଆମେ କୌଣସି ସଂଗଠନକୁ ନିୟନ୍ତ୍ରଣ କରିପାରିବୁ ନାହିଁ, କିନ୍ତୁ ଏବେଠାରୁ ସେମାନେ ସର୍ବସାଧାରଣ ସ୍ଥାନ ଓ ରାସ୍ତାରେ ଯାହା ଚାହିଁବେ କରିପାରିବେ ନାହିଁ। ଏଥିପାଇଁ ସେମାନଙ୍କୁ ସରକାରଙ୍କ ଅନୁମତି ନେବାକୁ ହେବ।

## ଲାଞ୍ଚ ଅଭିଯୋଗରେ ପଞ୍ଜାବ ପୋଲିସ ଡିଆଇଜି ଗିରଫ

**ଚଣ୍ଡିଗଡ଼, ୧୬।୧୦ (ପି.ଟି.)**

ଲାଞ୍ଚ ନେବା ମାମଲାରେ ପଞ୍ଜାବ ପୋଲିସର ଡିଆଇଜି ହରଚରଣ ସିଂ ଭୁଲ୍ଲରଙ୍କୁ ଗୁରୁବାର ସିବିଆଇ ଗିରଫ କରିଛି। ସିବିଆଇ ହରଚରଣଙ୍କ ଘର, କାର୍ଯ୍ୟାଳୟ ସମେତ ରୁପର, ଚଣ୍ଡିଗଡ଼ ଏବଂ ମୋହାଲିରେ ଥିବା ତାଙ୍କର ବିଭିନ୍ନ ଠିକଣାରେ ଚଢ଼ାଉ କରିଛି। ନଗଦ ୫ କୋଟି ଟଙ୍କା, ଅଡି ଓ ମର୍ସିଡିଜ୍ ଗାଡ଼ି ଏବଂ ୧.୫ କେ.ଜି. ସୁନା ଅଳଙ୍କାର ଜବତ ହୋଇଛି। ହରଚରଣଙ୍କ ବିରୋଧରେ ଜଣେ ସ୍କ୍ରାପ୍ ଡିଲର ଗତ ୧୧ରେ ଚଣ୍ଡିଗଡ଼ସ୍ଥିତ ସିବିଆଇ କାର୍ଯ୍ୟାଳୟରେ ଏତଲା ଦେଇଥିଲେ। ହରଚରଣ ତାଙ୍କୁ ଧମକାଇ ଲାଞ୍ଚ ମାଗୁଥିବା ସେ ଅଭିଯୋଗ କରିଥିଲେ। ହରଚରଣ ଉକ୍ତ ସ୍କ୍ରାପ୍ ଡିଲରଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରି ରଫାଦଫା ପାଇଁ ତାଙ୍କୁ ୮ ଲକ୍ଷ ଟଙ୍କା ଲାଞ୍ଚ ମାଗୁଥିଲେ। ଅଭିଯୋଗ ମିଳିବା ପରେ ସିବିଆଇ ଅଧିକାରୀମାନେ ହରଚରଣଙ୍କ ଉପରେ ନଜର ରଖିଥିଲେ।



ଦୀପାବଳି ପୂର୍ବରୁ ନୂଆଦିଲ୍ଲୀର ଚାନ୍ଦିନୀ ଚୌକ୍ ଅଞ୍ଚଳରେ ପ୍ରବଳ ଭିଡ଼ ଯୋଗୁ ଟ୍ରାଫିକ୍ ଜାମ୍।

## ଆଜିଥ୍ରୋମାଇସିନ୍‌ରେ ପୋକ

### ଅଭିଯୋଗ ପରେ ମଧ୍ୟପ୍ରଦେଶ ହସ୍ପିଟାଲରୁ ଔଷଧ ପ୍ରତ୍ୟାହୃତ

**ଭୋପାଳ,୧୬।୧୦**

ମଧ୍ୟପ୍ରଦେଶରେ କୋଲ୍ଡରିଫ୍ କଫ୍ ସିରପ୍ ସେବନ କରି ୨୩ ପିଲାଙ୍କ ମୃତ୍ୟୁ ଘଟଣା ପରେ ଏହାର ଉତ୍ପାଦନ ଓ ବିକ୍ରି ବନ୍ଦ ହୋଇଛି। ଏବେ ରାଜ୍ୟର ଏକ ସରକାରୀ ହସ୍ପିଟାଲରେ ଆଜିଥ୍ରୋମାଇସିନ୍ ଔଷଧରେ ପୋକ ଥିବା ଅଭିଯୋଗ ଆସିବା ପରେ ଉକ୍ତ ଔଷଧର ସମ୍ପୂର୍ଣ୍ଣ ଷ୍ଟକ୍‌କୁ ଫେରାଇ ନିଆଯାଇଛି। ଆଜିଥ୍ରୋମାଇସିନ୍ ଓରାଲ ସସ୍ପେନ୍‌ଶନ୍‌ର ନମୁନା ପରୀକ୍ଷା ପାଇଁ ଭୋପାଳର ଏକ ଲାବରେଟୋରିକୁ ପଠାଯାଇଛି। ପିଲାମାନଙ୍କୁ ବିଭିନ୍ନ ସଂକ୍ରମଣରୁ ଆରୋଗ୍ୟ ପାଇଁ ସାଧାରଣତଃ ଆଜିଥ୍ରୋମାଇସିନ୍ ଦିଆଯାଇଥାଏ। ମଧ୍ୟପ୍ରଦେଶର ଏକ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଏହି ଜେନେରିକ୍ ଔଷଧକୁ ନେଇ ପ୍ରଶ୍ନ ଉଠିଛି।

ଆଜିଥ୍ରୋମାଇସିନ୍ ବୋତଲରେ ପୋକ ଥିବା ନେଇ ମୋରାରସ୍ଥିତ ସରକାରୀ ହସ୍ପିଟାଲରେ ଜଣେ ମହିଳା ଅଭିଯୋଗ କରିଥିଲେ ବୋଲି ଡ୍ରଗ୍




ଇନ୍ସପେକ୍ଟର ଅନୁଭୂତି ଶର୍ମା ଗଣମାଧ୍ୟମକୁ କହିଛନ୍ତି। ମହିଳା ଆଣିଥିବା ଔଷଧ ବୋତଲ ଖୋଲା ଥିବାବେଳେ ଘଟଣାର ତଦନ୍ତ କରାଯାଉଛି। ହସ୍ପିଟାଲକୁ ଆସିଥିବା ଓ ଷ୍ଟକ୍ ଥିବା ସମସ୍ତ ୩୦୬ ବୋତଲ ଆଜିଥ୍ରୋମାଇସିନ୍‌କୁ ଫେରାଇ ନିଆଯିବା ସହ ଜବତ କରାଯାଇଛି। ଔଷଧର ନିରାପତ୍ତା ସମ୍ପର୍କରେ ସ୍ପଷ୍ଟ ହେବା ପାଇଁ ଏହାକୁ ଭୋପାଳ ଲାବରେଟୋରିକୁ ପଠାଯାଇଥିବାବେଳେ କୋଲକାତାର ସେଣ୍ଟ୍ରାଲ ଡ୍ରଗ୍ ଲାବରେଟୋରିକୁ ପଠାଯିବ ବୋଲି ଡ୍ରଗ୍ ଇନ୍ସପେକ୍ଟର କହିଛନ୍ତି।

# ପାଶ୍ଚାତ୍ୟ ଚାପ: ରୁଷିଆରୁ କମିବ ତୈଳ ଆମଦାନୀ

**ନୂଆଦିଲ୍ଲୀ,୧୬।୧୦**

ୟୁକ୍ରେନ୍ ଯୁଦ୍ଧରେ ରୁଷିଆକୁ ଇନ୍ଧନ ରୂପେ ସହାୟକ ହୋଇଥିବା ଏହାର କ୍ରୁଡ୍ ଅଏଲ୍ ରପ୍ତାନି ଆସନ୍ତା ଡିସେମ୍ବରରୁ ହ୍ରାସ ପାଇପାରେ। ଆମେରିକା ଓ ବ୍ରିଟେନ୍ ଚାପରେ କେତେକ ଭାରତୀୟ ରିଫାଇନେରି ରୁଷୀୟ କ୍ରୁଡ୍ ଆମଦାନୀ ପର୍ଯ୍ୟାୟକ୍ରମେ କମାଇବା ପାଇଁ ପ୍ରସ୍ତୁତି ଚଳାଇଥିବା ରଏଟର୍ସ ସମେତ କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଭାରତ ରୁଷିଆଠାରୁ ତୈଳ ଆମଦାନୀ ବନ୍ଦ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିବା ପରେ ଏପରି ସମ୍ଭାବନା ଉପୁଜିଥିବା ଏକାଧିକ ରିପୋର୍ଟରେ ଦର୍ଶାଯାଇଛି। ତେବେ ରୁଷୀୟ ତୈଳ ଆମଦାନୀ ବନ୍ଦ କିମ୍ବା ହ୍ରାସ କରିବା ନେଇ ସରକାରଙ୍କଠାରୁ ଆନୁଷ୍ଠାନିକ ଭାବେ କୌଣସି ନିର୍ଦ୍ଦେଶ ଆସି ନ ଥିବା ରିଫାଇନର୍‌ମାନେ କହିଛନ୍ତି। ଅନ୍ୟପକ୍ଷେ ନଭେମ୍ବର ପାଇଁ ଅର୍ଡର ହୋଇସାରିଥିବାରୁ ଡିସେମ୍ବରରୁ ରୁଷୀୟ ତୈଳ କ୍ରୟ ହ୍ରାସ ପାଇପାରେ ବୋଲି ଆଶା କରାଯାଉଛି।

ବର୍ତ୍ତମାନ ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ୍ ତୈଳ ଆମଦାନୀ ଓ ଉପଭୋକ୍ତା ରାଷ୍ଟ୍ର। ଭାରତ ଦୈନିକ ୫.୫ ନିୟୁତ ବ୍ୟାରେଲ କ୍ରୁଡ୍ ଅଏଲ ବ୍ୟବହାର କରିଥାଏ, ଯାହାର ୮୭% ଅନ୍ୟ ଦେଶରୁ ଆମଦାନୀ କରାଯାଇଥାଏ। ଭାରତ ପାରମ୍ପରିକ ଭାବେ ଦୁଇ-ତୃତୀୟାଂଶ କ୍ରୁଡ୍ ଇରାକ୍, ସାଉଦି ଆରବ ଓ ସଂଯୁକ୍ତ ଆରବ



ଏମିରେଟ୍ସ (ୟୁଏଇ)ଠାରୁ କିଣୁଥିବାବେଳେ ୟୁକ୍ରେନ୍ ଯୁଦ୍ଧ ପରଠାରୁ ଅନ୍ୟତମ ବୃହତ୍ କ୍ରୁଡ୍ ଉତ୍ପାଦନକାରୀ ଓ ରପ୍ତାନିକାରୀ ଦେଶ ରୁଷିଆ ସର୍ବାଧିକ ଚାହିଦା ପୂରଣ କରୁଛି। ୨୦୨୨ ଫେବୃଆରୀରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମସ୍କୋର ତୈଳ ଯୋଗାଣ ଉପରେ କଟକଣା ଜାରି କରିଛନ୍ତି। ଭାରତ ଏହାର ଫାଇଦା ନେଇ ରିହାତି ମୂଲ୍ୟରେ ରୁଷିଆଠାରୁ ତୈଳ କ୍ରୟ କରୁଛି। ସେଥିରୁ ଭାରତୀୟ ଉପଭୋକ୍ତା ପେଟ୍ରୋଲ ଓ ଡିଜେଲ ବ୍ୟବହାର କରୁଥିବାବେଳେ କିଛି ପରିମାଣର ତୈଳ ବିଦେଶକୁ ରପ୍ତାନି କରାଯାଉଛି।

ଦେଖିବାକୁ ଗଲେ ୨୦୧୯-୨୦ରେ ଭାରତ ନିଜ ମୋଟ ତୈଳ ଆମଦାନୀର ୧.୭% ରୁଷିଆଠାରୁ କ୍ରୟ କରୁଥିଲା। ୨୦୨୩-୨୪ରେ ରୁଷୀୟ ତୈଳର ଅଂଶ ୪୦%କୁ ବୃଦ୍ଧି ପାଇଥିଲା, ଯାହାକି ବର୍ତ୍ତମାନ ମଧ୍ୟ ବଳବତ୍ତର ରହିଛି। ୨୦୨୫ ଆର୍ଥିକବର୍ଷରେ ଭାରତ ମୋଟ ୨୪୫ ନିୟୁତ ଟନ୍ ତୈଳ ଆମଦାନୀ କରିଥିବାବେଳେ ଏଥିରୁ ୮୮ ନିୟୁତ ଟନ୍ ରୁଷିଆଠାରୁ କିଣିଛି। ରୁଷୀୟ ତୈଳ କ୍ରୟର ମୁଖ୍ୟ କାରଣ ହେଉଛି ଅନ୍ତର୍ଜାତୀୟ ବଜାର ମୂଲ୍ୟ ତୁଳନାରେ ଏହା ରିହାତିରେ ମିଳିଥାଏ। ୨୦୨୩ରେ ଏହି ଡିସ୍‌କାଉଣ୍ଟ ବ୍ୟାରେଲ ପିଛା ସର୍ବାଧିକ ୧୯-୨୦ ଆମେରିକୀୟ ଡଲାର ଥିବାବେଳେ ପରବର୍ତ୍ତୀ ସମୟରେ ୩.୫-୫ ଡଲାରକୁ ଖସିଥିଲା।

ଗତ ସେପ୍ଟେମ୍ବରରେ ଭାରତର ଦୈନିକ କ୍ରୁଡ୍ ଆମଦାନୀ ପ୍ରାୟ ୪.୭ ନିୟୁତ ବ୍ୟାରେଲ ରହିଥିଲା। ଏହାର ୩୪% ଅର୍ଥାତ୍ ୧.୬ ନିୟୁତ ବ୍ୟାରେଲ୍ ପର୍ ଡେ (ବିପିଡି) କେବଳ ରୁଷିଆରୁ ଭାରତକୁ ଆସିଥାଏ। ତେବେ ୨୦୨୫ର ପ୍ରଥମ ୮ ମାସରେ ହାରାହାରି ରୁଷୀୟ ତୈଳ ଆମଦାନୀ ୧,୬୦,୦୦୦ ବିପିଡି ତଳେ ରହିଥିବା ଗ୍ଲୋବାଲ ଟ୍ରେଡ୍ ଆନାଲିଟିକ୍ସ ଫାର୍ମ କେପଲରର ତଥ୍ୟରୁ ଜଣାପଡ଼ିଛି। ଅକ୍ଟୋବର ପ୍ରଥମାର୍ଦ୍ଧରେ ରୁଷୀୟ ତୈଳ ଯୋଗାଣ ୧.୭୭ ନିୟୁତ ବିପିଡି ରହିଛି। ଇରାକ୍ ୧.୦୧ ନିୟୁତ ବିପିଡି ଏବଂ ସାଉଦି ଆରବ ୮,୩୦,୦୦୦ ବିପିଡି ଯୋଗାଣ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଆମେରିକା ଭାରତକୁ ୬,୪୭,୦୦୦ ବିପିଡି ତୈଳ ଯୋଗାଇ ଏହି କ୍ଷେତ୍ରରେ ୟୁଏଇକୁ ପଛରେ ପକାଇବା ସହ ଚତୁର୍ଥ ବୃହତ୍ ଯୋଗାଣକାରୀ ପାଲଟିଛି। ଭାରତକୁ ୟୁଏଇର ଦୈନିକ ରପ୍ତାନି ୩,୯୪,୦୦୦ ବ୍ୟାରେଲ ରହିଛି।

ବିଶେଷଜ୍ଞଙ୍କ ମତରେ ରୁଷୀୟ ଯୋଗାଣରେ ତତ୍କାଳ ହ୍ରାସ କରିବା ଭାରତୀୟ ରିଫାଇନାରିଗୁଡ଼ିକ ପାଇଁ ସମ୍ଭବପର ନୁହେଁ। କାରଣ ଅଏଲ୍ କଣ୍ଟ୍ରାକ୍ଟ ଡେଲିଭରିର ୪-୬ ସପ୍ତାହ ପୂର୍ବରୁ କରାଯାଇଥାଏ। ବର୍ତ୍ତମାନ ଯୋଗାଣ ହେଉଥିବା ତୈଳର କଣ୍ଟ୍ରାକ୍ଟ ସେପ୍ଟେମ୍ବର ଆଦ୍ୟ ଓ ମଧ୍ୟଭାଗରେ ହୋଇଥିବ। ବର୍ତ୍ତମାନ ନଭେମ୍ବର ଶେଷ ପର୍ଯ୍ୟନ୍ତ ଡେଲିଭରି ପାଇଁ କଣ୍ଟ୍ରାକ୍ଟ ହୋଇସାରିଛି। ଏହି ଦୃଷ୍ଟିରୁ ଟ୍ରମ୍ପ୍ କହିଛନ୍ତି, ଭାରତୀୟ ରିଫାଇନର୍ସ ରୁଷିଆଠାରୁ ତୈଳ କ୍ରୟ ବନ୍ଦ କରିବା ନଭେମ୍ବର ତୃତୀୟ କିମ୍ବା ଚତୁର୍ଥ ସପ୍ତାହରେ ଆରମ୍ଭ ହେବ। ସମ୍ପନ୍ନ ହୋଇସାରିଥିବା ୧.୬-୧.୮ ନିୟୁତ ବିପିଡି ରୁଷୀୟ ତୈଳ ଆମଦାନୀ ଆଗାମୀ କିଛି ସପ୍ତାହ ପର୍ଯ୍ୟନ୍ତ ଚାଲିବ ବୋଲି ବିଶ୍ଳେଷକମାନେ କହିଛନ୍ତି।

### ବ୍ରିଟେନ୍‌ର ଦୋମୁହାଁ ନୀତି ଚଳିବ ନାହିଁ: ଭାରତ

**ନୂଆଦିଲ୍ଲୀ,୧୬।୧୦**

ଗୁଜରାଟର ଭାଦିନାର ତୈଳ ବିଶୋଧନାଗାର ସମେତ ଆଉ କେତେକ ରିଫାଇନର୍ ଉପରେ ବ୍ରିଟେନ୍ କଟକଣା ଲଗାଇଛି। ରୁଷିଆର ତୈଳ କ୍ଷେତ୍ରକୁ ଟାର୍ଗେଟ କରିବାକୁ ଯାଇ ବ୍ରିଟେନ୍ ନେଇଥିବା ଏହି ପଦକ୍ଷେପକୁ ଭାରତ ପ୍ରତ୍ୟାଖ୍ୟାନ କରିଛି। ନୂଆଦିଲ୍ଲୀ କୌଣସି ପ୍ରକାର ଏକତରଫା କଟକଣାକୁ ସ୍ୱୀକୃତି ଦିଏନାହିଁ। ଏନର୍ଜି ଟ୍ରେଡ୍‌ରେ ବ୍ରିଟେନ୍‌ର ଏଭଳି ଦୋମୁହାଁ ନୀତିକୁ ଭାରତ ସରକାର ଗ୍ରହଣ କରିବେ ନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

### ଆମେରିକାକୁ ଜବାବୀ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଲା ଚାଇନା

**ବେଜିଂ,୧୬।୧୦**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାଇନାକୁ ଭାରତ ଭଳି ରୁଷୀୟ ତୈଳ ଆମଦାନୀ ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି। ଚାଇନା ଗୁରୁବାର ଏହି କ୍ରୟକୁ ବୈଧ ଓ ଆଇନସିଦ୍ଧ ଦର୍ଶାଇଛି। ଏଥିସହ ଆମେରିକା ବେଜିଂର ସ୍ୱାର୍ଥ ପରିପନ୍ଥୀ କୌଣସି ପଦକ୍ଷେପ ନେଲେ ଏହା ବିରୋଧରେ ଜବାବୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲିନ୍ ଜିଆନ୍ ଚେତାବନୀ ଦେଇଛନ୍ତି।

## ୫ ବର୍ଷରେ ୯୪% ବଢ଼ିଛି ଶିଶୁ ଯୌନ ଅପରାଧ

**ନୂଆଦିଲ୍ଲୀ,୧୬।୧୦**

ଭାରତରେ ୨୦୧୭ରୁ ୨୦୨୨ ମଧ୍ୟରେ ଶିଶୁଙ୍କ ପ୍ରତି ଯୌନ ଅପରାଧ ମାମଲା ୯୪ ପ୍ରତିଶତ ବୃଦ୍ଧି ପାଇଛି। ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍‌ସୋ ଆଇନ ବଳରେ ୨୦୧୭ରେ ୩୩,୨୧୦ ମାମଲା ରୁଜୁ ହୋଇଥିବାବେଳେ ୨୦୨୨ରେ ୯୪ ପ୍ରତିଶତ ବୃଦ୍ଧି ସହ ଏହା ୬୪,୪୬୯ରେ ପହଞ୍ଚିଥିଲା। ଏତେ ପରିମାଣର ସଂଖ୍ୟା ବୃଦ୍ଧି ସତ୍ତ୍ୱେ ଦଣ୍ଡବିଧାନ ହାର ୯୦ ପ୍ରତିଶତରୁ ଅଧିକ ରହିଥିଲା, ଯାହାକି କଠୋର ପ୍ରବର୍ତ୍ତନ ଓ ମାମଲା ରୁଜୁ ବ୍ୟବସ୍ଥାକୁ ଦର୍ଶାଉଛି ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ଏଡିନ୍‌ବର୍ଗ ୟୁନିଭର୍ସିଟିରେ ଚାଇଲ୍ଡଲାଇଟ୍ ଗ୍ଲୋବାଲ ଚାଇଲ୍ଡ ସେଫ୍ଟି ଇନ୍‌ଷ୍ଟିଚ୍ୟୁଟ୍ ଏବଂ ନ୍ୟୁସାଉଥ୍ ୱେଲ୍‌ସ ପକ୍ଷରୁ ଚଳିତ ସପ୍ତାହରେ ଲାଇଟ୍ ଇଣ୍ଡେକ୍ସ ୨୦୨୫ ପ୍ରକାଶ ପାଇଛି। ଏଥିରେ ଶିଶୁଙ୍କ ପ୍ରତି ଯୌନ ଅପରାଧକୁ ଏକ ବୈଶ୍ୱିକ ମାନବୀୟ ଦୁଃଖଦ ଘଟଣା ଭାବେ ଅଭିହିତ କରାଯାଇଛି।

## ବ୍ରିଟିଶ୍ ଏମ୍ପାୟାର ମେଡାଲ ପାଇଲେ କୁଚିପୁଡ଼ି ନୃତ୍ୟଶିଳ୍ପୀ ଅରୁଣିମା କୁମାର



**ଲଣ୍ଡନ, ୧୬।୧୦ (ପି.ଟି.)**

ବ୍ରିଟେନ୍‌ର ପ୍ରସିଦ୍ଧ କଳାକାର ଅରୁଣିମା କୁମାର ଗୁରୁବାର ପ୍ରଥମ କୁଚିପୁଡ଼ି ନୃତ୍ୟଶିଳ୍ପୀ ଭାବେ କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କଠାରୁ ସମ୍ମାନଜନକ ବ୍ରିଟିଶ୍ ଏମ୍ପାୟର ମେଡାଲ ପାଇଛନ୍ତି। ଭାରତୀୟ ଶାସ୍ତ୍ରୀୟ ନୃତ୍ୟ କୁଚିପୁଡ଼ି ପାଇଁ ଅବଦାନକୁ ଦୃଷ୍ଟିରେ ରଖି ଅରୁଣିମାଙ୍କୁ ଏହି ସମ୍ମାନ ମିଳିଛି। ଅରୁଣିମା ବିଭିନ୍ନ ବିଶ୍ୱସ୍ତରୀୟ ମଞ୍ଚରେ କୁଚିପୁଡ଼ି ନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ବିଭିନ୍ନ ଦେଶ ମଧ୍ୟରେ ଆନ୍ତଃସାଂସ୍କୃତିକ ସମ୍ପର୍କକୁ ପ୍ରୋତ୍ସାହିତ କରିଛନ୍ତି। କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କଠାରୁ ସମ୍ମାନ ପାଇବା ଅବିଶ୍ୱସନୀୟ ଉପଲବ୍ଧି। ଏହାଦ୍ୱାରା ତାଙ୍କ କାର୍ଯ୍ୟକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିଥିବା ଅରୁଣିମା କହିଛନ୍ତି।

## ୪୮ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା କଂଗ୍ରେସ

**ବିହାର ନିର୍ବାଚନ**

**ପାଟନା,୧୬।୧୦**

ବିହାର ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଶୁକ୍ରବାର ଶେଷ ହେଉଥିବାବେଳେ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ରେ ଏପର୍ଯ୍ୟନ୍ତ ଆସନ ବୁଝାମଣା ଚୂଡ଼ାନ୍ତ ହୋଇପାରି ନାହିଁ। ଆସନ ବୁଝାମଣା ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା ହୋଇ ନ ଥିଲେ ମଧ୍ୟ ଇଣ୍ଡିଆ ବ୍ଲକ୍‌ର ଅନ୍ୟତମ ମୁଖ୍ୟ ଦଳ କଂଗ୍ରେସ ଶୁକ୍ରବାର ଏହାର ପ୍ରାର୍ଥୀମାନଙ୍କୁ ଦଳୀୟ ଚିହ୍ନଟ ବାଣ୍ଟିବା ଆରମ୍ଭ କରିଛି। କଂଗ୍ରେସ ପ୍ରଥମ ପର୍ଯ୍ୟାୟରେ ୪୮ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଦଳର ରାଜ୍ୟ ସଭାପତି ରାଜେଶ କୁମାର କୁଟୁମ୍ବା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ବଚୱାରା ଆସନରେ ମହାମେଣ୍ଟର ୨ ପ୍ରାର୍ଥୀଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ହେବାକୁ ଯାଉଛି। ପୂର୍ବରୁ ବାମଦଳ ଏହି ଆସନରେ ପ୍ରାର୍ଥୀ ଦେଇଥିବାବେଳେ କଂଗ୍ରେସ ଔରଙ୍ଗାବାଦ ବିଧାୟକ ଆନନ୍ଦ ଶଙ୍କରକୁ ଟିକେଟ ଦେଇଛି। ରାଜ୍ୟ କଂଗ୍ରେସ ବିଧାୟକ ଦଳ ନେତା ସକିଲ ଅହମଦ କଡୱା ଆସନରୁ ଲଢ଼ିବେ। ଶାସକ ଏନ୍‌ଡିଏ ମେଣ୍ଟର ୨ ମୁଖ୍ୟ ଦଳ ଭାଜପା ଏବଂ ଜେଡିୟୁ ସେମାନଙ୍କ କୋଟାରେ ଥିବା ୧୦୧ଟି ଲେଖାଏ ଆସନରେ ପ୍ରାର୍ଥୀ ଦେବା ସମ୍ପୂର୍ଣ୍ଣ କରିଛନ୍ତି। ଜେଡିୟୁ ବୁଧବାର ୫୭ ଜଣଙ୍କୁ ଟିକେଟ ଦେଇଥିବାବେଳେ ଗୁରୁବାର ଅବଶିଷ୍ଟ ୪୪ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସେହିପରି ଭାଜପା ୩ ପର୍ଯ୍ୟାୟରେ ସମସ୍ତ ୧୦୧ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ଗୁରୁବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭାଜପା ଗୁରୁବାର ୪୦ ଜଣ ତାରକା ପ୍ରଚାରକଙ୍କ ନାମ ଘୋଷଣା କରିଛି।

## ସୁପ୍ରିମକୋର୍ଟ ଗଲେ ପାଇଲଟଙ୍କ ବାପା

**ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା**

**ନୂଆଦିଲ୍ଲୀ, ୧୬।୧୦**

ଗତ ଜୁନ୍ ୧୨ ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପାଇଲଟ କ୍ୟାପଟେନ୍ ସୁମିତ ସଭରୱାଲଙ୍କ ବାପା ପୁଷ୍କରରାଜ ସଭରୱାଲ (୯୧) ଗୁରୁବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦୁର୍ଘଟଣାର ତଦନ୍ତରେ ବିଶ୍ୱସନୀୟତା ଏବଂ ସ୍ୱଚ୍ଛତାର ଅଭାବ ଥିବା ଅଭିଯୋଗକରି ଏହାର ନିରପେକ୍ଷ ଏବଂ ସ୍ୱଚ୍ଛ ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ଜଣେ ପୂର୍ବତନ ବିଚାରପତିଙ୍କ ତତ୍ତ୍ୱାବଧାନରେ ତଦନ୍ତ ପାଇଁ ଫେଡେରେଶନ ଅଫ୍ ଇଣ୍ଡିଆନ୍ ପାଇଲଟ (ଏଫ୍‌ଆଇପି) ସହ ମିଶି ସେ ଆବେଦନ ଦାଖଲ କରିଛନ୍ତି। ଦୀପାବଳି ପରେ ସୁପ୍ରିମକୋର୍ଟ ଆବେଦନର ଶୁଣାଣି କରିପାରନ୍ତି। ପ୍ରକାଶ ଯେ, ଉକ୍ତ ବିମାନ ଦୁର୍ଘଟଣାରେ କ୍ରିଉ ମେମ୍ବରଙ୍କ ସମେତ ମୋଟ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା। କକ୍‌ପିଟ ଭଏସ୍ ରେକର୍ଡରରୁ ସଂଗୃହୀତ ତଥ୍ୟ ଆଧାରରେ ପାଇଲଟ ଫୁଏଲ୍ ସୁଇଚ୍ ବନ୍ଦ କରିଦେବାରୁ ଏହି ଦୁର୍ଘଟଣା ଘଟିଥିବା ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଅଧିକାରୀମାନେ ଅଗଷ୍ଟ ୩୦ରେ ସାନ୍ତ୍ୱନା ଜଣାଇବା ଆଳରେ ତାଙ୍କ ଘରକୁ ଆସି ଦୁର୍ଘଟଣା ପାଇଁ ପୁଅ ସୁମିତ୍‌ଙ୍କୁ ଦାୟୀ କରିଥିଲେ ବୋଲି ପୂର୍ବରୁ ପୁଷ୍କରରାଜ କହିଥିଲେ।

## ଆଫଗାନିସ୍ତାନ ସହ ସୀମା ସଂଘର୍ଷ ପାଇଁ ଭାରତକୁ ଦୋଷଦେଲା ପାକ୍

**ପୁରୁଣା ଅଭ୍ୟାସ କହି ଖଣ୍ଡନ କଲା ନୂଆଦିଲ୍ଲୀ**

**ନୂଆଦିଲ୍ଲୀ,୧୬।୧୦**

ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ସପ୍ତାହେ ହେଲା ସୀମା ସଂଘର୍ଷ ଲାଗି ରହିଥିବାବେଳେ ଉତ୍ତେଜନା ହ୍ରାସ ପାଇଁ ଇସ୍‌ଲାମାବାଦ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହାୟତା ଲୋଡ଼ିଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଅସିଫ୍ ମଧ୍ୟସ୍ଥତା ପାଇଁ ଟ୍ରମ୍ପଙ୍କୁ ନିବେଦନ କରିଛନ୍ତି।

ଅସିଫ୍ ଆହୁରି କହିଛନ୍ତି, ଭାରତ ତରଫରୁ ତାଲିବାନ୍ ସରକାର ଛାୟା ଯୁଦ୍ଧ ଲଢୁଛନ୍ତି। ଅସ୍ତ୍ରବିରତି ଯଦି ସ୍ଥଗିତ ରହେ, ତେବେ ତାଲିବାନ୍‌ର ନିଷ୍ପତ୍ତି ଦିଲ୍ଲୀ ପ୍ରାୟୋଜିତ ବୋଲି ସେ ସନ୍ଦେହ କରୁଥିବା କହିଛନ୍ତି। ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଭିଯୋଗକୁ ଭାରତ ଖଣ୍ଡନ କରିଛି। ନିଜ ଆଭ୍ୟନ୍ତରୀଣ ବିଫଳତା ପାଇଁ ପଡୋଶୀ ଦେଶକୁ ଦୋଷ ଦେବା ପାକିସ୍ତାନର ପୁରୁଣା ଅଭ୍ୟାସ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ସପ୍ତାହେ ମଧ୍ୟରେ ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ୨ ଥର ସୀମା ସଂଘର୍ଷ ହେଲାଣି। ଆଫଗାନିସ୍ତାନ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ପାକିସ୍ତାନ ଅଭିଯୋଗ କରିଥିବାବେଳେ ଇସ୍‌ଲାମାବାଦ ଏଥିପାଇଁ ଭାରତ ଉପରେ ଦୋଷ ଲଦୁଛି। ପାକିସ୍ତାନ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ସମସ୍ତେ ଜାଣନ୍ତି ବୋଲି ଭାରତ କହିଛି।

## ଟ୍ରେନ୍‌ରେ ପ୍ରସବ କରାଇଲେ କ୍ୟାମେରାମ୍ୟାନ୍

**ମୁମ୍ବାଇ, ୧୬।୧୦ (ପି.ଟି.)**

୨୦୦୯ର ସୁପରହିଟ୍ '୩ ଇଡିୟଟ୍ସ' ଫିଲ୍ମରେ ଅଭିନେତା ଆମୀର ଖାନ୍‌ଙ୍କ ରାଞ୍ଚୋ ଚରିତ୍ର ଭିଡିଓ କଲ୍ କରି ଡାକ୍ତର ଚରିତ୍ର ନିର୍ବାହ କରୁଥିବା କରୀନା କପୁର ଖାନ୍‌ଙ୍କ ପରାମର୍ଶରେ କରୀନାଙ୍କ ବଡ଼ ଭଉଣୀଙ୍କ ପ୍ରସବ କରାଇଥିଲେ। ଠିକ୍ ଏହିପରି ଏକ ଘଟଣା ବାସ୍ତବ ଜୀବନରେ ଗୁରୁବାର ମୁମ୍ବାଇର ରାମ ମନ୍ଦିର ରେଲ ଷ୍ଟେଶନରେ ଦେଖିବାକୁ ମିଳିଛି। ଉକ୍ତ ଷ୍ଟେଶନରେ ଜଣେ ଭିଡିଓ କ୍ୟାମେରାମ୍ୟାନ ଡାକ୍ତରଙ୍କୁ ଭିଡିଓ କଲ୍ କରି ଜଣେ ମହିଳାଙ୍କ ପ୍ରସବ କରାଇଛନ୍ତି। ରାମ ମନ୍ଦିର ରେଲ ଷ୍ଟେଶନରେ ବୁଧବାର ରାତି ଗୋଟାଏ ବେଳେ ଜଣେ ମହିଳାଙ୍କୁ ପ୍ରସବ ପୀଡ଼ା ହୋଇଥିଲା। ପେସାରେ ଭିଡିଓ କ୍ୟାମେରାମ୍ୟାନ ହୋଇଥିବା ବିକାଶ ଦିଲୀପ ବେନ୍ଦ୍ରେ(୨୭) ନାମକ ଜଣେ ସହଯାତ୍ରୀ ସମୟ ନଷ୍ଟ ନ କରି ତୁରନ୍ତ ଟ୍ରେନ୍‌ର ଏମର୍ଜେନ୍ସି ଚେନ୍‌କୁ ଟାଣି ଆମ୍ବୁଲାନ୍ସକୁ ଡାକିଥିଲେ। ଆମ୍ବୁଲାନ୍ସ ଆସିବା ପର୍ଯ୍ୟନ୍ତ ସେ ଜଣେ ମହିଳା ଡାକ୍ତରଙ୍କ ସହ ଭିଡିଓ କଲ୍‌ରେ ପ୍ରସବ ପୀଡ଼ା ଭୋଗୁଥିବା ମହିଳାଙ୍କ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ମହିଳା ଡାକ୍ତର ଜଣଙ୍କ ଭିଡିଓ କଲ୍‌ରେ ପ୍ରସବ ନିମନ୍ତେ ବିଭିନ୍ନ ଉପାୟ କହିଥିଲେ, ଯାହାକୁ ବିକାଶ ପୂରଣ କରି ଚାଲିଥିଲେ। ବିକାଶ ସାହସର ସହ ଡାକ୍ତରଙ୍କ ସମସ୍ତ ନିର୍ଦ୍ଦେଶକୁ ପାଳନ କରି ମହିଳାଙ୍କୁ ସୁରକ୍ଷିତ ପ୍ରସବ କରାଇଥିଲେ। ମହିଳା ଜଣଙ୍କ ଜଣେ ସୁସ୍ଥ ଶିଶୁ ପୁତ୍ରଙ୍କୁ ଜନ୍ମ ଦେଇଥିଲେ। ଆମ୍ବୁଲାନ୍ସ ଆସିବା ପରେ ମହିଳା ଓ ତାଙ୍କ ନବଜାତ ଶିଶୁପୁତ୍ରକୁ ହସ୍ପିଟାଲ ନିଆଯାଇଥିଲା। ସୋସିଆଲ ମିଡିଆରେ ଏହି ଘଟଣା ଭାଇରାଲ ହେବାରେ ଲାଗିଛି। ବିକାଶଙ୍କୁ ରିଅଲ ଲାଇଫ୍ ରାଞ୍ଚୋ ବୋଲି କହି ଅନେକ ୟୁଜର୍ସ ତାଙ୍କୁ ପ୍ରଶଂସା କରିଛନ୍ତି।


ବିକାଶ ଦିଲୀପ ବେନ୍ଦ୍ରେ

# ଅଭିଷେକ, ମନ୍ଧାନା ପୁରସ୍କାର ବିଜେତା

## ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍


ଅଭିଷେକ ଶର୍ମା


ସ୍ମୃତି ମନ୍ଧାନା

ଦୁବାଇ, ୧୬।୧୦ (ପି.ଟି.)

ଭାରତର ଷ୍ଟାର ଓପନର ଅଭିଷେକ ଶର୍ମା ଓ ସ୍ମୃତି ମନ୍ଧାନା ସେପ୍ଟେମ୍ବର ମାସ ପାଇଁ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଜିତିଛନ୍ତି। ଅଭିଷେକଙ୍କୁ ଏସିଆ କପ୍‌ରେ ଏବଂ ସ୍ମୃତି ମନ୍ଧାନାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ମିଳିଛି। ସେପ୍ଟେମ୍ବର ମାସରେ ଅଭିଷେକ ଖେଳିଥିବା ୭ଟି ମ୍ୟାଚରେ ୪୪.୮୫ ଆଭରେଜରେ ୩୧୪ ରନ ସଂଗ୍ରହ କରିଥିଲେ। ତାଙ୍କର ଷ୍ଟ୍ରାଇକ୍ ରେଟ୍ ୨୦୦ ରହିଥିଲା। ଏହି ୨୫ ବର୍ଷୀୟ କ୍ରିକେଟର ଏସିଆ କପ୍‌ରେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେ ଆହୁରି ମଧ୍ୟ ଅନ୍ତର୍ଜାତୀୟ ଟି୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ସର୍ବାଧିକ ରେଟିଂ ପଏଣ୍ଟ ହାସଲ କରିଥିଲେ। ପୁରସ୍କାର ଦୌଡ଼ରେ ସେ ନିଜ ଦେଶର କୁଲଦୀପ ଯାଦବ ଓ ଜିମ୍ବାୱେର ବ୍ରାଏନ ବେନେଟ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ମନ୍ଧାନାଙ୍କ ପ୍ରଦର୍ଶନ ଜବରଦସ୍ତ ରହିଥିଲା। ସେ ଏଥିରେ ୫୮, ୧୧୭ ଓ ୧୨୫ ରନ କରିଥିଲେ। ତାଙ୍କର ଆଭରେଜ ୭୭ ରହିଥିବା ବେଳେ ଷ୍ଟ୍ରାଇକ୍‌ରେଟ୍ ୧୩୫.୬୮ ଥିଲା। ଭାରତର ଚଳିତ ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍ ୨୦୨୫ ଅଭିଯାନରେ ମନ୍ଧାନଙ୍କ ପ୍ରଦର୍ଶନ ଭଲ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଅନ୍ତର୍ଗତ ତୃତୀୟ ମ୍ୟାଚରେ ସେ ମାତ୍ର ୫୦ ବଲ୍‌ରେ ତାଙ୍କ ଶତକ ହାସଲ କରିଥିଲେ। ତାଙ୍କ ସହିତ ମହିଳା ପୁରସ୍କାର ଦୌଡ଼ରେ ଥିବା ଅନ୍ୟ ଦୁଇ ଖେଳାଳି ହେଲେ ଦକ୍ଷିଣ ଆଫ୍ରିକାର ତାଜମିନ ବ୍ରିଟ୍ସ ଓ ପାକିସ୍ତାନର ସିଦ୍ରା ଅମିନ।



ପ୍ରୋ–କବାଡ଼ି ଲିଗ୍: ପାଟନା ପାଇରେଟ୍ସ ଓ ବେଙ୍ଗାଲୁରୁ ବୁଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ବାଂଲାଦେଶ ଖେଳାଳିଙ୍କ ଗାଡ଼ି ଉପରେ ଆକ୍ରମଣ

ଢାକା, ୧୬।୧୦

ଆଫଗାନିସ୍ତାନଠାରୁ ୩–୦ରେ ଦିନିକିଆ ସିରିଜ୍‌ରେ ପରାଜିତ ହୋଇଥିବା ବାଂଲାଦେଶ ଦଳର ଖେଳାଳିମାନେ ସ୍ୱଦେଶରେ ପହଞ୍ଚିବା ପରେ ପ୍ରଶଂସକଙ୍କ ତୀବ୍ର ପ୍ରତିକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିଛି। ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ୫ ଉଇକେଟରେ ପରାଜିତ ହୋଇଥିବା ବାଂଲାଦେଶ ଦ୍ୱିତୀୟ ମ୍ୟାଚ୍‌ରେ ୮୧ ଓ ତୃତୀୟ ମ୍ୟାଚ୍‌ରେ ୨୦୦ ରନରେ ପରାସ୍ତ ହୋଇଥିଲା। ଦଳୀୟ ଖେଳାଳିମାନେ ଢ଼ାକା ବିମାନ ବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଉପସ୍ଥିତ ପ୍ରଶଂସକ ବୁ' କରିଥିଲେ। ଏପରିକି ସେମାନଙ୍କ ଗାଡ଼ି ଉପରେ ଆକ୍ରମଣ ମଧ୍ୟ ହୋଇଥିଲା। ଏ ସଂକ୍ରାନ୍ତରେ ବାଂଲାଦେଶ ଖେଳାଳି ମହମ୍ମଦ ନଇମ ଶେଖ ସୋସିଆଲ ମିଡିଆରେ ଏକ ଭାବବିହ୍ୱଳ ପୋଷ୍ଟ ଶେୟାର କରିଛନ୍ତି।

ଆମେ ପଡ଼ିଆରେ କେବଳ ଖେଳୁନଥିଲୁ, ଆମ ଦେଶକୁ ପ୍ରତିନିଧିତ୍ୱ କରୁଥିଲୁ। ନାଲି ଓ ସବୁଜ ରଙ୍ଗର ପତାକା କେବଳ ଆମ ଶରୀରରେ ନୁହେଁ ବରଂ ଆମ ରକ୍ତରେ ରହିଛି। ପ୍ରତ୍ୟେକ ବଲ, ପ୍ରତ୍ୟେକ ରନ, ପ୍ରତ୍ୟେକ ନିଶ୍ୱାସରେ ଆମେ ସେହି ପତାକାକୁ ଗର୍ବିତ କରିବାକୁ ଉଦ୍ୟମ କରୁଥିଲୁ। ବେଳେବେଳେ ଆମ ସଫଳ ହେଉ, ବେଳେବେଳେ ଆମକୁ ବିଫଳତା ମିଳେ। ବିଜୟ ଓ ପରାଜୟ ଖେଳର ଅଂଶ। ଆମକୁ ଜଣାଅଛି ଯେ, ଯେତେବେଳେ ଆମେ ପରାଜିତ ହେଉ, ତାହା ତୁମକୁ ବାଧେ ଓ ଉତ୍ୟକ୍ତ କରେ। କାରଣ ତୁମେ ଆମ ଦେଶକୁ ବହୁତ ଭଲ ପାଅ। କିନ୍ତୁ ଆଜି ଯେଉଁ ଭଳି ଆମ ଗାଡ଼ିକୁ ଆକ୍ରମଣ କରାଗଲା, ତାହା ସତରେ ଆଘାତ ଦେଇଛି। ଆମେମାନେ ମଣିଷ। ଆମେ ଭୁଲ କରୁ। କିନ୍ତୁ ଦେଶ ପ୍ରତି ଆମର ଭଲପାଇବା କିମ୍ବା ଉଦ୍ୟମ କଦାପି କମ୍ ହୋଇ ନାହିଁ କି ହେବ ନାହିଁ। ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ଦେଶ ଓ ଆମ ଦେଶବାସୀଙ୍କ ମୁହଁ ହସ ଫୁଟାଇବାକୁ ଚାହୁଁ। ଆମେ ଭଲ ପାଇବା ଚାହୁଁ, ଘୃଣା ନୁହେଁ। କାରଣ ଆମେ ସମସ୍ତେ ଗୋଟିଏ ଦେଶର ନାଗରିକ। ଆମେ ହାରୁ କି ଜିତୁ, ଆମ ପତାକା ଆମ ପାଇଁ ସର୍ବଦା ଗର୍ବର ସ୍ରୋତ ହୋଇ ରହିବ। ଦେଶ ଓ ପତାକା ପାଇଁ ଆମେ ଲଢ଼ିବୁ ଏବଂ ପୁଣି ଉପରକୁ ଉଠିବୁ ବୋଲି ନଇମ ଟ୍ୱିଟ କରିଛନ୍ତି।

## ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ନଭେମ୍ବର ୨୪ରୁ

**ନୂଆଦିଲ୍ଲୀ, ୧୬।୧୦ (ପି.ଟି.):** ପଞ୍ଚମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ରାଜସ୍ଥାନର ୭ଟି ସହରରେ ନଭେମ୍ବର ୨୪ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ପ୍ରଥମ ଥର ପାଇଁ ବିଚ୍ ଭଲିବଲ, କାନୋଇଂ ଓ କାୟାକିଂ ଏବଂ ସାଇକ୍ଲିଂ ଓ ଖୋ–ଖୋକୁ ସାମିଲ କରାଯାଇଛି। ୨୩କ୍ରୀଡ଼ା ପଦକ ପାଇଁ ପ୍ରତିଯୋଗିତା ହେବ। ଏଥିରେ ଖୋ ଖୋକୁ ପ୍ରଦର୍ଶନ ଖେଳ ଭାବେ ସ୍ଥାନ ମିଳିଛି। ଚଳିତବର୍ଷ ପ୍ରଥମ ଭାଗରେ ବିହାରରେ ୟୁଥ୍ ଗେମ୍ସ ଭଳି ରାଜସ୍ଥାନର ୭ଟି ସହର ଜୟପୁର, ଆଜ୍‌ମିର, ଉଦୟପୁର, ଯୋଦ୍ଧପୁର, ବିକାନେର, କୋଟା ଓ ଭରତପୁରଠାରେ ଅନୁଷ୍ଠିତ ହେବ। ୧୨ଦିନର ଏହି ୟୁନଭର୍ସିଟି ଗେମ୍ସରେ ୫,୦୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ ଅଂଶଗ୍ରହଣ କରିବେ।

# ଟାଇବ୍ରେକରରେ ବେଙ୍ଗାଲୁରୁକୁ ହରାଇଲା ପାଇରେଟ୍ସ

## ପ୍ରୋ-କବାଡ଼ି ଲିଗ୍

ନୂଆଦିଲ୍ଲୀ, ୧୬।୧୦ (ପି.ଟି.)

ଚଳିତ ପ୍ରୋ–କବାଡ଼ି ଲିଗ୍ (ପିକେଏଲ୍)ରେ ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ ପାଟନା ପାଇରେଟ୍ସ ୬–୪ ଟାଇବ୍ରେକରରେ ବେଙ୍ଗାଲୁରୁ ବୁଲ୍ସକୁ ହରାଇ ଦେଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୩୮–୩୮ରେ ବରାବର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଆୟାନ ଲୋଚାବ ଏକ ସୁପର ୧୦ ସହ ଦଳର ନେତୃତ୍ୱ ନେଇଥିଲେ। ନବଦୀପଙ୍କର ମଧ୍ୟ ୪ ଟାକଲ ପଏଣ୍ଟ ଅବଦାନ ରହିଥିଲା। ଟାଇବ୍ରେକରରେ ପ୍ରମୁଖ ଅବଦାନ ରଖିଥିବା ମନଦୀପ କୁମାର ରେଡ୍‌ରୁ ୨ ପଏଣ୍ଟ ଆଣିଦେଇଥିଲେ। ବୁଲ୍ସ ତରଫରୁ ଅଲିରେଜା ତାଙ୍କର ୯ମ ସୁପର ୧୦ପଏଣ୍ଟ ଅର୍ଜନ କରିଥିଲେ ହେଁ ଦଳକୁ ଜିତାଇପାରି ନ ଥିଲେ।

# ଭାରତୀୟ ଦଳରେ ଓଡ଼ିଶାର ପ୍ରତୀକ, ସାରୁନ


ପ୍ରତୀକ ମହାରଣା


ସାରୁନ ପାୟାସିଂ

## ସାଉଥ୍ ଏସିଆନ ସିନିୟର ଆଥ୍‌ଲେଟିକ୍ସ

ଭୁବନେଶ୍ୱର, ୧୬।୧୦(ଅନାଦି କର)

ଝାଡ଼ଖଣ୍ଡର ରାଞ୍ଚିଠାରେ ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ସାଉଥ୍ ଏସିଆନ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ଘୋଷିତ ଭାରତୀୟ ଦଳରେ ଦୁଇ ଓଡ଼ିଆ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଜୁନିୟର ଜାତୀୟ ସ୍ୱର୍ଣ୍ଣ ପଦକଧାରୀ ପ୍ରତୀକ ମହାରଣା ଓ ସାରୁନ ପାୟାସିଂ। ପ୍ରତୀକ ୨୦୦ ମି. ଓ ୪x୧୦୦ ମି. ରିଲେ ଇଭେଣ୍ଟରେ ଏବଂ ସାରୁନ ଲଙ୍ଗ ଜମ୍ପ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏଥିସହିତ ପ୍ରବୋଧ କୁମାର ମହାନ୍ତିଙ୍କୁ ଚାମ୍ପିୟନଶିପ୍ ପାଇଁ ଟେକ୍‌ନିକାଲ ଅଫିସିଆଲ ଭାବେ ମନୋନୀତ କରାଯାଇଛି। ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ (ଓଏଏ) ସଭାପତି ଡି. ଜିଏସ୍ ପଟ୍ଟନାଏକ, ଚେୟାରମ୍ୟାନ ଆଶୀର୍ବାଦ ବେହେରା, ସମ୍ପାଦକ ଅଭିଜିତ ପଲ ଉଭୟ ଆଥ୍‌ଲେଟ ଓ ମହାନ୍ତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଲକ୍ଷ୍ୟ, ସାତ୍ତ୍ୱିକ–ଚିରାଗ କ୍ୱାର୍ଟରଫାଇନାଲରେ

**ଓଡେନ୍ସ, ୧୬।୧୦ (ପି.ଟି.):** ଭାରତର ଲକ୍ଷ୍ୟ ସେନ୍ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଆଣ୍ଡର୍ସ ଅଣ୍ଟନସେନଙ୍କୁ ସିଧାସଳଖ ଗେମ୍‌ରେ ପରାସ୍ତ କରି ଏଠାରେ ଚାଲିଥିବା ଡେନମାର୍କ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ବିଶ୍ୱର ୨୧ନମ୍ବର ମାନ୍ୟତାପ୍ରାପ୍ତ ସେନ୍ ଦ୍ୱିତୀୟ ସିଡ୍ ଡେନମାର୍କ ଖେଳାଳିଙ୍କୁ ୨୧–୧୩, ୨୧–୧୪ରେ ହରାଇ ଦେଇଛନ୍ତି। କ୍ୱାର୍ଟରରେ ସେନ୍ ଚାଇନାର ୱେଙ୍ଗ୍ ହଙ୍ଗ୍ ୟାଙ୍ଗ୍ ଓ ଫ୍ରାନ୍ସର ଆଲେକ୍ସ ଲାନିରଙ୍କ ମଧ୍ୟରେ ଖେଳାଯିବାକୁଥିବା ଦ୍ୱିତୀୟ ରାଉଣ୍ଡ ମ୍ୟାଚର ବିଜେତାଙ୍କୁ ଭେଟିବେ। ସେନ୍ ବୁଧବାର ପ୍ରଥମ ରାଉଣ୍ଡ ମ୍ୟାଚରେ ଆୟର୍ଲାଣ୍ଡର ଏନ୍‌ହାତ୍ ଏନ୍‌ଗୁୟେନଙ୍କୁ ହରାଇ ଦେଇଥିଲେ। ଭାରତର ଷ୍ଟାର ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ମଧ୍ୟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଚାଇନିଜ ତାଇପେ ଯୋଡ଼ି ଲି' ଝି–ହୁଇ ଓ ୟାଙ୍ଗ୍ ପ୍ରୋ–ହୁଆନଙ୍କୁ ୨୧–୧୯, ୨୧–୧୭ରେ ପରାଜିତ କରିଛନ୍ତି। ଟୁର୍ନାମେଣ୍ଟରେ ୬ଷ୍ଠ ସିଡ୍ ମାନ୍ୟତା ପାଇଥିବା ସାତ୍ତ୍ୱିକ–ଚିରାଗ ବୁଧବାର ସେମାନଙ୍କୁ ପ୍ରଥମ ରାଉଣ୍ଡ ମ୍ୟାଚରେ ସ୍କଟଲାଣ୍ଡର କ୍ରିଷ୍ଟୋଫର ଗ୍ରିମ୍‌ଲି ଓ ମାଥ୍ୟୁ ଗ୍ରିମ୍‌ଲିଙ୍କୁ ପରାସ୍ତ କରିଥିଲେ।

## ୨୫ ବର୍ଷୀୟା ଅଲିମ୍ପିକ ଚାମ୍ପିୟନଙ୍କ ଅବସର

**ବ୍ରିସ୍‌ବେନ୍, ୧୬।୧୦ (ଏପି):** ଅଲିମ୍ପିକ ଚାମ୍ପିୟନ ଆରିଆର୍ନ ଟିଟ୍‌ମସ ଏଲିଟ୍ ସୁଇମିଂରୁ ଅବସର ନେଇଛନ୍ତି। ସୋସିଆଲ ମିଡିଆରେ ଏ ସମ୍ପର୍କିତ ଏକ ଖବର ପ୍ରକାଶ ପାଇଛି। ଏହି ଖବର ଅଷ୍ଟ୍ରେଲୀୟ କ୍ରୀଡ଼ାପ୍ରେମୀମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ୨୫ବର୍ଷୀୟା ଟିଟ୍‌ମସ ହେଉଛନ୍ତି ୪ଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା। ପ୍ୟାରିସ ଗେମ୍ସ ପରେ ଛୁଟିରେ ଥିବା ଏହି ସନ୍ତରଣକାରୀ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ପାଇଁ ତାଙ୍କର ଅଭ୍ୟାସ ଆରମ୍ଭ କରିଦେବେ ବୋଲି ଆଶା କରାଯାଉଥିଲା। ଟିଟ୍‌ମସ ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସ ୪୦୦ ମିଟର ଫ୍ରିଷ୍ଟାଇଲ ରେସ୍‌ରେ ତାଙ୍କ ଟାଇଟଲ ବଜାୟ ରଖିଥିଲେ। ରେସ୍‌ରେ ଆମେରିକା ମହାନ୍ ଆଥଲେଟ୍ କେଟି ଲେଡେକି ଓ କାନାଡ଼ାର ସମର ମ୍ୟାକ୍‌ଇଣ୍ଟୋସଙ୍କ ସହିତ ମୁକାବିଲା କରିବାକୁ ପଡ଼ିଥିଲା। ଏହି ୩ଜଣ କୌଣସି ନା କୌଣସି ସ୍ତରରେ ବିଶ୍ୱରେକର୍ଡର ଅଧିକାରୀ ଥିଲେ। ୨୦୨୩ରେ ଟିଟ୍‌ମସ ଦୁଇଟି ଓଭାରିଆନ ଟ୍ୟୁମର କାଢ଼ିବା ପାଇଁ ଅସ୍ତ୍ରୋପଚାର କରିଥିଲେ। କିନ୍ତୁ ସେ ଶୀଘ୍ର ଉଚ୍ଚସ୍ତର ପ୍ରତିଯୋଗିତାକୁ ଫେରିବାରେ ସକ୍ଷମ ହୋଇଥିଲେ। ଟିଟ୍‌ମସ୍ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ଏକ ପୋଷ୍ଟରେ କହିଛନ୍ତି ଯେ, ସନ୍ତରଣ ପ୍ରତି ତାଙ୍କର ପିଲାଦିନରୁ ଆଗ୍ରହ ଥିଲା। ମାତ୍ର ମୋର ବର୍ତ୍ତମାନ ଅନୁଭବ ହେଉଛି ଜୀବନରେ ପହଁରିବା ଅପେକ୍ଷା ଅନ୍ୟ କେତେକ ଜିନିଷ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ।

# କୋହଲି, ରୋହିତଙ୍କ ଝାଳବୁହା ପ୍ରାକ୍ଟିସ


ଅଭ୍ୟାସ ଅବସରରେ ହର୍ଷିତ ରାଣା, ରୋହିତ ଶର୍ମା ଓ ବିରାଟ କୋହଲି।

ପର୍ଥ, ୧୬।୧୦(ପି.ଟି.)

ଆସନ୍ତା ୧୯ ତାରିଖରୁ ଅଷ୍ଟ୍ରେଲିଆ ବିପକ୍ଷରେ ଆରମ୍ଭ ହେବାକୁ ଯାଉଥିବା ଦିନିକିଆ କ୍ରିକେଟ ସିରିଜ୍ ଲାଗି ଭାରତୀୟ ଦଳ ଦୁଇ ବ୍ୟାଚ୍‌ରେ ପର୍ଥରେ ପହଞ୍ଚିଛି। ସିନିୟର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ସମେତ ଭାରତୀୟ ଦଳର ଅନ୍ୟ ଖେଳାଳିମାନେ ଗୁରୁବାର ପ୍ରାକ୍ଟିସ ଆରମ୍ଭ କରିଛନ୍ତି। ଅନ୍ତିମ ଥର ଫେବୃଆରୀ–ମାର୍ଚ୍ଚରେ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ଖେଳିଥିବା କୋହଲି ଓ ରୋହିତଙ୍କ ଉପରେ ସଭିଙ୍କ ନଜର ରହିଥିଲା। ଉଭୟ ପୂର୍ବତନ ଅଧିନାୟକ ଟ୍ରେନିଂ ସେଶନରେ ଝାଳ ବୁହା ପ୍ରାକ୍ଟିସ କରିଥିଲେ। ପାଖାପାଖି ଅଧଘଣ୍ଟା ଧରି ନେଟ୍ସରେ ବ୍ୟାଟିଂ କରିଥିଲେ। ବ୍ୟାଟିଂ ପ୍ରାକ୍ଟିସ ପରେ ରୋହିତ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସହ କଥା ହେଉଥିବା ନଜର ଆସିଥିଲେ। ଉଭୟ କୋହଲି ଓ ରୋହିତ ଟେଷ୍ଟ ଓ ଟି୨୦ ଫର୍ମାଟରୁ ଅବସର ନେଇ ସାରିଛନ୍ତି। ଏଣୁ ଦୁହିଁଙ୍କ ଲାଗି ଏହା ଅନ୍ତିମ ଅଷ୍ଟ୍ରେଲିଆ ଟୁର। ସେମାନେ ୨୦୨୭ ବିଶ୍ୱକପ୍‌ରେ ଖେଳିବେ କି ନାହିଁ, ତାହା ସେମାନଙ୍କ ଫର୍ମ ଓ ଫିଟନେସ ଉପରେ ନିର୍ଭର କରେ। ଭାରତୀୟ ଦଳ ଶୁକ୍ରବାର ଓ ଶନିବାର ଅଭ୍ୟାସ କରିବେ।

# ପାକିସ୍ତାନ ଡ୍ରେସିଂ ରୁମ୍‌ରେ ପଶିଲେ ପ୍ରଶଂସକ

ଲାହୋର, ୧୬।୧୦(ପି.ଟି.)

ବାବର ଆଜମଙ୍କୁ ଭେଟିବା ପାଇଁ ଜଣେ ପ୍ରଶଂସକ ଗଦ୍ଦାଫି ଷ୍ଟାଡିୟମରେ ସୁରକ୍ଷା ବ୍ୟାରିକେଡ୍ ଡେଇଁ ପାକିସ୍ତାନ ଡ୍ରେସିଂ ରୁମ୍‌ରେ ପଶିବାକୁ ଚେଷ୍ଟା କରିଥିଲେ। ଉକ୍ତ ପ୍ରଶଂସକଙ୍କୁ ରିମାଣ୍ଡରେ ନିଆଯିବା ପରେ ପୋଲିସ ଛାଡ଼ି ଦେଇଛି।

ଉକ୍ତ ଯୁବକଙ୍କ ନାମ ଓଭାଇସ। ଡବ୍ଲ୍ୟୁଟିସି ଚାମ୍ପିୟନ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିନ ଓଭାଇସ ପାକିସ୍ତାନ ଡ୍ରେସିଂ ରୁମର ବାଲକୋନିକୁ ଚଢ଼ି ଯାଇଥିଲେ। ଏହା ପାକିସ୍ତାନ ଦଳର ମୁଖ୍ୟ କୋଚ୍ ଆଝାର ମହମୁଦଙ୍କ ସମେତ ସପୋର୍ଟ ଷ୍ଟାଫ୍‌ଙ୍କୁ ଚକିତ କରିଥିଲା। ପରେ ମହମୁଦ ସୁରକ୍ଷା ଅଧିକାରୀଙ୍କୁ ପରିସ୍ଥିତି ସମ୍ଭାଳିବାକୁ କହିଥିଲେ। ତାଙ୍କୁ ସୁରକ୍ଷା କର୍ମୀଙ୍କ ଦ୍ୱାରା ଏସକର୍ଟ କରି ନିଆଯାଉଥିବା ବେଳେ ସେ ବାବରଙ୍କୁ ତାଙ୍କ ଜନ୍ମଦିନରେ ଭେଟିବାକୁ ବାରମ୍ବାର ଅନୁରୋଧ କରୁଥିଲେ। ତାଙ୍କୁ ଗୁଲବର୍ଗ ଥାନା ନିଆଯାଇ ସେଠାରେ ପଚାରଉଚରା କରାଯାଇଥିଲା। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ କୌଣସି ମକଦ୍ଦମା ରୁଜୁ କରାଯାଇ ନ ଥିବାରୁ ପୋଲିସ ଉକ୍ତ ପ୍ରଶଂସକଙ୍କୁ ଛାଡ଼ି ଦେଇଥିଲା।

# ଦୃଷ୍ଟିବାଧିତ ଫୁଟ୍‌ବଲ ତାଲିମ ଶିବିର



ତାଲିମ ଶିବିରରେ ଯୋଗଦେଇଥିବା ଖେଳ ଶିକ୍ଷକମାନେ ଟ୍ରେନରଙ୍କ ସହ।

ଭୁବନେଶ୍ୱର, ୧୬।୧୦ (ବିଜୟ ରଣା)

ସାମାଜିକ ଅନୁଷ୍ଠାନ ବୁଲ୍ସଆଇ ତରଫରୁ ଜଟଣୀସ୍ଥିତ ଆଇ.ଆଇ.ସି କ୍ୟାମ୍ପସ ପରିସରରେ ଏକ ରାଜ୍ୟ ସ୍ତରୀୟ ଦୃଷ୍ଟିବାଧିତ ଫୁଟବଲ ତାଲିମ ଶିବିର ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିରେ ଓଡିଶାର ସମସ୍ତ ଦୃଷ୍ଟିବାଧିତ ବିଦ୍ୟାଳୟର ଖେଳଶିକ୍ଷକମାନଙ୍କୁ ତାଲିମ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ ଏହାର ଉଦ୍‌ଘାଟନ କରିଛନ୍ତି।

ରାଜ୍ୟରେ ଦୃଷ୍ଟିବାଧିତ ଫୁଟବଲକୁ ତୃଣମୂଳ ସ୍ତରରେ ସୁଦୃଢ଼ କରାଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଏହା ବୁଲ୍ସଆଇ୍‌ର ଲକ୍ଷ୍ୟ। ଖେଳଶିକ୍ଷକମାନଙ୍କୁ ତାଲିମ ଦେବାଲାଗି ଭାରତୀୟ ଦୃଷ୍ଟିବାଧିତ ଫୁଟବଲ ଦଳର ସହ ପ୍ରଶିକ୍ଷକ ନରେଶ ନୟାଲ ସିଂ ଆସିଛନ୍ତି। ବୁଲ୍ସଆଇ୍‌ର ଅଧକ୍ଷ ତ୍ରିଲୋଚନ ବେଉରା, ସମ୍ପାଦକ ପିନା ନାୟକ ଓ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତନ୍‌ଭୀ, ଉନ୍ନତି କ୍ୱାର୍ଟରଫାଇନାଲରେ

## ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

ଗୁଆହାଟୀ, ୧୬।୧୦ (ପି.ଟି.)

ଭାରତର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍‌ଭୀ ଶର୍ମା ଓ ଉନ୍ନତି ହୁଡା ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଜ୍ଞାନ ଦତ୍ତୁ ଏବଂ ମିକ୍ସଡ ଡବଲ୍ସ ଯୋଡ଼ି ଭବ୍ୟା ଛାବ୍ରା ଓ ବିଶାଖା ଟପ୍ପୋ ସେମାନଙ୍କଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ତନ୍‌ଭୀ ତାଙ୍କ ଚାଇନିଜ ପ୍ରତିଦ୍ୱନ୍ଦ୍ୱୀ ସୁନ୍ ଲି' ୟୁଆନ୍‌ଙ୍କୁ ୧୫–୮, ୧୫–୫ରେ ହରାଇ ଦେଇଛନ୍ତି। ୮ମ ସିଡ୍ ଉନ୍ନତି ଆରମ୍ଭ ଉତ୍ସାହଜନକ ନ ଥିଲେ ମଧ୍ୟ ମାଲେସିଆର କାରିନ୍ ଟି'ଙ୍କ ବିପକ୍ଷ ମ୍ୟାଚକୁ ସେ ୧୫–୧୦, ୧୫–୭ରେ ଜିତି ନେଇଛନ୍ତି। ତନ୍‌ଭୀ କ୍ୱାର୍ଟରଫାଇନାଲରେ ଜାପାନର ସାକି ମାତ୍‌ସୁମୋତୋଙ୍କୁ ଭେଟିବାକୁ ଥିବାବେଳେ ଉନ୍ନତି ଦ୍ୱିତୀୟ ସିଡ୍ ଥାଇଲାଣ୍ଡର ଅନ୍ୟାପତ୍ ଫିଚିତ୍‌ପ୍ରିଚାସାକ୍‌ଙ୍କୁ ଭେଟିବେ। ଜ୍ଞାନ ଦତ୍ତୁ ତାଙ୍କର ପ୍ରଥମ ଜୁନିୟର ବିଶ୍ୱକପ୍ ଖେଳୁଛନ୍ତି। ସେ ବାଳକ ସିଙ୍ଗଲ୍ସରେ ୮ମ ସିଡ୍ ଆମେରିକାର ଗ୍ୟାରେଟ୍ ଟାନ୍‌ଙ୍କୁ ୧୫–୧୨, ୧୫–୧୩ରେ ପରାଜିତ କରିଛନ୍ତି। ଅନ୍ୟପକ୍ଷରେ ଭବ୍ୟା ଓ ବିଶାଖା ସେମାନଙ୍କ ପ୍ରଥମ ଗେମ୍ ହାରିବା ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ତୃତୀୟ ସିଡ୍ ଫ୍ରେଞ୍ଚ ଯୋଡ଼ି ଥିବଲ୍ଟ ଗାର୍ଡନ ଓ ଆଗାଥ୍ କ୍ୟୁଭାସ୍‌ଙ୍କୁ ୧୨–୧୫, ୧୫–୧୧, ୧୫–୧୨ରେ ପରାସ୍ତ କରି କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି।


ଉନ୍ନତି ହୁଡା



ଅଶୋକ ମହାନ୍ତି




# ୧୯୬୦ ଦଶକରେ ଭୁବନେଶ୍ୱରର କ୍ରୀଡ଼ା ଦୃଶ୍ୟପଟ





ୟୁନିଟ୍-୧ ଗ୍ରାଉଣ୍ଡରେ ବଲ୍‌କୁ କିକ୍ କରି ଏକ ଫୁଟ୍‌ବଲ ମ୍ୟାଚର ଶୁଭାରମ୍ଭ କରିବା ଅବସରରେ ଶୁଭେନ୍ଦୁ ପଟ୍ଟନାୟକ

**ଆମ ରାଜ୍ୟର ରାଜଧାନୀ ଦେଶର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନେଶ୍ୱର ସହରର ଇତିହାସ ୨୦୦୦ ବର୍ଷ ପୁରାତନ ହେଲେ ମଧ୍ୟ ଆଧୁନିକ ଭୁବନେଶ୍ୱର ସହର ୧୯୪୮ରେ ରାଜ୍ୟର ନୂତନ ରାଜଧାନୀର ମାନ୍ୟତା ପାଇଥିଲା। ୧୯୬୦ ଦଶକରେ ଶୈଶବ ଅବସ୍ଥାରୁ ଯୁବାବସ୍ଥାରେ ପ୍ରବେଶ କରିଥିବା ପ୍ରାୟ ୩୫ ହଜାର ଲୋକସଂଖ୍ୟାର ସହର ଭୁବନେଶ୍ୱରର ସେ ସମୟରେ କ୍ରୀଡ଼ା ଦୃଶ୍ୟପଟ କିପରି ଥିଲା ତା' ଉପରେ ସମ୍ୟକ ଆଲୋକପାତ...**

ଅଧୁନା ଭୁବନେଶ୍ୱରକୁ ଦେଶର 'ଅଘୋଷିତ କ୍ରୀଡ଼ା ରାଜଧାନୀ', 'ଆଇଡିଆଲ୍ ସ୍ପୋର୍ଟସ ଡେଷ୍ଟିନେଶନ', 'କ୍ରୀଡ଼ା ହବ୍' ଭାବେ ବର୍ଣ୍ଣନା କରାଯାଉଛି। ୬୦ ଦଶକରେ ଆଜିର ଦିନ ଭଳି ଖେଳାଳିମାନଙ୍କୁ ପ୍ରଚୁର ଅର୍ଥରାଶି ପୁରସ୍କାର, ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କରେ କର୍ମନିଯୁକ୍ତି, ଖେଳ ଅଭ୍ୟାସ ଏବଂ ପ୍ରତିଯୋଗିତା ପାଇଁ ଅତ୍ୟାଧୁନିକ କ୍ରୀଡ଼ାଙ୍ଗନ, ସନ୍ତରଣାଗାର, ଜିମ୍ନାସିୟମ୍, ଶୀତତାପ ନିୟନ୍ତ୍ରିତ କୋଠରିରେ ରହିବାର ବ୍ୟବସ୍ଥା ପ୍ରଭୃତି ପର୍ଯ୍ୟାପ୍ତ ସୁବିଧାସୁଯୋଗ ଉପଲବ୍ଧ ନ ଥିଲା। ଖେଳକୁ ଭଲ ପାଉଥିବା ଯୁବବର୍ଗ କ୍ରୀଡ଼ା ଅଭ୍ୟାସ ସହିତ କ୍ରୀଡ଼ା କାର୍ଯ୍ୟକ୍ରମରେ ଭାଗ ନେଉଥିଲେ ଏବଂ ଏହା ଥିଲା ମନୋରଞ୍ଜନର ଏକ ପ୍ରକୃଷ୍ଟ ମାଧ୍ୟମ।

ସେ ସମୟର କ୍ରୀଡ଼ା ଭିତ୍ତିଭୂମି (ଆଉଟ୍‌ଡୋର): ଭୁବନେଶ୍ୱର ସହରରେ ଯେଉଁ କେତୋଟି ସୀମିତ ଖେଳପଡ଼ିଆ ଥିଲା- ସେଗୁଡ଼ିକ ମଧ୍ୟରେ ପ୍ରମୁଖ ଥିଲା- ଏକ ନମ୍ବର ହାଇସ୍କୁଲ ପଡ଼ିଆ, ୩ ନମ୍ବର କ୍ୟାପିଟାଲ ହାଇସ୍କୁଲ ପଡ଼ିଆ, ଷ୍ଟୁଆର୍ଟ ସ୍କୁଲ୍ ପଡ଼ିଆ, ରିଜିଓନାଲ କଲେଜ ପଡ଼ିଆ, ଓୟୁଏଟି ପଡ଼ିଆ, ପୁରୁଣା ପରେଡ ଗ୍ରାଉଣ୍ଡ (ବର୍ତ୍ତମାନ ଆଇଜି ପାର୍କ), ବି.ଏମ୍. ହାଇସ୍କୁଲ (ପୁରୁଣା ଭୁବନେଶ୍ୱର) ଏବଂ ଭୁବନେଶ୍ୱର ଉପକଣ୍ଠରେ ଥିବା ଯଦୁପୁର ଗ୍ରାମ ପଡ଼ିଆ। କେବଳ ରିଜିଓନାଲ କଲେଜ ପଡ଼ିଆ ବ୍ୟତୀତ ଅନ୍ୟ ସମସ୍ତ ପଡ଼ିଆର ଉପରଭାଗ ଥିଲା ଗୋଡ଼ି ଭର୍ତ୍ତି ଟାଙ୍ଗରା ଭୂମି। ଏପରି ପ୍ରତିକୂଳ ଅବସ୍ଥାରେ ମଧ୍ୟ କ୍ରୀଡ଼ାବିତ୍‌ମାନେ ଛୋଟ ଛୋଟ ଜଖମକୁ ଖାତିର ନ କରି କ୍ରୀଡ଼ା ଅଭ୍ୟାସ ଜାରି ରଖିଥିଲେ। ପ୍ରାୟତଃ ଏକ ନମ୍ବର ହାଇସ୍କୁଲ ପଡ଼ିଆ ଏବଂ ପରେଡ ପଡ଼ିଆରେ ଭୁବନେଶ୍ୱର ଫୁଟ୍‌ବଲ ଏବଂ କ୍ରିକେଟ ଲିଗ୍ ଆୟୋଜିତ ହେଉଥିଲା।

ଇନ୍‌ଡୋର ଗେମ୍ସ ଯଥା କ୍ୟାରମ୍, ଚେସ୍, ବ୍ରିଜ, ଟେବୁଲ ଟେନିସ୍ ପ୍ରଭୃତି ଦୁଇ ନମ୍ବରସ୍ଥିତ ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବରେ ଖେଳାଯାଉଥିଲା ଏବଂ ପ୍ରତିଯୋଗିତା ଆୟୋଜନ ହେଉଥିଲା।

କ୍ରୀଡ଼ା ସଙ୍ଗଠନ/କ୍ଲବ: ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ବା କ୍ଲବ ମଧ୍ୟରେ ଥିଲା ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ, ପୁରୁଣା ଭୁବନେଶ୍ୱରର ଟାଉନ କ୍ଲବ, ଏକନମ୍ବରସ୍ଥିତ କିଶୋର କ୍ଲବ, କ୍ୟାପିଟାଲ ସ୍ପୋର୍ଟ୍ସ କ୍ଲବ, ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ, ଏଜି ରିକ୍ରିଏଶନ କ୍ଲବ, କପିଳେଶ୍ୱର -ସୁନ୍ଦରପଦା ଫୁଟବଲ କ୍ଲବ, ଯଦୁପୁର ଫୁଟବଲ ଆସୋସିଏଶନ ପ୍ରଭୃତି। ସେ ସମୟର ବିଶିଷ୍ଟ କ୍ରୀଡ଼ା ସଙ୍ଗଠକମାନେ ଥିଲେ ସ୍ୱର୍ଗତ ଗତିକୃଷ୍ଣ ପଣ୍ଡା (ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନର ପ୍ରତିଷ୍ଠାତା ସଭ୍ୟ ଏବଂ ସମ୍ପାଦକ), ରବି ରାୟ, ସାରଦା କାନୁନ୍‌ଗୋ, ଜୟଦେବ ମହାପାତ୍ର(ଟାଉନ କ୍ଲବ ସମ୍ପାଦକ), ଜୟନ୍ତ ମହାପାତ୍ର, ମନୋରଞ୍ଜନ ମହାନ୍ତି, ଜି.ସି. ଭୋଳ (ରିଜିଓନାଲ କଲେଜର କ୍ରୀଡ଼ା ଶିକ୍ଷକ), ବାସୁଦେବ ଗରାବଡ୍ଡୁ (ପୁରୁଣା ଭୁବନେଶ୍ୱର) ଏବଂ ରାମ ନାରାୟଣ ପଟ୍ଟନାୟକ ପ୍ରମୁଖ। ବର୍ତ୍ତମାନ ରାମନାରାୟଣ ପଟ୍ଟନାୟକଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ପରଲୋକ ଗମନ କରି ସାରିଛନ୍ତି।

୬୦ ଦଶକରେ ଭୁବନେଶ୍ୱର ସହରରେ ସବୁଠାରୁ ଲୋକପ୍ରିୟ ଖେଳ ଥିଲା ଫୁଟ୍‌ବଲ। ଶୁଭେନ୍ଦୁ ପଟ୍ଟନାୟକ ଭୁବନେଶ୍ୱରର ପ୍ରଥମ ଖେଳାଳି ଭାବେ ୧୯୬୫ରେ ରାଜ୍ୟ ସନ୍ତୋଷ ଟ୍ରଫି ଦଳର ସଦସ୍ୟ ହୋଇଥିଲେ। କ୍ୟାପିଟାଲ ସ୍ପୋର୍ଟସ କ୍ଲବର ଖେଳାଳିମାନଙ୍କ ମଧ୍ୟରେ ଥିଲେ- ଶୁଭେନ୍ଦୁ ପଟ୍ଟନାୟକ, ବ୍ରଜ, ନିଶି ମହାନ୍ତି, ଜୀବନାନନ୍ଦ ଆଚାର୍ଯ୍ୟ, ବୈକୁଣ୍ଠ ବେହେରା, ସୁବାସ ପାଣିଗ୍ରାହୀ, ସ୍ୱର୍ଗତ ମନୋରଞ୍ଜନ ମହାନ୍ତି, ବରେଶ ମହାପାତ୍ର, ପ୍ରମେଶ ମହାପାତ୍ର, ଅଶୋକ ମହାନ୍ତି (ମଣ୍ଟୁ), ମନମୋହନ ହୋତା, ମନ୍ମଥ ସାହୁ (ଗୁଣ), ଜୟନ୍ତ ସାହୁ (ଟୁକୁ), ସ୍ୱର୍ଗତ ବାଦଲ ପଟ୍ଟନାୟକ, ଭକ୍ତବତ୍ସଳ ଦାସ (ଗଟ୍ଟୁ), ସଞ୍ଜୟ ଦାସ (କଇଁ), ସ୍ୱର୍ଗତ ସତ୍ୟ ମହାନ୍ତି, ପତାକି (ସ୍ୱର୍ଗତ), ଆଶିଷ ପଟ୍ଟନାୟକ, ବସନ୍ତ ହୋତା ଏବଂ ଅଶୋକ ମହାନ୍ତି (ଲେଖକ) ପ୍ରମୁଖ। ପୁରୁଣା ଭୁବନେଶ୍ୱରର ନନି ଦତ୍ତ, ଗୋକୁଳାନନ୍ଦ ବେହେରା, ଶ୍ୟାମ ସାହୁ, ନରେନ୍ଦ୍ର ସେଠୀ, ଗୌର ଭଟ୍ଟାଚାର୍ଯ୍ୟ ଓ ରବି ନନ୍ଦ (କଳ୍ପନା ଟକିଜ୍‌ର ମାଲିକ) ପ୍ରମୁଖ ଖେଳାଳି ଥିଲେ। ଟେକ୍ସଟ୍ ବୁକ୍ ପ୍ରେସ୍ ନିର୍ଦ୍ଦେଶକ ଥିବା ଦିଲୀପ ଦାସମହାପାତ୍ର ଜଣେ ଉଚ୍ଚକୋଟୀର ଫୁଟ୍‌ବଲ ଖେଳାଳି ସହିତ ଭଲିବଲ (ରାଜ୍ୟକୁ ପ୍ରତିନିଧିତ୍ୱ), ଦୌଡ଼କୁଦ, କ୍ରିକେଟ ଏବଂ ଟେବୁଲ ଟେନିସ୍‌ରେ ଜଣେ ଶ୍ରେଷ୍ଠ ଖେଳାଳିର ମାନ୍ୟତା ପାଇଥିଲେ।

କ୍ରିକେଟ: ଦେବ ମହାପାତ୍ର ଭୁବନେଶ୍ୱରର ପ୍ରଥମ ଖେଳାଳି ଭାବେ ଓଡ଼ିଶା ରଣଜି ଦଳର ସଦସ୍ୟ ଭାବେ ରାଜ୍ୟକୁ ପ୍ରତିନିଧିତ୍ୱ କରିଥିଲେ। ଅନ୍ୟ ପ୍ରମୁଖ ଖେଳାଳିମାନଙ୍କ ମଧ୍ୟରେ ଥିଲେ ଏନ.ପି. ଦାସ (ଧିରୁ), ବନି (ସର୍ବ ଭାରତୀୟ ବନ ସେବା ଅଧିକାରୀ), ମିହିର (ଓୟୁଏଟି), ମିଷ୍ଟି ସ୍ପିନର ଗୋପାଳ ଦାସ, ଉମା ତ୍ରିପାଠୀ, ସୁରଞ୍ଜନ କାନୁନ୍‌ଗୋ, ମିନୁ କାନୁନ୍‌ଗୋ, ସ୍ୱର୍ଗତ ବାଦଲ ପଟ୍ଟନାୟକ, ସ୍ୱର୍ଗତ ଫାଲ୍‌ଗୁନି ସିଂ, ଗୌରାଙ୍ଗ ପରିଜା, ଭବାନୀ ବ୍ରହ୍ମା, ସୁଭାଷ ମହାପାତ୍ର, ପ୍ରମେଶ ମହାପାତ୍ର, ରବି ମହାପାତ୍ର, ରୁଢ଼ି ବର୍ଗ (ତତ୍କାଳୀନ ମୁଖ୍ୟ ଶାସନ ସଚିବ ଏ.କେ. ବାରେନ୍‌ଙ୍କ ପୁତ୍ର), ଦୁର୍ଲ୍ଲଭ ବିଶ୍ୱାସ, ଦୁଇ ଭାଇ ପ୍ରଫୁଲ୍ଲ ଓ ରବି ପଟ୍ଟନାୟକ, ମନସୁର ଅଲ୍ଲୀ, ମକସୁଦ ଅଲ୍ଲୀ ପ୍ରମୁଖ।

ଭଲିବଲ: ଭୁବନେଶ୍ୱରର ଆଗଧାଡ଼ିର ଖେଳାଳିମାନେ ସେ ସମୟରେ ତତ୍କାଳୀନ ପରେଡ୍ ଗ୍ରାଉଣ୍ଡ (ବର୍ତ୍ତମାନ ଇନ୍ଦିରା ଗାନ୍ଧୀ ପାର୍କ) ଏବଂ ଏ.ଜି. ରିକ୍ରିଏଶନ ୪ ନଂ. ୟୁନିଟ୍ ପଡ଼ିଆରେ ଅଭ୍ୟାସ କରୁଥିଲେ। ପ୍ରମୁଖ ଖେଳାଳିମାନଙ୍କ ମଧ୍ୟରେ ଥିଲେ ଦିଲୀପ ଦାସ ମହାପାତ୍ର, ବଦ୍ରି ମହାପାତ୍ର, ବିମଳ ମହାପାତ୍ର, ପ୍ରସନ୍ନ ପଟ୍ଟନାୟକ, ଜୀବନ, ରଞ୍ଜନ ଏବଂ ମୂର୍ତ୍ତି ପ୍ରଭୃତି। ବିଜେବି କଲେଜରେ ଯେଉଁ ମହିଳାମାନେ ଖେଳୁଥିଲେ ସେମାନେ ହେଲେ ଶୈଳବାସିନୀ ମହାନ୍ତି, ମୀନାକ୍ଷୀ ଦାସ, ପ୍ରଭାତ ନଳିନୀ ଏବଂ ନିନା କପୁର ପ୍ରମୁଖ।

ଆଥ୍‌ଲେଟିକ୍ସ (ଦୌଡ଼କୁଦ): ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ୍ ଦ୍ୱାରା ପ୍ରତିବର୍ଷ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହେଉଥିଲା ପରେଡ୍ ଗ୍ରାଉଣ୍ଡରେ। ସେ ସମୟରେ ଉଚ୍ଚକୋଟୀର ଆଥ୍‌ଲେଟ୍‌ଙ୍କ ମଧ୍ୟରେ ଥିଲେ ଜଗଦାନନ୍ଦ ମହାପାତ୍ର (ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଭଣଜା), ରବି ମହାପାତ୍ର, ରୁଢ଼ି ବର୍ଗ, ଜୟନ୍ତ ସାହୁ (ଟୁକୁ), ଆଶିଷ ପଟ୍ଟନାୟକ, ସଞ୍ଜୟ ଦାସ (କଇଁ), ସତ୍ୟ ମହାନ୍ତି, ନରେନ୍ଦ୍ର ସେଠୀ, ଆର୍ତ୍ତ ମହାନ୍ତି ପ୍ରଭୃତି।

ବ୍ୟାଡ୍‌ମିଣ୍ଟନ: ୨ ନମ୍ବର ୟୁନିଟ୍‌ରେ ପାଲଘେରା ହୋଇ ଫ୍ଲଡ୍ ଲାଇଟ୍‌ରେ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ଖେଳାଳିମାନେ ଥିଲେ ବିଷ୍ଣୁ ମହାନ୍ତି, ବରେଶ ମହାପାତ୍ର, ପ୍ରମେଶ ମହାପାତ୍ର, ଅଶୋକ ମହାନ୍ତି (ମଣ୍ଟୁ), ମନମୋହନ ହୋତା, ପ୍ରତାପ ବେହେରା, ଜୟନ୍ତ ହୋତା, ରାଜୁ ସାହୁ, ଲକ୍ଷ୍ମୀକାନ୍ତ ମହାନ୍ତି, ଦେବାଶିଷ ମହାପାତ୍ର ପ୍ରମୁଖ। ବିଜେବି କଲେଜରେ ଯେଉଁ ଝିଅମାନେ ଟୁର୍ନାମେଣ୍ଟରେ ଭାଗ ନେଉଥିଲେ, ସେମାନେ ହେଲେ ନିନା କପୁର, ଜ୍ୟୋତ୍ସ୍ନା ବେହେରା, ମୀନାକ୍ଷୀ ଦାସ, ପ୍ରଭାତ ନଳିନୀ, ଶୈଳବାସିନୀ, ମିରା ସିଂ, ଶ୍ରୀଲେଖା ଭଞ୍ଜ ମିଶ୍ର।

ଚେସ୍ ଖେଳର ପ୍ରସାର ଦିଗରେ ସ୍ୱର୍ଗତ ଅରାତି ବିଜୟ ମହାନ୍ତି ଏବଂ କେଶବ ଚନ୍ଦ୍ର ଦାସ ପ୍ରୟାସ ଆରମ୍ଭ କରିଥିଲେ। ତାଙ୍କ ଉଦ୍ୟମରେ ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ୍‌ରେ ନିୟମିତ ଚେସ୍ ଖେଳ ହେଉଥିବା ବେଳେ ପ୍ରତିଯୋଗିତା ଆୟୋଜନ ହେଉଥିଲା। ଅନ୍ୟ ଖେଳଗୁଡ଼ିକ ମଧ୍ୟରେ ୬୦ ଦଶକର ଶେଷ ଭାଗରେ ବାସ୍କେଟବଲ ଆରମ୍ଭ ହୋଇଥିଲା। କଟକର ମାରୱାଡ଼ି ସ୍କୁଲରୁ ଡିଏମ୍ ସ୍କୁଲକୁ ବଦଳି ହୋଇ ଆସିଥିବା ପୂର୍ବତନ ବାସ୍କେଟବଲ ଖେଳାଳି କ୍ରୀଡ଼ା ଶିକ୍ଷକ ହନାନ୍ ସାର୍‌ଙ୍କ ତତ୍ତ୍ୱାବଧାନରେ ମୋହନ କିନି, ଜୟଦୂତ ରହମନ, ମକବୁଲ ଅଲ୍ଲୀ ପ୍ରଭୃତି ଆଗଧାଡ଼ିର ଖେଳାଳି ଥିଲେ।

ବଡ଼ିବିଲ୍‌ଡିଂ ଓ ଭାରୋତ୍ତୋଳନ: ପୁରୁଣା ଭୁବନେଶ୍ୱରର ବଉଳଗଡ଼ ଜିମ୍‌ନାସିୟମ, ପୁରୁଣା ଷ୍ଟେଶନ ରୋଡ୍‌ରେ ଥିବା ଶକ୍ତି ସଂଘ, ୮ ନମ୍ବର ୟୁନିଟ୍‌ର ରୟାଲ ଜିମ୍‌ନାସିୟମ, ଏକ ନମ୍ବର କିଶୋର କ୍ଲବ, ୟୁନିଟ୍-୬ ଜିମ୍‌ନାସିୟମ, ୩ ନମ୍ବର ୟୁନିଟ୍‌ର ଉଷା ଆଲୋକ କ୍ଲବମାନଙ୍କରେ ନିୟମିତ ଭାବେ ଯୁବକମାନେ ବଡ଼ି ବିଲ୍‌ଡିଂ ଏବଂ ଭାରୋତ୍ତୋଳନ ଅଭ୍ୟାସ କରୁଥିଲେ ଏବଂ ପ୍ରତିଯୋଗିତାରେ ଭାଗ ନେଉଥିଲେ।

୨ ନଂ. ୟୁନିଟ୍‌ସ୍ଥିତ ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ୍‌ରେ ନିୟମିତ ଟେବୁଲ ଟେନିସ ଖେଳାଯାଉଥିଲା ଏବଂ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେଉଥିଲା। ଦିଲୀପ ଦାସ ମହାପାତ୍ର, ସୁକାନ୍ତ ଘୋଷ, ଜଟଣୀର ରାଓ ଭ୍ରାତା, ସତିଶ ପଟ୍ଟନାୟକ, ଅର୍‌ନେଷ୍ଟ ଫ୍ଲୋଟ, ରାଜୁ ସାହୁ ପ୍ରମୁଖ ଉଚ୍ଚକୋଟୀର ଖେଳାଳି ଥିଲେ।

ଉନ୍ନତ ଭିତ୍ତିଭୂମିର ଅଭାବ, ସୀମିତ ସୁବିଧା ସୁଯୋଗ ସତ୍ତ୍ୱେ ଭୁବନେଶ୍ୱର ସହରରେ କ୍ରୀଡ଼ାର ଏକ ଅନୁକୂଳ ବାତାବରଣ ଥିଲା ଏବଂ ଯୁବତୀ ଯୁବକମାନେ କ୍ରୀଡ଼ାକୁ ଏକ ମନୋରଞ୍ଜନର ମାଧ୍ୟମ ଭାବେ ଉପଭୋଗ କରୁଥିଲେ।

# ଓଡ଼ିଶା 'ଖୋ ଖୋ'ର ଗର୍ବ ମାଗାଇ

ଭୁବନେଶ୍ୱର, ୧୬।୧୦(ଅନାଦି କର)

'ଆମ ଆଦିବାସୀ ଗାଁରେ ସାଧାରଣତଃ ବଡ଼ ଆକାରରେ ଦୀପାବଳି ପାଳନ କରାଯାଏ ନାହିଁ। କିନ୍ତୁ ଏଥର ଏହାକୁ ଖୁବ ଆଡ଼ମ୍ବରରେ ପାଳନ କରାଯିବ। ମୋ ପାଇଁ ମୋ ଝିଅ ହିଁ ଲକ୍ଷ୍ମୀ। ସେ ନିଜର ଉପଲବ୍ଧି ବଳରେ ଏହି ଦୀପାବଳିକୁ ମୋ ପାଇଁ ସ୍ୱତନ୍ତ୍ର କରି ଦେଇଛି। ସେ ତା'ର ଗାଁ, ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛି। ତା' ବିଷୟରେ ଚିନ୍ତା କରି ମୋ ହୃଦୟ ଗର୍ବରେ ଭରି ଯାଉଛି'। ଭାରତର ସର୍ବ ପ୍ରଥମ ଖୋ ଖୋ ବିଶ୍ୱକପ୍ ଟ୍ରଫି ସହ ଓଡ଼ିଶା ଫେରିଥିବା ୨୧ ବର୍ଷୀୟା ମାଗାଇ ମାଝୀଙ୍କ ମା' ବୁଧବାରୀ ଲୁହଭରା ଆଖିରେ ଏହା କହିଛନ୍ତି। କିନ୍ତୁ ସଫଳତାର ଏହି ମୁହୂର୍ତ୍ତରେ ପହଞ୍ଚିବା ପାଇଁ ମାଗାଇଙ୍କୁ ଅନେକ ବାଧା, ସଂଘର୍ଷ, ଦ୍ୱନ୍ଦ୍ୱ ଦେଇ ଗତି କରିବାକୁ ପଡ଼ିଥିଲା।

୨୦୦୪ ଅଗଷ୍ଟ ୧୮ ତାରିଖରେ ରାୟଗଡ଼ା ଜିଲା, କାଶୀପୁର ବ୍ଲକ, ଚନ୍ଦ୍ରଗିରି ପଞ୍ଚାୟତର କାସନାଦାରା ଗାଁରେ ମାଗାଇଙ୍କ ଜନ୍ମ। ତାଙ୍କ ଜନ୍ମର ମାସକ ପରେ ତାଙ୍କ ବାପା ଦାମୁ ମାଝୀଙ୍କର ଅକାଳ ବିୟୋଗ ଘଟିଥିଲା। ତାଙ୍କ ବାପା ପେସାରେ ଚାଷୀ ଥିଲେ। ସେ ଜଣେ ବିଧବା ଓ ଏକ ନବଜାତ ଝିଅକୁ ପଛରେ ଛାଡ଼ି ଯାଇଥିଲେ। ଗରିବ ଅଧ୍ୟୁଷିତ କାଶୀପୁର ବ୍ଲକରେ ବୁଧବାରୀ ଝିଅକୁ ହଷ୍ଟେଲରେ ରଖିବାକୁ ନିଷ୍ପତ୍ତି ନେଇଥିଲେ, ଯାହାକି ତାଙ୍କର ଓ ତାଙ୍କ ଝିଅର ଜୀବନ ବଦଳାଇ ଦେଇଥିଲା।

୨୦୧୩ରେ ମାଗାଇ ୯ ବର୍ଷ ବୟସରେ ଖୋ ଖୋ ଖେଳିବା ଆରମ୍ଭ କରିଥିଲେ। ଭାରତର ଏହି ପୁରାତନ କ୍ରୀଡ଼ା ତାଙ୍କର ଅନ୍ତରାତ୍ମାକୁ ଜାଗ୍ରତ କରିଥିଲା। ସେ ଘରଠାରୁ ଖୁବ୍ ଦୂରରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଖୋ ଖୋ ହାଇ ପର୍‌ଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଇଥିଲେ। ଟ୍ରେନିଂ ସେଣ୍ଟରରେ ସେ ମା'ଙ୍କଠାରୁ ଦୂରରେ ରହି କଠିନ ପରିଶ୍ରମ ଓ ଝାଳବୁହା ଅଭ୍ୟାସ କରିଥିଲେ। ୨୦୧୯ରେ ତାଙ୍କ ପ୍ରତିନିଧିତ୍ୱରେ



ମା' ବୁଧବାରୀଙ୍କ ସହ ମାଗାଇ ମାଝୀ

ଓଡ଼ିଶା ୫୩ତମ ସିନିୟର ଜାତୀୟ ଖୋ ଖୋ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଓ ୨୦୨୨ରେ ୩୬ତମ ଜାତୀୟ ଗେମ୍ସରେ ଓଡ଼ିଶା ରୌପ୍ୟ ପଦକ ଜିତିଥିଲା। ୨୦୨୪ରେ ତାଙ୍କ ପ୍ରତିନିଧିତ୍ୱରେ ଓଡ଼ିଶା ଖେଲୋ ଇଣ୍ଡିଆ ସିନିୟର ମହିଳା ଖୋ ଖୋ ଲିଗ୍ ଫେଜ ୩ରେ ଚାମ୍ପିୟନ ହୋଇଥିଲା। ଏହାପରେ ତାଙ୍କୁ ଚଳିତ ବର୍ଷ ଜାନୁଆରୀରେ ଅନୁଷ୍ଠିତ ଖୋ ଖୋ ବିଶ୍ୱକପ୍ ଲାଗି ଭାରତୀୟ ମହିଳା ଦଳରେ ସାମିଲ କରାଯାଇଥିଲା। ପୂରା ଟୁର୍ନାମେଣ୍ଟରେ ଭାରତୀୟ ଦଳ ସମ୍ପୂର୍ଣ୍ଣ କାୟା ବିସ୍ତାର କରି ଖେଳିଥିଲା। ଲିଗ୍ ପର୍ଯ୍ୟାୟରେ ଦକ୍ଷିଣ କୋରିଆ, ଇରାନ, ମାଲେସିଆକୁ ହରାଇବା ପରେ ଭାରତୀୟ ଦଳ କ୍ୱାର୍ଟର ଫାଇନାଲରେ ବାଂଲାଦେଶ ଓ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା। ଶେଷରେ ଫାଇନାଲରେ ନେପାଳକୁ ୪୦-୭୮ ବ୍ୟବଧାନରେ ହରାଇ ଭାରତ ପ୍ରଥମ ମହିଳା ଖୋ ଖୋ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲା। ଏହାର ପ୍ରଭାବ ସ୍ୱରୂପ ତାଙ୍କ ଗାଁରେ ଖୋ ଖୋ କେବଳ ଏକ ଖେଳହୋଇ ରହି ନ ଥିଲା। ମାଗାଇ ଦେଖାଇ ଦେଇଥିଲେ ଯେ, ପରିଶ୍ରମ ଓ ଉଚିତ ମାର୍ଗଦର୍ଶନ ବଳରେ ଝିଅମାନେ ସବୁ କିଛି ହାସଲ କରିପାରିବେ। ଏହି ବିଜୟ କେବଳ ତାଙ୍କର ନ ଥିଲା ବରଂ କୌଣସି ବାଧାକୁ ଖାତିର ନ କରି ଆଗକୁ ବଢ଼ୁଥିବା ପ୍ରତ୍ୟେକ ଝିଅର ବିଜୟ ଥିଲା।

ଏବେ ଗାଁ ଲୋକଙ୍କ ଫୁସଫୁସ ପ୍ରଶଂସାରେ ପରିଣତ ହୋଇଛି। ଏ ସମ୍ପର୍କରେ ତାଙ୍କ ମା' ବୁଧବାରୀ କହିଛନ୍ତି, ମୋ ଗାଁ ଓ ଜିଲାର ଅନେକ ଲୋକେ ମୋତେ ପଚାରୁଛନ୍ତି ଯେ, ସେମାନେ କେଉଁ ଭଳି ସେମାନଙ୍କ ଝିଅକୁ ମୋ ଝିଅ ଭଳି କରିପାରିବେ। ପୂର୍ବରୁ ବାପା-ମା' ଖେଳକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ। ଏବେ ଖେଳକୁ ସମୃଦ୍ଧ ଓ ଗୌରବର ମାର୍ଗ ଭଳି ଦେଖୁଛନ୍ତି। ଯେଉଁ ଝିଅର ଶର୍ଟ ପିନ୍ଧିବା ଓ ଖେଳିବାକୁ ନେଇ ପ୍ରଶ୍ନ କରାଯାଉଥିଲା, ସେହି ଝିଅ ଅନ୍ଧାରରେ ଆଲୋକ ହୋଇ ଅନେକଙ୍କୁ ବାଟ ଦେଖାଉଛି। ଖୋ ଖୋ ଆଦିବାସୀ ଓଡ଼ିଶାରେ ଏକ ଖେଳରୁ ଖୁବ ଅଧିକ ପାଲଟି ଯାଇଛି। ଏହି ଖେଳ ଏବେ ସମ୍ଭାବନାର ଏକ ପ୍ରତୀକ ପାଲଟି ଯାଇଛି।



ଫଷ୍ଟିନୋ ଓରୋ

# ୧୨ ବର୍ଷୀୟ ଫଷ୍ଟିନୋ ଚାମ୍ପିୟନ

**ଜିସିଏଲ୍ କଣ୍ଟେଣ୍ଡର୍ସ ଚେସ୍**

ମୁମ୍ବାଇ, ୧୬।୧୦ (ପି.ଟି.)

ଆର୍ଜେଣ୍ଟିନାର ୧୨ବର୍ଷୀୟ ବିସ୍ମୟ ଫଷ୍ଟିନୋ ଓରୋ ଏଠାରେ ଅନୁଷ୍ଠିତ ଜିସିଏଲ୍ କଣ୍ଟେଣ୍ଡର୍ସ ନକ୍‌ଆଉଟ ଚ୍ୟାଲେଞ୍ଜର୍ସ ରାଉଣ୍ଡ ଚେସ୍ ଟୁର୍ନାମେଣ୍ଟର ୨୧ ବର୍ଷରୁ କମ୍ ପ୍ରୋଡିଜି କାଟେଗୋରିରେ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ଗ୍ରାଣ୍ଡମାଷ୍ଟର ଜୋସ୍ ମାର୍ଟିନେଜ୍ ଏବଂ ମହିଳା ଗ୍ରାଣ୍ଡମାଷ୍ଟର ମାଇ ନାର୍ଭା ଯଥାକ୍ରମେ ପୁରୁଷ ଓ ମହିଳା ଚାମ୍ପିୟନଶିପ୍ ଜିତିଛନ୍ତି। ବର୍ତ୍ତମାନ ଏହି ୩ଜଣ ଗ୍ଲୋବାଲ ଚେସ୍ ଲିଗ୍ (ଜିସିଏଲ୍) ତୃତୀୟ ସିଜନର ଅଫିସିଆଲ ବ୍ରାଣ୍ଡ ଆମ୍ବାସଡର ହେବେ। ଟେକ୍ ମହିନ୍ଦ୍ରା ଓ ଫିଡେର ମିଳିତ ଉଦ୍ୟମରେ ଏହି ଟୁର୍ନାମେଣ୍ଟ ମୁମ୍ବାଇରେ ଡିସେମ୍ବର ୧୩ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓରୋ 'ମେସି ଅଫ୍ ଚେସ୍' ଭାବେ ପରିଚିତ। ସେ ଏକ ରୋମାଞ୍ଚକ ଫାଇନାଲରେ ଭାରତୀୟ ଗ୍ରାଣ୍ଡମାଷ୍ଟର ପ୍ରଣବ ଆନନ୍ଦଙ୍କୁ ହରାଇ ଦେଇଥିବା ବେଳେ ଗ୍ରାଣ୍ଡମାଷ୍ଟର ଜୋସ୍ ମାର୍ଟିନେଜ୍ ଆମେରିକାନ୍ ଷ୍ଟ୍ରିମର ଓ ବ୍ଲିଜ୍ ସ୍ପେଶାଲିଷ୍ଟ ଅନ୍ତର୍ଜାତୀୟ ମାଷ୍ଟର ଆଣ୍ଡ୍ରୁ ଟଙ୍ଗ୍‌ଙ୍କୁ ପରାସ୍ତ କରିଛନ୍ତି। ଇସ୍ତୋନିଆର ନାର୍ଭା ୟୁକ୍ରେନର ମହିଳା ଗ୍ରାଣ୍ଡମାଷ୍ଟର ୟୁଲିଆ ଓସ୍‌ମାକ୍‌ଙ୍କ ବିପକ୍ଷରେ ବିଜୟ ହାସଲ କରିଛନ୍ତି।

ଧରିତ୍ରୀ 51 Years

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ Bhubaneswar, Friday, October 17/ 2025

Prestige

ଭୋଷେଇକୁ ଯିଏ ଭଲ ପାଆନ୍ତି, ପ୍ରେଷ୍ଟିଜ୍‌କୁ ଅସ୍ୱୀକାର କରିବେ କେମିତି!

## ଏଭଳି ଉଦ୍ଭାବନ ଯାହା ନେଇ ଗର୍ବ କରାଯାଏ, ଏଭଳି ଦାମରେ ଯାହା ଉଦଯାପନ କରାଯାଏ

ଶୁଭ ସଞ୍ଚୟ (କମି ଯାଇଥିବା GST ଦାମ) ଏବଂ ଶୁଭ ଉତ୍ସବ ଅଫର୍ସର ସହିତ ଉତ୍ସବ ଉଦଯାପନର ଆନନ୍ଦ ହେଉ ଦ୍ୱିଗୁଣ

Prestige ଶୁଭ ଉତ୍ସବ

10 ସେପ୍ଟେମ୍ବର – 31 ଅକ୍ଟୋବର, 2025




ଉତୁରି ପଡୁଥିବାକୁ ନିୟନ୍ତ୍ରଣରେ ରଖେ

ସ୍ୱଚ୍ଛ ଡୀପ୍ ଲିଡ୍

ସମାନ ହିଟିଙ୍ଗ ପାଇଁ 3ଟି ଲେୟାର

75 Years of Prestige

କିଣନ୍ତୁ*
ସ୍ୱଚ୍ଛ ଟ୍ରାଇ-ପ୍ଲାଇ 3 ଲି କୁକର୍
MRP: ₹3 535.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)

₹1 530.00 ମୂଲ୍ୟରେ ସ୍ୱଚ୍ଛ ଟ୍ରାଇ-ପ୍ଲାଇ କୁକର୍ ସହିତ ଷ୍ଟେନ୍‌ଲେସ୍ ଷ୍ଟିଲ୍ କଢ଼େଇ 24 ସେମି ମାଗଣାରେ*

କିଣନ୍ତୁ
ଟ୍ରାଇ-ପ୍ଲାଇ 3 ପିସ୍ କୁକ୍‌ୱେୟାର ସେଟ୍*
(କଢ଼େଇ, ଫ୍ରାଇ ପ୍ୟାନ୍, ସସ୍ ପ୍ୟାନ୍)
MRP : ₹4 990.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)
ଏବଂ ପାଆନ୍ତୁ
₹2 945.00 ମୂଲ୍ୟର ସ୍ୱଚ୍ଛ ଟ୍ରାଇ-ପ୍ଲାଇ କୁକର୍ 2 ଲି
ମାଗଣାରେ*

କିଣନ୍ତୁ
ମ୍ୟାଜିକ୍ ବେସ୍ ପ୍ରିମିୟମ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ କ୍ୟାସେରୋଲ୍ 24 ସେମି
MRP : ₹6 080.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)
ଏବଂ ପାଆନ୍ତୁ
₹3 100.00 ମୂଲ୍ୟର ନକ୍ଷତ୍ର ଆଲ୍‌ଫା ସ୍ୱଚ୍ଛ କୁକର୍ 3 ଲି
ମାଗଣାରେ*

କିଣନ୍ତୁ
ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲାଟିନା 3 ପିସ୍ କୁକ୍‌ୱେୟାର ସେଟ୍*
(କଢ଼େଇ, ଫ୍ରାଇ ପ୍ୟାନ୍, ସସ୍ ପ୍ୟାନ୍)
MRP : ₹3 730.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)
ଏବଂ ପାଆନ୍ତୁ
₹2 480.00 ମୂଲ୍ୟର ଷ୍ଟେନ୍‌ଲେସ୍ ଷ୍ଟିଲ୍ ନକ୍ଷତ୍ର ଏସେନସିଆଲ୍ ସ୍ୱଚ୍ଛ କୁକର୍ 3 ଲି
ମାଗଣାରେ*

PRASA-2025

ସମସ୍ତ ମୂଲ୍ୟ ହ୍ରାସ ପାଇଁ QR କୋଡ୍ ସ୍କାନ୍ କରନ୍ତୁ

সংশোধিত GST হার 22 সেপ্টেম্বর থেকে প্রযোজ্য।

CUSTOMER CARE NO 080-60004411 | Scan to find Prestige Xclusive stores | Shop Online on shop.ttkprestige.com | ttk

ସଂଶୋଧିତ GST ହାର 22 ସେପ୍ଟେମ୍ବର ଠାରୁ ପ୍ରଯୁଜ୍ୟ ।

*ନିୟମ ଓ ସର୍ତ୍ତାବଳୀ । ଗୋଟିଏ ଜିନିଷ ପାଇଁ ଯେଉଁ ଦାମ ଲେଖା ଅଛି, ସେଥିରେ ସବୁ ଟ୍ୟାକ୍ସ ଯୋଗ କରି ଏମଆରପି ଦିଆ ହୋଇଛି । ରିହାତି କେବଳ ଏମଆରପି ଉପରେ ପ୍ରଯୁଜ୍ୟ, ଏବଂ ଦୁଇଟି ଅଫର ଏକ ସାଥିରେ ନିଆ ଯାଇ ପାରିବ ନାହିଁ । ପ୍ରତିଟି ଅଫର କେବଳ ଏକ ୟୁନିଟ୍ କିଣିବା କ୍ଷେତ୍ରରେ ପ୍ରଯୁଜ୍ୟ । ପ୍ରତିଟି ଯୋଗ୍ୟ କ୍ରୟରେ ଏକ ୟୁନିଟ୍ ମାଗଣାରେ ଦିଆ ହେବ । ଅଫର କେବଳ ନିର୍ଦ୍ଦିଷ୍ଟ ମଡେଲ୍ ଓ ବଛା ଯାଇଥିବା ଷ୍ଟୋର୍‌ରେ ପ୍ରଯୁଜ୍ୟ, ଏବଂ ଷ୍ଟକ୍ ଥିବା ପର୍ଯ୍ୟନ୍ତ ଚାଲିବ । ଗୋଟିଏ ସ୍ୱଚ୍ଛ ଟ୍ରାଇ-ପ୍ଲାଇ 3 ଲିଟର ଇନର ଲିଡ୍ କୁକର୍ କିଣିଲେ, ଗ୍ରାହକ 24 ସେମିର ଗୋଟିଏ ଏସ୍‌ଏସ୍ କଢ଼େଇ ପାଇବେ । ଟ୍ରାଇ-ପ୍ଲାଇ 3-ପିସ୍ କୁକ୍‌ୱେୟାର ସେଟ୍‌ରେ ରହିଛି 24 ସେମି ଫ୍ରାଇ ପ୍ୟାନ୍, ଏସ୍‌ଏସ୍ ଲିଡ୍ ସହ 24 ସେମି କଢ଼େଇ ଓ 16 ସେମି ସସ୍‌ପ୍ୟାନ୍ । ଏସ୍‌ଏସ୍ ପ୍ଲାଟିନା 3-ପିସ୍ କୁକ୍‌ୱେୟାର ସହିତ ରହିଛି 22 ସେମି ଫ୍ରାଇ ପ୍ୟାନ୍, ଗ୍ଲାସ୍ ଲିଡ୍ ସହ 22 ସେମି କଢ଼େଇ ଓ ଗ୍ଲାସ୍ ଲିଡ୍ ସହ 16 ସେମି ସସ୍‌ପ୍ୟାନ୍ । ପ୍ରେଷ୍ଟିଜ୍‌ର ଲୋଗୋ ଭାରତରେ ଟିଟିକେ ପ୍ରେଷ୍ଟିଜ୍ ଲିମିଟେଡ୍‌ର ରେଜିଷ୍ଟର୍ଡ ଟ୍ରେଡମାର୍କ । ବିଶଦ ନିୟମ ଓ ସର୍ତ୍ତାବଳୀ ଜାଣିବା ପାଇଁ ଆପଣଙ୍କ ନିକଟବର୍ତ୍ତୀ ପ୍ରେଷ୍ଟିଜ୍ ଏକ୍ସକ୍ଲୁସିଭ୍/ଡିଲର୍ ଆଉଟଲେଟ୍‌କୁ ଯାଆନ୍ତୁ ।

**For Franchise Enquiry, please contact Mob - 7978985580 ■ For Distributor & Institutional enquiries Call +91 7008309169**

Prestige Xclusive

**BHUBANESWAR, Rabi Takies Chhak:** opposite to Kedar Gouri Resort Mob: 7750925223 , **Bapuji Nagar**: 105 Bapuji Nagar, Behind Yes Bank(Old Post Office Lane) Lane No 08, 0674-2597141/9937138998 **Bapuji Nagar**: 237,Pani Tanki Lane,Bapuji Nagar Ph: 0674 2597685 Mob: 9777744071, **Sunderpada** :Shop No. 11, Vinayak Enclave, , 7008463572 **Satyangar:** 10, Janpath, Satyangar, Mob: 8280056821, **ID Market:** Shop No FG 3, I.D. Market, Near Reliance Fresh, IRC Village Mob: 9861404879, **Damana:** 248, Sailashree Vihar Road, Damana Mob : 7327902258, **Baramunda:** A/37, Ruchika Market, Baramunda, Mob : 9937073674, **CUTTACK, Dolmundai:** Hotel Akbari complex, Dolomundai, Haripur Road, Ph: 0671 2910337; Mob: 9348222581, **CDA:** Plot No.CM/3 (In front of Police Station), Markat Nagar, Sector - 7, Mob: 8917442506, 8280079702 , **Rourkela:** Daily Market, Near Reliance trend, Rourkela, Mob: 9777457774 , **BALUGAON**: Chilika Road, Balugaon, Mob: 8984858783 **KENDRAPARA**: Kakat Chhak, Ph: 06727 221241; Mob: 9040562233 **DHENKANAL:** I.G. Super Market, near SBI ATM; Mob: 9337477279/ 9348178750 **BOLANGIR:** A.B.S.S. Road, Near Samaleswari Temple, Ph: 06652 232419; Mob : 9437331171, 9437241863 **SEMILIGUDA:** Infront of RAM Mandir Gate,Main Road, Mob: 8328800974. **BARGARH:** C/o: New patra needs, infront of Gopal Goshala,NH-6, Main Road, Mob: 9776323188. **Berhampur:**Plot No 1865/2608, Khata No 833/395, Aska Road, opposite Chaturbhuj Petrol Pump- 09337748007,**Khordha:** Shop No- 140 & 145, Municipality Complex, New Bus Stand, in front of Bajaj Showroom,9552614450

**BHUBANESWAR:**-REETA-9938677424, Crockery Plaza-9938399889,BNM Enterprises-7008480152, Lingaraj Store-7978209549,Sulochana Enterprises-9338067682,Spectra Vision, Ph.-9937722277, Pratap Sewing Machine-9937138544, Utkal Light house-9937019272, Tammana Trading-7004248554 -Utkal Sales-9853150619, Triveni Agency-9937612806,Ghar Sansar Mart-7205377126,Bharat Electronics-9556760383, Balaji Electonics-9938469841, Sai Traders-7008298692-Bhubaneswar, S B Enterprises-9437310480, B S Enterprises, Ph 9861155551, ,Sai Associate-9937065641,Pursty Home appliances-8249694212,Sreeji Enterprises-9040533801, **Jatni-**D B enterprises-9078919100,**Khordha-**Maharana enterprises-7978018288,Kitchen Plaza-9337756820,**Balipatna-** Tarini Aluminum Stores-9438568797, **CUTTACK-** Patra Electonics-7008312282,Union Sales Emporium-9338461472,Nigam store-8249064237, Janata General Store-9937966355, Arbinda Plastic- 8763923528, Arbinda home Appliances-9438480346,Puspak Agency-7205016581, Balaji Distributor-8763153928 ,**Chowdar-**Prince Electronics-986110122, **Salepur-** Sanjaya electronics-9777777529, **Rahama** -Maa Padmavati Bastralaya-8908194534,**PARADEEP:-** Krishna Enterprise, **Kujanga-** Satapathy Enterprises-9437088525,**ROURKELA:-** Prestige-7064584070.Kitchen Accessories-7008058146 , **Sundergarh-**Laxmi Steel-8895443777 , **Sambalpur-**Samuka Steel Center-9437331074,Rathi Steel -9040448466, **Bhadrak-**Sako Sales-9777988814,Radhika Furniture-9437991876, **Baripada-**Aerovision-9861828643, ,**Angul-**Saralia Trading-9439471222, M.K Enterprises- 9776667882 **Nayagarh-**Ganapati Home Appliances-9583281930,**Balasore-**United Sales Agency-9583519516,**Pattamundei-**Nalini & Sons-9938175761 , **Pallahara** -Kanha Enterprises-9437334629 ,

MARUTI SUZUKI | NEXA

## CELEBRATIONS JUST GOT BIGGER.

### WITH GST BENEFITS + LIMITED PERIOD FESTIVE OFFERS*

| | PRICE REDUCTION OF UP TO# | NOW STARTING AT# | ADDITIONAL FESTIVE OFFERS OF UP TO* |
|---|---|---|---|
| FRONX | ₹1 12 600 | ₹6 84 900 | ₹75 000 |
| GRAND VITARA | ₹1 07 000 | ₹10 76 500 | ₹2 10 000 + 5 Year Extended Warranty |
| BALENO | ₹86 100 | ₹5 98 900 | ₹52 500 |
| IGNIS | ₹71 300 | ₹5 35 100 | ₹65 000 |
| INVICTO | ₹61 700 | ₹24 97 400 | ₹1 55 000 |
| XL6 | ₹52 000 | ₹11 52 300 | ₹55 000 |
| JIMNY | ₹51 900 | ₹12 31 500 | ₹85 000 |



SCAN TO CONNECT TO A SHOWROOM NEAR YOU

NEXA SAFETY SHIELD

*FESTIVE OFFERS VALID TILL 23RD OCT ONLY

**UP TO 100% WAIVER ON CAR LOAN PROCESSING FEE (ONLY TILL 31ST OCT)##**

E-BOOK TODAY @ WWW.NEXAEXPERIENCE.COM

Contact us at 1800-200-6392 1800-102-6392

For detailed T&C kindly visit your nearest dealership. Features and accessories shown may not be a part of the standard fitment. Black glass shade on the vehicle is due to the lighting effect. Images used are for illustration purposes only. All offers are brought to you by NEXA dealers only. Offers and features may vary subject to the model and variant purchased. *The mentioned offers include "Consumer Offer + Booking offer + Exchange Bonus + Rural offer", and may vary from city to city. Please contact nearby dealership for more details. Maruti Suzuki reserves the right to withdraw offers at any point in time without any advance notice. All offers are applicable till 23rd October '25 or till stocks last. Maruti Suzuki Smart Finance is now available pan India. Maruti Suzuki Subscribe is available only in selected cities. ##Offers include consumer offer, exchange bonus and institutional or rural offers (wherever applicable) on select models/variants. Finance is at the sole discretion of the financer by selected finance partners. #Prices and savings mentioned above are for select variants and may vary across cities/ variants.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years

DHARITRI

(ପୃଷ୍ଠା–୧୨+୮)

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ (୧୨+୮=୨୦ ପୃଷ୍ଠା) | Bhubaneswar, Friday, October 17/2025 | Page 20 | ₹ 7.00

୫୧ଶ ଭାଗ ୩୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 321 | ମୂଲ୍ୟ ₹୭/-







# ନୂଆପଡ଼ାର ବିକାଶ ମୋ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ




ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ନେତୃବୃନ୍ଦ।

**ନୂଆପଡ଼ା,୧୬।୧୦ (ମକାରୁ ବେମାଲ)**

ନୂଆପଡ଼ାର ବିକାଶ ତାଙ୍କ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ଖରିଆର ରୋଡ୍ ଗୋଡମା ଏୟାରଷ୍ଟ୍ରିପ ପଡ଼ିଆରେ ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆପଡ଼ାକୁ ସେ ସ୍ୱତନ୍ତ୍ର ଭାବରେ ଦେଖିବେ ଓ ବାରମ୍ବାର ଆସିବେ। ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଅଧୁରା ସ୍ୱପ୍ନକୁ ସେ ପୂରଣ କରିବେ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଇତିମଧ୍ୟରେ ସେ ଏହି ଜିଲାକୁ ୪ଥର ଆସି ସାରିଲେଣି। ମାରାଗୁଡ଼ା ମହୋତ୍ସବ ସମୟରେ ସେ ସାଢ଼େ ୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ପାଇଁ ଅନୁଦାନ ମଞ୍ଜୁର କରିଥିଲେ। ଗତ ୬ ତାରିଖରେ ୧,୧୦୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ନୂତନ ପ୍ରକଳ୍ପ ଘୋଷଣା କରିଛନ୍ତି। ଦୁଇଟି ଏନ୍ଏସି ଓ ଗୋଟିଏ ମ୍ୟୁନିସିପାଲିଟି ମଧ୍ୟ ଘୋଷଣା କରାଯାଇଛି। କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ରହିଛି। ତାଙ୍କ ସରକାର ସବୁବେଳେ ବିକାଶ ଚାହାନ୍ତି ଓ କେବଳ କଥାରେ ନୁହେଁ, କାମ କରି ଦେଖାନ୍ତି ବୋଲି ସେ କହିଛନ୍ତି। ସେ ପୁଣି କହିଛନ୍ତି, ୨୦୨୪ ନିର୍ବାଚନ ସମୟରେ ଯାହା କହିଥିଲୁ ତାହା କରି ଦେଖାଇଲୁ। ଚାଷୀଙ୍କ ଧାନ କୁଇଣ୍ଟାଲ ୩୧ ଶହ ଟଙ୍କା, ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫ ବର୍ଷରେ ୫୦ ହଜାର ଟଙ୍କା ଦେବାକୁ ଘୋଷଣା କରିଛୁ। ବର୍ତ୍ତମାନ ୩ଟି କିସ୍ତିରେ ୧୫ ହଜାର ଟଙ୍କା ଦିଆସରିଲାଣି। ୮୦ ବର୍ଷର ବୃଦ୍ଧାବୃଦ୍ଧଙ୍କ ଭତ୍ତା ୩୫ ଶହ ଟଙ୍କା କରିଛୁ। ରାଜ୍ୟରେ ୨୫ ବର୍ଷ ଶାସନରେ ଥିବା ବିଜେଡି ସରକାର ଆଦିବାସୀଙ୍କୁ ଅଣଦେଖା କରୁଥିଲା। ଭାଜପା ସରକାର କ୍ଷମତାକୁ ଆସିଲା ପରେ ଜଣେ ଆଦିବାସୀ ମହିଳା ରାଷ୍ଟ୍ରପତି ହୋଇଛନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ। ମନ୍ତ୍ରିମଣ୍ଡଳରେ ଅନେକ ଆଦିବାସୀ ନେତା ସଦସ୍ୟ ରହିଛନ୍ତି। ନୂଆପଡ଼ା ଏକ ଆଦିବାସୀ ବହୁଳ ଜିଲା ହୋଇଥିବାବେଳେ ସେମାନଙ୍କ ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ବର୍ତ୍ତମାନ ସମୟରେ ବିଜେଡି ଦେବାଳିଆ ହୋଇଗଲାଣି। ବିଜେଡିକୁ ☞ପୃଷ୍ଠା–୭

# ଅନ୍ଧାରରେ ରାଜ୍ୟର ୨୯% ଘର

## ୪୯% ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ପହଞ୍ଚି ପାରିନାହିଁ

**ଓଡ଼ିଶାରେ ବର୍ତ୍ତମାନ ମଧ୍ୟ ୨୯% ପରିବାର ପାଖରେ ବିଦ୍ୟୁତ୍ ସେବା ପହଞ୍ଚି ପାରିନାହିଁ। ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ ହୋଇଥିବା ସତ୍ତ୍ୱେ ଏତେ ସଂଖ୍ୟକ ପରିବାର ଅନ୍ଧାରରେ ରହିବା ସରକାରଙ୍କ ପାଇଁ ଚିନ୍ତାଜନକ ବିଷୟ। ଏ ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ଜନଜାତି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ସ୍ପଷ୍ଟ କୁହାଯାଇଛି ଯେ, ଓଡ଼ିଶାରେ ପର୍ଟିକୁଲାରଲି ଭଲ୍‌ନେରେବଲ୍ ଟ୍ରାଇବାଲ ଗ୍ରୁପ(ପିଭିଟିଜି) ବର୍ଗର ଜଣେ ମଧ୍ୟ ବ୍ୟକ୍ତି ବିଦ୍ୟୁତ୍ ସେବାରୁ ବଞ୍ଚିତ ହେବା ଅନୁଚିତ। ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ଗତ ୧୪ ତାରିଖରେ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାର ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଏନେଇ ପତ୍ର ଲେଖିଛନ୍ତି। ରାଜ୍ୟର ସମସ୍ତ ପିଭିଟିଜି ଗ୍ରାମକୁ ଅକ୍ଟୋବର–୨୦୨୫ ସୁଦ୍ଧା ସବୁ ପ୍ରକାର ସରକାରୀ ସେବା ପହଞ୍ଚାଇବା ଆବଶ୍ୟକ ବୋଲି ପତ୍ରରେ ଦର୍ଶାଇଛନ୍ତି।**

### ମୁଖ୍ୟ ଶାସନ ସଚିବଙ୍କୁ ଜନଜାତି ମନ୍ତ୍ରଣାଳୟର ନିର୍ଦ୍ଦେଶ

### ବିଦ୍ୟୁତ୍ ସଂଯୋଗରୁ ଜଣେ ବି ପିଭିଟିଜି ବାଦ୍ ନ ପଡ଼ନ୍ତୁ

**ଭୁବନେଶ୍ୱର,୧୬।୧୦ (ରବିନାରାୟଣ ଜେନା)**

ନଭେମ୍ବର ୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଏକ ମେଗା ଇଭେଣ୍ଟ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପିଭିଟିଜି ଗ୍ରାମଗୁଡ଼ିକୁ 'ସ୍ୟାଚୁରେଟେଡ୍' ତଥା ସମସ୍ତ ସେବା ପହଞ୍ଚିଛି ବୋଲି ଘୋଷଣା ଓ ପ୍ରମାଣିତ କରାଯିବ। ଏହାକୁ ଦୃଷ୍ଟିରେ ରଖି 'ପିଏମ୍–ଜନମନ' ମିଶନରେ ରାଜ୍ୟରେ ଥିବା ପିଭିଟିଜି ବର୍ଗଙ୍କ ନିକଟରେ ଯେଭଳି ସମସ୍ତ ପ୍ରକାର ସରକାରୀ ସେବା ତଥା ଯୋଜନା ଉପଲବ୍ଧ ହୋଇପାରିବ ସେନେଇ ଗୁରୁତ୍ୱ ଦେବାକୁ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାର ରାଜ୍ୟ ସରକାରଙ୍କୁ ଚିଠି କରିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ପିଏମ୍–ଜନମନ ଯୋଜନା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିବ। ପିଏମ୍ ଜନମନ ଅଧୀନ ଅନେକ କାର୍ଯ୍ୟରେ ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ। ଓଡ଼ିଶାରେ ଏହି ଯୋଜନାରେ କିଛି ମୁଖ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଦେଖାଯାଇଛି, ତଥାପି ଏହି ଗତିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ନାୟାର ଦର୍ଶାଇଛନ୍ତି, ଓଡ଼ିଶାରେ ଅଦ୍ୟାବଧି ୭୧% ଘରେ ବିଦ୍ୟୁତ୍ ସଂଯୋଗ ହୋଇଛି। କିନ୍ତୁ ରାଜ୍ୟ ସରକାର ଏକ୍ଷେତ୍ରରେ ନିଶ୍ଚିତ କରିବା ଆବଶ୍ୟକ ଯେ ପିଭିଟିଜିମାନେ ବିଲ୍ ଦେଉ ନ ଥିବା ଯୋଗୁ ଯେଭଳି ତାଙ୍କର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଏନେଇ 'ଗ୍ରାମସଭା' ଏକ ପ୍ରମାଣପତ୍ର ଦେବା ଆବଶ୍ୟକ। ଏପରି କି 'ଡିସ୍‌କମ୍' କିମ୍ବା ଜିଲା ପ୍ରଶାସନ ଦ୍ୱାରା ବିଦ୍ୟୁତ୍ ☞ପୃଷ୍ଠା–୭

# ବିଶ୍ୱ ପେନ୍‌ସନ ସୂଚକାଙ୍କ 'ଡି' ଗ୍ରେଡ୍‌ରେ ଭାରତ

**ନୂଆଦିଲ୍ଲୀ,୧୬।୧୦**

ବିଶ୍ୱ ପେନ୍‌ସନ ସୂଚକାଙ୍କରେ ସବୁଠୁ ନିକୃଷ୍ଟ ପ୍ରଦର୍ଶନକାରୀ ୫ ଦେଶ ମଧ୍ୟରେ ଭାରତ ରହିଛି। ମୋଟ ୪୩.୮ ସ୍କୋର ସହ ଭାରତ 'ଡି' ଗ୍ରେଡ୍‌ରେ ରହିଥିବାବେଳେ ଅନ୍ୟ ନିକୃଷ୍ଟ ପେନ୍‌ସନ ବ୍ୟବସ୍ଥା ଥିବା ଦେଶଗୁଡ଼ିକ ହେଲେ ତୁର୍କୀ, ଫିଲିପାଇନ୍ସ, ଥାଇଲାଣ୍ଡ ଏବଂ ଆର୍ଜେଣ୍ଟିନା।

ମେର୍ସେର ସିଏଫ୍ଏ ଇନ୍‌ଷ୍ଟିଚ୍ୟୁଟ୍ ଗ୍ଲୋବାଲ ପେନ୍‌ସନ ଇଣ୍ଡେକ୍ସ ୨୦୨୫ ମୁଖ୍ୟତଃ ୩ଟି ମାନଦଣ୍ଡକୁ ନେଇ ର୍ୟାଙ୍କ୍ ପ୍ରସ୍ତୁତ କରିଛି। ତାହା ହେଲା ପର୍ଯ୍ୟାପ୍ତତା(୪୦%), ସ୍ଥାୟିତ୍ୱ (୩୫%) ଏବଂ ସାଧୁତା(୨୫%)। ଭାରତ ୪୩.୮ ପଏଣ୍ଟ ସହ 'ଡି' ବର୍ଗରେ ରହିଛି, ଯାହାକି ବୈଶ୍ୱିକ ହାରାହାରି ସ୍କୋର ୬୪.୫ରୁ ଯଥେଷ୍ଟ କମ୍। ଅନ୍ୟପକ୍ଷରେ ମଜଭୁତ ଏବଂ ସ୍ଥାୟୀ ପେନ୍‌ସନ ବ୍ୟବସ୍ଥା ପାଇଁ ଚଳିତ ବର୍ଷର ଶ୍ରେଷ୍ଠ ପ୍ରଦର୍ଶନକାରୀ ଦେଶ ମଧ୍ୟରେ ନେଦରଲାଣ୍ଡସ୍ (୮୫.୪), ଆଇସ୍‌ଲାଣ୍ଡ (୮୪.୦), ଡେନ୍‌ମାର୍କ (୮୨.୩), ସିଙ୍ଗାପୁର (୮୦.୮) ଏବଂ ଇସ୍ରାଏଲ୍ (୮୦.୩) 'ଏ' ଗ୍ରେଡ୍‌ରେ ରହିଛି। ଭାରତର ପେନ୍‌ସନ୍ ବ୍ୟବସ୍ଥା ମଧ୍ୟରେ ରହିଛି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ), କର୍ମଚାରୀ ପେନ୍‌ସନ ଯୋଜନା, ଅନୌପଚାରିକ ଶ୍ରମିକଙ୍କ ପାଇଁ ସୀମିତ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ। ଏଗୁଡ଼ିକ କ୍ରମାଗତ ଭାବେ ଢାଞ୍ଚାଗତ ବ୍ୟବଧାନର ସମ୍ମୁଖୀନ ହେଉଛନ୍ତି, ଯାହା ଅଧିକାଂଶ ନାଗରିକଙ୍କ ପାଇଁ ଅବସର ସୁରକ୍ଷାକୁ ଦୁର୍ବଳ କରିଦେଇଛି। ରିପୋର୍ଟ ଅନୁଯାୟୀ ପର୍ଯ୍ୟାପ୍ତତାରେ ଭାରତ ୩୪.୭ ସ୍କୋର ସହ 'ଇ' ଗ୍ରେଡ୍‌ରେ ରହିଛି। ଦୀର୍ଘସ୍ଥାୟିତ୍ୱରେ ଏହା ୪୩.୮ ସ୍କୋର ସହ 'ଡି' ଗ୍ରେଡରେ ରହିଥିବାବେଳେ ସାଧୁତାରେ ୫୮.୪ ସ୍କୋର ସହ 'ସି' ଗ୍ରେଡ୍‌ରେ ରହିଥିବା ଜଣାପଡ଼ିଛି।

# ଗୁଜରାଟ କ୍ୟାବିନେଟ୍‌ର ସମୂହ ଇସ୍ତଫା

## ଆଜି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**ଗାନ୍ଧୀନଗର,୧୬।୧୦**

ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଶୁକ୍ରବାର ତାଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରିବାକୁ ଯାଉଥିବାରୁ ଗୁରୁବାର ତାଙ୍କୁ ବାଦ୍ ଦେଇ ସମ୍ପୂର୍ଣ୍ଣ କ୍ୟାବିନେଟ ଇସ୍ତଫା ଦେଇଛି। ସମସ୍ତ ୧୬ ମନ୍ତ୍ରୀଙ୍କ ଇସ୍ତଫାପତ୍ରକୁ ଭାଜପା ଗ୍ରହଣ କରିଛି। ବର୍ତ୍ତମାନର ସରକାର ପାଖାପାଖି ୩ ବର୍ଷ ପୂରଣ କରିଛି। ଆଗକୁ ଗୁରୁତ୍ୱପୂର୍ଣ୍ଣ ପୌର ନିର୍ବାଚନ, ଜିଲା ପଞ୍ଚାୟତ ଓ ତାଲୁକ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାବେଳେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ୧୮୨ ସଦସ୍ୟ ବିଶିଷ୍ଟ ଗୁଜରାଟ ବିଧାନସଭାରେ ୧୫ ପ୍ରତିଶତ ଅନୁପାତରେ ୨୭ ଜଣ ମନ୍ତ୍ରୀ ହୋଇପାରିବେ। ରାଷ୍ଟ୍ରମନ୍ତ୍ରୀ ଥିବା ଜଗଦୀଶ ବିଶ୍ୱକର୍ମାଙ୍କୁ ଚଳିତ ମାସରେ ଗୁଜରାଟ ଭାଜପା ରାଜ୍ୟ ସଭାପତି ନିଯୁକ୍ତ କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ରେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ।

# ବିଦାୟ ନେଲା ମୌସୁମୀ, ୨୧ରେ ଲଘୁଚାପ



**ଭୁବନେଶ୍ୱର, ୧୬।୧୦(ବନ୍ଦନା ସେଠୀ)**

ଓଡ଼ିଶା ସମେତ ସାରା ଦେଶରୁ ଗୁରୁବାର ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେଇଛି। ଏବେ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ଗୁରୁବାର କାଁ ଭାଁ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ତେବେ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ଓଡ଼ିଶାରେ ପାଗ ଶୁଖିଲା ରହିବ। କିନ୍ତୁ ଆସନ୍ତା ୨୧ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପଟି ଉତ୍ତର–ପଶ୍ଚିମ ଦିଗରେ ମୁହାଁଇ ମୁଖ୍ୟତଃ ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଆଡକୁ ଗତି କରିବ। ୨୩ ତାରିଖ ବେଳକୁ ଏହା ଅବପାତର ରୂପ ନେଇପାରେ। ଅବପାତ ନେଇ ଜିଏଫ୍ଏସ୍ ମଡେଲ ଦର୍ଶାଇଥିବାବେଳେ ଅନ୍ୟ କୌଣସି ମଡେଲ ପୂର୍ବାନୁମାନ କରିନାହାନ୍ତି। କିନ୍ତୁ ଓଡ଼ିଶା ଉପରେ ଏହା ପ୍ରଭାବ ପକାଇବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ପଦାଧିକାରୀ ତାଲିକା ପ୍ରକାଶକଲା ଭାଜପା

- **୧୦ ଉପସଭାପତି, ୪ ସାଧାରଣ ସମ୍ପାଦକ , ୧୦ ସମ୍ପାଦକ ନିଯୁକ୍ତ**
- **ଜଣେ କୋଷାଧ୍ୟକ୍ଷ, ଜଣଙ୍କୁ ଯୁଗ୍ମ କୋଷାଧ୍ୟକ୍ଷ ପଦବୀ ମିଳିଲା**

**ଭୁବନେଶ୍ୱର, ୧୬।୧୦(ସୁନିତ୍ ମିଶ୍ର)**

ଭାଜପା ରାଜ୍ୟ ସଭାପତି ଭାବେ ମନମୋହନ ସାମଲ ଦାୟିତ୍ୱ ଗ୍ରହଣକରିବା ପରେ ପ୍ରଥମ ପଦାଧିକାରୀ ତାଲିକା ଘୋଷଣା ହୋଇଛି। ଉକ୍ତ ତାଲିକାରେ ୧୦ ଜଣ ଉପସଭାପତି, ୪ ଜଣ ସାଧାରଣ ସମ୍ପାଦକ ଏବଂ ୧୦ ଜଣ ସମ୍ପାଦକ ରହିଛନ୍ତି। ଏହାସହ ଜଣେ କୋଷାଧ୍ୟକ୍ଷ ଏବଂ ଜଣେ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ପାଇଛନ୍ତି। ୧୦ ଉପସଭାପତିଙ୍କ ମଧ୍ୟରେ ଜତିନ ମହାନ୍ତି, ଅଶୋକ ମିଶ୍ର, କୁସୁମ ଟେଟେ, ରମେଶ ଚନ୍ଦ୍ର ସାହୁ, କେ. ନାରାୟଣ ☞ପୃଷ୍ଠା–୭




## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ସୂଚନାଯୋଗ୍ୟ, ସନ୍ଧ୍ୟା ଆଳତି ପୂଜା ଶେଷ ପରେ ଭକ୍ତମାନେ ଭିତରକାଠ ନିକଟରେ ଦର୍ଶନ ପାଇଁ ଛିଡ଼ା ହୋଇଥିଲେ। ଏହି ସମୟରେ କେହି ଭକ୍ତ କଳାହାଟ ଦ୍ୱାର ନିକଟରେ ବାନ୍ତି କରିଦେଇଥିଲେ। ଏହା ସେବାୟତଙ୍କ ଦୃଷ୍ଟିଗୋଚର ହେବା ପରେ ତୁରନ୍ତ ଶ୍ରୀମନ୍ଦିରରେ ସମସ୍ତ ନୀତି ଓ ସର୍ବ ସାଧାରଣ ଦର୍ଶନ ବନ୍ଦ କରାଯାଇଥିଲା। ପରେ ଶ୍ରୀବିଗ୍ରହମାନଙ୍କର ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାସ୍ନାନ ପୂଜା ଓ ମଇଲମ ଶେଷ ହେବା ପରେ ପୁନର୍ବାର ମହାପ୍ରଭୁଙ୍କ ନୀତି ବଢ଼ିବା ସହ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା।

# ସାମ୍ପ୍ରଦାୟିକ ସଦ୍‌ଭାବନା ବଜାୟ ରଖିବା ପୋଲିସର ସର୍ବୋଚ୍ଚ ପ୍ରାଥମିକତା

### ଓଡ଼ିଶା ପୋଲିସର ୭୦ତମ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟିତ



ଓଡ଼ିଶା ପୋଲିସର ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଅଭିବାଦନ ଗ୍ରହଣ କରୁଛନ୍ତି।

କଟକ,୧୬।୧୦(କାର୍ତ୍ତିକ ସାହୁ)

ରାଜ୍ୟ ପୋଲିସ ବାହିନୀରେ କନଷ୍ଟେବଲଠାରୁ ଇନ୍ସପେକ୍ଟର ପାହ୍ୟା ପର୍ଯ୍ୟନ୍ତ କର୍ମଚାରୀଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି ଲାଗି କଟକସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ ପରିସରରେ ୭୦ତମ ବୃତ୍ତିଗତ ପ୍ରତିଯୋଗିତା ଗୁରୁବାର ଆରମ୍ଭ ହୋଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି କହିଲେ, ସାମ୍ପ୍ରଦାୟିକ ସଦ୍‌ଭାବନା ବଜାୟ ରଖିବା, ହିଂସାକୁ ରୋକିବା ଏବଂ ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପୋଲିସର ସର୍ବୋଚ୍ଚ ପ୍ରାଥମିକତା। ନାଗରିକମାନେ ଯେପରି ଭୟ ଏବଂ ବିପଦରୁ ମୁକ୍ତ ରହିପାରିବେ ତାହା ସୁନିଶ୍ଚିତ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଅପରାଧ ନିରାକରଣ ଏବଂ ଅପରାଧ ଅନୁସନ୍ଧାନ ପୋଲିସର ମୁଖ୍ୟ ଦାୟିତ୍ୱ। ଦୋଷୀ ଉପଯୁକ୍ତ ଦଣ୍ଡ ପାଇବାରେ ପୋଲିସର ମୁଖ୍ୟ ଭୂମିକା ରହିଥାଏ। ପୋଲିସର ତଦନ୍ତ ଠିକ ହୋଇ ନ ଥିଲେ ଦୋଷୀ ଖସିଯିବାର ବହୁତ ସମ୍ଭାବନା ଥାଏ। ତେଣୁ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରି ଦୋଷୀ ସାବ୍ୟସ୍ତ ହାରରେ ଉନ୍ନତି ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଡିଜିପି ଆହୁରି ମଧ କହିଲେ, ପୋକ୍‌ସୋ ମାମଲାଗୁଡିକରେ ତଦନ୍ତଶୈଳୀ, ବୃତ୍ତିଗତ ଦକ୍ଷତା, ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଯୋଗୁ ଖୁବ କମ ସମୟ ମଧ୍ୟରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଦୋଷୀ ସାବ୍ୟସ୍ତ ଏବଂ କଠୋର ଦଣ୍ଡରେ ଦଣ୍ଡିତ କରାଯାଇ ପାରିଛି। ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗ, ଚୋରା ବନ୍ଧୁକ କାରବାର, ଗଞ୍ଜେଇ ଚୋରାଚାଲାଣ, ବ୍ରାଉନସୁଗାର ଜବତ ଏବଂ ଗଞ୍ଜେଇ ଚାଷ ବିରୋଧରେ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୋଲିସ ପକ୍ଷରୁ ଅପରେଶନ ପ୍ରହାର, ଗଜ, ଚକ୍ର, ଅଗ୍ନି, ଗରୁଡ଼ ଭଳି ଅଭିଯାନ ଆରମ୍ଭ କରାଯାଇ ଦୁର୍ଦ୍ଦାନ୍ତ ଓ ଅଭ୍ୟାସଗତ ଅପରାଧୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ପୋଲିସର ବୃତ୍ତିଗତ ଦକ୍ଷତା ବୃଦ୍ଧି, ଫରେନସିକ ତଦନ୍ତ ଏବଂ ସାଇବର ଅପରାଧରେ ଦକ୍ଷତା ହାସଲ ସମ୍ପର୍କରେ ଲକ୍ଷ୍ୟ ରଖାଯାଇଛି ବୋଲି ଡିଜିପି ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାରେ ରାଜ୍ୟର ୩୪ଟି ପୋଲିସ ଜିଲାରୁ ୨୮୨ଜଣ ପ୍ରତିଯୋଗୀ, ୪୩ ପୋଲିସ ଶ୍ୱାନ, ୪୩ଜଣ ହ୍ୟାଣ୍ଡେଲର ଅଂଶଗ୍ରହଣ କରିଛନ୍ତି। ୪୨ଜଣ ଇନ୍ସପେକ୍ଟର, ୩୪ଜଣ ଏସ୍‌ଆଇ, ୫୯ଜଣ ଏଏସ୍‌ଆଇ, ୧୬ଜଣ ହାବିଲଦାର, ୧୩୧ଜଣ କନଷ୍ଟେବଲ ଅଂଶଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ପ୍ରତିଯୋଗିତାରେ ଆଙ୍ଗୁଳି ଛାପ, କମ୍ପ୍ୟୁଟର ଜ୍ଞାନ କୌଶଳର ଦକ୍ଷତା, ଫଟୋଗ୍ରାଫି, ନିରୀକ୍ଷଣ ପରୀକ୍ଷା, ସାଇବର ଅପରାଧ ଓ ସଂନିରୀକ୍ଷଣ, ପୋଲିସ ଆଇନ କାନୁନ, ପୋଲିସ ରୂପଚିତ୍ର, ମେଡିକୋ-ଲିଗାଲ, ପୋଲିସ ଶ୍ୱାନଙ୍କ କୌଶଳ ପ୍ରଦର୍ଶନ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବ। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜନ ହେଉଛି। ଏହି ଅବସରରେ କ୍ରାଇମବ୍ରାଞ୍ଚ ଡିଜି ମିଶ୍ର ସ୍ୱାଗତ ଭାଷଣ ଓ ଡିଆଇଜି ବି. ଗଙ୍ଗାଧର ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ପୋଲିସର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି: ସାଇବର ଥାନାରେ ଏତଲା

ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)

ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ଘଟଣା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁବାର ସଂପୃକ୍ତ ସଂସ୍ଥା ବିରୋଧରେ ସାଇବର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଏହି ଏତଲା ଦେଇଛନ୍ତି। ସୋସିଆଲ ମିଡିଆ ଆକାଉଣ୍ଟରେ ସ୍ୱିଗି ଦ୍ୱାରା ଫୁଡ୍ ୟୁଜେଡ୍‌ଆଇ ନାମକ ଏକ ସଂସ୍ଥା ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ନେଇ ବିଜ୍ଞାପନ ଦେଇଥିବା ଦେଖିବାକୁ ମିଳିଥିଲା। ମାତ୍ର ୪୯ ଟଙ୍କାରେ ଶ୍ରୀମନ୍ଦିରର ଅନ୍ନପ୍ରସାଦ ହୋମ୍ ଡେଲିଭରି ଦିଆଯାଉଥିବା ଉଲ୍ଲେଖ ଥିଲା। ଏ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏତଲା ଦିଆଯାଇଥିବା ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବିଜ୍ଞାପନ ଦେଇଥିବା ସଂପୃକ୍ତ କମ୍ପାନୀକୁ ଏନେଇ ସୂଚନା ଦିଆଯିବା ସହ ବିଜ୍ଞାପନ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

## ଟେରାକୋଟା ପ୍ରଦର୍ଶନୀ ବୁଲିଲେ ରାଜ୍ୟପାଳ

### ମାଟି ଦୀପ ଜଳାଇ ପରିବେଶ ଅନୁକୂଳ ଓ ପାରମ୍ପରିକ ଦୀପାବଳି ପାଳିବାକୁ ଆହ୍ୱାନ


ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଓ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମ୍‌ପାଟି ଜଣେ ଶିଳ୍ପୀଙ୍କ ସହ କଥା ହେଉଛନ୍ତି।

ଭୁବନେଶ୍ୱର,୧୬।୧୦(ସୁଚିସ୍ମିତା ସାହୁ)

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମ୍‌ପାଟିଙ୍କ ସହିତ ଗୁରୁବାର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଆଦିବାସୀ ମହୋତ୍ସବ ଏବଂ ମୃତ୍ତିକା-ଟେରାକୋଟା ପ୍ରଦର୍ଶନୀ ପରିଦର୍ଶନ କରିଛନ୍ତି। ଏହି ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଭୋକାଲ ଫର୍ ଲୋକାଲ' ପଦକ୍ଷେପ ପ୍ରତି ରାଜ୍ୟପାଳଙ୍କ ପ୍ରତିବଦ୍ଧତା ପ୍ରତିଫଳିତ କରେ, ଯାହା ଜନସାଧାରଣଙ୍କୁ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହିତ କରିବା ସହିତ ସ୍ଥାନୀୟ କାରିଗରଙ୍କୁ ସଶକ୍ତ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି ପରିଦର୍ଶନ ସମୟରେ ରାଜ୍ୟପାଳ ବିଭିନ୍ନ ଷ୍ଟଲ୍ ମାଲିକଙ୍କ ସହିତ ଆଲୋଚନା କରିବାସହ ସେମାନଙ୍କ କାରିଗରିକୁ ପ୍ରଶଂସା କରିଥିଲେ। ଆଦିବାସୀ ଏବଂ ଗ୍ରାମୀଣ କାରିଗରଙ୍କ ସୃଜନଶୀଳତାକୁ ମଧ ସେ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟପାଳ ସ୍ଥାନୀୟ କୁମ୍ଭକାରଙ୍କ ଦ୍ୱାରା ତିଆରି ମାଟି ଦୀପ ଜଳାଇ ପରିବେଶ ଅନୁକୂଳ ଏବଂ ପାରମ୍ପରିକ ଉପାୟରେ ଦୀପାବଳି ପାଳନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି। ଏପରି ଉତ୍ପାଦ କିଣିବା ଦ୍ୱାରା ପାରମ୍ପରିକ କୁମ୍ଭକାରଙ୍କ ବୃତ୍ତି ବଜାୟ ରହିବ ଏବଂ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରାଯାଇ ପାରିବ ବୋଲି ରାଜ୍ୟପାଳ କହିଛନ୍ତି।

## ସିକିମ୍‌ରେ ତିରୁପତି ପାଣିଗ୍ରାହୀଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ୍ ଆୱାର୍ଡ



ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)

ସିକିମ୍‌ସ୍ଥିତ ଆଇସିଏଫ୍‌ଏଆଇ ବିଶ୍ୱବିଦ୍ୟାଳୟର ୧୮ତମ ସମାବର୍ତ୍ତନ ଉତ୍ସବ ଏବଂ ସିକିମ୍ ରାଜ୍ୟର ୫୦ ବର୍ଷ ପୂର୍ତ୍ତି ଉତ୍ସବ ସିକିମ୍ ଗ୍ୟାଙ୍ଗଟକ୍‌ସ୍ଥିତ ଚିନ୍ତନ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଓଡିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ହାଇଟେକ୍ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କୁ ତାଙ୍କର ବଳିଷ୍ଠ ନେତୃତ୍ୱ, ଦୂରଦୃଷ୍ଟି ଏବଂ ଶିକ୍ଷା ପ୍ରତି ଆଜୀବନ ଉତ୍ସର୍ଗୀକୃତତା ପାଇଁ ଆଇସିଏଫ୍‌ଏଆଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ୍ ଆୱାର୍ଡ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ସିକିମ୍ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ସୋମଦ୍ଦର ଏବଂ ସମ୍ମାନିତ ଅତିଥି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଡ. ଜଷ୍ଟିସ୍ ଡି.ୱାଇ ଚନ୍ଦ୍ରଚୂଡଙ୍କଠାରୁ ସେ ଏହି ସମ୍ମାନ ଗ୍ରହଣ କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମରେନ୍ଦ୍ର


@ ମୁଜାଫର


@ ତ୍ରିଲୋଚନ


@ ଉତ୍ତମ


@ ବିଭୂତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜମୁଛି ଜାତୀୟ ଆଦିବାସୀ ମହୋତ୍ସବ

### ଷଷ୍ଠ ସନ୍ଧ୍ୟାରେ ସଙ୍ଗୀତ, ନୃତ୍ୟର ସମାରୋହ

ଭୁବନେଶ୍ୱର, ୧୬।୧୦ (ବନ୍ଦନା ସେଠୀ)

ଆଦିବାସୀଙ୍କ ଐତିହ୍ୟ, କଳା, ସଂସ୍କୃତି ଓ ସଶକ୍ତୀକରଣର ଅନନ୍ୟ ନିଦର୍ଶନ ସ୍ୱରୂପ ପରିଚୟ ଫାଉଣ୍ଡେଶନ ପକ୍ଷରୁ ପ୍ରଦର୍ଶନୀ ପଡିଆରେ ଚାଲିଛି ୧୨ତମ ଜାତୀୟ ଆଦିବାସୀ ମହୋତ୍ସବ। ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ, ବସ୍ତ୍ର ମନ୍ତ୍ରଣାଳୟ, ଓର୍‌ମାସ୍, ଟ୍ରାଇଫେଡ୍ ଏବଂ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଆୟୋଜିତ ହେଉଛି। ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମହୋତ୍ସବକୁ ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ଏଥିରେ ୧୧ଟି ରାଜ୍ୟ ଓ ୧୭ଟି ଜିଲାର ଶିଳ୍ପୀମାନେ ତାଙ୍କ ହସ୍ତଶିଳ୍ପ, ହସ୍ତତନ୍ତ ଓ ଜୈବିକ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ତେବେ ଗୁରୁବାର ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ସଙ୍ଗୀତ, ନୃତ୍ୟର ସମାରୋହ ଦେଖିବାକୁ ମିଳିଥିଲା। ଭାରତର ବିଭିନ୍ନ ରାଜ୍ୟ ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ଓଡ଼ିଶାର ବିଭିନ୍ନ ଜନଜାତି ଅଞ୍ଚଳର ଦଳଗୁଡ଼ିକ ଆଦିବାସୀ ଗୀତ ଓ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମୋହିତ କରିଥିଲେ। ଝାଡ଼ଖଣ୍ଡର ନଗଡ଼ା ଟିମ, ଖୋର୍ଦ୍ଧା ପାଇକ ନାଚ ଓ ସୁନ୍ଦରଗଡର କିଷାନ ଆଦିବାସୀ ଗ୍ରୁପ୍, ସୁନ୍ଦରଗଡ଼ର କଳାଜିବୀ ଗ୍ରୁପ୍ ଲୋକକଳା ପ୍ରଦର୍ଶନ କରିଥିଲେ। ଏଥିସହ ଆଦିବାସୀ ଖାଦ୍ୟ ଷ୍ଟଲ ଓ ଖେଳଜୋନ୍ ଦର୍ଶକଙ୍କୁ ବିଶେଷ ଆକୃଷ୍ଟ କରିଥିଲା। ସନ୍ଧ୍ୟାର ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଭାଜପା ନେତା କାଳନ୍ଦୀ ସାମଲ, ପଞ୍ଚାନନ ନାୟକ, ସଜ୍ଜନ ଶର୍ମା, ହାଣ୍ଡିକ୍ରାଫ୍ଟସ୍ ଡି.ସି. ପରମେନ୍ଦ୍ର ସିଂହ ପ୍ରମୁଖ ଯୋଗଦେଇଥିଲେ। ୨୦୧୭ରୁ ଫାଉଣ୍ଡେଶନ ରାଜ୍ୟର ବିଭିନ୍ନ ସହର ଯଥା ଭୁବନେଶ୍ୱର, ଅନୁଗୋଳ, ସମ୍ବଲପୁର, କଟକ ଓ ପୁରୀରେ ଏହି ଜାତୀୟସ୍ତରୀୟ ଆଦିବାସୀ ମେଳାର ଆୟୋଜନ କରୁଛି ବୋଲି ଫାଉଣ୍ଡେଶନ ସଭାପତି ଶୁଭାଶିଷ ଦାସ ସୂଚନା ଦେଇଛନ୍ତି।


ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ସହ ଅନ୍ୟ ଅତିଥିମାନେ।

## ରିଲିଜ୍ ପୂର୍ବରୁ 'ଲଢ଼େଇ' ଉପରେ ଲାଗିଲା ଅଙ୍କୁଶ

- ମିଳିଲାନି 'ଏ' ସାର୍ଟିଫିକେଟ୍, ରିଭ୍ୟୁ ଲାଗି ମୁମ୍ବାଇ ପଠାଇଲା ଓଡ଼ିଶା ସେନ୍ସର୍ ବୋର୍ଡ
- ତୀବ୍ର ପ୍ରତିକ୍ରିୟା ପ୍ରକାଶ କଲେ ପ୍ରଯୋଜକ, ନିର୍ଦ୍ଦେଶକ ଓ ସମୀକ୍ଷକ

ଭୁବନେଶ୍ୱର,୧୬।୧୦ (ସୌମ୍ୟରଞ୍ଜନ ରାଉତ)


ଖବରଦାତା ସମ୍ମିଳନୀରେ ପ୍ରଯୋଜକ ଦେବାଶିଷ ପଟ୍ଟନାୟକ, ନିର୍ଦ୍ଦେଶକ ଅଶୋକ ପତି ପ୍ରମୁଖ ସୂଚନା ଦେଉଛନ୍ତି।

ରିଲିଜ୍ ସମୟ ନିର୍ଦ୍ଧାରିତ ହୋଇଥିଲା। ଫିଲ୍ମ ଲାଗି ପ୍ରଚାର ପ୍ରସାର ମଧ୍ୟ ଜୋର୍‌ଦାର ଚାଲିଥିଲା। ହଲ୍ ବୁକିଂ ସରିଥିବା ବେଳେ ଶେଷ ସମୟରେ ଓଡ଼ିଆ ସିନେମା 'ଲଢ଼େଇ'ର ରିଲିଜ୍ ଉପରେ ରାଜ୍ୟ ଫିଲ୍ମ ସେନ୍ସର ବୋର୍ଡ ଅଙ୍କୁଶ ଲଗାଇଦେଇଛି। 'ଏ' ସାର୍ଟିଫିକେଟ ନ ଦେଇ ସେନ୍ସର ବୋର୍ଡ ଏହି ଫିଲ୍ମକୁ ରିଭ୍ୟୁ ଲାଗି ମୁମ୍ବାଇସ୍ଥିତ 'ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍'କୁ ପଠାଇ ଦେଇଛି। ତେବେ ରିଲିଜ୍ ପୂର୍ବରୁ 'ଲଢ଼େଇ' ଉପରେ କାହିଁକି ଅଙ୍କୁଶ ଲାଗିଲା ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ ଏହା ସିନେ ପ୍ରଯୋଜକ, ନିର୍ଦ୍ଦେଶକ ଏବଂ ସମସ୍ତ ସିନେପ୍ରେମୀଙ୍କୁ ସ୍ତବ୍ଧ କରିଦେଇଛି।

ଏନେଇ ଭୁବନେଶ୍ୱର ଆଇଆର୍‌ସି ଭିଲେଜ୍‌ସ୍ଥିତ ଏକ କାଫେଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ ପ୍ରଯୋଜକ ଦେବାଶିଷ ପଟ୍ଟନାୟକ ଓ ନିର୍ଦ୍ଦେଶକ ଅଶୋକ ପତି କହିଛନ୍ତି, ସିନେମାରେ ମାତ୍ରାଧିକ ହିଂସାତ୍ମକ ଦୃଶ୍ୟ ଥିବା ଦର୍ଶାଇ ରାଜ୍ୟ ସେନ୍ସର ବୋର୍ଡ ଫିଲ୍ମଟିକୁ 'ଏ' ସାର୍ଟିଫିକେଟ ନ ଦେଇ ରିଭ୍ୟୁ ପାଇଁ ମୁମ୍ବାଇ ପଠାଇ ଦେଇଛନ୍ତି। ନିକଟ ଅତୀତରେ 'ଆନିମଲ' ପରି ଅନେକ ହିନ୍ଦୀ ଏବଂ ଅନ୍ୟ ଭାଷାରେ ନିର୍ମିତ ଚଳଚ୍ଚିତ୍ର ଓଡ଼ିଶାରେ ପ୍ରଦର୍ଶିତ ହୋଇଛି। ଯେଉଁଥିରେ ହାଣ କାଟ, ମାରଧର ଓ ରକ୍ତରଞ୍ଜିତ ଭଳି ଭରପୂର ହିଂସାତ୍ମକ ଦୃଶ୍ୟ ରହିଛି। 'ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍' କେନ୍ଦ୍ର ସରକାରଙ୍କ ଅଧୀନ ଏକ ସଂସ୍ଥା। ଅତ୍ୟଧିକ ହିଂସାତ୍ମକ ସିନ୍ ରହିଥିବା ବହୁ ହିନ୍ଦୀ, ତେଲୁଗୁ, କନ୍ନଡ଼ ଚଳଚ୍ଚିତ୍ର ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ ଦ୍ୱାରା ଅନ୍ୟ ରାଜ୍ୟରୁ ସାର୍ଟିଫିକେଟ୍ ପାଇ ଓଡ଼ିଶାରେ ପ୍ରଦର୍ଶିତ ହୋଇ ବେଶ ଆୟ କରୁଥିବାବେଳେ ଓଡ଼ିଆ ସିନେମାରେ ସାମାନ୍ୟ ହିଂସା ଦୃଶ୍ୟ ପାଇଁ 'ଲଢ଼େଇ' ସିନେମାକୁ 'ଏ' ସାର୍ଟିଫିକେଟ ନ ଦେଇ ମୁମ୍ବାଇ ରିଭ୍ୟୁ କମିଟିକୁ ପଠାଇବା ଏହାର ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତାଙ୍କ ସହିତ ଅନ୍ୟ ବରିଷ୍ଠ ପ୍ରଯୋଜକ, ନିର୍ଦ୍ଦେଶକ ଏବଂ ସିନେ ସମୀକ୍ଷକଙ୍କୁ ଚକିତ କରିଛି। ପ୍ରଯୋଜକ ସଞ୍ଜୟ ନାୟକ କହିଛନ୍ତି, ଏମିତି ହେବା ଦ୍ୱାରା ଓଡ଼ିଆ ପ୍ରଯୋଜକଙ୍କ ମନୋବଳ ଭାଙ୍ଗି ଯାଉଛି। ନୂଆ ଅଭିନେତାମାନଙ୍କୁ ସୁଯୋଗ ନ ଦେବା ପାଇଁ ଏହା ପଛରେ କିଛି ଷଡ଼ଯନ୍ତ୍ର ଥାଇପାରେ ବୋଲି ସେ ଆଶଙ୍କା କରିଛନ୍ତି। ସେହିଭଳି ବରିଷ୍ଠ ଖବରଦାତା, ସିନେ ସମୀକ୍ଷକ ତଥା ଜାତୀୟ ମିଡିଆ ଫାଉଣ୍ଡେଶନର ରାଜ୍ୟ ମୁଖପାତ୍ର ଶ୍ୟାମା ପ୍ରସାଦ ମିଶ୍ର କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ ସଂସ୍ଥା ଭାରତ ବର୍ଷରେ ସେନ୍ସର ପାଇଁ ଗୋଟିଏ ନୀତି ଆଣିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି।

**ନୂଆପଡ଼ା ଉପନିର୍ବାଚନ**

# ଭାଜପାର ୪୦ ଷ୍ଟାର ପ୍ରଚାରକ

ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ପାଇଁ ବିଗୁଲ ବାଜିସାରିଥିବା ବେଳେ ୩ ଦଳର ପ୍ରାର୍ଥୀଙ୍କ ନାମ ମଧ ଘୋଷଣା ସରିଛି। ଉପନିର୍ବାଚନ ଲାଗି ଭାଜପା ପକ୍ଷରୁ ୪୦ ଜଣିଆ ତାରକା ପ୍ରଚାରକ ତାଲିକା ଗୁରୁବାର ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ପ୍ରଦାନ କରାଯାଇଛି। ଏହି ତାରକା ପ୍ରଚାରକମାନେ ପ୍ରଚାରର ମଞ୍ଚ ଧରି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ଦଳ ସହିତ ଯୋଡ଼ିହେବା ପାଇଁ ଭୋଟରଙ୍କୁ ଆକୃଷ୍ଟ କରିବେ ବୋଲି ଦଳର ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ଏହି ୪୦ ଜଣିଆ ତାଲିକାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ

## ମୁଖ୍ୟମନ୍ତ୍ରୀଙ୍କ ସହ ବିଷ୍ଣୁଦେବ ସାଏ, ଧର୍ମେନ୍ଦ୍ର, ଅଶ୍ୱିନୀ, ଜୁଏଲ ପ୍ରଚାର କରିବେ

ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଓ ପ୍ରଭାତୀ ପରିଡ଼ା, ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ, ମନ୍ତ୍ରୀ ସୁରେଶ ପୂଜାରୀ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସାଂସଦ ବ୍ରିଜମୋହନ ଅଗ୍ରୱାଲ, ଏମ୍‌ପି ସଂଗୀତା ସିଂଦେଓ, ମନ୍ତ୍ରୀ ରବିନାରାୟଣ ନାଏକ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଛତିଶଗଡ଼ ସରକାରଙ୍କ ମନ୍ତ୍ରୀ ଗୁରୁ ଖୁସ୍‌ୱନ୍ତ ସାହିବ, ସାଂସଦ ପ୍ରଦୀପ ପୁରୋହିତ, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ସାଂସଦ ରୂପକୁମାରୀ ଚୌଧୁରୀ, ସାଂସଦ ମାଳବିକା ଦେବୀ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ଆକାଶ ଦାସନାୟକ, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତି, ବରିଷ୍ଠ ନେତା ରଞ୍ଜନ କୁମାର ପଟେଲ, ପ୍ରସିଦ୍ଧ ଅଭିନେତା ତଥା ଛତିଶଗଡ଼ ବିଧାୟକ ଅନୁଜ ଶର୍ମା, ରୋହିତ ସାହୁ, ଯୋଗେଶ୍ୱର ରାଜୁ ସିହ୍ନା, ବିଧାୟକ ଲକ୍ଷ୍ମଣ ବାଗ ଏବଂ ସନତ ଗଡ଼ତିଆ ପ୍ରମୁଖ ସାମିଲ ଅଛନ୍ତି। ଏହି ଷ୍ଟାର ପ୍ରଚାରକ ତାଲିକା ପ୍ରଦାନ ସମୟରେ ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଦିଲୀପ ମଲିକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ, ରାଜ୍ୟ ଲିଗାଲ ସେଲ୍ ସଂଯୋଜକ ଜୟନ୍ତ ଜେନା, ବରିଷ୍ଠ ନେତା ମୁରଲୀ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଗଙ୍ଗନଗର ଜନସମ୍ପର୍କ ଯାତ୍ରାରେ ଯୋଗଦେଲେ ନବୀନ

ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗୁରୁବାର ୮୦ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ଜନ୍ମଦିନ ଅବସରରେ ସେ ପୂର୍ବାହ୍ନରେ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ଗଙ୍ଗନଗର ବିଜୁ ଆଦର୍ଶ କଲୋନିଠାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ବିଜେଡି ନେତା ଓ କର୍ମୀମାନଙ୍କ ଗହଣରେ ନବୀନ କିଛି ବାଟ ଚାଲିବା ସହିତ ଆୟୋଜିତ ସଭାରେ ଉପସ୍ଥିତ ଜନତା ଏବଂ କର୍ମୀଙ୍କୁ ଜନ୍ମଦିନର ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ବିଜେଡି ରାଜ୍ୟବାସୀଙ୍କ ସହିତ ସବୁବେଳେ ରହିଛି ଓ ରହିଥିବ। ସେବା ବିଜେଡିର ମୂଳମନ୍ତ୍ର। ତେଣୁ ଲୋକଙ୍କ ସେବା ଜାରି ରଖିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେବା ସହିତ ଶେଷ ପର୍ଯ୍ୟନ୍ତ ସେ ଓଡ଼ିଶାର ସେବା କରିଚାଲିବେ ବୋଲି ନବୀନ କହିଛନ୍ତି। ଭୁବନେଶ୍ୱର ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ଏମ୍‌ପି ଦେବାଶିଷ ସାମନ୍ତରାୟ, ବିଧାୟକ ପ୍ରମିଳା ମଲ୍ଲିକ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ବିଭୂତି ବଳବନ୍ତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ଏବଂ ବିଜେଡିର କର୍ପୋରେଟରମାନେ ଯୋଗଦେଇଥିଲେ। ଏହି ଅବସରରେ ନବୀନ ପିଲାମାନଙ୍କୁ ଚକୋଲେଟ ବାଣ୍ଟିଥିଲେ। ନବୀନ ତାଙ୍କ ଜନ୍ମଦିନ ଏସ୍‌ଓଏସ୍ ଭିଲେଜର ପିଲାମାନଙ୍କ ଗହଣରେ ପାଳିଛନ୍ତି। ସେଠାରେ ପୂର୍ବାହ୍ନରେ ପହଞ୍ଚିବା ପରେ ପିଲାମାନେ ତାଙ୍କୁ ସ୍ୱାଗତ କରିଥିଲେ। ପିଲାଙ୍କ ଦ୍ୱାରା ପ୍ରସ୍ତୁତ କେକ୍ କାଟିବା ସହ ପିଲାଙ୍କୁ ତାହା ଖୁଆଇ ଦେଇଥିଲେ। ପିଲାଙ୍କୁ ଉପହାର ଦେଇଥିଲେ। ପିଲାଙ୍କୁ ଆଶୀର୍ବାଦ କରି ନବୀନ କହିଛନ୍ତି, ବର୍ତ୍ତମାନ ପିଲାଙ୍କ ସହ ଜନ୍ମଦିନ ପାଳନ କରି ସେ ବହୁତ ଖୁସି। ତାଙ୍କ ଜନ୍ମଦିନରେ ସାମିଲ ହୋଇଥିବାରୁ ପିଲାମାନଙ୍କୁ ସେ ଧନ୍ୟବାଦ ଜଣାଇବା ସହ ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ଆଶୀର୍ବାଦ କରିଛନ୍ତି।



ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

# ଜମି ଦଖଲକୁ ନେଇ ୨ ଗାଁ ମୁହାଁମୁହିଁ

ଦିଗପହଣ୍ଡି/ପାଟପୁର,୧୬।୧୦ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ସିଙ୍ଗପୁର ପଞ୍ଚାୟତ ରତ୍ନମଣିପୁର ମୌଜାର ଏକ ରାସ୍ତାକଡ଼ ଜମି ଦଖଲକୁ ନେଇ ସିଙ୍ଗପୁର ଏବଂ ରତ୍ନମଣିପୁର ଗ୍ରାମବାସୀଙ୍କ ବିବାଦ ଗୁରୁବାର ଉଗ୍ରରୂପ ନେଇଛି। ବିବାଦୀୟ ଜମିରେ ସନ୍ଧ୍ୟାରେ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଲାଗୁ ସହ ୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି।

ଡେଙ୍ଗାଓସ୍ତା ଗ୍ରାମରୁ ସିଙ୍ଗପୁର ଯିବା ରାସ୍ତାରେ ରତ୍ନମଣିପୁର ମୌଜାରେ ଥିବା ପଞ୍ଚାୟତର ସରକାରୀ ଜମିକୁ ଉଭୟ ଗ୍ରାମର ବହୁ ଲୋକ ପ୍ରାୟ ୫୦ ବର୍ଷ ହେଲା ଜବରଦଖଲ କରି ରଖିଥିଲେ। କିଛିଦିନ ପୂର୍ବେ ପ୍ରଶାସନ ପକ୍ଷରୁ ସେଠାରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ପରେ ରତ୍ନମଣିପୁର ଏବଂ ଡେଙ୍ଗାଓସ୍ତାର କେତେଜଣ ବ୍ୟକ୍ତି ଉକ୍ତ ଜମିରେ ହନୁମାନ ମୂର୍ତ୍ତି ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଚଳାଇଥିଲେ। ଜମିକୁ ଲାଗିଥିବା ପଞ୍ଚାୟତ ପୋଖରୀ ପୋତି ଏକ ପାର୍କ କରିବାକୁ ଯୋଜନା ହୋଇଥିବାରୁ ସିଙ୍ଗପୁରରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ବିରୋଧ କରି ଗୁରୁବାର ପୂର୍ବାହ୍ନରେ ସିଙ୍ଗପୁର ଗ୍ରାମବାସୀ ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଖୁବ୍‌ଶୀଘ୍ର ବିବାଦୀୟ ଜମିରେ ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଗ୍ରାମବାସୀ ରତ୍ନମଣିପୁର ଆସି ଉକ୍ତ ଜମିର ପାଚେରି ଓ ନିର୍ମାଣ କାମ ଭଙ୍ଗାରୁଜା କରିଥିଲେ। ରତ୍ନମଣିପୁରର ବହୁ ଲୋକ ସେଠାରେ ପହଞ୍ଚିବାରୁ ସ୍ଥିତି ଅଣାୟତ୍ତ ହୋଇଥିଲା। ଉଭୟପକ୍ଷ ପରସ୍ପରକୁ ଟେକାପଥର ମାଡ଼ କରିଥିଲେ। ଏଥିରେ ଏକାଧିକ ଆହତ ହୋଇଥିଲେ। ପରେ ସିଙ୍ଗପୁରର ବହୁ ବ୍ୟକ୍ତି ଡେଙ୍ଗାଓସ୍ତା ନିକଟ ୩୨୬ ନଂ. ଜାତୀୟ ରାଜପଥରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ତହସିଲଦାର ଓ ପୋଲିସ ଅଧିକାରୀମାନେ ବୁଝାଶୁଝା କରିବାରୁ ଅପରାହ୍ନ ସାଢ଼େ ୫ଟାରେ ରାସ୍ତାରୋକୋ ହଟିଥିଲା। ପରେ ପୁଣି ପୋଲିସ ଉପସ୍ଥିତିରେ ସିଙ୍ଗପୁରର କେତେଜଣ ଜମିରେ ମଣ୍ଡପ, ଅସ୍ଥାୟୀ ଟେଣ୍ଟ ଭାଙ୍ଗି ଦେଇଥିଲେ।



ବିବାଦୀୟ ଜମିରେ ଭଙ୍ଗାରୁଜା କରାଯାଇଥିବା ବେଳେ ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି।

**ବିଏନ୍‌ଏସ୍‌ଏସ୍ ୧୬୩ ଲାଗୁ, ୫ ପ୍ଲାଟୁନ୍ ଫୋର୍ସ ମୁତୟନ**






## ବୃଦ୍ଧାଶ୍ରମରେ ଫଳ ବଣ୍ଟନ

**ଟାଙ୍ଗୀ(ରଘୁନାଥ ସାହୁ):** ବିଶ୍ୱ ଖାଦ୍ୟ ଦିବସ ଉପଲକ୍ଷେ ଚଣ୍ଡେଶ୍ୱରସ୍ଥିତ ଟାଙ୍ଗୀ ମାଉଣ୍ଟ ଲିଟେରା ଜି ସ୍କୁଲର ଛାତ୍ରୀଛାତ୍ରମାନେ ଟାଙ୍ଗୀ ବୃଦ୍ଧାଶ୍ରମରେ ଫଳ ବାଣ୍ଟିଥିଲେ। ୩୦ଜଣ ଅନ୍ତେବାସୀଙ୍କୁ ଫଳ ପ୍ୟାକେଟ୍ ପ୍ରଦାନ କରାଯାଇଛି। ସ୍କୁଲ ଅଧକ୍ଷ ପ୍ରଦୋଷ କୁମାର ସ୍ୱାଇଁ, ପ୍ରିଜ ପ୍ରଦୀପ, ଶୁଭେନ୍ଦୁ କୁମାର ସେନାପତି, ତାରା ପ୍ରସାଦ ପଟ୍ଟନାୟକ, ବିଜୟ କୁମାର ରାଉତ, ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଣ ଜବତ, ୨ ଗିରଫ

**କୃଷ୍ଣପ୍ରସାଦ,୧୬।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ):** ଆଉ ଦିନ କେଇଟା ପରେ ଆଲୋକର ପର୍ବ ଦୀପାବଳି। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଗାଁଠୁ ସହର। ଅନ୍ୟପକ୍ଷରେ ସକ୍ରିୟ ହୋଇପଡିଛନ୍ତି ବେଆଇନ ବାଣ ବ୍ୟବସାୟୀ। ବେଆଇନ ଭାବେ ଚାଲିଥିବା ବାଣ ବ୍ୟବସାୟ ରୋକିବାକୁ ଆରମ୍ଭ ହୋଇଛି ଧରପଗଡ଼। ବେଆଇନ ଭାବେ ବାଣ ବ୍ୟବସାୟ କରୁଥିବା ଅଭିଯୋଗରେ କୃଷ୍ଣପ୍ରସାଦ ଥାନା ପୋଲିସ ଦୁଇଟି ଦୋକାନରେ ଚଢ଼ାଉ କରି ଦୁଇ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଉକ୍ତ ଦୋକାନରୁ ବିସ୍ଫୋରକ ସାମଗ୍ରୀ ଏବଂ ବାଣ ଜବତ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ବେଆଇନ ଭାବେ ବାଣ ବ୍ୟବସାୟ କରୁଥିବା ବେପାରୀଙ୍କ ମଧ୍ୟରେ ଛନକା ପଶିଛି।

### ଅବସରପ୍ରାପ୍ତ ପୋଲିସ ଅଧିକାରୀ ଜୟକୃଷ୍ଣଙ୍କ ପରଲୋକ

**ବେଗୁନିଆ,୧୬।୧୦(ହର ପ୍ରସନ୍ନ ପଣ୍ଡା):** ଅବସରପ୍ରାପ୍ତ ପୋଲିସ ଅଧିକାରୀ ଜୟକୃଷ୍ଣ ପଣ୍ଡାଙ୍କ ଗୁରୁବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୮୩ବର୍ଷ ହୋଇଥିଲା। ବେଗୁନିଆ ବ୍ଲକ ବାଘମାରୀ ଗ୍ରାମରେ ଜନ୍ମିତ ଜୟକୃଷ୍ଣ ବାଙ୍କୀ ଥାନା ଭାରପ୍ରାପ୍ତ ଅଧିକାରୀଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ପରେ ସେ ବେଗୁନିଆ ସଦର ମହକୁମାରେ ସ୍ଥାୟୀ ବାସିନ୍ଦା ଭାବେ ବସବାସ କରି ଆସୁଥିଲେ। ଏକାଧାରରେ ସେ ଜଣେ ପରୋପକାରୀ, ବନ୍ଧୁବତ୍ସଳ ଏବଂ ଦକ୍ଷ ପୋଲିସ ଅଧିକାରୀ ଭାବେ ପରିଚିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ଇଂ.ରାମମାନସ ପଣ୍ଡା ମୁଖାଗ୍ନି ଦେଇଥିଲେ। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ଗ୍ରାମ କମିଟି ସଭାପତି ମାୟାଧର ମାର୍ଥା, ସାମାଜିକ କର୍ମୀ ପ୍ରଭାତ ପ୍ରହରାଜ, ପ୍ରଶାନ୍ତ ବାରିକ, ଖୋକନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଦାଶ, ଶିକ୍ଷାବିତ୍ ଭାଗୀରଥି ପରିଡ଼ା, ପଣ୍ଡିତ ଦୀନବନ୍ଧୁ ଦାଶଙ୍କ ସମେତ ବହୁ ବୁଦ୍ଧିଜୀବୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ହଜିଥିବା ମୋବାଇଲ ଫେରିପାଇଲେ ଯୁବତୀ

**ବେଗୁନିଆ,୧୬।୧୦(ସନ୍ଧ୍ୟାରାଣୀ ମିଶ୍ର):** ବାଘମାରୀ ଥାନା ସାରୁଆ ଶିଳ୍ପାଞ୍ଚଳରେ ଗଢ଼ିଉଠିଥିବା ଏକ ଷ୍ଟୁଡିଓକୁ ନିରାକାରପୁର ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ବର୍ଷା ପ୍ରଧାନ ଆସିଥିବା ବେଳେ ତାଙ୍କ ମୋବାଇଲ ଫୋନ ହଜିଯାଇଥିଲା। ତେବେ ମୋବାଇଲ କେଉଁଠାରେ ହଜି ଯାଇଥିବାରୁ ସେ ବାଘମାରୀ ଥାନାର ସହାୟତା ନେଇଥିଲେ। ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ଉପନୀରିକ୍ଷକ ଚନ୍ଦନ ଦାସ ତଦନ୍ତ କରି ହଜି ଯାଇଥିବା ମୋବାଇଲ ଜବତ କରି ବର୍ଷାଙ୍କୁ ହସ୍ତାନ୍ତର କରିଥିଲେ। ପରେ ବର୍ଷା ପୋଲିସଙ୍କୁ କୃତଜ୍ଞତା ଜଣାଇଥିଲେ।

### ଶିକ୍ଷାବିତ୍ ଅନନ୍ତଙ୍କ ସ୍ମୃତିଚାରଣ

**ବେଗୁନିଆ,୧୬।୧୦(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ମାଟିର ଅନନ୍ୟ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ତଥା ଶିକ୍ଷାବିତ୍ ଅନନ୍ତ ଚରଣ ପ୍ରହରାଜଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତଳସାହିସ୍ଥିତ ବାସଭବନ ପରିସରରେ ସ୍ମୃତି ସଭା ହୋଇଥିଲା। ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥିଭାବେ ଅବସରପ୍ରାପ୍ତ ନୟାଗଡ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ଖୋର୍ଦ୍ଧା ଜିଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ଅବସରପ୍ରାପ୍ତ ଅଧକ୍ଷ ପ୍ରଫୁଲ୍ଲ ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ପରେ ଅନନ୍ତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସେ ଜଣେ ସ୍ନେହୀ,ମେଳାପି ଓ ପରୋପକାରୀ ଥିଲେ। ନ୍ୟାୟ, ଶିକ୍ଷା ଏବଂ ସମାଜର ସେବା ପ୍ରତି ତାଙ୍କ ଅବଦାନ ଅବିସ୍ମରଣୀୟ। ଅନେକ ଶିକ୍ଷାନୁଷ୍ଠାନ ଓ ଅନୁଷ୍ଠାନ ଗଢି ତୋଳିବାରେ ତାଙ୍କର ଭୂମିକା ଅତୁଳନୀୟ ବୋଲି ଅତିଥିମାନେ କହିଥିଲେ। ପ୍ରଧାନ ଶିକ୍ଷକ ଜନ୍ମେଶ୍ୱର ମଙ୍ଗରାଜଙ୍କ ସମ୍ପାଦନାରେ ପତିତପାବନ ବଳବନ୍ତରାୟ, ଯୋଗେଶ୍ୱର ସୁନ୍ଦରାୟ,ସଙ୍ଗୀତା ଦାଶ, ଯୁଧିଷ୍ଠିର ସାହୁ, ଅମୀୟ ପରିଡା, ସତ୍ୟନାରାୟଣ ସାମନ୍ତରାୟ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ଦୁଃଖି ଶ୍ୟାମ ଜୟସିଂହ, ମାୟାଧର ମାର୍ଥା, ରାମଚନ୍ଦ୍ର ସାହୁ, ବାସନ୍ତୀ ସାହୁ, ନୀଳକଣ୍ଠ ସ୍ୱାଇଁ, ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୀଳାଚଳ ସତସଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ବିଜୟ, ବସନ୍ତ ଏବଂ ପ୍ରଭାତ ଧନ୍ୟବାଦ ଅର୍ପଣ କରିଥିଲେ।

# କଳା, ପ୍ରତିଭା, ନୈପୁଣ୍ୟ ଦେଖାଇଲେ ଶିଶୁ

**ଖୋର୍ଦ୍ଧା,୧୬।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ନରଣଗଡ଼ ଆଞ୍ଚଳିକ ସାଧନକେନ୍ଦ୍ର ଆନୁକୂଲ୍ୟରେ ସରକାରୀ ଉ.ପ୍ରା. ବିଦ୍ୟାଳୟ ଜଗନ୍ନାଥପୁରଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଦାସ ସଭାପତିତ୍ୱ କରିଥିଲେ। ରାଜୀବ ଚରଣ ମହାପାତ୍ର, ଯୁଧିଷ୍ଠିର ଶ୍ରୀଚନ୍ଦନ, ଶରତ ଚନ୍ଦ୍ର ତ୍ରିପାଠୀ ଅତିଥିଭାବେ ଯୋଗଦେଇ କୁନି କୁନି ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭା ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। କ୍ଲଷ୍ଟରର ୧୦ଟି ବିଦ୍ୟାଳୟରୁ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପ୍ରାକ୍ଟିସିଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୋର୍ଦ୍ଧାଠାରେ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କ୍ଲଷ୍ଟରର ୧୧ଟି ବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ନବ କିଶୋର ମହାପାତ୍ର ସଭାପତିତ୍ୱ କରିଥିଲେ। ଡିଆଇଟି ଅଧକ୍ଷ ଡ. ତାପସ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଲାଙ୍କ ସୃଜନଶୀଳତା ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ସୁରଭି ପ୍ରତିଯୋଗିତା ପିଲାଙ୍କ ପ୍ରତିଭା ଦେଖାଇବା ଏକ ପ୍ଲାଟ୍‌ଫର୍ମ ସାଜିଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିବ୍ୟସିଂ ସୁବୁଦ୍ଧି କହିଥିଲେ, ପରିଶ୍ରମ ସଫଳତାର ମାପକାଠି। ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ଦାସ, ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ବେହେରା, ଶିକ୍ଷକ କେଶବ ଚନ୍ଦ୍ର ତ୍ରିପାଠୀ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।



କେରେଣ୍ଡାଟାଙ୍ଗୀ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଜଣେ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

**ଟାଙ୍ଗୀ (ରଘୁନାଥ ସାହୁ):** କେରେଣ୍ଡାଟାଙ୍ଗୀ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅର୍ଜୁନପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ଅନ୍ତର୍ଗତ ୧୫ଟି ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଧାନଶିକ୍ଷକ ପ୍ରଭାକର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ମଝିଆଖଣ୍ଡ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନ, ମୋ ସ୍କୁଲ ସଭାପତି ଭିକାରୀ ବାରିକ, ଉପସଭାପତି ପ୍ରଫୁଲ୍ଲ ଦାସ, ରାଇପଡ଼ା ସରପଞ୍ଚ ବାସନ୍ତୀ ଦେଇ ପ୍ରମୁଖ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ବିକଶିତ ହୋଇପାରିବ ବୋଲି କହିଥିଲେ। ସିଆର୍‌ସିସି ଶ୍ରୀମୟ କୁମାର ଦଳାଇ ସଂଯୋଜନା କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୈଳାସ ଚନ୍ଦ୍ର ମାଝୀ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ସଂସାରୀ ବାରିକ, ଅଞ୍ଜନ କୁମାର ଗଜେନ୍ଦ୍ର, ଲକ୍ଷ୍ମୀଧର ବେହେରା, ତପନ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ଗୁରୁବାର ଅନୁଷ୍ଠିତ ବିଶ୍ୱ ହାତଧୁଆ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

## ସର୍ପ ଦଂଶନ, ବଜ୍ରପାତ ମୃତ୍ୟୁ ସଚେତନତା କାର୍ଯ୍ୟକ୍ରମ

**ବାଘମାରୀ,୧୬।୧୦(ମିହିର ରଞ୍ଜନ ମହାପାତ୍ର)**

ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ବାଘମାରୀର ରଘୁନାଥ ଦେବ ସରକାରୀ ଉଚ୍ଚବିଦ୍ୟାଳୟରେ ସର୍ପ ଦଂଶନ ଓ ସାରୁଅ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବଜ୍ରପାତଜନିତ ମୃତ୍ୟୁ ଉପରେ ସଚେତନତା ସୃଷ୍ଟି ନିମନ୍ତେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସର୍ପ ମିତ୍ର ଲିଟୁ ବିଭିନ୍ନ ସାପ ପ୍ରଦର୍ଶନ ସହ ସର୍ପ ଦଂଶନ ସହିତ ଜଡ଼ିତ ବିଭିନ୍ନ ଅନ୍ଧବିଶ୍ୱାସକୁ ଉପଯୋଗ ନ କରି ତୁରନ୍ତ ଡାକ୍ତରଖାନା ଯିବା ପାଇଁ ପରାମର୍ଶ ଦେଇଥିଲେ। ଆବଶ୍ୟକ ପଡିଲେ ସ୍ନେକ ହେଲ୍ପ ଲାଇନର ସାହାଯ୍ୟ ନେବା ପାଇଁ କହିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକ ପରିଚାଳନା କରିଥିଲେ। ସେହିପରି ସାରୁଅ ଉଚ୍ଚପ୍ରାଥମିକ ବିଦ୍ୟାଳରେ ବଜ୍ରପାତଜନିତ ସତର୍କତା ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇ ପ୍ରଚାର ପତ୍ର ବଣ୍ଟନ କରଯାଇଥିଲା।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଅତିଥିଙ୍କଠାରୁ ଜଣେ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

**ଝାଁଲା,୧୬।୧୦(ବୁଲା ବାରିକ)**

ରାଜଧାନୀ ଉପକଣ୍ଠ ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଆଇଗିଣିଆ କ୍ଲଷ୍ଟର ଅଧୀନ ୧୧ଟି ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ଏଥିରେ କ୍ଲଷ୍ଟର ସାଧନ ସଂଯୋଜକ ପ୍ରସନ୍ନ କୁମାର ରାଉତ ଅଧକ୍ଷତା କରିଥିଲେ। ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ ମୁଖ୍ୟ ଅତିଥି, ସାମାଜିକ କର୍ମୀ ରବୀନ୍ଦ୍ର ନାଥ ସାହୁ ମୁଖ୍ୟବକ୍ତା, ବିଦ୍ୟାଳୟ ପ୍ରତିଷ୍ଠାତା ଟଙ୍କଧର ଚମ୍ପତି, ପାତ୍ରପଡ଼ା ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଠ୍ ମାଝି ଏବଂ ଶିକ୍ଷାବିତ୍ ଗଗନ ବିହାରୀ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଏମ୍‌ସିର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବେହେରା, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁ ଏବଂ ପରିଚାଳନା କମିଟିର ସଭ୍ୟାସଭ୍ୟମାନେ ସହଯୋଗ କରିଥିଲେ।

## ବିଶ୍ୱ ହାତଧୁଆ ଦିବସ

**ଟାଙ୍ଗୀ,୧୬।୧୦(ରଘୁନାଥ ସାହୁ):** ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ଗୁରୁବାର ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମଣି ମଙ୍ଗରାଜ ହାତଧୁଆ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। କ୍ରୀଡ଼ା ଶିକ୍ଷକ ସତ୍ୟବ୍ରତ ନାୟକ ହାତଧୁଆର ଶୈଳୀ ସମ୍ପର୍କରେ ନମୁନା ପ୍ରଦର୍ଶନ କରିଥିଲେ। ଏହା ପରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ୮ ପର୍ଯ୍ୟାୟରେ ହାତଧୁଆ କରିଥିଲେ। ଶିକ୍ଷକ ବିଶ୍ୱଜିତ୍ ପଲାଇ, ଅନିରୁଦ୍ଧ ସେଠୀ, ଶିକ୍ଷୟିତ୍ରୀ ଶର୍ମିଳା ବେହେରା, ପ୍ରଜ୍ଞା ପାରମିତା ପରିଡ଼ାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ସାଧାରଣଜ୍ଞାନ ବିକାଶ କାର୍ଯ୍ୟକ୍ରମ

**କଳାପଥର,୧୬।୧୦(ଗଙ୍ଗାଧର ସାହୁ):** ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ମିଳିତ ଯୁବକ ସଂଘର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧଳାପଥର କଳାପଥର ଉଚ୍ଚ ବାଳକ ଓ ବାଳିକା ବିଦ୍ୟାଳୟଠାରେ ସାଧାରଣ ଜ୍ଞାନ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାୟକଳ୍ପ କଟକର ସମ୍ପାଦକ ତ୍ରିଲୋଚନ ଦାଶଙ୍କ ଦ୍ୱାରା ପରିଚାଳିତ ସାଧାରଣ ଜ୍ଞାନ ଆହରଣ କାର୍ଯ୍ୟକ୍ରମରେ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ରଣା, ସଂଯୁକ୍ତା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧରମୁଧର ଜୁଝାରସିଂ, ବସନ୍ତ ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ହୋତା ଅତିଥିଭାବେ ଯୋଗଦେଇ ସଫଳ ଶିକ୍ଷାର୍ଥୀ ହେବାକୁ ହେଲେ ସାଧାରଣ ଜ୍ଞାନର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପରିଡ଼ା, ମଲ୍ଲି ଭଞ୍ଜ, ପ୍ରମିଳା ସାହୁ, ଶାଶ୍ୱତୀ ଜେନା, ଅର୍ପିତା ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ସାଧାଣଜ୍ଞାନରେ ବାଳକ ବିଭାଗରେ ଆଦିତ୍ୟ ବରାଳ, ସୋମ ପରିଡ଼ା, ଚନ୍ଦ୍ରକାନ୍ତ ସାହୁ ଓ ଶୁଭମ ସାହୁ ଏବଂ ବାଳିକା ବିଭାଗରେ ଅମ୍ରିତା ସାମନ୍ତରାୟ,ହରପ୍ରିୟା ସାହୁ,ତନୁଶ୍ରୀ ସାହୁ, ପୂର୍ଣ୍ଣିମା ସ୍ୱାଇଁ ପୁରସ୍କୃତ ହୋଇଥିଲେ। ଅନ୍ୟ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ବସନ୍ତ ନାୟକ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଭାଗୀରଥି ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ‘ଅଗ୍ନିଶମ କର୍ମଚାରୀଙ୍କ ସ୍ୱାସ୍ଥ୍ୟର ସୁସ୍ଥତା ଜରୁରୀ’

**ଭୁବନେଶ୍ୱର, ୧୬।୧୦ (ବନ୍ଦନା ସେଠୀ)**



- ଗାଷ୍ଟ୍ରୋ ଲିଭର କେୟାର ଫାଉଣ୍ଡେଶନ ସହ ଏମ୍‌ଓୟୁ ‘କୃତଜ୍ଞତା’ ସ୍ୱାକ୍ଷର
- ସ୍ୱାସ୍ଥ୍ୟ ପରାମର୍ଶ ପାଇଁ ଜାରି ହେବ ଟୋଲ୍ ଫ୍ରି ନମ୍ବର

ଓଡ଼ିଶା ଅଗ୍ନିଶମ ଓ ଜରୁରୀସେବା ବିଭାଗ ପକ୍ଷରୁ ଗାଷ୍ଟ୍ରୋ ଲିଭର କେୟାର ଫାଉଣ୍ଡେଶନ୍ ସହ ଏକ ବୁଝାମଣାପତ୍ର ‘କୃତଜ୍ଞତା’ ସ୍ୱାକ୍ଷର କରାଯାଇଛି। ଗୁରୁବାର ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଗ୍ନିଶମ କର୍ମଚାରୀଙ୍କ ମଧ୍ୟରେ ପ୍ରତିରୋଧମୂଳକ ସ୍ୱାସ୍ଥ୍ୟସେବା, ଯକୃତ ସଚେତନତା ଓ ସମଗ୍ର ଆରୋଗ୍ୟ ପ୍ରଚାର କରିବା ଏହି ଏମ୍‌ଓୟୁର ମୁଖ୍ୟ ଉଦ୍ଦେଶ୍ୟ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଲିଭର ଫଙ୍କସନ ସ୍କ୍ରିନିଂ, ସଚେତନତା ଶିବିର ଓ ଚିକିତ୍ସା ଆଲୋଚନା ମାଧ୍ୟମରେ ଅଗ୍ନିଶମ କର୍ମଚାରୀମାନେ ସୁସ୍ଥ ଜୀବନଯାପନ କରିପାରିବେ। ସର୍ବଦା ବିପଦ ଓ କଠୋର ପରିସ୍ଥିତିରେ ସେବା ଯୋଗାଉଥିବା ଅଗ୍ନିଶମ କର୍ମଚାରୀମାନେ ବ୍ୟକ୍ତିଗତ ସ୍ୱାସ୍ଥ୍ୟର ସୁସ୍ଥତା ଜରୁରୀ ବୋଲି ଅତିଥିମାନେ ମତ ଦେଇଛନ୍ତି। ଫାୟାର ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ କହିଲେ, ଅଗ୍ନିଶମ କର୍ମଚାରୀ ଓ ଅଧିକାରୀମାନେ ଶାରୀରିକ ଭାବେ ଶ୍ରମସାଧ ଓ ଚାପ ଭିତରେ କାମ କରନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ଓ ଫିଟ୍‌ନେସ୍ ନିଶ୍ଚିତ କରିବା ଆମର ଦାୟିତ୍ୱ। ‘କୃତଜ୍ଞତା’ କାର୍ଯ୍ୟକ୍ରମ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା କେବଳ ପେଶାଗତ ବିପଦ ଏଡାଇବାକୁ ନୁହେଁ, ସମଗ୍ର ଜୀବନଶୈଳୀ ସ୍ୱାସ୍ଥ୍ୟକୁ ମଧ୍ୟ ଧ୍ୟାନ ଦେଉଛି। ଫାଉଣ୍ଡେଶନର ଟ୍ରଷ୍ଟି ପ୍ରଫେସର ଡା. ମନୋଜ କୁମାର ସାହୁ ଅଗ୍ନିଶମ ବିଭାଗର ପ୍ରତିରୋଧମୂଳକ ସ୍ୱାସ୍ଥ୍ୟ ପ୍ରବନ୍ଧନ ପ୍ରତି ସକ୍ରିୟ ଭୂମିକାକୁ ପ୍ରଶଂସା କରିଛନ୍ତି। ପ୍ରାରମ୍ଭିକ ଅବସ୍ଥାରେ ଯକୃତଜନିତ ରୋଗଗୁଡ଼ିକ ଚିହ୍ନଟ ନ ହେଲେ ଏଗୁଡିକ ଜୀବନର କାର୍ଯ୍ୟକ୍ଷମତାକୁ ଗଭୀର ଭାବରେ ପ୍ରଭାବିତ କରିଥାଏ। ଖୁବ୍‌ଶୀଘ୍ର ରାଜ୍ୟର ଅଗ୍ନିସେବା ବିଭାଗ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ନେବାକୁ ଏକ ଟୋଲ୍ ଫ୍ରି ନମ୍ବର ଜାରି କରାଯିବ। ଏହି ନମ୍ବର ଜରିଆରେ ରାଜ୍ୟର ଯେକୌଣସି ସ୍ଥାନରେ ଥିବା ଅଗ୍ନିଶମ କର୍ମଚାରୀ ସ୍ୱାସ୍ଥ୍ୟ ଓ ଯକୃତ ସମ୍ପର୍କିତ ସମସ୍ୟାର ସମାଧାନ ଦିଗରେ ପରାମର୍ଶ ପାଇପାରିବେ ବୋଲି ଡା. ସାହୁ ସୂଚନା ଦେଇଛନ୍ତି।

## ପ୍ରେମ, ସଦ୍‌ଭାବନା ଦ୍ୱାରା ମାନବ ସମାଜର କଲ୍ୟାଣ ହେବ

**ବୋଲଗଡ଼,୧୬।୧୦(ଦେବବ୍ରତ ହୋତା)**

**ମାଣିକାଗୋଡ଼ା ଅହମ୍ମଦିୟା ଜମାଅତ୍ ମୁସଲମାନ ସମ୍ପ୍ରଦାୟର ଧର୍ମ ସମ୍ମିଳନୀ**

ବୋଲଗଡ଼ ବ୍ଲକ ମାଣିକାଗୋଡ଼ାଠାରେ ଅହମ୍ମଦିଆନ ଜମାଅତ୍ ମୁସଲମାନ ସମ୍ପ୍ରଦାୟର ଧର୍ମ ସମ୍ମିଳନୀ (ତରବିୟତ ଜଲ୍‌ସା) ମାଣିକାଗୋଡ଼ା ସଭାପତି ମିର୍ଜା ଅର୍ସଦ ଅଲ୍ଲୀ ବେଗ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଇସ୍‌ଲାମ ଧର୍ମାବଲମ୍ବୀଙ୍କ ଦ୍ୱାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ସମ୍ଭବ, ଆଲ୍ଲାଙ୍କ ଏହି ବାର୍ତ୍ତା ସାର୍ବଜନୀନ କରିବାକୁ ଭୁବନେଶ୍ୱରର ଜାମାତ୍ର ଜିଲାଇ ତାଲିସୁଲ କୁରାନ ମହମ୍ମଦ ନୁରରୁଦ୍ଦିନ ଅମିନ କହିଥିଲେ। କେରଙ୍ଗ ଜାମାତାର ଇଦ୍ରିସ୍ ସାହେବ ବିଶ୍ୱ ମାନବ ସମାଜର କଲ୍ୟାଣ ପାଇଁ ପ୍ରେମ ଓ ସଦ୍‌ଭାବନା ଆବଶ୍ୟକ। ସେ ‘ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ’ର ବାର୍ତ୍ତା ପ୍ରଦାନ କରିଥିଲେ। ଅମିର ସଇଫୁର୍ ଅଲ୍ଲୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ସମଗ୍ର ବିଶ୍ୱରେ ପ୍ରେମ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଇସ୍‌ଲାମ ଧର୍ମର ପରମ ଲକ୍ଷ୍ୟ। ମୌଲାନା ଜାଫର ଅଲ୍ଲୀ ଖାଁ କହିଥିଲେ, ଇସ୍‌ଲାମ ହେଉଛି ଏକ ଶାନ୍ତି ଓ ସହାନୁଭୂତିର ଧର୍ମ। ହିନ୍ଦୁଧର୍ମର ଶିକ୍ଷାବିତ୍ ଇଂ. କର୍ପୁର ସାହୁ ଉକ୍ତ ଧର୍ମ ସମ୍ମିଳନୀରେ ଅଂଶଗ୍ରହଣ କରି ବିଶ୍ୱବ୍ୟାପ୍ତ ଅହମ୍ମଦୀୟା ମୁସ୍‌ଲିମ ସମ୍ପ୍ରଦାୟର ବର୍ତ୍ତମାନ ଖଲିଫା ହଜରତ ମିର୍ଜା ମସରୁର ଅହମ୍ମଦ ସାହେବଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଦେଶକୁ ଭଲପାଇବା ଓ ରାଷ୍ଟ୍ର ପ୍ରତି ଗଭୀର ଅନୁରକ୍ତ ହେବା ପାଇଁ ମତ ରଖିଥିଲେ। ଉପସଭାପତି ଅବ୍‌ଦୁଲ ରଉଫ ଖାଁ ରସୁଲ ଅବତାରମାନଙ୍କ ଦ୍ୱାରା ମଣିଷ ଚାରିତ୍ରିକ ଓ ଆଧ୍ୟାତ୍ମିକ ପ୍ରଗତି ପଥରେ ପ୍ରକୃତ ଶାନ୍ତି ମୈତ୍ରୀ ପ୍ରତିଷ୍ଠା କରିପାରିବ ବୋଲି କହିଥିଲେ। ଆଧ୍ୟାତ୍ମିକ ମୁସ୍‌ଲିମ ସନ୍ଥ ହଜରତ ମିର୍ଜା ଗୁଲାମ ଅହମ୍ମଦ କାଦିୟାନୀ ଇସ୍‌ଲାମ ଧର୍ମର ବାସ୍ତବ ରୂପ, ମୂଳ ଲକ୍ଷ୍ୟ, ଶାନ୍ତିମୟ ଶାଶ୍ୱତ ଶିକ୍ଷା ମାନବ ସମାଜର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବୋଲି ସମସ୍ତ ଅତିଥି କହିଥିଲେ। ମିର୍ଜା ଫିରୋଜ ଅଲ୍ଲୀ ବେଗ୍ କୋରାନ୍ ପାଠ କରିଥିଲେ। ଶତାଧିକ ଅହମ୍ମଦୀୟାନ୍ ମୁସଲମାନ ସମ୍ପ୍ରଦାୟର ମହିଳା ଓ ପୁରୁଷ ଧର୍ମ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ନେସାର ଅଲ୍ଲୀ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରବତ୍ସଳ ପ୍ରଧାନଶିକ୍ଷକ ଥିଲେ ଅଜୟ ଦଳବେହେରା

**କୃଷ୍ଣପ୍ରସାଦ,୧୬।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ ଗିଳିନାସି ଗାଦିବ୍ରହ୍ମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ଦଳବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ମୋଚିରାମ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନବ କିଶୋର ପ୍ରଧାନ, ବିଶ୍ୱମ୍ବର ପ୍ରଧାନ, ଶିକ୍ଷକ ଭାଗୀରଥି ପ୍ରଧାନ, ଶିକ୍ଷକ ବିପ୍ରବର ତରେଇ, ପ୍ରଧାନ ଶିକ୍ଷକ ସନାତନ ତରେଇ, ପ୍ରଧାନ ଶିକ୍ଷକ କାଶୀନାଥ ଜେନାଙ୍କ ସମେତ ବହୁ ଶିକ୍ଷାବିତ୍ ଯୋଗଦେଇଥିଲେ। ଏହି ଅବସରରେ ଦଳବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗାଦିବ୍ରହ୍ମ ଶିକ୍ଷାୟତନର ଶିକ୍ଷକ, କର୍ମଚାରୀ, କମିଟି ସଭ୍ୟ, ଗ୍ରାମବାସୀ, ଶିକ୍ଷାର୍ଥୀମାନେ ଦଳବେହେରାଙ୍କ ଶିକ୍ଷାଦାନର ପ୍ରଶଂସା କରିଥିଲେ। ସେ ଜଣେ ଛାତ୍ରବତ୍ସଳ ପ୍ରଧାନଶିକ୍ଷକ ଥିଲେ ବୋଲି ମତପ୍ରକାଶ ପାଇଥିଲା। କର୍ମକ୍ଷେତ୍ରରୁ ବିଦାୟ ନେଇଥିଲେ ମଧ୍ୟ ବିଦ୍ୟାଳୟରେ ଶିକ୍ଷାଦାନ ଅବ୍ୟାହତ ରଖିବା ପାଇଁ ଅତିଥି, ଗ୍ରାମବାସୀ, ଛାତ୍ରୀଛାତ୍ର ଦଳବେହେରାଙ୍କୁ ଅନୁରୋଧ କରିଥିଲେ। ପରେ ଶିକ୍ଷାର୍ଥୀମାନେ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ବାସଭବନରେ ଛାଡ଼ିଥିଲେ।



ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ‘ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ’

**ରିଷିକେଶରେ ଇସ୍କନର ଅଦିନିଆ ରଥଯାତ୍ରାକୁ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ବିରୋଧ**

**ଭୁବନେଶ୍ୱର,୧୬।୧୦ (ସୌମ୍ୟରଞ୍ଜନ ରାଉତ)**



ଖବରଦାତା ସମ୍ମିଳନୀରେ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପରିଷଦର କର୍ମକର୍ତ୍ତାମାନେ।

ଉତ୍ତରାଖଣ୍ଡର ରିଷିକେଶଠାରେ ଇସ୍କନର ମଧୁବନ ଆଶ୍ରମ ପକ୍ଷରୁ ଅକ୍ଟୋବର ୭ରେ ହୋଇଥିବା ଅଦିନିଆ ରଥଯାତ୍ରାକୁ ନେଇ ପ୍ରତିବାଦ ଓ ବିରୋଧ ଜାରି ରହିଛି। ଇସ୍କନର ଏଭଳି ବାରମ୍ବାର ପ୍ରୟାସକୁ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ବିରୋଧ କରିଛି। ଏନେଇ ନୟାପଲ୍ଲୀସ୍ଥିତ ଫକୀର ମୋହନ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦର ପ୍ରତିଷ୍ଠାତା ସଭାପତି ଗୋପୀନାଥ ମହାନ୍ତି ଓ ସଭାପତି ସଞ୍ଚିତା ମହାନ୍ତି କହିଛନ୍ତି, ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ରଥଯାତ୍ରା ଆବହମାନ କାଳରୁ ଶ୍ରୀବଷ୍ଟମାସ ଶୁକ୍ଲପକ୍ଷ ଦ୍ୱିତୀୟା ତିଥିରେ ହୋଇଆସିଛି। ଶ୍ରୀଜଗନ୍ନାଥଙ୍କର ସମସ୍ତ ରୀତିନୀତି ସମ୍ପର୍କରେ ସ୍କନ୍ଦପୁରାଣର ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟରେ ବର୍ଣ୍ଣନା କରାଯାଇଛି। ପୂର୍ବରୁ ହରିଆଣାରେ ଓ ପରେ ଆମେରିକାର ବୋଷ୍ଟନ ସହରରେ ଇସ୍କନ ପକ୍ଷରୁ ହୋଇଥିବା ଅଦିନିଆ ରଥଯାତ୍ରାକୁ ପରିଷଦ ବିରୋଧ କରିଛି। ଏବେ ପୁଣି ରିଷିକେଶରେ ରଥଯାତ୍ରା କରି ଇସ୍କନ ବିଶ୍ୱଦେବତାଙ୍କ ପୁରାଣ ପ୍ରସିଦ୍ଧ ପରମ୍ପରା ଓ ରୀତିନୀତି ଭାଙ୍ଗିବା ସହ ବିଶ୍ୱର ସମସ୍ତ ଜଗନ୍ନାଥପ୍ରେମୀଙ୍କ ମନରେ ଗଭୀର କୁଠାରଘାତ କରିଛି। ଗତବର୍ଷ ବୋଷ୍ଟନ ସହରରେ ଇସ୍କନ ରଥଯାତ୍ରାକୁ ବନ୍ଦ କରିବା ପାଇଁ ପରିଷଦ ସଭାପତି ସଞ୍ଚିତା ମାହାନ୍ତିଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟାସଦସ୍ୟମାନେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସାକ୍ଷାତ କରି ନିବେଦନପତ୍ର ପ୍ରଦାନ କରିଥିଲେ। ଏବେ ଘଟଣାର ପୁନରାବୃତ୍ତି ହୋଇଥିବାରୁ ମୁଖ୍ୟମନ୍ତ୍ରୀ, ଆଇନ୍‌ମନ୍ତ୍ରୀ ଇସ୍କନ ଉପରେ କଡ଼ାରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଗଜପତି ମହାରାଜା, ଜଗତଗୁରୁ ଶଙ୍କରାଚାର୍ଯ୍ୟ, ଶ୍ରୀକ୍ଷେତ୍ର ମୁକ୍ତିମଣ୍ଡପ ସଭା ଓ ଶ୍ରୀମନ୍ଦିର ପରିଚଳାନା କମିଟି ମିଳିତ ଭାବେ ପଦକ୍ଷେପ ନେବା ଆବଶ୍ୟକ। କ୍ରମାଗତ ସମସ୍ତ ଶକ୍ତିର ପ୍ରୟୋଗ ହେଲେ ଇସ୍କନ ବା ଆଉ କେହି ସଂସ୍ଥା ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟ ତିଥି ଛଡା ଅନ୍ୟଦିନରେ ରଥଯାତ୍ରା ପାଳନ କରିବା ପାଇଁ ସାହାସ କରିବେ ନାହିଁ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଏହି ସମ୍ମିଳନୀରେ ପରିଷଦ ସମ୍ପାଦକ ସନ୍ତୋଷ କୁମାର ଦାଶ, ମୁଖ୍ୟ ଉପଦେଷ୍ଟା ପ୍ରଭାତ କୁମାର ନନ୍ଦ, ଉପଦେଷ୍ଟା ମନୋରଞ୍ଜନ ପାଣିଗ୍ରାହୀ, କୋଷାଧକ୍ଷ ବଂଶୀଧର ମହାପାତ୍ର, ସହ ସମ୍ପାଦକ ଅଜୟ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନ ମହାବିଦ୍ୟାଳୟ ପକ୍ଷରୁ ଆଇନ ସେବା ସଚେତନତା କର୍ମଶାଳା

ଭୁବନେଶ୍ୱର,୧୬।୧୦(ସୁଚିସ୍ମିତା ସାହୁ)

ଭୁବନେଶ୍ୱର ଆଇନ ମହାବିଦ୍ୟାଳୟ ପକ୍ଷରୁ ଏକ ଆଇନ ସେବା ସଚେତନତା କର୍ମଶାଳା ଗୁରୁବାର ଡମଣାସ୍ଥିତ କିନ୍ନର ବସ୍ତିରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳା ବିଷୟ ଥିଲା 'ଆଇନ ସମସ୍ତଙ୍କ ପାଇଁ ସମାନ'। ମହାବିଦ୍ୟାଳୟ ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ରାଉତଙ୍କ ପରାମର୍ଶକ୍ରମେ ମୁଖ୍ୟ ପ୍ରଶାସକ ଶଶିକାନ୍ତ ମହାପାତ୍ରଙ୍କ ପରିଚାଳନା ଓ ଅଧ୍ୟକ୍ଷ ସତ୍ୟପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ ଏହି କର୍ମଶାଳା କରାଯାଇଥିଲା। କୌଣସି ବ୍ୟକ୍ତି ନିଜ ଅଧିକାରରୁ ବଞ୍ଚିତ ହେବେ ନାହିଁ। ପ୍ରତିକ୍ଷେତ୍ରରେ ସମାନ ଭାବେ ସମସ୍ତଙ୍କର ସମାଜରେ ବଞ୍ଚି ରହିବାର ଅଧିକାର ରହିଛି। ଭେଦଭାବକୁ ଦୂର କରି ସମାଜରେ ଏକ ହୋଇ ଚଳିବା ଏତଦ୍ ସହିତ ଆଇନ ମାଧ୍ୟମରେ ପ୍ରତିଟି ସୁବିଧା କିପରି ଉପଲବ୍ଧ ହୋଇ ପାରିବ, ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ସରକାରଙ୍କ ଯୋଜନା ସମ୍ପର୍କରେ କିନ୍ନରଙ୍କୁ ଅବଗତ କରାଯାଇଥିଲା।

# ଓଡ଼ିଶା ପ୍ରଗତିରେ ପ୍ରବାସୀମାନେ ଯୋଡ଼ି ହୁଅନ୍ତୁ: ବାଚସ୍ପତି

ଭୁବନେଶ୍ୱର,୧୬।୧୦(ସୁଚିସ୍ମିତା ସାହୁ)

ବିଦେଶ ଗସ୍ତରେ ଅଛନ୍ତି ବାଚସ୍ପତି ସୁରମା ପାଢ଼ୀ। ବାର୍ବାଡୋସର ବ୍ରିଜ୍‌ଟାଉନଠାରେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଓ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ବାଚସ୍ପତି ପାଢ଼ୀ ଯୋଗଦେବା ପରେ ବ୍ରିଟେନ, ସୁଇଜରଲ୍ୟାଣ୍ଡ ଓ ଫ୍ରାନ୍ସ ଗସ୍ତ କରିଛନ୍ତି। ବାଚସ୍ପତି ପ୍ରଥମେ ବ୍ରିଟେନଠାରେ ପହଞ୍ଚିବା ପରେ ସେଠାରେ ଅବସ୍ଥାପିତ ଭାରତୀୟ ହାଇକମିଶନର ତାଙ୍କୁ ସ୍ୱାଗତ କରିଥିଲେ। ସେଠାରେ ବାଚସ୍ପତି ପ୍ରବାସୀ ଭାରତୀୟ ତଥା ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ ଯେ, ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଲକ୍ଷ୍ୟ ରହିଥିବାବେଳେ ୨୦୩୬ ସୁଦ୍ଧା ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବାକୁ ଯାଉଛି। ଓଡ଼ିଶାର ପ୍ରଗତିରେ



ବାଚସ୍ପତି ସୁରମା ପାଢ଼ୀଙ୍କୁ ସ୍ୱାଗତ କରାଯାଉଛି।

ପ୍ରବାସୀ ଓଡ଼ିଆମାନେ ଯୋଗ ଦେବାକୁ ଆହ୍ୱାନ କରିଥିଲେ। ବାଚସ୍ପତି ସେଠାରେ ବ୍ରିଟିଶ ମ୍ୟୁଜିୟମ ସହ ବକିଂହାମ୍ ପ୍ୟାଲେସ ବୁଲି ଦେଖିଥିଲେ।

ଏହାପରେ ବାଚସ୍ପତି ସୁଇଜର୍‌ଲାଣ୍ଡର ଜୁରିକଠାରେ ପହଞ୍ଚିବାପରେ ସେଠାରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ତାଙ୍କୁ ସ୍ୱାଗତ କରିବା ସହ ପ୍ରବାସୀ ଓଡ଼ିଆମାନେ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ସେଠାରେ ଅବସ୍ଥିତ ଓଡ଼ିଆଙ୍କୁ ବାଚସ୍ପତି କହିଲେ, ଓଡ଼ିଶାଠାରୁ ଦୂରରେ ରହି ମଧ୍ୟ ଆପଣମାନେ ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିପାରିଛନ୍ତି। ଏହି ଅବସରରେ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଜୟଦେବ ମିଶ୍ର, ସୁଦୀପ ଦାସମହାପାତ୍ର, ସୌମ୍ୟସୁନ୍ଦର ଦାସ, ଶ୍ରୀନିଭାଏ ଗର୍ଲପତି, ନିଶାନ୍ତ ପତି ଓ ଡ. ଅଜିତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ବାଚସ୍ପତି ଫ୍ରାନ୍ସର ରାଜଧାନୀ ପ୍ୟାରିସଠାରେ ପହଞ୍ଚି ଓଡ଼ିଆ ପ୍ରବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଓଡ଼ିଶା ହେଉଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଟି। ଜଗନ୍ନାଥ ସଂସ୍କୃତି ଆମର ପରିଚୟ। ଏହି ସଂସ୍କୃତିର ମହନୀୟତାକୁ ବିଶ୍ୱ ଦରବାରରେ ପହଞ୍ଚାଇବା କ୍ଷେତ୍ରରେ ଆପଣମାନେ ସାଂସ୍କୃତିକ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିବେ ବୋଲି ବାଚସ୍ପତି ଆଶା ପ୍ରକାଶ କରିଥିଲେ।

## ଭୀମ ଭୋଇ ଦୃଷ୍ଟି ବାଧିତ ବିଦ୍ୟାଳୟରେ ନବୀନଙ୍କ ଜନ୍ମଦିନ



ଭୁବନେଶ୍ୱର,୧୬।୧୦(ସୁଚିସ୍ମିତା ସାହୁ)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ୮୦ତମ ଜନ୍ମଦିନ କାର୍ଯ୍ୟକ୍ରମ ଗୁରୁବାର ୟୁନିଟ-୩ସ୍ଥିତ ଭୀମ ଭୋଇ ଦୃଷ୍ଟିବାଧିତ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁନି କୁନି ପିଲାମାନଙ୍କୁ ଉପହାର ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭଜନ ଓ ଦେଶାତ୍ମକ ବୋଧକ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ, ବିଜେଡି ପୂର୍ବତନ ସମ୍ପାଦକ ପୃଥ୍ୱୀରାଜ ସାହୁ, ଯୁବ ନେତା ଶୁଭ୍ରଜିତ ପାଢ଼ୀ, ଅଫ୍‌ତାବ ଆଲାମ, ଶୁଭ୍ରାଂଶୁ ମିଶ୍ର, ସୋଫିୟା ଆଲାମ, ଜ୍ୟୋତ୍ସ୍ନା ପରିଡ଼ା, ସୋନାଲି ପ୍ରିୟଦର୍ଶିନୀ, ଦେବଜ୍ୟୋତି ପଟ୍ଟନାୟକ, ସୌମ୍ୟ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଉଠାଦୋକାନ ଉଚ୍ଛେଦ ପ୍ରତିବାଦରେ ବିଏମ୍‌ସି ଅଫିସ ଘେରାଉ

ଭୁବନେଶ୍ୱର,୧୬।୧୦(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମର ୩ଟି ଜୋନ୍ ଅନ୍ତର୍ଗତ ଗଙ୍ଗୁଆ, ୟୁନିଟ୍-୧, ୟୁନିଟ୍-୨, କଳ୍ପନା, ୱାର୍ଡ଼ ନଂ.୨୨, ସମ୍ ହସ୍ପିଟାଲ ନିକଟ, କାନନ ବିହାର ଫେଜ୍-୧, କିଟ୍, ପ୍ରଶାନ୍ତିବିହାର, ଖଣ୍ଡଗିରି ଭଳି ବିଭିନ୍ନ ସ୍ଥାନରେ ବ୍ୟବସାୟ କରି ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଉଠାଦୋକାନୀ ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ତେବେ ବିଏମ୍‌ସି ବାରମ୍ବାର ଉଚ୍ଛେଦ କରିବା ଫଳରେ ସେମାନଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି। ତେଣୁ ଉଚ୍ଛେଦ ପ୍ରତିବାଦରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ସମ୍ପୃକ୍ତ ବ୍ୟବସାୟୀ ଓ ସେମାନଙ୍କ ପରିବାର ଲୋକେ ଗୁରୁବାର ବିଏମ୍‌ସି ଘେରାଉ କରିଥିଲେ। କଳ୍ପନା ଛକରୁ ଉଠାଦୋକାନୀମାନେ ଏକ ଶୋଭାଯାତ୍ରାରେ ବାହାରି ପ୍ରଥମେ ମେୟରଙ୍କ ବାସଭବନ ଘେରାଉ ପାଇଁ ଯାଇଥିଲେ। ତେବେ ବାଟରେ ସେମାନଙ୍କୁ ପୋଲିସ ଅଟକାଇବାରୁ କିଛି ସମୟ ଧରି ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା।

### ଆନ୍ଦୋଳନକାରୀ ଓ ପୋଲିସ ମୁହାଁମୁହିଁ

ଏହାପରେ ଆନ୍ଦୋଳନକାରୀମାନେ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିଥିଲେ। ମହାସଂଘର ପ୍ରଦୀପ ସାହୁ, ହରିପଦ ଦାସ, ସୂର୍ଯ୍ୟମଣି ସାହୁ, ସସ୍ମିତା ସାହୁ ଓ ମଞ୍ଜୁଲତା ସାହୁଙ୍କୁ ନେଇ ଏକ ୫ଜଣିଆ ପ୍ରତିନିଧି ମଣ୍ଡଳୀ ନିରଞ୍ଜନ ପାଣ୍ଡେଙ୍କ ନେତୃତ୍ୱରେ ବିଏମ୍‌ସି ଅଫିସ୍ ଯାଇ ଭେଣ୍ଡିଂଜୋନ୍ ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କୁ ଭେଟିଥିଲେ। ସମ୍ପୂର୍ଣ୍ଣ ଉଠାଦୋକାନ ଉଚ୍ଛେଦ ବନ୍ଦ କରିବା, ନୂତନ ଟାଉନ ଭେଣ୍ଡିଂଜୋନ ଗଠନ, ଉଠାଦୋକାନମାନଙ୍କୁ ଉଚ୍ଛେଦ କରି ସେଠାରେ ସାଇକେଲ ଷ୍ଟାଣ୍ଡ ଓ ଗାଡ଼ି ଷ୍ଟାଣ୍ଡ ନ କରିବା, ୬୭ଟି ୱାର୍ଡ଼ରେ ଟାଉନ ଭେଣ୍ଡିଂ କମିଟି ଗଠନ କରିବା, ଉଠାଦୋକାନ ଆଇନ ଅନୁଯାୟୀ ଫୁଟ୍‌ପାଥର ଏକ ତୃତୀୟାଂଶ ସ୍ଥାନ ଉଠାଦୋକାନୀଙ୍କ ପାଇଁ ସଂରକ୍ଷଣ ରଖିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା।





ମହିଳା ନିର୍ଯାତନା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପ୍ରତିଭା ବିକାଶର ମାଧ୍ୟମ ସୁରଭି

ତ୍ରିଶୂଳିଆ,୧୬।୧୦(ତୁଷାରକାନ୍ତ ବେହେରା)

ପଦାସାହି ସରକାରୀ ବିଦ୍ୟାଳୟ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦାଢାପଞ୍ଚାୟତ ସରକାରୀ ପ୍ରାଥମିକ ବିଦ୍ୟାଳୟ ମରିଚିଆରେ ଅନୁଷ୍ଠିତ ଉକ୍ତ ମହୋତ୍ସବରେ କ୍ଲଷ୍ଟର ଅଧୀନ ବିଦ୍ୟାଳୟରୁ ୧୨୫ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଗଣିତ ଦୌଡ, ସଙ୍ଗୀତ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, କୁଇଜ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ୱାର୍ଡସଭ୍ୟ ଦିଲୀପ ରାଉତ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କିଶୋର ରାଉତ, ସିଆର୍‌ସିସି ନିରଞ୍ଜନ ଦାସ, ବରିଷ୍ଠ ଶିକ୍ଷକ ସଂଗ୍ରାମ କେଶରୀ ପଟ୍ଟନାୟକ, ଧୀରେନ କୁମାର ସାହୁ, ସଦାଶିବ ବରାଳ, ଦୁଃଶାସନ ସାହୁ ପ୍ରମୁଖ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁଙ୍କ ଲୁକ୍କାୟିତ ପ୍ରତିଭା ବିକଶିତ ହୋଇପାରିବ ବୋଲି କହିଥିଲେ। ମହୋତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ।

# ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ରାଜ୍ୟସ୍ତରୀୟ ବିଜ୍ଞାନ ସେମିନାର

ଭୁବନେଶ୍ୱର,୧୫।୧୦(ସୁଚିସ୍ମିତା ସାହୁ)

ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଓ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ବିଜ୍ଞାନ ସେମିନାର ବୁଧବାର ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସେମିନାରରେ ଆଇଆଇଟି ଭୁବନେଶ୍ୱରର ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ନିହାରିକା ମହାପାତ୍ର, ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ପ୍ରଫେସର ପ୍ରଦୀପ କୁମାର ସାହୁ, ଭୁବନେଶ୍ୱର ଆଇଏମଏମଟିର ପ୍ରମୁଖ ବୈଜ୍ଞାନିକ ଡକ୍ଟର ମାନସ ଦଳେଇ, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଲ ଜୈନ ଏବଂ ଭୁବନେଶ୍ୱରର ଟିଇ ଆଣ୍ଡ ଏସସିଇଆରଟିର ସହାୟକ ନିର୍ଦ୍ଦେଶିକା ପ୍ରଲିପ୍ତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ସେମିନାରରେ





ବିଭିନ୍ନ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଛାତ୍ରୀଛାତ୍ରଙ୍କର ଜ୍ଞାନ ପରୀକ୍ଷା କରିବା ସହିତ ସେମାନଙ୍କ ମନରେ ବିଜ୍ଞାନ ଚେତନା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଏଭଳି ସେମିନାର ଆୟୋଜନ କରାଯାଏ। ଏହି କାର୍ଯ୍ୟକ୍ରମରେ ଅଷ୍ଟମରୁ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୩୦ଟି ଜିଲ୍ଲାସ୍ତରୀୟ ବିଜେତା ଯୋଗଦେଇ ବିଷୟବସ୍ତୁ ଉପରେ ନିଜର ମତାମତ ଉପସ୍ଥାପନା କରିଥିଲେ। ମୟୂରଭଞ୍ଜ ଜିଲ୍ଲା ଝରଗାଁ ବାହାଲଡାର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଆଲିଶା ପଣ୍ଡାଙ୍କୁ ବିଜେତା ଘୋଷିତ କରାଯାଇଥିଲା। ଆସନ୍ତା ୩୦ ତାରିଖରେ ବାଙ୍ଗାଲୋରର ବିଶ୍ୱେଶ୍ୱରାୟ ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା ସଂଗ୍ରହାଳୟଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ବିଜ୍ଞାନ ସେମିନାର- ୨୦୨୫ରେ ସେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଭୁବନେଶ୍ୱର,୧୬।୧୦(ସୁଚିସ୍ମିତା ସାହୁ)

ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷର ପ୍ରସଙ୍ଗ ରହିଛି 'ମୋ ସ୍ୱପ୍ନର ଓଡ଼ିଶା ୨୦୩୬'। ଆଇଗିଣିଆ କ୍ଲଷ୍ଟରର ସାଧନ ସଂଯୋଜକ ପ୍ରସନ୍ନ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଭୁବନେଶ୍ୱର ମହାନଗର ନିଗମ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଉଦ୍‌ଘାଟନ କରିଥିଲେ। କର୍ପୋରେଟର ରଶ୍ମିରଞ୍ଜନ ପାଟସାହାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସମାଜସେବୀ ରବୀନ୍ଦ୍ର ନାଥ ସାହୁ

### ଭଗବାନପୁର ସରକାରୀ ପ୍ରଥମିକ ବିଦ୍ୟାଳୟ

ମୁଖ୍ୟବକ୍ତା, ବିଦ୍ୟାଳୟ ପ୍ରତିଷ୍ଠାତା ଟଙ୍କଧର ଚମ୍ପତି, ପାତ୍ରପଡ଼ା ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଠ ମାଝୀ ଓ ଶିକ୍ଷାବିତ ଗଗନ ବିହାରୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବରେ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ୯ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୀତାରାଣୀ ସ୍ମୃତି ପାଠାଗାରର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୧୬।୧୦ (ସୌମ୍ୟରଞ୍ଜନ ରାଉତ)

ଗୀତାମୁକୁନ୍ଦ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଗୀତାରାଣୀ ସ୍ମୃତି ପାଠାଗାରର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ସଭାରେ ପାଉଣ୍ଡେସନ୍‌ର ଅଧ୍ୟକ୍ଷ ବିରେନ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶା ବନ୍ୟଜୀବ ସମିତିର ସଚିବ ବିଶ୍ୱଜିତ ମହାନ୍ତି କହିଥିଲେ ଜ୍ଞାନର ବିକାଶ ପାଇଁ ପାଠାଗାରର ଭୂମିକା ଅତୁଳନୀୟ। ଆଜିର ସମୟରେ କାରିଗରି ବିଦ୍ୟାର ବିକାଶକୁ ଆଖି ଆଗରେ ରଖି ଛାତ୍ରମାନେ ନିଜକୁ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଓଡିଆ ସାହିତ୍ୟର ପ୍ରତିଷ୍ଠିତ ରଚୟିତା ଡ. ଅଭୟ ନାୟକଙ୍କୁ 'ଗୀତାରାଣୀ ଓଡିଆ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ପାଠାଗାରରେ ପଢି ନିଜକୁ ନିୟୋଜନ କ୍ଷମ କରିବା ସଂଗେ ସଂଗେ ନିଜକୁ ସମାଜରେ ପ୍ରତିଷ୍ଠିତ କରାଇଥିବା ୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଂପାଦକ ଗଦାଧର ପାତ୍ର ସ୍ୱାଗତ ଭାଷଣ ଦେଇଥିଲାବେଳେ ଟ୍ରଷ୍ଟିର ସଦସ୍ୟ ଅକ୍ଷୟ ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପାଠାଗାରର ସଦସ୍ୟ ସଚ୍ଚିଦାନନ୍ଦ ରଥ ଧନ୍ୟବାଦ ଦେଇଥିଲେ।

# ବ୍ୟବଚ୍ଛେଦ ପରେ ବଦଳାଇଦେଲେ ମୃତଦେହ

ସାଲେପୁର,୧୬।୧୦(ଅରବିନ୍ଦ ଭୂୟାଁ)

କଟକ ବଡ ଡାକ୍ତରଖାନାରେ ଏକ ଗୁରୁବାର ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ବଦଳିଯିବାରୁ ପରିବାର ଲୋକେ ହନ୍ତସନ୍ତ ହୋଇଛନ୍ତି। କଟକ ଜିଲା ସାଲେପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତ ଲୁଣାହାର ଗ୍ରାମର ସ୍ୱର୍ଗତ ନରେନ୍ଦ୍ର କୁମାର ସାହୁଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା ସାହୁ (୬୨) ବୁଧବାର ସନ୍ଧ୍ୟାରେ ଶୌଚ ହେବାକୁ ପାଇଖାନାକୁ ଯାଇଥିବା ବେଳେ କୌଣସି କାରଣରୁ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ନେଇ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱର୍ଣ୍ଣଲତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ମଙ୍ଗଳାବାଗ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲେ। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ମାତ୍ର ଘରେ ପହଞ୍ଚିବା ପରେ ସ୍ୱର୍ଣ୍ଣଲତାଙ୍କ ବଦଳରେ ଅନ୍ୟ ଜଣଙ୍କ ମୃତଦହ ଦିଆଯାଇଥିବା ଜଣାପଡ଼ିଥିଲା। ଏନେଇ ପରିବାରରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରିବାର ସଦସ୍ୟ ପୁନର୍ବାର ମୃତଦେହ ନେଇ କଟକ ବଡ଼ ଡାକ୍ତରଖାନାର ବ୍ୟବଚ୍ଛେଦ ଗୃହରେ ପହଞ୍ଚି ବଦଳିଯାଇଥିବା ମୃତଦେହ ଫେରସ୍ତ କରି ସ୍ୱର୍ଣ୍ଣଲତାଙ୍କ ମୃତଦେହ ଚିହ୍ନଟ କରି ଘରକୁ ଆଣିଥିଲେ। ଏହାପରେ ଗ୍ରାମ ଶ୍ମଶାନରେ ସ୍ୱର୍ଣ୍ଣଲତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ବାପୁଜୀ ସରକାରୀ ଉଚ୍ଚ ମାଧ୍ୟମିକ ପ୍ରାଥମିକ ବିଦ୍ୟାଳୟ



ଭୁବନେଶ୍ୱର,୧୬।୧୦(ସୁଚିସ୍ମିତା ସାହୁ)

ବାପୁଜୀ ସରକାରୀ ଉଚ୍ଚ ମାଧ୍ୟମିକ ପ୍ରାଥମିକ ବିଦ୍ୟାଳୟ ଗାଡ଼କଣ କ୍ଲଷ୍ଟର ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ମଞ୍ଚେଶ୍ୱରସ୍ଥିତ ରେଲୱେ କଲୋନୀର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ଜୟନ୍ତୀ ସାହୁ, ମୁଖ୍ୟବକ୍ତା ଭାବେ ରେଲୱେ ଉଚ୍ଚ ବିଦ୍ୟାଳୟର ପ୍ରଧାନଷିକ୍ଷକ ଗୌରାଙ୍ଗ ଚରଣ ମହାନ୍ତି, ସିଆର୍‌ସିସି ରବିନାରାୟଣ ଦାସ, ରେଲୱେ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମାତୁଲ କରିମ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୁମନ୍ତ ଲେଙ୍କା, ପୁଷ୍ପଶ୍ରୀ ସାହୁ, ନିବେଦିତା ସାହୁ, ନମିତା ବାରିକ ଓ ସସ୍ମିତା ରାଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନିତା ବେହେରା ଧନ୍ୟବାଦ ଦେଇଥିଲେ।

# ଦିବ୍ୟ ଜୀବନ ସଂଘ ପକ୍ଷରୁ ବିଦ୍ୟାର୍ଥୀ ଚେତନା ଶିବିର



ଭୁବନେଶ୍ୱର,୧୬।୧୦(ବନ୍ଦନା ସେଠୀ)

ଦିବ୍ୟ ଜୀବନ ସଂଘ, ଚନ୍ଦ୍ରଶେଖରପୁର ଶାଖା ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲା ବାଲିଆ ନିକଟସ୍ଥ ମାରୁତି ଉଚ୍ଚ ବିଦ୍ୟାଳୟ ବାଘଲୋବାବଣପୁରଠାରେ ବିଦ୍ୟାର୍ଥୀ ଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶାଖା ସମ୍ପାଦକ ପ୍ରଭାକର ମହାରଣା ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ବିଷୟରେ ଆଲୋଚନା କରିଥିଲେ। ପରେ ଗୋଲେଖ ଚନ୍ଦ୍ର ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଦୈନିକ ପ୍ରାର୍ଥନା ବିଷୟରେ କହିଥିଲେ। ମୁଖ୍ୟବକ୍ତା ଜଗତ୍‌କିଶୋର ଦାଶ ପିଲାମାନଙ୍କୁ କିପରି ଆଦର୍ଶ ବିଦ୍ୟାର୍ଥୀ ହୋଇପାରିବେ ଓ ସୁଚରିତ୍ର ଗଠନ ପାଇଁ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଉପସ୍ଥିତ ୧୫୦ ବିଦ୍ୟାର୍ଥୀଙ୍କୁ ସ୍ୱାମୀ ଶିବାନନ୍ଦଙ୍କ ରଚିତ ପୁସ୍ତକ 'ଆଦର୍ଶ ବିଦ୍ୟାଥି ଓ ମାନସିକ ଶାନ୍ତିର ନିଶ୍ଚିତ ଉପାୟ' ବଣ୍ଟନ କରାଯାଇଥିଲା। ସଭ୍ୟ ଅଭୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଜେ ପରୀକ୍ଷଣ ନ କଲେ ବିଜ୍ଞାନ ଶିକ୍ଷାର ଅନୁଭୂତି ସମ୍ଭବ ନୁହେଁ

### କସ୍ତୁରବା ଶିକ୍ଷାଶ୍ରମରେ ବିଜ୍ଞାନ ମେଳା

ଭୁବନେଶ୍ୱର,୧୬।୧୦(ସୁଚିସ୍ମିତା ସାହୁ)

ନୟାପଲ୍ଲୀସ୍ଥିତ କସ୍ତୁରବା ଶିକ୍ଷାଶ୍ରମ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୁଧବାର ବିଜ୍ଞାନ ମେଳା, ବାଟିକା ପ୍ରଦର୍ଶନୀ ଓ ମୀନାବଜାର କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ୩୭ ନମ୍ବର ୱାର୍ଡ଼ର କର୍ପୋରେଟର ବନ୍ଦିତା ପାଲ ଯୋଗଦେଇ କହିଲେ, ପିଲାମାନେ ପାଠପଢ଼ିବା ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ। ସମାଜ ଉପଯୋଗୀ ନୂତନ ପ୍ରକଳ୍ପଗୁଡିକର ଆବିଷ୍କାର କରିବାକୁ ପରାମର୍ଶ ଦେଇଥିଲେ। ପର୍ଯ୍ୟବେକ୍ଷଣ ଓ ପରୀକ୍ଷଣ ବିଜ୍ଞାନ ଶିକ୍ଷାର ଦୁଇଟି ଅଙ୍ଗ। ନିଜେ ପରୀକ୍ଷଣ ନ କଲେ ବିଜ୍ଞାନ ଶିକ୍ଷାର ଅନୁଭୂତି ସମ୍ଭବ ହୁଏ ନାହିଁ



ବୋଲି ସେ କହିଥିଲେ। ଜ୍ୟୋତିଗ୍ରୁପ୍ ଅଫ କମ୍ପାନୀର ନିର୍ଦ୍ଦେଶକ ଇଞ୍ଜିନିୟର ସନ୍ତୋଷ କୁମାର ରାଉତ ଯୋଗଦେଇ ଛାତ୍ରୀଛାତ୍ରମାନେ ସ୍ୱାଧୀନ ଚିନ୍ତାଧାରା ନେଇ ସମାଜ ସଂସ୍କାର ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସାମାଜିକ କର୍ମୀ ଅର୍ଜୁନ ବେହେରା ବିଜ୍ଞାନ ପ୍ରକଳ୍ପ ଏବଂ ଆତ୍ମନିର୍ଭରଶୀଳତା ସୃଷ୍ଟି ପାଇଁ ପିଲାଙ୍କ ଦ୍ୱାରା ଆୟୋଜିତ ମୀନା ବଜାରକୁ ପ୍ରଶଂସା କରିଥିଲେ। କସ୍ତୁରବା ପରିଚାଳନା କମିଟି ସଦସ୍ୟ ଲକ୍ଷ୍ମଣ ବେହେରା ଗୀତାଞ୍ଜଳି ବେହେରା ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ଜ୍ୟୋତ୍ସ୍ନାରାଣୀ ନନ୍ଦ ଅତିଥି ପରିଚୟ, ବରିଷ୍ଠ ଆଚାର୍ଯ୍ୟ ପ୍ରଭାତ କୁମାର ପଣ୍ଡା ସଭାକାର୍ଯ୍ୟ ପରଚାଳନାଓ ବିଜ୍ଞାନ ପ୍ରମୁଖ ସିଦ୍ଧାର୍ଥ ଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବିଜ୍ଞାନ ମେଳାରେ ୬୦ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ମନୋରଞ୍ଜନ ବେହେରା, ମୁଖ୍ୟ ଉପଦେଷ୍ଟା ପ୍ରଭୁଦତ୍ତ ସାମଲ ଓ କୋଷାଧ୍ୟକ୍ଷ ଅଜିତ କୁମାର ବେହେରା ବିଜ୍ଞାନ ମେଳା ସହଯୋଗ କରିଥିଲେ।

## ସଂକ୍ଷେପରେ

### ଦୋକାନରେ ଚୋରି ମାମଲା, ଜଣେ ଗିରଫ

ତ୍ରିଶୂଳିଆ,୧୬।୧୦(ତୁଷାରକାନ୍ତ ବେହେରା): ବାରଙ୍ଗ ତ୍ରିଶୂଳିଆ ଛକରେ ଗତ ଜୁନ୍‌ରେ ବିଭିନ୍ନ ଦୋକାନର ଟିଣ ଛପର କାଟି ଚୋରି ଅଭିଯୋଗ ମାମଲାରେ ବାରଙ୍ଗ ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନରଣପୁର ନିକଟ ଏକ ବିସ୍ଥାପିତ ବସ୍ତିରେ ରହୁଥିବା ଶିଶିର ପ୍ରଧାନ ଓରଫ ଖଇରା(୨୫)। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ. ୧୧୨/୨୫) ରୁଜୁ କରିଛି।

ପୋଲିସ ସୂଚନା ଅନୁଯାୟୀ, ଶିଶିର ଗତ ଫେବୃଆରୀ ୨୫ ତାରିଖ ରାତିରେ ନରଣପୁର ଛକ ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ପାନ, ଚା ଦୋକାନ ଓ ଏକ ଭେରାଇଟି ଷ୍ଟୋରର ଟିଣ ଛପର କାଟି ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିଲା। ଏଥିସହ ଛକରେ ଥିବା ଅନ୍ୟ କିଛି ଦୋକାନର ତାଲା ଭାଙ୍ଗି ଚୋରି କରିଥିଲେ। ଏନେଇ ଦୋକାନ ମାଲିକମାନେ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ତେବେ ଚୋରି ଘଟଣା ପରେ ଅଭିଯୁକ୍ତ ଶିଶିର ଫେରାର ରହିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ ତଦନ୍ତ ଆରମ୍ଭ କରି ଶିଶିରଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଏ ସମ୍ପର୍କରେ ପୋଲିସ ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବିଶ୍ୱାଳ ସୂଚନା ଦେଇଛନ୍ତି।

### ମୋବାଇଲ ଚୋରି ଘଟଣା: ୩ ଗିରଫ

ତ୍ରିଶୂଳିଆ,୧୬।୧୦(ତୁଷାରକାନ୍ତ ବେହେରା): ବାରଙ୍ଗ ଥାନା ପୋଲିସ ମୋବାଇଲ ଚୋରି ଘଟଣାରେ ଗୁରୁବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୈତ୍ରୀବିହାର ଥାନା ଅଞ୍ଚଳ ଜୀବନ ରାଉତ (୨୦), ଟୁକୁନା ଦାସ (୨୧) ଓ ରାଜା ଦାସ (୨୦)। ଗିରଫ ବେଳେ ପୋଲିସ ସେମାନଙ୍କ ନିକଟରୁ ୩ଟି ମୋବାଇଲ ଓ ଗୋଟିଏ ବାଇକ ଜବତ କରିଛି। ଏ ସମ୍ପର୍କରେ ପୋଲିସ ମାମଲା (ନଂ. ୫୭୪/୨୫) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ ଜୀବନ, ଟୁକୁନା ଓ ରାଜା ବାରଙ୍ଗ ଥାନା ଫକୀରପଡା ଗ୍ରାମରେ ଥିବା ଏକ ଆପାର୍ଟମେଣ୍ଟରୁ ୩ଟି ମୋବାଇଲ ଚୋରି କରି ନେଇଥିଲେ। ଏନେଇ ଗତ ୧୬ ତାରିଖରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଅରମ୍ଭ କରିଥିଲା। ଅଭିଯୁକ୍ତମାନଙ୍କ ମୋବାଇଲ ନମ୍ବର ଟ୍ରାକିଂ କରି ସେମାନଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି।

### ଟଙ୍କା, ମୋବାଇଲ ଲୁଟ୍ ଉଦ୍ୟମ ପଣ୍ଡ, ଜଣେ ଗିରଫ

ବାରଙ୍ଗ,୧୬।୧୦(ଲିଙ୍ଗରାଜ ରାଉତ): ଟ୍ରକ୍ ଅଟକାଇ ଚାଳକଙ୍କ ନିକଟରୁ ଟଙ୍କା ଓ ମୋବାଇଲ ଲୁଟ ଉଦ୍ୟମ ଗୁରୁବାର ପଣ୍ଡ ହୋଇଛି। ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଚନ୍ଦକାଥାନା ଅଧୀନ ଛତାବରଠାରେ ଥିବା ୟୁନିକ ପ୍ୟାକେଜିଂ କମ୍ପାନୀ ସମ୍ମୁଖରେ ଏହି ଘଟଣା ଘଟିଛି। ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଧୀନ ହରିଡ଼ାପଡ଼ା ଗ୍ରାମର ବିକାଶ ବେହେରା(୨୭)। ତାଙ୍କୁଗିରଫକରିପୋଲିସ କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ମାମଲା (ନଂ. ୪୪୭/୨୫)ରୁଜୁ ହୋଇଛି।

ପ୍ୟାକେଜିଂ କମ୍ପାନୀର ମ୍ୟାନେଜର ସୂର୍ଯ୍ୟକାନ୍ତ ବେହେରାଙ୍କ ଅଭିଯୋଗ ଅନୁଯାୟୀ ବିକାଶ ସେହି ଅଞ୍ଚଳ ଦେଇ ଯାଉଥିବା ଲୋକଙ୍କଠାରୁ ଜୋରଜବରଦସ୍ତ ଟଙ୍କା ଆଦାୟ କରିବା, ମୋବାଇଲ ଲୁଟ ତଥା ମହିଳାମାନଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ ଭଳି ଅସାମାଜିକ କାର୍ଯ୍ୟ କରିଥାନ୍ତି। ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ଏକ ଟ୍ରକ୍ କୌଣସି କାର୍ଯ୍ୟ ପାଇଁ ସୂର୍ଯ୍ୟକାନ୍ତଙ୍କ କମ୍ପାନୀକୁ ଆସିଥିଲା। ଏହି ସମୟରେ ବିକାଶ ଉକ୍ତ ଟ୍ରକ୍‌କୁ ରାସ୍ତାରେ ଜୋରଜବରଦସ୍ତ ଅଟକାଇବା ସହ ଡ୍ରାଇଭର ମନୋଜ ରାୟଙ୍କୁ ଆକ୍ରମଣ କରିଥିଲେ। ଏଥିସହ ତାଙ୍କ ନିକଟରୁ ଟଙ୍କା ଓ ମୋବାଇଲ ଫୋନ ଲୁଟିନେବା ଲାଗି ପ୍ରୟାସ କରିଥିଲେ। ଏହି ସମୟରେ ସୂର୍ଯ୍ୟକାନ୍ତ ଏବଂ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ବିକାଶଙ୍କୁ କାବୁ କରିବା ସହ ପିସିଆର୍‌କୁ ଖବର ଦେଇଥିବା ସୂର୍ଯ୍ୟକାନ୍ତ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିକାଶଙ୍କୁ ପଚରାଉଚରା କରିଥିବା ବେଳେ ସେ ତାଙ୍କ ଦୋଷ ସ୍ୱୀକାର କରିଛନ୍ତି। ବିକାଶଙ୍କ ନାମରେ ପୂର୍ବରୁ ଚନ୍ଦକା ଥାନାରେ ୨ଟି ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

# ମେଢ଼ ଯିବା ରୁଟ୍‌ରେ ବନ୍ଦ ରହିବ ସାଉଣ୍ଡ

**କମିଶନରେଟ ପୋଲିସ ପକ୍ଷରୁ କାଳୀପୂଜା, ଭସାଣି ପ୍ରସ୍ତୁତି ବୈଠକ**

- ୪ ସ୍ଥାନକୁ ସାଇଲେଣ୍ଟ ଜୋନ ଘୋଷଣା
- ସମସ୍ତ ପୂଜା କମିଟି ନିଜସ୍ୱ ଏକ ଆଇଡି କାର୍ଡ କରନ୍ତୁ: ପୋଲିସ କମିଶନର



ଶାରଳା ଭବନରେ କମିଶନରେଟ୍ ପୋଲିସ ପକ୍ଷରୁ କାଳୀପୂଜା ଓ ଭସାଣି ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥି।

କଟକ,୧୬।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କମିଶନରେଟ ପୋଲିସ ପକ୍ଷରୁ ସାରଳା ଭବନରେ କାଳୀପୂଜା ଓ ଭସାଣି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଯୋଗଦେଇ କହିଛନ୍ତି, ପ୍ରତିବର୍ଷ ମେଢ ଶୋଭାଯାତ୍ରାର ଲମ୍ବ ବଢି ଯାଉଛି। ଯାହାକି ଭସାଣି ପରିଚାଳନାରେ ବାଧା ସୃଷ୍ଟି କରୁଛି। ଏପରି କି ମେଢର ଲମ୍ବ ଏତେ ହେଉଛି, ଫଳରେ ସେଥିରେ ଯାଉଥିବା କମିଟି ମୁରବି ଯଦି ସାମ୍ନାରେ ରୁହନ୍ତି ତେବେ ପଛରେ କ'ଣ ସ୍ଥିତି ହେଉଛି ତାହା ଜାଣି ପାରୁନାହାନ୍ତି। ତେଣୁ ମେଢର ଲମ୍ବାକୁ ଯଥା ସମ୍ଭବ କମ କରାଯାଉ। କେବଳ ସେତିକି ନୁହେଁ ବରଂ ମଣ୍ଡପ ପାଖରୁ ମେଢ ବାହରିବାଠାରୁ ଦେବୀଗଡାରେ ମୂର୍ତ୍ତି ବିସର୍ଜନ ପର୍ଯ୍ୟନ୍ତ ସମସ୍ତ ମୁରବି ଉପସ୍ଥିତ ରୁହନ୍ତୁ। ଫଳରେ ମେଢ ନିର୍ଦ୍ଧାରିତ ସମୟରେ ଆଗକୁ ବଢିବ ଓ ବିଶୃଙ୍ଖଳା ଉପୁଜିବ ନାହିଁ ବୋଲି ପରାମର୍ଶ ଦେଇଛନ୍ତି। ବୈଠକରେ ପୋଲିସ କମିଶନର ଏସ. ଦେବଦତ୍ତ ସିଂ କହିଛନ୍ତି, ଭସାଣିରେ ମେଢ ଗଲା ବେଳେ ବହୁ ସମୟରେ ଅଭିଯୋଗ ହେଉଛି ଯେ, ବାହାର ପିଲା ଆସି ଗଣ୍ଡଗୋଳ କରୁଛନ୍ତି। ସେହି ସମୟରେ ପୋଲିସ ହଠାତ ସମ୍ପୃକ୍ତ ମେଢରେ ଥିବା ଲୋକଙ୍କୁ ଚିହ୍ନଟ କରିପାରୁନି। ତେଣୁ ଯଥାସମ୍ଭବ ସବୁ ପୂଜା କମିଟି ନିଜସ୍ୱ ଏକ ଆଇଡି କାର୍ଡ କରନ୍ତୁ। ମେଢରେ ଆସୁଥିବା ସମସ୍ତ କର୍ମକର୍ତ୍ତା ଓ ସଭ୍ୟଙ୍କୁ କାର୍ଡ ପକାଇବା ପାଇଁ କୁହନ୍ତୁ ବୋଲି ପରାମର୍ଶ ଦେଇଛନ୍ତି। ତେବେ ଗତ କିଛିଦିନ ଭସାଣି ଯାତ୍ରାର ରୁଟ ପରିବର୍ତ୍ତନ କରାଯିବ ବୋଲି ଯେଉଁ ଆଲୋଚନା କରାଯାଉଥିଲା ଏଥିରେ ପୋଲିସ ପୂର୍ଣ୍ଣଚ୍ଛେଦ ଟାଣିଛି। ପୂର୍ବରୁ ଯେଉଁ ରୁଟରେ ମେଢ ଯାଉଥିଲା, ସେହି ରୁଟରେ ଚଳିତବର୍ଷ ମେଢ ଯିବ। ଏହା ମଧ୍ୟରେ ହାଇକୋର୍ଟ ଦେଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ନେଇ ମଧ୍ୟ ବୈଠକରେ ସାମ୍ୟକ ସୂଚନା ଦିଆଯିବା ସହିତ ଆଲୋଚନା ହୋଇଥିଲା। ସହରର ୪ ସ୍ଥାନକୁ ହାଇକୋର୍ଟ 'ସାଇଲେଣ୍ଟ ଜୋନ' ଘୋଷଣା କରିଛନ୍ତି। ଏଥିମଧ୍ୟରେ ମେଢ ଆସୁଥିବା ରୁଟ ଚାନ୍ଦିନୀଚୌକ, ହାଇକୋର୍ଟ ଛକ, ହାୱଡା ମୋଟର୍ସ ଛକ ଓ ସିଟି ହସ୍ପିଟାଲ ପାଖ ଅଞ୍ଚଳ ରହିଛି। ଏହି ସବୁ ସ୍ଥାନରେ ୧୦୦ ମିଟର ପର୍ଯ୍ୟନ୍ତ ଅଞ୍ଚଳରେ ସାଉଣ୍ଡ ସମ୍ପୂର୍ଣ୍ଣ ବନ୍ଦ ରହିବ। ଉକ୍ତ ଅଞ୍ଚଳ ପାଇଁ ପୋଲିସ ଭସାଣି ପୂର୍ବରୁ ମାର୍କିଂ କରିବ ବୋଲି ସୂଚନା ମିଳିଛି। ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ଓ ଭାଇଚାର ବଜାୟ ରଖିବା ପାଇଁ ଉଦ୍ୟମ କରାଯିବା ଉପରେ ରାଜନୈତିକ ଦଳଗୁଡିକ କର୍ମକର୍ତ୍ତା ମତ ଦେଇଥିଲେ। ଏପରିକି କୌଣସି ପ୍ରକାର ଗୁଜବ ଉପରେ ବିଶ୍ୱାସ ନ କରିବାକୁ ଉପସ୍ଥିତ ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କୁ କୁହାଯାଇଥିଲା। ବୈଠକରେ ବିଶୃଙ୍ଖଳାକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଧାୟକ ସୋଫିଆ ଫିର୍ଦ୍ଦୋସ ଆହ୍ୱାନ ଦେଇଥିଲେ। ସେହିପରି ମିଳିମିଶି ସମସ୍ତେ ଶାନ୍ତି ପ୍ରତିଷ୍ଠା ଦିଗରେ ଉଦ୍ୟମ କରିବାକୁ ଭାଜପା ବରିଷ୍ଠ ନେତା ନୟନ କିଶୋର ମହାନ୍ତି ପରାମର୍ଶ ଦେଇଥିଲେ। ବୈଠକରେ ମହାନଗର ପୂଜା କମିଟି ସଭାପତି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ମେୟର ସୁବାସ ସିଂ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ସିଏମସି କମିଶନର କିରଣଦୀପ କୌର ସାହୋତା, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ଭାଜପା ଜିଲା ସଭାପତି ସୁକାନ୍ତ ବିଶ୍ୱାଳ ଓ ସିପିଆଇ ନେତା ଅମରେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

**ରାହାଙ୍ଗୁଳ ଆଦିବାସୀ ବିଦ୍ୟାଳୟର ୨୧ ଛାତ୍ରୀଛାତ୍ର ତାମ୍ର, ବ୍ରୋଞ୍ଜ ପଦକ ପାଇଲେ**

ଖୁଣ୍ଟୁଣୀ,୧୬।୧୦(ସଚ୍ଚିଦାନନ୍ଦ ପଣ୍ଡା):

ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅଧୀନ କଣ୍ଡରେଇ ଚାରିଦେଶ ନୋଡାଲ ବିଦ୍ୟାଳୟରେ ଅନୁଷ୍ଠିତ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ରାଧାକୃଷ୍ଣପୁର ପଞ୍ଚାୟତ ରାହାଙ୍ଗୁଳ ଆଦିବାସୀ ବିଦ୍ୟାଳୟର ୨୭ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ସେମାନେ ସୃଜନାତ୍ମକ ଲେଖା, ଏକକ ଅଭିନୟ, ନୃତ୍ୟ, ସଙ୍ଗୀତ, ସୂତ୍ରଲିଖନ, ସୁନ୍ଦର ହସ୍ତାକ୍ଷର, ଚିତ୍ରାଙ୍କନ, ଗଳ୍ପ କଥନ, ଗଣିତ, ଦୌଡ଼ ଓ କୁଇଜ୍ ଆଦି ଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୧ଜଣ ଛାତ୍ରୀଛାତ୍ର ସେମାନଙ୍କ ନିଖୁଣ ତଥା ଜୀବନ୍ତ ଅଭିନୟ ପ୍ରଦର୍ଶନ କରି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ତାମ୍ର ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିପାଇଁ ଏହି ଆଦିବାସୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ସାହୁ, ନୃସିଂହ ଚରଣ ବିଶ୍ୱାଳ, ମମତା ରାଣୀ ବେହେରା, ଗଙ୍ଗାଧର ନାୟକ, ହାମିଲଟନ ବେହେରା, ସାଗରିକା ସାହୁ, ସିପ୍ରା ସେଠୀ ଓ ପତିତପାବନ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଏହି କୃତିତ୍ୱ ଅର୍ଜନ କରିଥିଲେ।



ତାମ୍ର ଓ ବ୍ରୋଞ୍ଜ ପଦକ ପାଇଥିବା ରାହାଙ୍ଗୁଳ ଆଦିବାସୀ ବିଦ୍ୟାଳୟର ଛାତ୍ରୀଛାତ୍ର।

## ବ୍ୟବଚ୍ଛେଦ ପରେ ବଦଳାଇଦେଲେ ମୃତଦେହ

**ହନ୍ତସନ୍ତ ହେଲେ ପରିବାର ସଦସ୍ୟ**

ସାଲେପୁର,୧୬।୧୦(ଅରବିନ୍ଦ ଭୂୟାଁ):

କଟକ ବଡ ଡାକ୍ତରଖାନାରେ ଏକ ଗୁରୁବାର ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ବଦଳିଯିବାରୁ ପରିବାର ଲୋକେ ହନ୍ତସନ୍ତ ହୋଇଛନ୍ତି। ଏହି ଘଟଣା ସାଲେପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ସାଲେପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତ ଲୁଣାହାର ଗ୍ରାମର ସ୍ୱର୍ଗତ ନରେନ୍ଦ୍ର କୁମାର ସାହୁଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା ସାହୁ (୬୨) ବୁଧବାର ସନ୍ଧ୍ୟାରେ ଶୌଚ ହେବାକୁ ପାଇଖାନାକୁ ଯାଇଥିବା ବେଳେ କୌଣସି କାରଣରୁ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ନେଇ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱର୍ଣ୍ଣଲତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ମଙ୍ଗଳାବାଗ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଶବ ବ୍ୟବଚ୍ଛେଦ ଗୃହକୁ ପଠାଇଥିଲେ। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକେ ସ୍ୱର୍ଣ୍ଣଲତାଙ୍କ ମୃତଦେହ ନେଇ ଆସିଥିଲେ। ଘରେ ପହଞ୍ଚିବା ପରେ ମୃତଦେହ ବଦଳିଯାଇଥିବା ଜଣାପଡ଼ିଥିଲା। ଏନେଇ ପରିବାରରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରିବାର ସଦସ୍ୟ ପୁନର୍ବାର ମୃତଦେହ ନେଇ କଟକ ବଡ଼ ଡାକ୍ତରଖାନାର ଶବ ବ୍ୟବଚ୍ଛେଦ ଗୃହରେ ପହଞ୍ଚିଥିଲେ। ସେଠାରେ ବଦଳିଯାଇଥିବା ମୃତଦେହ ଫେରସ୍ତ କରି ସ୍ୱର୍ଣ୍ଣଲତାଙ୍କ ମୃତଦେହ ଚିହ୍ନଟ କରି ଘରକୁ ଆଣିଥିଲେ। ଏହାପରେ ଗ୍ରାମ ଶଶ୍ମାନରେ ସ୍ୱର୍ଣ୍ଣଲତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏ ସମ୍ପର୍କରେ ପରିବାର ସଦସ୍ୟ ଅବା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ବନ ବିଭାଗ ପକ୍ଷରୁ ଚଢ଼ାଉ ଲକ୍ଷାଧିକ ଟଙ୍କାର ମେଶିନ ଟ୍ରାକ୍ଟର, କାଠ ଜବତ

ସାଲେପୁର,୧୬।୧୦(ଅରବିନ୍ଦ ଭୂୟାଁ): କଟକ ରେଞ୍ଜ ଅଧୀନ ସାଲେପୁର ଓ ଜଗତପୁର ବନଖଣ୍ଡ ଅଞ୍ଚଳରେ ବେଆଇନ ଭାବେ ଚାଲୁଥିବା ଏକ କାଠ କାରଖାନା ଉପରେ ଗୁରୁବାର ଚଢ଼ାଉ ହୋଇଛି। ବନ ବିଭାଗ ପକ୍ଷରୁ କରାଯାଇଥିବା ଏହି ଚଢ଼ାଉରେ ଲକ୍ଷାଧିକ ଟଙ୍କାର କାଠ କଟା ପାଇଁ ବ୍ୟବହୃତ ସରଞ୍ଜାମ, ଟ୍ରାକ୍ଟର ଓ କାଠ ଜବତ କରାଯାଇଥିବା ଜଣାପଡିଛି।

ସେହିପରି ଜଗତପୁର ସେକ୍ସନ ଅଧୀନ ଗୋଟିଏ ଏବଂ ସାଲେପୁର ସେକ୍ସନ ଅଧୀନ ଗୋଟିଏ କାଠ କାରଖାନାରେ ଚଢ଼ାଉ କରାଯାଇଥିଲା। ସେଠାରୁ ୩ ଲକ୍ଷ ଟଙ୍କାର ମେଶିନ ଓ କାଠ ଜବତ କରାଯାଇଛି। ଏଥିସହ କଟକ ରେଞ୍ଜର ଶର୍ମିଳି ନାୟକଙ୍କ ନେତୃତ୍ୱରେ ସତ୍ୟଭାମାପୁର ଏବଂ ମାରଡାଠାରେ ଥିବା ବେଆଇନ ସ' ମିଲ ଉପରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ମାରଡାଠାରେ ଥିବା ସ' ମିଲରୁ ୩ ଲକ୍ଷ ଟଙ୍କାର ସରଞ୍ଜାମ ଏବଂ କାଠ ଜବତ ହୋଇଥିବା ବେଳେ ସତ୍ୟଭାମାପୁରଠାରେ ଥିବା ସ' ମିଲରୁ ୫ ଲକ୍ଷ ଟଙ୍କାର ସରଞ୍ଜାମ ଏବଂ ଏକ ଟ୍ରାକ୍ଟର ଇଞ୍ଜିନ ଜବତ କରାଯାଇଥିବା ଜଣାପଡିଛି। ଏହି ଚଢ଼ାଉରେ ଏସିଏଫ୍ ଫରେଷ୍ଟ ଭିଜିଲାନ୍ସ ବବିତା ସୋରେନ, ସାଲେପୁର ଫରେଷ୍ଟର ରାକେଶ ସ୍ୱାଇଁ, ଜଗତପୁର ଫରେଷ୍ଟର ମହେନ୍ଦ୍ର ନାୟକ, ଫରେଷ୍ଟର ସୂର୍ଯ୍ୟକାନ୍ତ ସାହୁ ଏବଂ ସସ୍ମିତ ଆଚାର୍ଯ୍ୟ ସାମିଲ ଥିଲେ।

## ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦିଅ



ବିକେ ଷ୍ଟିଲର ମାନବ ସମ୍ବଳ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଖୁଣ୍ଟୁଣୀ ପଞ୍ଚାୟତ ଉନ୍ନୟନ କମିଟି ପକ୍ଷରୁ ବିକେ ଷ୍ଟିଲକୁ ଦାବିପତ୍ର**

ଖୁଣ୍ଟୁଣୀ,୧୬।୧୦(ସଚ୍ଚିଦାନନ୍ଦ ପଣ୍ଡା):

ରମ୍ପେଇ ମୌଜାସ୍ଥିତ ରାଜା ଆଠଗଡ଼ ଷ୍ଟେଶନଠାରେ ସ୍ଥାପିତ ବିକେ ଷ୍ଟିଲ କାରଖାନା ସ୍ଥାନୀୟ ନିଯୁକ୍ତିକୁ ଭୁଲି ଏଚଏମଏସ ଓ ବିଏମଏସ ଦୁଇଟି ୟୁନିୟନ ଦ୍ୱାରା ପରିଚାଳିତ ହେଉଛି। ଏଥିପାଇଁ ସ୍ଥାନୀୟ ଯୁବକମାନେ ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରି ଖୁଣ୍ଟୁଣୀ ପଞ୍ଚାୟତ ଉନ୍ନୟନ କମିଟି ପକ୍ଷରୁ ବିକେ ଷ୍ଟିଲ କାରଖାନା ମାନବ ସମ୍ବଳ ଅଧିକାରୀ ମନୋରଞ୍ଜନ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, କାରଖାନା ଆରମ୍ଭ ବେଳେ ପ୍ରଥମେ ଏଚଏମଏସ ନିଜର କେତେଜଣ ଶ୍ରମିକ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିଲା। ଏହାର କିଛି ମାସ ପରେ ବିଏମଏସ ତାର ସହଯୋଗୀ ଯୁବକମାନଙ୍କୁ ଯେଉଁମାନେ କି ପୂର୍ବରୁ ମାହେଶ୍ୱରୀ ଇସ୍ପାତ କାରଖାନାର କର୍ମଚାରୀ ଥିଲେ ତାଙ୍କୁ ନିଯୁକ୍ତି ଦେବାକୁ ଦୀର୍ଘ ମାସାଧିକକାଳ ବିକେ ଷ୍ଟିଲ ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଥିଲେ ମଧ୍ୟ କାରଖାନା କର୍ତ୍ତୃପକ୍ଷ ନା ପ୍ରଶାସନ କେହି ସେମାନଙ୍କ ଦାବିକୁ ଗୁରୁତ୍ୱ ଦେଇ ନ ଥିଲେ। ସେତେବେଳେ ଭାଜପା ନେତା ଅଭୟ ବାରିକଙ୍କ ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ ହୋଇଥିଲା। କାରଖାନା କର୍ତ୍ତୃପକ୍ଷ ସ୍ଥାନୀୟ ଯୁବକମାନଙ୍କୁ ନିଯୁକ୍ତି ନ ଦେଲେ ଏହାର ପରବର୍ତ୍ତୀ ପରିଣାମ ପାଇଁ କାରଖାନା କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଉନ୍ନୟନ କମିଟି ପକ୍ଷରୁ ତପନ କୁମାର ପ୍ରଧାନ, ଖୁଣ୍ଟୁଣୀ ମଣ୍ଡଳ ଭାଜପା ସଭାପତି ଶୋଭମ ପ୍ରିୟଦର୍ଶୀ, ପ୍ରଦୀପ କୁମାର ଜେନା, ହେମନ୍ତ କୁମାର ନାୟକ, ସୌମ୍ୟରଞ୍ଜନ ପଣ୍ଡା, ପରେଶ କୁମାର ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଚେତାବନୀ ଦେଇଛନ୍ତି।

## ଲୋକଙ୍କ ସ୍ୱର ଉଠାଇବ କଂଗ୍ରେସ

ନିଶ୍ଚିନ୍ତକୋଇଲି,୧୬।୧୦
(ଅଶୋକ କୁମାର ମହାପାତ୍ର) :

ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନ କ୍ରମେ ଭୋଟ ଚୋରି ବିରୋଧରେ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ପିସିସି ସଭାପତି ଭକ୍ତ ଦାସଙ୍କ ନିର୍ଦ୍ଦେଶ କ୍ରମେ କଟକ ଜିଲାରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଜିଲା ସଭାପତି ପ୍ରଦୀପ ଦାସଙ୍କ ନେତୃତ୍ୱରେ ୱାର୍ଡସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଖରେ କଂଗ୍ରେସ କର୍ମକର୍ତ୍ତା ଓ ନେତୃମଣ୍ଡଳୀ ପହଞ୍ଚି ଭୋଟ ଚୋରି ଉପରେ ରାହୁଲ କରିଥିବା ଅଭିଯୋଗର ପ୍ରମାଣ ରଖିଛନ୍ତି। ସମାନ୍ତରାଳଭାବେ ଓଡ଼ିଶାରେ ଭୋଟ ଚୋରି ହୋଇଥିବା ଅଭିଯୋଗ ଆଣି ଲୋକଙ୍କୁ ଦସ୍ତଖତ ସଂଗ୍ରହ ଅଭିଯାନରେ ସାମିଲ କରାଇଛନ୍ତି। ଗୁରୁବାର ଜିଲା ପର୍ଯ୍ୟବେକ୍ଷକ ତଥା ରେମୁଣାର ପ୍ରାକ୍ତନ ବିଧାୟକ ସୁଦର୍ଶନ ଜେନା ନିଶ୍ଚିନ୍ତକୋଇଲି ବଜାରରେ ପହଞ୍ଚି ଏହି ଅଭିଯାନରେ ସାମିଲ ହୋଇ ଭାଜପା ସରକାରଙ୍କୁ ସମାଲୋଚନା କରିଥିଲେ। ବରିଷ୍ଠ କଂଗ୍ରେସ ନେତା ନାରାୟଣ ଦ୍ୱିବେଦୀ, ରମେଶ ସାହୁ, ଗୋପାଳ ସେଠୀ, କୃଷ୍ଣଚନ୍ଦ୍ର ବେହେରା, ଯୁବ ନେତା ସେକ୍ ସଦାମ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ଯୋଗଦେଇଥିଲେ। ବଜାର ବ୍ୟବସାୟୀ ସଂଘ ସଭାପତି ପ୍ରମୋଦ ପଣ୍ଡାଙ୍କ ସ୍ୱାକ୍ଷର ଅଭିଯାନର ଶୁଭାରମ୍ଭ କରାଯାଇଥିଲା।



ଦସ୍ତଖତ ଅଭିଯାନରେ ସାମିଲ ହୋଇଥିବା କଂଗ୍ରେସ କର୍ମୀମାନେ।

## ପ୍ରକୃତିବନ୍ଧୁ ପୁରସ୍କାର ପାଇଲେ ଶିକ୍ଷୟିତ୍ରୀ

ବାଙ୍କୀ, ୧୬।୧୦( ଶୁଭେନ୍ଦୁ ମହାପାତ୍ର):

କଟକ ବନଖଣ୍ଡ ଅଧିକାରୀଙ୍କ ସଭାଗୃହରେ ୭୧ତମ ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ-୨୦୨୫ ପାଳନ ଅବସରରେ ଜିଲାର ବିଭିନ୍ନ ବ୍ଲକରୁ ୭ ଜଣଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ଗତ ୧୧ ତାରିଖରେ ପ୍ରଦାନ କରାଯାଇଛି। କଟକ ବନଖଣ୍ଡ ଅଧିକାରୀ ଅନିଲ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ, ସମ୍ମାନିତ ଅତିଥି ଭାବେ ଗ୍ରୋ ଉଇଥ ନେଚରର ପ୍ରତିଷ୍ଠାତା ଗାୟତ୍ରୀ ଦେବୀ, କଟକ ସହକାରୀ ବନ ସଂରକ୍ଷକ ପ୍ରମୋଦ କୁମାର ସେଠୀ ଓ ସନ୍ତୋଷ କୁମାର ପତି ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କଟକ ବନଖଣ୍ଡ ବରିଷ୍ଠ ସହକାରୀ ବନ ସଂରକ୍ଷକ ରବି ନାରାୟଣ ମହାନ୍ତି ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ କଟକ ଜିଲା ଡମପଡ଼ା ବ୍ଲକ ଅନ୍ତର୍ଗତ ପଣ୍ଡିତ ଗୋବିନ୍ଦ ରଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ପାଇକରାୟଙ୍କୁ ଚଳିତବର୍ଷ ପାଇଁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଗତ ଜୁଲାଇରେ ଏକ ସଡକ ଦୁର୍ଘଟଣାର ଶିକାର ହୋଇ ଶିକ୍ଷୟିତ୍ରୀ ପାଇକରାୟ ବର୍ତ୍ତମାନ ସୁଦ୍ଧା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଅନୁପସ୍ଥିତିରେ ଝିଅ ସୁଶ୍ରୀ ତେଜସ୍ୱିନୀ ପାଇକରାୟ ଏହି ପୁରସ୍କାର ଜିଲାପାଳଙ୍କଠାରୁ ଗ୍ରହଣ କରିଛନ୍ତି। ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏହି ସମ୍ମାନଜନକ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଛି। ପାଇକରାୟ ଅଦରକାରୀ ଭାବେ ଫୋପଡା ଯାଉଥିବା ମଞ୍ଜିକୁ ସଂଗ୍ରହ କରି ଶୁଖାଇ ସାଇତି ରଖି ବର୍ଷାଦିନ ପୂର୍ବରୁ ବିଭିନ୍ନ ଖୋଲାସ୍ଥାନ, ରାସ୍ତାଘାଟ ଇତ୍ୟାଦିରେ ବୁଣିବା, ନିଜେ ପକାଇଥିବା ଚାରାକୁ ବ୍ୟକ୍ତି ବିଶେଷଙ୍କଠାରୁ ଆରମ୍ଭ କରି ଅନୁଷ୍ଠାନ ପର୍ଯ୍ୟନ୍ତ ବିନା ମୂଲ୍ୟରେ ବାଣ୍ଟିବା, ବିଭିନ୍ନ ଗୋଷ୍ଠୀ ସମ୍ପୃକ୍ତି କରାଇ ଚାରାରୋପଣ କାର୍ଯ୍ୟକ୍ରମ କରିବା, ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନ କରାଇବା ଇତ୍ୟାଦି କାର୍ଯ୍ୟକ୍ରମ କରି ସେ ସ୍ଥାନୀୟ ଅଞ୍ଚଳରେ ବେଶ ସୁନାମ ଅର୍ଜନ କରିଛନ୍ତି। ବିଭିନ୍ନ ବ୍ୟକ୍ତି ବିଶେଷଙ୍କଠାରୁ ଆରମ୍ଭ କରି ଅନୁଷ୍ଠାନ ପର୍ଯ୍ୟନ୍ତ ଶିକ୍ଷୟିତ୍ରୀ ପାଇକରାୟଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ତାଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତା ପଠାଇଛନ୍ତି।

## ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ପରିଚାଳନାକୁ ଗୁରୁତ୍ୱ

**ପ୍ରସିଦ୍ଧ କାର୍ତ୍ତିକେଶ୍ୱର ଓ ମୁଣ୍ଡନ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ**

ଟିଗିରିଆ,୧୬।୧୦(ଜାଫର ଖାଁ ):

ଟିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମାର ଆରାଧ୍ୟ ଦେବୀ ମା' ଲୋଭି ଠାକୁରାଣୀଙ୍କ ପ୍ରସିଦ୍ଧ ମୁଣ୍ଡନ ଯାତ୍ରା ସହ ପଞ୍ଚକ ୫ ଦିନ କାର୍ତ୍ତିକେଶ୍ୱର ଯାତ୍ରାକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଣ୍ଡନ ଯାତ୍ରାରେ ଅଧିକ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଟ୍ରାଫିକ ବ୍ୟବସ୍ଥାର ପରିଚାଳନାକୁ ଗୁରୁତ୍ୱ ଦିଆଯାଇଛି। ମା' ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଅନୁଷ୍ଠିତ ଉକ୍ତ ବୈଠକରେ ଗ୍ରାମର କାର୍ତ୍ତିକେଶ୍ୱର ପୂଜା ମହାସଂଘ, ଗ୍ରାମ୍ୟ କମିଟି ସଦସ୍ୟ, ସମସ୍ତ ୧୮ଟି ସାହି ପୂଜା କମିଟିର ସଦସ୍ୟଙ୍କ ସମେତ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥତିରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକେଶ୍ୱର ପୂଜା ମହାସଂଘ ସଭାପତି ବିଭୁତି ଭୂଷଣ ବେହେରାଙ୍କ ସଭାପତିତ୍ୱରେ ମା' ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଅନୁଷ୍ଠିତ ଏହି ବୈଠକରେ ତହସିଲଦାରଙ୍କ ପ୍ରତିନିଧି ଭାବେ ସ୍ୱାଗତିକା ପ୍ରିୟଦର୍ଶନୀ, ଅଗ୍ନିଶମ ବିଭାଗ ଅଧିକାରୀ ପ୍ରତାପ ଚନ୍ଦ୍ର ବେହେରା, ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିସଂଖ୍ୟାନ ସହାୟକ ମନମୋହନ ଦାଶ, ବିଦ୍ୟୁତ୍ ବିଭାଗ ଅଧିକାରୀ ଜିତେନ୍ଦ୍ର ନାୟକ, ସରପଞ୍ଚଙ୍କ ପ୍ରତିନିଧି ମାନସ ଜେନା, କାର୍ତ୍ତିକେଶ୍ୱର ପୂଜା ମହାସଂଘର ସମ୍ପାଦକ ଅଭିମନ୍ୟୁ ଜେନା, ସହ ସମ୍ପାଦକ ଶରତ କୁମାର ରାଉତ, ଉପ ସଭାପତି ଚକ୍ରଧର ରାଉତ, କୋଷାଧ୍ୟକ୍ଷ ମିଟୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସହ ସମ୍ପାଦକ ରାଉତ ପୂର୍ବ ବର୍ଷର ଯାତ୍ରା ପରିଚାଳନାର ବିବରଣୀ ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ନଭେମ୍ବର ୨ରୁ ପଞ୍ଚକ ଯାତ୍ରା ଆରମ୍ଭ ହେବାକୁ ଥିବାବେଳେ ୫ ତାରିଖଠାରୁ ପ୍ରସିଦ୍ଧ ମୁଣ୍ଡନ ଯାତ୍ରା ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ଭସାଣି କାର୍ଯ୍ୟକ୍ରମ ୭ ତାରିଖରେ ଅନୁଷ୍ଠିତ ହେବ। ପଞ୍ଚକ ୫ ଦିନ ଧରି ମା'ଙ୍କ ମନ୍ଦିର ପରିସରରେ ଶିଶୁ ମାନଙ୍କର ମୁଣ୍ଡନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଯାତ୍ରା ସମୟରେ ଭକ୍ତଙ୍କର ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ଼ ବ୍ୟବସ୍ଥା, ବିନ୍ଧାଣିମା ଗ୍ରାମର ଚତୁଃପାର୍ଶ୍ୱରେ ଯାନବାହନର ପାର୍କିଂ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ପାଇଁ ସମସ୍ତ ଛକ ନିକଟରେ ପୋଲିସ ମୁତୟନ, ପାନୀୟ ଜଳଯୋଗାଣ ପାଇଁ ବିଭିନ୍ନ ସ୍ଥାନରେ ପାଣି ଟ୍ୟାଙ୍କର ବ୍ୟବସ୍ଥା, ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱାସ୍ଥ୍ୟ ଶିବିର ସହ ଆମ୍ବୁଲାନ୍ସ ବ୍ୟବସ୍ଥା, ଜଳ ଉତ୍ସ ନିକଟରେ ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ଆଦି କରାଯିବାକୁ ପୂଜା ମହାସଂଘ, ସାହି ପୂଜା କମିଟିର ଉପସ୍ଥିତ ସଦସ୍ୟ ଓ ଗ୍ରାମବାସୀଙ୍କ ତରଫରୁ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଦାବି କରାଯାଇଥିଲା। ପୂଜା କମିଟି ପକ୍ଷରୁ ଯାତ୍ରାକୁ ଶୃଙ୍ଖଳିତ ଭାବେ ଶେଷ ପାଇଁ ପୂଜା ମହାସଂଘ ତରଫରୁ ପ୍ରଶାସନକୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।



କାର୍ତ୍ତିକେଶ୍ୱର ଓ ମୁଣ୍ଡନ ଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ ପୂଜା କମିଟି ସଦସ୍ୟ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୧୦।୨୦୨୫

| | |
|---|---|
| | ୪,୭୭,୧୮୪ ଟଙ୍କା |
| ସୁନା | ୩.୨୦୦ ଗ୍ରାମ୍ |
| ରୁପା | ୩୦.୪୦୦ ଗ୍ରାମ୍ |

# କୁଶଭଦ୍ରା ନଦୀବନ୍ଧ ମରାମତି ନାଁରେ ଅର୍ଥ ଆତ୍ମସାତ

ଗୋପ,୧୬।୧୦,(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଜଳ ସମ୍ପଦ ବିଭାଗ ଅଧୀନ ମଦରଙ୍ଗ-ଶୋଳପୁର କୁଶଭଦ୍ରା ନଦୀବନ୍ଧ ମରାମତି ନାଁରେ ବିପୁଳ ଅର୍ଥ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ୨୦୨୦-୨୧ ଆର୍ଥିକ ବର୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇ କୁଶଭଦ୍ରା ନଦୀବନ୍ଧ ମରାମତି କରାଯାଇଥିବା ବେଳେ ଏବେ ଏହି ନଦୀ ବନ୍ଧ ଅସୁରକ୍ଷିତ ଅବସ୍ଥାରେ ରହିଛି। ଏପରିକି ଏହି ନଦୀ ବନ୍ଧରେ ଚାରିଚକିଆ ଯାନ ଚଳାଚଳ ବର୍ଷେ ହେବ ବନ୍ଦ ରଖାଯାଇଛି। ପୂର୍ବରୁ ଏହି ନଦୀ ବନ୍ଧରେ ୫ କିଲୋମିଟର ପର୍ଯ୍ୟନ୍ତ ସଡ଼କ ନିର୍ମାଣ କରାଯାଇଥିଲା। ଦୀର୍ଘବର୍ଷ ଧରି ବିଭିନ୍ନ ଯାନବାହନ ପୁରୀ ସହରକୁ ଚଳାଚଳ କରୁଥିଲା। ପ୍ରତିଦିନ ବସ୍ ଟ୍ରକ୍ ଚଳାଚଳ କରୁଥିବାବେଳେ ଭାରିଯାନ ସହିତ ଗୋପ ବ୍ଲକ୍‌ର ୧୫ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଲୋକେ ଯାତାୟାତ କରୁଥିଲେ। ୨୦୨୦ ମସିହା ବନ୍ୟା ସମୟରେ ଏହି ରାସ୍ତାର ତିନିମୁହାଣି ଠାରେ ନଦୀବନ୍ଧ ଧସିବାରୁ



ଜଳସେଚନ ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରୁ ପ୍ରତିବର୍ଷ ବନ୍ଧ ମରାମତି ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ କାର୍ଯ୍ୟ କରିବାର ୧୫ ଦିନ ମଧ୍ୟରେ ବନ୍ଧରୁ ଅତଡ଼ା ଖସୁଛି। ଏ ସମ୍ପର୍କରେ

### ଭିଜିଲାନ୍ସ ତଦନ୍ତ ହେଲେ ଖୋଲିବ ପେଡ଼ି

ବିଭାଗୀୟ ଅଧିକାରୀ ତଦନ୍ତ କରୁ ନ ଥିବା କିମ୍ବା ନଦୀବନ୍ଧ ସୁରକ୍ଷା ନିମନ୍ତେ ସ୍ଥାୟୀ ପ୍ରତିକାର କରାଯାଉ ନ ଥିବା ଅଭିଯୋଗ ହେଉଛି। ନଦୀବନ୍ଧ ସୁରକ୍ଷା ଉପରେ ଗୁରୁତ୍ୱ ନ ଦେଲେ ବନ୍ୟା ସମୟରେ ହଜାର ହେକ୍ଟର ଚାଷଜମି ସହିତ ଅନେକ ଗାଁ ବନ୍ୟାରେ ଜଳମଗ୍ନ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ନିମ୍ନମାନର କାର୍ଯ୍ୟ କରାଯାଉଥିବାରୁ ସରକାରଙ୍କ ବିପୁଳ ଟଙ୍କା ପାଣିରେ ପଡୁଛି। ଏ ନେଇ ଭିଜିଲାନ୍ସ ତଦନ୍ତ କରାଗଲେ ଦୁର୍ନୀତି ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ହେଉଛି। ଏ ସଂକ୍ରାନ୍ତରେ ନିମାପଡ଼ା ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଳ କହିଛନ୍ତି, ଏହି ନଦୀବନ୍ଧ ଉପରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପିରିଜିପୁରସ୍ଥିତ ସରକାରୀ ଜନତା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଦାଶରଥି ଶତପଥି ମୁଖ୍ୟ ଅତିଥି, ବାଲୁକେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ମହାପାତ୍ର, ଅଦ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସରକାରୀ ଜନତା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରସନ୍ନ କୁମାର ଦଳାଇ ଯୋଗଦେଇ ଶିଶୁଙ୍କ ଅନ୍ତର୍ନିହିତ ଗୁଣର ବିକାଶରେ ସୁରଭି ପ୍ରମୁଖ ଧାରା ପାଲଟିଛି ବୋଲି କହିଥିଲେ। ସାଧନ କେନ୍ଦ୍ର ସ୍ତରୀୟ ୭ଟି ବିଦ୍ୟାଳୟରୁ ଆସିଥିବା ୧୨୦ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଗଙ୍ଗାଧର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକମାଗୁଣି ଚରଣ ଜାଲି, ବାଲୁକେଶ୍ୱରଦେବ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଆର୍ତ୍ତତ୍ରାଣ ପ୍ରଧାନ, ଗମ୍ଭାରୀ ୟୁଜିୟୁପି ବିଦ୍ୟାଳୟ ସହଯୋଗୀ ଶିକ୍ଷୟିତ୍ରୀ ରୋସାଲିନ ରଂଜିତସିଂହ, ଦୁଆରଶୁଣି ଉଚ୍ଚ ବିଦ୍ୟାଳୟ, ରାଧାମାଧବ ପ୍ରାଥମିକ ବିଦ୍ୟାଳୟ, ସାନବସନ୍ତପୁର ପ୍ରାଥମିକ ବିଦ୍ୟାଳୟ, ଟୁଆ ପୋଡ଼ାଡିହ ପ୍ରାଥମିକ ବିଦ୍ୟାଳୟ ଆଦି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଯୋଗଦାନ କରିଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବସନ୍ତ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦାବି

ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)

୧୯୫୮ ମସିହାରେ ଓଡ଼ିଶୀ ନୃତ୍ୟ ଅଷ୍ଟମ ଶାସ୍ତ୍ରୀୟ ନୃତ୍ୟ ଭାବେ କେନ୍ଦ୍ର ସରକାରଙ୍କ ମାନ୍ୟତା ପାଇଥିବାବେଳେ ଶହଶହ ବର୍ଷ ଧରି ଉତ୍କଳୀୟ ତଥା ଶ୍ରୀଜଗନ୍ନାଥ ସଂସ୍କୃତିକୁ ଋଦ୍ଧିମନ୍ତ କରିଥିବା ଓଡ଼ିଶୀ ସଙ୍ଗୀତ, ଏଯାଏ ଶାସ୍ତ୍ରୀୟ ମାନ୍ୟତା ପାଇପାରିନାହିଁ। ଏଦିଗରେ ସରକାର କଣ୍ଠଶିଳ୍ପୀ, ଗୀତିକାର, ସଂଗୀତ ନିର୍ଦ୍ଦେଶକ ଓ ଗବେଷକମାନଙ୍କୁ ନେଇ ଏକ କମିଟି ଗଠନ କରି ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବାପାଇଁ ଉଦ୍ୟମ ଆରମ୍ଭ କରନ୍ତୁ ବୋଲି ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର ଦାବି କରିଛନ୍ତି। ଏ ନେଇ ସେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଆଲୋଚନା କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ଉପରେ ଖୁବ୍‌ଶୀଘ୍ର ଉଚ୍ଚସ୍ତରୀୟ ବୈଠକ କରାଯିବା ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ମିଶ୍ର ଜଣାଇଛନ୍ତି।

### ନୟାହାଟ ବଜାରରେ ଦୋକାନରୁ ଚୋରି

ଯୋଗେଶ୍ୱରପୁର,୧୬।୧୦(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡିରେ ପୋଲିସ ଭ୍ୟାନ ନ ଥିବାରୁ ରାତ୍ରକାଳୀନ ପାଟ୍ରୋଲିଂ ହୋଇ ପାରୁନାହିଁ। ଫଳରେ ବଜାରରେ ଚୋରି ଘଟଣା ବୃଦ୍ଧି ପାଉଛି। ନୟାହାଟ ବଜାରରେ ଥିବା କୈଳାସ ନାୟକଙ୍କ ବହି ଦୋକାନ ଓ ସିମେଣ୍ଟ ଦୋକାନରୁ ବୁଧବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନଗଦ ୧୬୦୦ ଟଙ୍କା, ଦୁଇଟି ମୋବାଇଲ୍ ଫୋନ୍ ଏବଂ ସ୍କୁଟି ଚୋରି କରି ନେଇଥିବା ଥାନାରେ ଗୁରୁବାର ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ଫଟୋ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣାର ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତ ଜଣକ ପେଶାଦାର ଚୋର ବୋଲି ପୋଲିସ ଚିହ୍ନଟ କରିଛି। ସେହିପରି ମଙ୍ଗଳବାର ବିଳମ୍ବିତ ରାତିରେ ସରକାରୀ ବିୟର ବାର୍ ଆଜବେଷ୍ଟସ୍ କାଟି ପଶିବାକୁ ଦୁର୍ବୃତ୍ତ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ଉଠି ପଡ଼ିବାରୁ ଗୋଟିଏ ଶାବଳ ଓ ହଳେ ଚପଲ ଛାଡ଼ି ସେ ଦୌଡ଼ି ପଳାଇଥିବା ଜଣାପଡ଼ିଛି। ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଫାଣ୍ଡି ଅଧିକାରୀ ମଲ୍ଲିକ ପ୍ରକାଶ କରିଛନ୍ତି।

### ପର୍ଯ୍ୟଟକଙ୍କ ଯାତାୟାତ, ପାର୍କିଂ ବ୍ୟବସ୍ଥା ନେଇ ଆଲୋଚନା

ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)

ଆଗକୁ ଦୀପାବଳି ଓ ପଞ୍ଚକ ଆଦି ଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀକୁ ଭକ୍ତଙ୍କ ସୁଅ ଛୁଟିବାର ସମ୍ଭାବନା ରହିଛି। ଭକ୍ତ ଓ ପର୍ଯ୍ୟଟକଙ୍କ ସୁଗମ ଯାତାୟାତ ବ୍ୟବସ୍ଥା ଲାଗି ଏକ ସମନ୍ୱୟ ବୈଠକ ଏସ୍‌ପି ଅଫିସରେ ଗୁରୁବାର ଆୟୋଜିତ ହୋଇଯାଇଛି। ବୈଠକରେ ଏସ୍‌ପି ପ୍ରତୀକ ସିଂ ଅଧ୍ୟକ୍ଷତା କରିଥିଲେ। ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ପାର୍କିଂସ୍ଥଳ, ବସ୍‌ଷ୍ଟାଣ୍ଡ ଓ ଅନ୍ୟାନ୍ୟ ପ୍ରବେଶସ୍ଥଳରୁ ସହଜ ଯାତାୟାତ ବ୍ୟବସ୍ଥା କିପରି କରାଯାଇପାରିବ, ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଅଟୋ ଓ ବସ୍ ସେବା ପାଇଁ ନିର୍ଦ୍ଧାରିତ ଭଡ଼ାତାଲିକା ପ୍ରସ୍ତୁତ କରାଯିବା ସହ ଅଧିକ ଦର ନେବାକୁ ମନା କରାଯାଇଛି। ପର୍ଯ୍ୟଟକ ଯାନବାହନଗୁଡ଼ିକର ଠିକ କାଗଜପତ୍ର ଓ ପରିଚୟ ସୁନିଶ୍ଚିତ କରାଯିବ। ବିଭିନ୍ନ ପ୍ରକାର ଯାନବାହନ ପାଇଁ ପାର୍କିଂସ୍ଥଳ ନିର୍ଦ୍ଧାରଣ ହେବ। ପ୍ରମୁଖ ଯାତାୟାତ କେନ୍ଦ୍ରରେ ଲୋଗୋ ଓ ସୂଚନାଫଳକ ସ୍ଥାପନ କରାଯିବ। ବୈଠକରେ ପୁରୀ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ପୋଲିସ ଅଧୀକ୍ଷକ ସଚିନ ପଟେଲ, ଆର୍‌ଟିଓ ସୁସ୍ମିତା ବେହେରା, ଟ୍ରାଫିକ ଆଇଆଇସି ଜୟଦୀପ ମହାନ୍ତି, ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ, ରିଜର୍ଭ ଇନ୍ସପେକ୍ଟର ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ଜିଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଅନୁଷ୍ଠିତ ଜିଲାସ୍ତରୀୟ କଳା ଉତ୍ସବ-୨୦୨୫ରେ ଅତିଥିଙ୍କ ସହ ଶିଶୁ କଳାକାରମାନେ। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ଜିଲାସ୍ତରୀୟ କଳା ଉତ୍ସବ

ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ କଳା ଉତ୍ସବ-୨୦୨୫ ଜିଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରରୁ ବିଭିନ୍ନ ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଏକକ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ, ଯନ୍ତ୍ର ସଙ୍ଗୀତ, ଏକକ ନୃତ୍ୟ, ଦଳଗତ ନୃତ୍ୟ, ଚିତ୍ରକଳା, ଗଳ୍ପ କଥନ, ମଞ୍ଚ ନାଟକ ପ୍ରଭୃତି ପ୍ରତିଯୋଗିତାରେ ୧୨୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଜେତାଙ୍କୁ ଅପରାହ୍ନ ଅଧିବେଶନରେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅତିଥି ଭାବେ ସାହିତ୍ୟିକ ସତ୍ୟନାରାୟଣ ମିଶ୍ର, ଗୁରୁକୁଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗାମାଧବ କର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ବିଜେତା ଛାତ୍ରୀଛାତ୍ରମାନେ ପରବର୍ତ୍ତୀ ସମୟରେ ଆଞ୍ଚଳିକ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ନେଇ ସୂଚନା ଦିଆଯାଇଥିଲା। ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ପ୍ରାକ୍ତନ ମଣ୍ଡଳ ସାଧନ ସଂଯୋଜକ ବିଜୟ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ ସଂଯୋଜକ ବରଦା ପ୍ରସନ୍ନ ରାଉତ ଧନ୍ୟବାଦ ଦେଇଥିଲେ।

## ୩୧ରୁ ଅଳଗୁମ କାର୍ତ୍ତିକ ମେଳା

ସାକ୍ଷୀଗୋପାଳ,୧୬।୧୦
(ଭରତ ରାଉତ)

ପଶ୍ଚିମ ସତ୍ୟବାଦୀ ଅନ୍ତର୍ଗତ ଅଳଗୁମଠାରେ ଥିବା ଦ୍ୱାଦଶ ଶତାବ୍ଦୀର ପୁରାତନ ଶୈବପୀଠ ଶ୍ରୀଗଡିଶ୍ୱର ଦେବଙ୍କ ମନ୍ଦିର ବେଢ଼ାରେ ଅଳଗୁମ କାର୍ତ୍ତିକ ମେଳା ଅକ୍ଟୋବର ୩୧ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ରୁଦ୍ରାଭିଷେକ ପରିଷଦର ସଭାପତି ସନ୍ତୋଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମେଳା କିଭଳି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହେବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଗଡିଶ୍ୱର ଦେବଙ୍କ ବିଭିନ୍ନ ରୀତିନୀତି ସହ ବିଶ୍ୱଶାନ୍ତି ରୁଦ୍ରାଭିଷେକ ଯଜ୍ଞ ପାଇଁ ସମସ୍ତ ପ୍ରସ୍ତୁତି ନିର୍ଦ୍ଧାରିତ ସମୟ ପୂର୍ବରୁ ସାରିବାକୁ ଗୁରୁତ୍ୱ ଦିଆଯାଇଥିଲା। ମନ୍ଦିର, ବେଢ଼ା ସମେତ ଆଖପାଖ ଗ୍ରାମ ଓ ମନ୍ଦିର ଚତୁଃପାର୍ଶ୍ୱ ସଫେଇ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମେଳାରେ ବାଲୁକା କଳା ପ୍ରଦର୍ଶନୀ, ଯୋଗ ଶିବିର, ଫଟୋ ପ୍ରଦର୍ଶନୀ, ହସ୍ତଶିଳ୍ପ ପ୍ରଦର୍ଶନୀ, ସାହିତ୍ୟ ଆସର, ଝୋଟି ପ୍ରଦର୍ଶନୀ, ବିଭିନ୍ନ ଷ୍ଟଲ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ପ୍ରବଚନ ସହ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ ନୃତ୍ୟ, ଛଉନୃତ୍ୟ, ସମ୍ବଲପୁରୀ ଓ ଗ୍ରାମ୍ୟ କଳା ଆଦି ପରିବେଷଣ କରାଯିବ। ଅଳଗୁମର ଐତିହ୍ୟ ପରମ୍ପରା ତଥା ଗଡିଶ୍ୱର ଦେବଙ୍କ ସମ୍ପର୍କିତ କିଛି ସ୍ମୃତି ଅନୁଭୂତିକୁ ନେଇ ଏକ ସ୍ମରଣିକା ପ୍ରକାଶ ପାଇବ। ତେଣୁ ଲେଖା ପଠାଇବା ପାଇଁ ଅନୁରୋଧ କରାଯାଇଛି। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପାନୀୟଜଳ, ସ୍ୱାସ୍ଥ୍ୟ ପରିମଳ ଓ ଶାନ୍ତିଶୃଙ୍ଖଳା ପାଇଁ ବିଭାଗୀୟ ଅଧିକାରୀଙ୍କ ସହଯୋଗ ଲୋଡ଼ିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପରିଷଦର ସମ୍ପାଦକ ଉପେନ୍ଦ୍ର ପଣ୍ଡା, ଡ. ଯୋଗେନ୍ଦ୍ର ନାୟକ, ପାଣ୍ଡବ ମହାରଣା, ବଳରାମ ପଣ୍ଡା, ଲକ୍ଷ୍ମୀଧର ପଣ୍ଡା, ସତ୍ୟବାନ ଦୀକ୍ଷିତ, ରବିନ୍ଦ୍ର ସାହୁ, ବନମାଳୀ ପ୍ରଧାନ, ସଚ୍ଚିକାନ୍ତ ଜେନା, ସ୍ୱାଧୀନ ପ୍ରଧାନ, ପ୍ରଫୁଲ୍ଲ ବିଶ୍ୱାଳ, କୁବେର ପ୍ରଧାନ, ବାମଦେବ ପ୍ରଧାନ, ରଜନୀ ବେହେରା, ମନୋରଞ୍ଜନ ବାରିକ, ମନୋରଞ୍ଜନ ପ୍ରଧାନ ଏବଂ ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଆହତ ହବିଷିଆଳିଙ୍କୁ ଭେଟିଲେ ଏସ୍‌ପି

ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରରେ ଆହତ ହୋଇ ଚିକିତ୍ସିତ ହେଉଥିବା ହବିଷିଆଳିଙ୍କୁ ମେଡିକାଲରେ ଭେଟି ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ ପଚାରି ବୁଝିଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ଶ୍ରୀମନ୍ଦିର ଭିତରେ ଥିବା ପାର୍ଶ୍ୱମନ୍ଦିର ଦର୍ଶନ ସମୟରେ ଜଣେ ହବିଷିଆଳି ସନ୍ତୁଳନ ହରାଇ ପଡ଼ିଯାଇଥିଲେ। ଫଳରେ ତାଙ୍କ ପାଦରେ ଆଘାତ ଲାଗିଥିଲା। ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତାଙ୍କ ପାଦ ମଚ୍‌କି ହୋଇଥିବାରୁ ତାଙ୍କୁ ମେଡିକାଲରେ ରଖାଯାଇଛି। ନିଜେ ସନ୍ତୁଳନ ହରାଇ ପଡ଼ିଯାଇଥିଲେ ଏବଂ ଏହା ଭିଡ଼ କିମ୍ବା ଅନ୍ୟ କାହାର ଠେଲାପେଲା ଦ୍ୱାରା ହୋଇ ନ ଥିବା ସମ୍ପୃକ୍ତ ହବିଷିଆଳି କହିଛନ୍ତି।

## ଉତ୍ପାଦକ ଗୋଷ୍ଠୀ ପକ୍ଷରୁ ଦୀପ ଷ୍ଟଲ୍ ଉଦ୍‌ଘାଟିତ



ଅତିଥି ଷ୍ଟଲ ବୁଲି ଦେଖୁଛନ୍ତି ।

ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)

ଓର୍‌ମାସ୍ ପକ୍ଷରୁ ଉତ୍ପାଦକ ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ପୂର୍ବକ ଆମ ସଂସ୍କୃତି ଓ ପରମ୍ପରାକୁ ଋଦ୍ଧିମନ୍ତ କରିବାର ପ୍ରୟାସ କରାଯାଇଛି। ଆଗାମୀ ଦୀପାବଳିକୁ ଦୃଷ୍ଟିରେ ରଖି ବଡ଼ଶଙ୍ଖଠାରେ ପୁରୀ ଜିଲାର ୭ଟି ଉତ୍ପାଦକ ଗୋଷ୍ଠୀ ବିଭିନ୍ନ ପ୍ରକାର ଦୀପ ବିକ୍ରି କରିବାର ବ୍ୟବସ୍ଥା ଓର୍‌ମାସ୍ ପକ୍ଷରୁ କରାଯାଇଛି। ଗୁରୁବର ଏହାକୁ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଉଦ୍‌ଘାଟନ କରିଥିଲେ। ଏଥିରେ ଓର୍‌ମାସ୍‌ର ଡେପୁଟି ସିଇଓ ନିଗମ ଚରଣ ଦାସ ଏବଂ ଅନ୍ୟ କର୍ମଚାରୀ ଯୋଗ ଦେଇଥିଲେ। ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ଷ୍ଟଲ ଖୋଲା ରହିବ। ପ୍ରକୃତି ଓ ପରିବେଶ ଉପଯୋଗୀ ଏହି ଦୀପଗୁଡ଼ିକୁ ଜନସାଧାରଣ କିଣିବାକୁ ଓର୍‌ମାସ୍ ଏବଂ ଉତ୍ପାଦକ ଗୋଷ୍ଠୀ ପକ୍ଷରୁ ଅନୁରୋଧ କରାଯାଇଛି।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)

ଜିଲାପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉନ୍ନୟନ କାର୍ଯ୍ୟଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ସାଂସଦ ପାଣ୍ଠି, ବିଧାୟକ ପାଣ୍ଠି, ବକେୟା ବିଦ୍ୟୁତ ଦେୟ, ପରିମଳ ସମସ୍ୟା, ପର୍ଯ୍ୟଟନ ଭିତ୍ତିଭୂମିଗୁଡିକର ବିକାଶମୂଳକ କାର୍ଯ୍ୟ, ପାନୀୟଜଳ, ବିକଶିତ ଗାଁ ବିକଶିତ ଓଡ଼ିଶା, ଗ୍ରାମୀଣ ଆବାସ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସ୍କୁଲ ଭିତ୍ତିଭୂମି ବିକାଶ ଯୋଜନା, ମିଶନ ଶକ୍ତି ଦ୍ୱାରା ପରିଚାଳିତ ବିଭିନ୍ନ ଭିତ୍ତିଭୂମିର ନିର୍ମାଣ, ୧୫ ତମ କେନ୍ଦ୍ରୀୟ ଅର୍ଥ କମିଶନ, ପଞ୍ଚମ ରାଜ୍ୟ ଅର୍ଥ କମିଶନ ମାଧ୍ୟମରେ ଆସୁଥିବା ବିଭିନ୍ନ ପ୍ରକଳ୍ପ, ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ତଥା ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକର ରୂପାୟନ ନେଇ ଜିଲାପାଳ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଗ୍ରାମ୍ୟ ପାନୀୟଜଳ ଯୋଗାଣ ଅଧିକ୍ଷଣ ଯନ୍ତ୍ରୀ ବିକାଶ କୁମାର ସାମଲ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ବ୍ଲକରେ କାର୍ଯ୍ୟରତ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, ଜିଲାସ୍ତରୀୟ ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନିଶା କାରବାରର ପେଣ୍ଠସ୍ଥଳ ପାଲଟିଛି ନିମାପଡ଼ା

ନିମାପଡ଼ା,୧୬।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ଥାନା ଅନ୍ତର୍ଗତ ଖୋଦ୍ ନିମାପଡ଼ା ସହର ଏବେ ଚୋରାମଦ, ଗଞ୍ଜେଇ, ବ୍ରାଉନ୍‌ସୁଗାର ବ୍ୟବସାୟର ପେଣ୍ଠସ୍ଥଳ ପାଲଟିଛି। ନିମାପଡ଼ା ସହର ଓ ଏହାର ଆଖପାଖ ଅଞ୍ଚଳ ନିଶାମାଫିଆଙ୍କ ଆଡ୍ଡାସ୍ଥଳ ଓ ନିରାପଦ ଆଶ୍ରୟସ୍ଥଳ। ହେଲେ ଅବକାରୀ ବିଭାଗ ଏଦିଗରେ ଚୁପ୍ ଓ ନୀରବଦ୍ରଷ୍ଟା। ସ୍ଥାନୀୟ ଅବକାରୀ ବିଭାଗର ଚରମ ଅବହେଳା, ନିଷ୍କ୍ରିୟତା, ଅପାରଗତା ଯୋଗୁ ନିମାପଡ଼ା ସହର ସମେତ ଖେଲାର, ବାମନାଳ, ଚାରିଛକ ଆଦି ଅଞ୍ଚଳର ସମସ୍ତ ଛକ ବଜାର ଓ ଗାଁ ଗଣ୍ଡାରେ ବେଧଡ଼କ ଭାବେ ଅବାଧରେ ଚାଲିଛି ଚୋରା

### ଅବକାରୀ ବିଭାଗ ଚୁପ୍, ନିଦରେ ପ୍ରଶାସନ

ବ୍ରାଉନ୍‌ସୁଗାର, ମଦ, ଗଞ୍ଜେଇ ବ୍ୟବସାୟ। ନିମାପଡ଼ା ବଜାର ଓ ଏହାର ଆଖପାଖ ଅଞ୍ଚଳର ଗାଁ ଗଣ୍ଡାରେ ଚୋରା ନିଶାଦ୍ରବ୍ୟ କାରବାର ଏବେ କୁଟିରଶିଳ୍ପ ପାଲଟିଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଖୋଦ୍ ନିମାପଡ଼ା ଅବକାରୀ ଥାନା ଠାରୁ ମାତ୍ର ଅଧକିଲୋମିଟର ଦୂରରେ ଶ୍ୟାମସୁନ୍ଦରପୁର ନୂଆ ମଠସାହି, ପେଟେଘାଇ ରାସ୍ତା, ଜେଲ୍ ଛକ, ପାଟପୁର ଛକ, କୁଶଭଦ୍ରା ନଦୀବନ୍ଧ ରାସ୍ତାରେ ଚୋରା ବ୍ରାଉନ୍‌ସୁଗାର ବ୍ୟବସାୟ ଚାଲିଥିବା ଜଣାପଡ଼ିଛି। ଏ ଦିଗରେ ନିମାପଡ଼ା ଅବକାରୀ ଥାନା କର୍ତ୍ତୃପକ୍ଷଙ୍କ ନଜର ନାହିଁ। ନିମାପଡ଼ା ଅବକାରୀ ଥାନା ଅଞ୍ଚଳରେ ଚୋରା ମଦ, ଗଞ୍ଜେଇ, ବ୍ରାଉନସୁଗାର କାରବାର ଦିନକୁ ଦିନ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଅବକାରୀ ବିଭାଗ ଅଧିକାରୀମାନେ ଚୋରା ନିଶାବେପାରୀଙ୍କଠାରୁ ମାସିକିଆ ମୋଟା ଅଙ୍କର ପାଉଣା ନେଇ ଏହି କାରବାରକୁ ପରୋକ୍ଷରେ ପ୍ରୋତ୍ସାହନ ଦେଉଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ଯଦି ଏବେ ଠାରୁ ଏ ଦିଗରେ ଚରମ ପଦକ୍ଷେପ ନିଆ ନ ଯାଏ ତେବେ ଭବିଷ୍ୟତରେ ନିମାପଡ଼ାରେ ନିଶା କାରବାରର ଭୟାବହତା ଅଣାୟତ୍ତ ହେବା ଆଶଙ୍କାକୁ ଅସ୍ୱୀକାର କରାଯାଇ ନ ପାରେ। ଏହି ନିଶା କାରବାର ନିଶାସେବନ ଯୋଗୁ ନିମାପଡ଼ାର ଯୁବପିଢ଼ି ପଥଭ୍ରଷ୍ଟ ହେଲେଣି। ନିମାପଡ଼ା ଅଞ୍ଚଳରେ ଚୋରା ନିଶା କାରବାରକୁ ତୁରନ୍ତ ବନ୍ଦ କରାଯିବା ସହ ଚୋରା ନିଶା ବେପାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିମାପଡ଼ାବାସୀଙ୍କ ପକ୍ଷରୁ ଅବକାରୀ ମନ୍ତ୍ରୀ, ସଚିବ, ଜିଲାପାଳ, ଜିଲା ଅବକାରୀ ଅଧୀକ୍ଷକଙ୍କ ନିକଟରେ ଦୃଢ଼ ଦାବି ହେଉଛି। ଅନ୍ୟପକ୍ଷରେ ଆମେ ଚୋରା ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ଧରିବାକୁ ଉଦ୍ୟମ କରୁଛୁ ବୋଲି ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସିଦ୍ଧେଶ୍ୱର ମଲ୍ଲିକ କହିଛନ୍ତି।

## ଫଟୋରେ ଖବର




ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ତାଙ୍କର ଦୀର୍ଘାୟୁ କାମନା କରାଯାଇ ଗୁରୁବାର ଶ୍ରୀମନ୍ଦିର ସମ୍ମୁଖରେ ପୁରୀ ଜିଲା ବିଜୁ ଜନତା ଦଳ ପକ୍ଷରୁ ସମୂହ ଦୀପଦାନ କାର୍ଯ୍ୟକ୍ରମ।




ପଶ୍ଚିମବଙ୍ଗ ଦୁର୍ଗାପୁର ଗଣବଳାତ୍କାର ଘଟଣାରେ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ଗୁରୁବାର ପୁରୀଠାରେ ସଙ୍ଗଶ୍ରୀ ଫାଉଣ୍ଡେଶନ ପକ୍ଷରୁ ଦୀପଦାନ କରାଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ମୋବାଇଲ ଚୋରି ଘଟଣା: ୩ ଗିରଫ

ତ୍ରିଶୂଳିଆ,୧୬।୧୦
(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ପୋଲିସ ମୋବାଇଲ ଚୋରି ଘଟଣାରେ ଗୁରୁବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୈତ୍ରୀବିହାର ଥାନା ଅଞ୍ଚଳ ଜୀବନ ରାଉତ (୨୦), ଟୁକୁନା ଦାସ (୨୧) ଓ ରାଜା ଦାସ (୨୦)। ଗିରଫ ବେଳେ ପୋଲିସ ସେମାନଙ୍କ ନିକଟରୁ ୩ଟି ମୋବାଇଲ ଓ ଗୋଟିଏ ବାଇକ ଜବତ କରିଛି। ଏ ସମ୍ପର୍କରେ ପୋଲିସ ମାମଲା (ନଂ. ୫୭୪/୨୫) ରୁଜୁ କରିଛି।

ପୋଲିସ ସୂଚନା ଅନୁଯାୟୀ ଜୀବନ, ଟୁକୁନା ଓ ରାଜା ବାରଙ୍ଗ ଥାନା ଫକୀରପଡା ଗ୍ରାମରେ ଥିବା ଏକ ଆପାର୍ଟମେଣ୍ଟରୁ ୩ଟି ମୋବାଇଲ ଚୋରି କରି ନେଇଥିଲେ। ଏନେଇ ଗତ ୧୬ ତାରିଖରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଅରମ୍ଭ କରିଥିଲା। ଅଭିଯୁକ୍ତମାନଙ୍କ ମୋବାଇଲ ନମ୍ବର ଟ୍ରାକିଂ କରି ସେମାନଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି।

# 'ଅଗ୍ନିଶମ କର୍ମଚାରୀଙ୍କ ସ୍ୱାସ୍ଥ୍ୟର ସୁସ୍ଥତା ଜରୁରୀ'


ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ, ଫାଉଣ୍ଡେଶନର ଟ୍ରଷ୍ଟି ପ୍ରଫେସର ଡା. ମନୋଜ କୁମାର ସାହୁଙ୍କ ସହ ଅନ୍ୟମାନେ।

## ଗ୍ୟାଷ୍ଟ୍ରୋ ଲିଭର କେୟାର ଫାଉଣ୍ଡେଶନ ସହ ଏମ୍‌ଓୟୁ 'କୃତଜ୍ଞତା' ସ୍ୱାକ୍ଷର

ଭୁବନେଶ୍ୱର, ୧୬।୧୦ (ବନ୍ଦନା ସେଠୀ)

ଓଡ଼ିଶା ଅଗ୍ନିଶମ ଓ ଜରୁରୀସେବା ବିଭାଗ ପକ୍ଷରୁ ଗ୍ୟାଷ୍ଟ୍ରୋ ଲିଭର କେୟାର ଫାଉଣ୍ଡେଶନ୍ ସହ ଏକ ବୁଝାମଣାପତ୍ର 'କୃତଜ୍ଞତା' ସ୍ୱାକ୍ଷର କରାଯାଇଛି। ଗୁରୁବାର ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଗ୍ନିଶମ କର୍ମଚାରୀଙ୍କ ମଧ୍ୟରେ ପ୍ରତିରୋଧମୂଳକ ସ୍ୱାସ୍ଥ୍ୟସେବା, ଯକୃତ ସଚେତନତା ଓ ସମଗ୍ର ଆରୋଗ୍ୟ ପ୍ରଚାର କରିବା ଏହି ଏମ୍‌ଓୟୁର ମୁଖ୍ୟ ଉଦ୍ଦେଶ୍ୟ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଲିଭର ଫଙ୍କସନ ସ୍କ୍ରିନିଂ, ସଚେତନତା ଶିବିର ଓ ଚିକିତ୍ସା ଆଲୋଚନା ମାଧ୍ୟମରେ ଅଗ୍ନିଶମ କର୍ମଚାରୀମାନେ ସୁସ୍ଥ ଜୀବନଯାପନ କରିପାରିବେ। ସର୍ବଦା ବିପଦ ଓ କଠୋର ପରିସ୍ଥିତିରେ ସେବା ଯୋଗାଉଥିବା ଅଗ୍ନିଶମ କର୍ମଚାରୀମାନେ ବ୍ୟକ୍ତିଗତ ସ୍ୱାସ୍ଥ୍ୟର ସୁସ୍ଥତା ଜରୁରୀ ବୋଲି ଅତିଥିମାନେ ମତ ଦେଇଛନ୍ତି। ଫାୟାର ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ କହିଲେ, ଅଗ୍ନିଶମ କର୍ମଚାରୀ ଓ ଅଧିକାରୀମାନେ ଶାରୀରିକ ଭାବେ ଶ୍ରମସାଧ ଓ ଚାପ ଭିତରେ କାମ କରନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ଓ ଫିଟ୍‌ନେସ୍ ନିଶ୍ଚିତ କରିବା ଆମର ଦାୟିତ୍ୱ। 'କୃତଜ୍ଞତା' କାର୍ଯ୍ୟକ୍ରମ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା କେବଳ ପେସାଗତ ବିପଦ ଏଡାଇବାକୁ ନୁହେଁ, ସମଗ୍ର ଜୀବନଶୈଳୀ ସ୍ୱାସ୍ଥ୍ୟକୁ ମଧ୍ୟ ଧ୍ୟାନ ଦେଉଛି। ଫାଉଣ୍ଡେଶନର ଟ୍ରଷ୍ଟି ପ୍ରଫେସର ଡା. ମନୋଜ କୁମାର ସାହୁ ଅଗ୍ନିଶମ ବିଭାଗର ପ୍ରତିରୋଧମୂଳକ ସ୍ୱାସ୍ଥ୍ୟ ପ୍ରବନ୍ଧନ ପ୍ରତି ସକ୍ରିୟ ଭୂମିକାକୁ ପ୍ରଶଂସା କରିଛନ୍ତି। ପ୍ରାରମ୍ଭିକ ଅବସ୍ଥାରେ ଯକୃତଜନିତ ରୋଗଗୁଡ଼ିକ ଚିହ୍ନଟ ନ ହେଲେ ଏଗୁଡ଼ିକ ଜୀବନର କାର୍ଯ୍ୟକ୍ଷମତାକୁ ଗଭୀର ଭାବରେ ପ୍ରଭାବିତ କରିଥାଏ। ଖୁବ୍‌ଶୀଘ୍ର ରାଜ୍ୟର ଅଗ୍ନିସେବା ବିଭାଗ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ନେବାକୁ ଏକ ଟୋଲ୍ ଫ୍ରି ନମ୍ବର ଜାରି କରାଯିବ। ଏହି ନମ୍ବର ଜରିଆରେ ରାଜ୍ୟର ଯେକୌଣସି ସ୍ଥାନରେ ଥିବା ଅଗ୍ନିଶମ କର୍ମଚାରୀ ସ୍ୱାସ୍ଥ୍ୟ ଓ ଯକୃତ ସମ୍ପର୍କିତ ସମସ୍ୟାର ସମାଧାନ ଦିଗରେ ପରାମର୍ଶ ପାଇପାରିବେ ବୋଲି ଡା. ସାହୁ ସୂଚନା ଦେଇଛନ୍ତି।

# ରାକେଶ ପଣ୍ଡାଙ୍କୁ 'କାଞ୍ଚନ କର୍ପୋରେଟ ଆୱାର୍ଡ'



ସ୍ତମ୍ଭକାର ରାକେଶ ପଣ୍ଡାଙ୍କୁ ଅତିଥିମାନେ ସମ୍ମାନ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)

ଜନ ସମ୍ପର୍କ ଏବଂ ସାହିତ୍ୟରେ ପାରଦର୍ଶିତା ନିମନ୍ତେ ସ୍ତମ୍ଭକାର ରାକେଶ ପଣ୍ଡାଙ୍କୁ 'ଶ୍ରେଷ୍ଠତମ କାଞ୍ଚନ କର୍ପୋରେଟ ଆୱାର୍ଡ' ପ୍ରଦାନ କରାଯାଇଛି। ସ୍ଥାନୀୟ ଏକ ହୋଟେଲରେ କାଞ୍ଚନ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ 'କାଞ୍ଚନ ୟୁଥ କନ୍‌କ୍ଲେଭ ସାଂସ୍କୃତିକ କାର୍ଯ୍ୟକ୍ରମ'ରେ ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ ଓ କାଞ୍ଚନ ଫାଉଣ୍ଡେଶନର ପ୍ରତିଷ୍ଠାତା ତାପସ ରଞ୍ଜନ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଷଷ୍ଠ ରାଜ୍ୟ ଅର୍ଥ କମିଶନ୍‌ଙ୍କ ସହ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଆଲୋଚନା

ଭୁବନେଶ୍ୱର, ୧୬।୧୦ (ବନ୍ଦନା ସେଠୀ)

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ସହିତ ଏକ ବୈଠକ ଗୁରୁବାର ଖାରବେଳ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭାଗ ଆଗାମୀ ଅର୍ଥ କମିଶନ ଅବଧିରେ ଏହାର ପ୍ରମୁଖ କାର୍ଯ୍ୟକଳାପ ଏବଂ ପ୍ରାଥମିକତା ବିଷୟରେ ଏକ ବ୍ୟାପକ ସମୀକ୍ଷା ଉପସ୍ଥାପନ କରିଥିଲା। ଏଥିସହ ପ୍ରୋତ୍ସାହନ ଅନୁଦାନ ପାଇଁ ମାନଦଣ୍ଡ, ସହରାଞ୍ଚଳ ଶାସନ ଏବଂ ଆର୍ଥିକ ଶୃଙ୍ଖଳାକୁ ସୁଦୃଢ଼ କରିବା, ପରିମଳ କାର୍ଯ୍ୟ ଦକ୍ଷତାରେ ଉନ୍ନତି, ମାନବ ସମ୍ବଳ ବୃଦ୍ଧି, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପାଇଁ ଦକ୍ଷତା ନିର୍ମାଣ ଏବଂ ତାଲିମ ପ୍ରଦାନ, ଦୃଢ଼ ପ୍ରକଳ୍ପ ପରିଚାଳନା ୟୁନିଟ୍ ପ୍ରତିଷ୍ଠା, ହିସାବ ଏବଂ ଆର୍ଥିକ ପରିଚାଳନାରେ ଉନ୍ନତି, ପୌରସଂସ୍ଥାଗୁଡ଼ିକର ନିଜସ୍ୱ ରାଜସ୍ୱ ବୃଦ୍ଧି ଏବଂ ୨୦୨୬-୨୭ରୁ ୨୦୩୦-୩୧ ଅବଧି ପାଇଁ କ୍ଷେତ୍ରୱାରୀ ଆର୍ଥିକ ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା। ଷଷ୍ଠ ରାଜ୍ୟ ଅର୍ଥ କମିଶନ ଅଧ୍ୟକ୍ଷ ଡ. ଅରୁଣ କୁମାର ପଣ୍ଡା, ସଦସ୍ୟ ପ୍ରଫେସର ଅସିତ ରାଜନ ମହାନ୍ତି, ଡ. ବିଭୁ ପ୍ରସାଦ ନାୟକ ଏବଂ ସଦସ୍ୟ ସଚିବ ଡ. ସତ୍ୟପ୍ରିୟ ରଥଙ୍କ ସମେତ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ଏକ୍ସ-ଅଫିସିଓ ସଦସ୍ୟ ଅରିନ୍ଦମ ଡାକୁଆ ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ।

# 'ଓଡ଼ିଆ ଶିକ୍ଷାଦାନ ପଦ୍ଧତି' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୧୬। ୧୦ (ସୌମ୍ୟରଞ୍ଜନ ରାଉତ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ଏବଂ ଓଡ଼ିଆ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ଡ. ନାରାୟଣ ବାରିକ ଓ ଡ. ମଞ୍ଜୁଲତା ଦାସଙ୍କ 'ଓଡ଼ିଆ ଶିକ୍ଷାଦାନ ପଦ୍ଧତି' ପୁସ୍ତକ ଗୁରୁବାର ବିଶ୍ୱବିଦ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଏବଂ ଭାରତୀୟ ଭାଷା ପରମ୍ପରା ଉପରେ ଆଲୋଚନାଚକ୍ର ହୋଇଥିଲା। ଏଥିସହ ପ୍ରଶିକ୍ଷଣ ବିଭାଗର ଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ପ୍ରଶିକ୍ଷଣ ବିଶେଷଜ୍ଞ ନାରାୟଣ ବାରିକ ଏହାର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ଡ. ଅଶୋକ କୁମାର ଦିଗଲ, ଆଇ କେୟାର ପବ୍ଲିଶର୍ସ, ଭୁବନେଶ୍ୱରର ପ୍ରୋପାଇଟର ନରେନ୍ଦ୍ର ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଏଡ୍ ଛାତ୍ରୀ ଆରତୀ ବେହେରା ଓ ଦୀପ୍ତିସ୍ନେହା କରଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ 'ଓଡ଼ିଆ ଶିକ୍ଷାଦାନ ପଦ୍ଧତି' ପୁସ୍ତକକୁ ଉନ୍ମୋଚନ କରାଯାଉଛି।

# କଳା ପ୍ରଦର୍ଶନୀ 'ସୃଷ୍ଟି-୮' ଉଦ୍‌ଘାଟିତ


'ସୃଷ୍ଟି-୮'କୁ ଉଦ୍‌ଘାଟନ କରିବା ପରେ ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୧୬।୧୦ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦୃଶ୍ୟକଳା ବିଭାଗ ପକ୍ଷରୁ ବାର୍ଷିକ କଳା ପ୍ରଦର୍ଶନୀ 'ସୃଷ୍ଟି-୮' ଗୁରୁବାର ଖାରବେଳନଗର ଲଳିତକଳା ଏକାଡେମୀଠାରେ ଆରମ୍ଭ ହୋଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ କଳା ବିଶେଷଜ୍ଞ ଡ. ଅଲେଖ ଚରଣ ସାହୁ ଯୋଗଦେଇ ବିଶ୍ୱବିଦ୍ୟାଳୟର ଏହି ପ୍ରୟାସ ଫଳରେ ଯୁବ ଶିଳ୍ପୀମାନେ ନିଜ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଉଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଲଳିତ କଳା ଏକାଡେମୀର ଆଞ୍ଚଳିକ ସଚିବ ରାମକୃଷ୍ଣ ବେଦଲା ଯୋଗଦେଇ ଏହିଭଳି ପ୍ରଦର୍ଶନ ଯୁବଶିଳ୍ପୀଙ୍କୁ ଅଧିକ ଉତ୍ସାହିତ କରିବ ବୋଲି କହିଥିଲେ। ପ୍ରଦର୍ଶନୀରେ ଚିତ୍ରକଳା, ଭାସ୍କର୍ଯ୍ୟ, ମୁଦ୍ରଣ କଳା ଓ ବ୍ୟାବହାରିକ କଳା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ କଳାକୃତିଗୁଡ଼ିକୁ ସ୍ଥାନିତ କରାଯାଇଛି। ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଡ. ପଞ୍ଚାନନ ସାମଲ, ପ୍ରଫେସର ସମ୍ବରୁ ଶୋଭରା, ସହଯୋଗୀ ପ୍ରଫେସର ଉମେଶ କୁମାର ନାୟକ, ସହକାରୀ ପ୍ରଫେସର ଡ. ନୀଳାଞ୍ଜନ ଦାସ, ଅଞ୍ଜନ କୁମାର ସାହୁ, ଡ. ସସ୍ମିତା କାମିଲା ଓ ଡ. ମୋନାଲିସା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଦର୍ଶକଙ୍କ ଲାଗି ଖୋଲା ରହିବ।

# ଜଳବାୟୁ ପରିବର୍ତ୍ତନ ଓ କୃଷି କର୍ମଶାଳାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କଲେ ସତ୍ୟବ୍ରତ


କର୍ମଶାଳାରେ ଅନ୍ୟ ପ୍ରତିନିଧିଙ୍କ ସହ ଡ. ସତ୍ୟବ୍ରତ ମହାନ୍ତି।

ଭୁବନେଶ୍ୱର,୧୬।୧୦(ସୁଚିସ୍ମିତା ସାହୁ)

ୟୁନିଭର୍ସିଟି ଅଫ୍ ଗ୍ରୀନୱିଚ୍ (ୟୁକେ), ବ୍ରିଟିଶ କାଉନସିଲ ଓ ଇଣ୍ଡିଆନ କାଉନସିଲ ଅଫ୍ ସୋସିଆଲ ସାଇନ୍ସ ରିସର୍ଚ୍ଚ (ଆଇସିଏସଏସଆର) ଏବଂ ଇଣ୍ଟରନ୍ୟାଶନାଲ ସାଇନ୍ସ ପାର୍ଟନରସିପ ଫଣ୍ଡର ମିଳିତ ସହଯୋଗରେ 'ବ୍ରିଜିଂ ଡିସିପ୍ଲିନ୍ସ ଫର୍ ପ୍ଲାନେଟାରୀ ରେସିଲିଏନ୍ସ: ଏ ୟୁକେ-ଇଣ୍ଡିଆ କୋଲାବରେଟିଭ୍ ୱାର୍କଶପ୍ ଆଣ୍ଡ ରିସର୍ଚ୍ଚ ଇନିସିଏଟିଭ' କର୍ମଶାଳା ଚେନ୍ନାଇଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧୀନ ଚିପିଲିମାସ୍ଥିତ ଉଦ୍ୟାନକୃଷି ମହାବିଦ୍ୟାଳୟ କୃଷି ସଂପ୍ରସାରଣ ଶିକ୍ଷା ବିଭାଗର ଡ. ସତ୍ୟବ୍ରତ ମହାନ୍ତି ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। କର୍ମଶାଳାରେ ୟୁକେର ୭ ଜଣ ବରିଷ୍ଠ ଗବେଷକ ଭାରତୀୟ ସହଯୋଗୀଙ୍କ ସହିତ ମିଶି ଜଳବାୟୁ, କୃଷି, ପ୍ରାକୃତିକ ପ୍ରଣାଳୀ ଓ ସ୍ଥାୟିତ୍ୱ ବିଷୟରେ ଆଲୋଚନା କରିଥିଲେ। ଭାରତ ଓ ବ୍ରିଟେନ ମଧ୍ୟରେ ଭବିଷ୍ୟତ ସଂଯୁକ୍ତ ଗବେଷଣା ପ୍ରକଳ୍ପ ପାଇଁ ଅନେକ ଗବେଷଣା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ତେବେ ଏହି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଡ. ମହାନ୍ତିଙ୍କ ଯୋଗଦାନ ଓଡ଼ିଶାର କୃଷି ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଗବେଷଣାକୁ ଆହୁରି ଗତିଶୀଳ କରିବ ବୋଲି ଆଶା କରାଯାଉଛି।

# ଦୋକାନରୁ ଚୋରି ମାମଲା, ଜଣେ ଗିରଫ

ତ୍ରିଶୂଳିଆ,୧୬।୧୦(ତୁଷାରକାନ୍ତ ବେହେରା)

ବାରଙ୍ଗ ତ୍ରିଶୂଳିଆ ଛକରେ ଗତ ଜୁନ୍‌ରେ ବିଭିନ୍ନ ଦୋକାନର ଟିଣ ଛପର କାଟି ଚୋରି ଅଭିଯୋଗ ମାମଲାରେ ବାରଙ୍ଗ ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନରଣପୁର ନିକଟ ଏକ ବିସ୍ଥାପିତ ବସ୍ତିରେ ରହୁଥିବା ଶିଶିର ପ୍ରଧାନ ଓରଫ ଖଇରା(୨୫)। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ. ୧୧୨/୨୫) ରୁଜୁ କରିଛି।

ପୋଲିସ ସୂଚନା ଅନୁଯାୟୀ, ଶିଶିର ଗତ ଫେବୃଆରୀ ୨୫ ତାରିଖ ରାତିରେ ନରଣପୁର ଛକ ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ପାନ, ଚା ଦୋକାନ ଓ ଏକ ଭେରାଇଟି ଷ୍ଟୋରର ଟିଣ ଛପର କାଟି ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିଲା। ଏଥିସହ ଛକରେ ଥିବା ଅନ୍ୟ କିଛି ଦୋକାନର ତାଲା ଭାଙ୍ଗି ଚୋରି କରିଥିଲେ। ଏନେଇ ଦୋକାନ ମାଲିକମାନେ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ତେବେ ଚୋରି ଘଟଣା ପରେ ଅଭିଯୁକ୍ତ ଶିଶିର ଫେରାର ରହିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ ତଦନ୍ତ ଆରମ୍ଭ କରି ଶିଶିରଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଏ ସମ୍ପର୍କରେ ପୋଲିସ ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବିଶ୍ୱାଳ ସୂଚନା ଦେଇଛନ୍ତି।

# ହିନ୍ଦୁସ୍ଥାନୀ ସଙ୍ଗୀତ ସଭାର ୧୩ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୬।୧୦ (ସୌମ୍ୟରଞ୍ଜନ ରାଉତ)

ହିନ୍ଦୁସ୍ଥାନୀ ସଙ୍ଗୀତ ସଭାର ୧୩ତମ ବାର୍ଷିକ ଉତ୍ସବ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ 'ସଙ୍ଗୀତ ପ୍ରଭା' ଉନ୍ମୋଚିତ ହୋଇଥିଲା। ପରେ ଗୁରୁ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଧ୍ରୁପଦ ଗାୟନ ହୋଇଥିଲା, ଯାହାକି ରାଗ ଭୁପାଲିରେ ନିବଦ୍ଧ ବନ୍ଦିଶ ରହିଥିଲା। ପଦ୍ମଶ୍ରୀ ପଣ୍ଡିତ ବଳବନ୍ତରାୟ ଭଟ୍ଟଙ୍କ ଦ୍ୱାରା ଏହା ରଚିତ ହୋଇଥିଲା। ସ୍ୱସ୍ତିକ ବିଶ୍ୱାଳ ରାଗ-ପୁରିୟା-ଧନାଶ୍ରୀ, ସଞ୍ଜିବନୀ ନାଥ ରାଗ-ମାଲ-କୌଶିକ ଓ ଗୁରୁ କୃଷ୍ଣ ଚନ୍ଦ୍ର ଦାଶ ରାଗ ହଂସ ଧ୍ୱନି ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଯୁଗଳବନ୍ଦୀ କଣ୍ଠରେ ରଶ୍ମୀରେଖା ଶର୍ମା ଏବଂ ଶୁଭ୍ରାଲୀନ ରାଉତ ରାଗ- ମାରୁ ବିହାଗ ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପଣ୍ଡିତ ହରିହର ରଥ ରାଗ- ଶ୍ୟାମ ଦେଶ୍‌ରେ ଖୟାଲ ପରିବେଷଣ କରିଥିଲେ। ଶେଷରେ ତବଲା ବାଦନ କରିଥିଲେ ହିନ୍ଦୁସ୍ଥାନୀ ସଙ୍ଗୀତ ସଭାର ଶିଳ୍ପୀ ତଥା ତବଲା ଗୁରୁ ସୁଶାନ୍ତ କୁମାର ଜେନା, ଚିତ୍ତ ରଞ୍ଜନ ମହାପାତ୍ର। ହାରମୋନିୟମ ଗୁରୁ କୁଞ୍ଜବିହାରୀ ନାୟକ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଉତ୍ସବରେ ଅତିଥି ଭାବେ ପୂର୍ବତନ ସ୍ୱତନ୍ତ୍ର ଶାସନ ସଚିବ ଅର୍ଥ ବିଭାଗ ପ୍ରଦୀପ କୁମାର ବିଶ୍ୱାଳ, ଅନୁଷ୍ଠାନର ଉପଦେଷ୍ଟା ପଣ୍ଡିତ ଦେବେନ୍ଦ୍ର ନାଥ ଶତପଥୀ, ଉପସଭାପତି ଡ. ସର୍ବେଶ୍ୱର ଶତପଥୀ, ସମ୍ପାଦକ ରଘୁନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ସୁଶ୍ରୀ ସୁଦୀପ୍ତା ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଝାରପଡ଼ା ଜେଲ ସାମ୍ନାରେ ଆଜାଦ୍‌ଙ୍କ ପରିବାର ଲୋକଙ୍କ ପ୍ରତିବାଦ

## ପୋଲିସ ନିର୍ଯାତନା ବନ୍ଦ, ନ୍ୟାୟ ପାଇଁ ରାଜ୍ୟ ସରକାରଙ୍କୁ ଅପିଲ୍

ଭୁବନେଶ୍ୱର,୧୬।୧୦(ସତ୍ୟଜିତ ରାଉତ)



ଝାରପଡ଼ା ଜେଲ ସମ୍ମୁଖରେ ଆଜାଦ୍‌ଙ୍କ ପରିବାର ଲୋକେ ନ୍ୟାୟ ଦାବି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପ୍ରାୟ ୧୫ ବର୍ଷ ଧରି ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ବିଚାରାଧୀନ କଏଦୀ ଭାବେ ରହିଥିବା ମାଓବାଦୀ ନେତା ଦୁନ୍ନା କେଶବ ରାଓ ଓରଫ ଆଜାଦ୍ ବୁଧବାରଠାରୁ ଆମରଣ ଅନଶନରେ ବସିଛନ୍ତି। ଗୁରୁବାର ଆଜାଦ୍‌ଙ୍କ ପରିବାର ଲୋକ ପହଞ୍ଚି ଝାରପଡ଼ା ଜେଲ ସାମ୍ନାରେ ପ୍ରତିବାଦ କରିଛନ୍ତି। ଭାଇ ଦୁନ୍ନା କୁମାର ନଲ୍ଲାବୋଲୁରୁ, ମା' ଦୁନ୍ନା କୋମଲାମ୍ମା, ଭଉଣୀ, ଭାଉଜ ପ୍ରମୁଖ ହାତରେ ପୋଷ୍ଟର ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆତ୍ମସମର୍ପଣ ପରେ ୧୪ ବର୍ଷ ୫ ମାସ ଧରି ଜେଲରେ ବନ୍ଦୀ ଥିବା ଆଜାଦ୍‌ଙ୍କ ଉପରେ ପୋଲିସ ନିର୍ଯାତନା ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ଆଜାଦ୍‌ଙ୍କୁ ନ୍ୟାୟ ଦେବାକୁ ପରିବାର ଲୋକେ ରାଜ୍ୟ ସରକାରଙ୍କ ନିକଟରେ ଅପିଲ୍ କରିଛନ୍ତି। ସୂଚନାଯୋଗ୍ୟ, ଆଜାଦ୍‌ଙ୍କ ବିରୋଧରେ ଓଡ଼ିଶାରେ ୪୩ଟି ମାମଲା ଏବଂ ଆନ୍ଧ୍ରପ୍ରଦେଶରେ ୧୬ଟି ମାମଲା ରହିଥିବା ଜଣାପଡ଼ିଛି। ଏହି ମାମଲାଗୁଡ଼ିକର ଶୀଘ୍ର ବିଚାର ପ୍ରକ୍ରିୟା ଶେଷ କରିବାକୁ ଦାବି କରି ଆଜାଦ୍ ଆମରଣ ଅନଶନରେ ବସିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ସତ୍ତ୍ୱେ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ୨୦୧୧ ମେ' ୧୮ରେ ଆନ୍ଧ୍ରପ୍ରଦେଶ ପୋଲିସ ନିକଟରେ ଆଜାଦ୍ ଆତ୍ମସମର୍ପଣ କରିଥିଲେ। ସେତେବେଳେ ସେ ସିପିଆଇଏମ୍‌ର ଓଡ଼ିଶା ରାଜ୍ୟ ସାଂଗଠନିକ କମିଟିର ସଦସ୍ୟ ଥିଲେ। ତେବେ ଆତ୍ମସମର୍ପଣବେଳେ ତାଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଅଣାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଆତ୍ମସମର୍ପଣର ୧୦ଦିନ ପରେ ଓଡ଼ିଶା ପୋଲିସ ତାଙ୍କୁ ନିଜ ହେପାଜତକୁ ଆଣି ଗିରଫ ଦର୍ଶାଇଥିଲା। ସେବେଠାରୁ ସେ ଜେଲରେ ବନ୍ଦୀ ଭାବେ ରହିଆସୁଛନ୍ତି।

# 'ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ'

## ଋଷିକେଶରେ ଇସ୍କନର ଅଦିନିଆ ରଥଯାତ୍ରାକୁ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ବିରୋଧ

ଭୁବନେଶ୍ୱର,୧୬।୧୦ (ସୌମ୍ୟରଞ୍ଜନ ରାଉତ)

ଉତ୍ତରାଖଣ୍ଡର ଋଷିକେଶଠାରେ ଇସ୍କନର ମଧୁବନ ଆଶ୍ରମ ପକ୍ଷରୁ ଅକ୍ଟୋବର ୭ରେ ହୋଇଥିବା ଅଦିନିଆ ରଥଯାତ୍ରାକୁ ନେଇ ପ୍ରତିବାଦ ଓ ବିରୋଧ ଜାରି ରହିଛି। ଇସ୍କନର ଏଭଳି ବାରମ୍ବାର ପ୍ରୟାସକୁ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ବିରୋଧ କରିଛି। ଏନେଇ ନୟାପଲ୍ଲୀସ୍ଥିତ ଫକୀର ମୋହନ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦର ପ୍ରତିଷ୍ଠାତା ସଭାପତି ଗୋପୀନାଥ ମହାନ୍ତି ଓ ସଭାପତି ସଞ୍ଚିତା ମହାନ୍ତି କହିଛନ୍ତି, ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ରଥଯାତ୍ରା ଆବାହମାନ କାଳରୁ ଶ୍ରୀବଷ୍ଟମାସ ଶୁକ୍ଲପକ୍ଷ ଦ୍ୱିତୀୟା ତିଥିରେ ହୋଇଆସିଛି। ଶ୍ରୀଜଗନ୍ନାଥଙ୍କର ସମସ୍ତ ରୀତିନୀତି ସମ୍ପର୍କରେ ସ୍କନ୍ଦପୁରାଣର ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟରେ ବର୍ଣ୍ଣନା କରାଯାଇଛି। ପୂର୍ବରୁ ହରିଆଣାରେ ଓ ପରେ ଆମେରିକାର ବୋଷ୍ଟନ ସହରରେ ଇସ୍କନ ପକ୍ଷରୁ ହୋଇଥିବା ଅଦିନିଆ ରଥଯାତ୍ରାକୁ ପରିଷଦ ବିରୋଧ କରିଛି।


ଖବରଦାତା ସମ୍ମିଳନୀରେ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ପ୍ରତିଷ୍ଠାତା ସଭାପତି ଗୋପୀନାଥ ମହାନ୍ତି, ସଭାପତି ସଞ୍ଚିତା ମହାନ୍ତିଙ୍କ ସହ ଅନ୍ୟ କର୍ମକର୍ତ୍ତା।

ଏବେ ପୁଣି ଋଷିକେଶରେ ରଥଯାତ୍ରା କରି ଇସ୍କନ ବିଶ୍ୱଦେବତାଙ୍କ ପୁରାଣ ପ୍ରସିଦ୍ଧ ପରମ୍ପରା ଓ ରୀତିନୀତି ଭାଙ୍ଗିବା ସହ ବିଶ୍ୱର ସମସ୍ତ ଜଗନ୍ନାଥପ୍ରେମୀଙ୍କ ମନରେ ଗଭୀର କୁଠାରାଘାତ କରିଛି। ଗତବର୍ଷ ବୋଷ୍ଟନ ସହରରେ ଇସ୍କନ ରଥଯାତ୍ରାକୁ ବନ୍ଦ କରିବା ପାଇଁ ପରିଷଦ ସଭାପତି ସଞ୍ଚିତା ମହାନ୍ତିଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟାସଦସ୍ୟମାନେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସାକ୍ଷାତ କରି ନିବେଦନପତ୍ର ପ୍ରଦାନ କରିଥିଲେ। ଏବେ ଘଟଣାର ପୁନରାବୃତ୍ତି ହୋଇଥିବାରୁ ମୁଖ୍ୟମନ୍ତ୍ରୀ, ଆଇନ୍‌ମନ୍ତ୍ରୀ ଇସ୍କନ ଉପରେ କଡ଼ାରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଗଜପତି ମହାରାଜା, ଜଗତଗୁରୁ ଶଙ୍କରାଚାର୍ଯ୍ୟ, ଶ୍ରୀକ୍ଷେତ୍ର ମୁକ୍ତିମଣ୍ଡପ ସଭା ଓ ଶ୍ରୀମନ୍ଦିର ପରିଚାଳନା କମିଟି ମିଳିତ ଭାବେ ପଦକ୍ଷେପ ନେବା ଆବଶ୍ୟକ। କ୍ରମାଗତ ସମସ୍ତ ଶକ୍ତିର ପ୍ରୟୋଗ ହେଲେ ଇସ୍କନ ବା ଆଉ କେହି ସଂସ୍ଥା ଆଷାଢ଼ ମାସ ଶୁକ୍ଲପକ୍ଷ ଦ୍ୱିତୀୟ ତିଥି ଛଡା ଅନ୍ୟଦିନରେ ରଥଯାତ୍ରା ପାଳନ କରିବା ପାଇଁ ସାହସ କରିବେ ନାହିଁ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଏହି ସମ୍ମିଳନୀରେ ପରିଷଦ ସମ୍ପାଦକ ସନ୍ତୋଷ କୁମାର ଦାଶ, ମୁଖ୍ୟ ଉପଦେଷ୍ଟା ପ୍ରଭାତ କୁମାର ନନ୍ଦ, ଉପଦେଷ୍ଟା ମନୋରଞ୍ଜନ ପାଣିଗ୍ରାହୀ, କୋଷାଧ୍ୟକ୍ଷ ବଂଶୀଧର ମହାପାତ୍ର, ସହ ସମ୍ପାଦକ ଅଜୟ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ଫସଲ ଉଜାଡୁଛନ୍ତି ହାତୀ, ବାର୍‌ହା

## ଚିନ୍ତାରେ ଚାଷୀ, ବନବିଭାଗ ଦୃଷ୍ଟି ଦେବାକୁ ଦାବି



**ଖୋର୍ଦ୍ଧା,୧୬।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ ଓ ବୋଲଗଡ଼ ବନାଞ୍ଚଳରେ ହାତୀ, ବାର୍‌ହାଙ୍କ ଉପଦ୍ରବ ବଢ଼ିଚାଲିଛି। ଚନ୍ଦକା ଅଞ୍ଚଳରୁ ଖସି ଆସିଥିବା ହାତୀପଲ ଏହି ଅଞ୍ଚଳରେ ରହିଛନ୍ତି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏବେ ଧାନରେ ଥୋଡ଼ ବାହାରିବା ସମୟରେ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ତେବେ ଧାନ ଫସଲକୁ ହାତୀ ଦାଉରୁ ବଞ୍ଚାଇବା ଲାଗି ଚାଷୀମାନେ ପାଳି କରି ରାତିରେ କ୍ଷେତରେ ମଞ୍ଚା କରି ଜଗୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ବାର୍‌ହା ମଧ୍ୟ ଫସଲ ନଷ୍ଟ କରୁଛନ୍ତି ବୋଲି କେତେଜଣ ଚାଷୀ କହିଛନ୍ତି। ହାତୀଙ୍କ ଫସଲ ନଷ୍ଟ ବାବଦକୁ ଯାହା ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ। ତେଣୁ କ୍ଷତିପୂରଣ ନୁହଁ, ହାତୀଙ୍କ ନିୟନ୍ତ୍ରଣ ଦିଗରେ ବନ ବିଭାଗ ଗୁରୁତ୍ୱ ଦେଉ ବୋଲି କ୍ଷତିଗ୍ରସ୍ତ ଚାଷୀମାନେ କହିଛନ୍ତି। ଖୋର୍ଦ୍ଧା ଏବଂ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ସହର ତଳି ଅଞ୍ଚଳରେ ହାତୀପଲ ନିକଟ ଜଙ୍ଗଲରେ ମେଳି ବାନ୍ଧି ରହୁଛନ୍ତି। ଏମାନଙ୍କୁ ନିୟନ୍ତ୍ରଣ ଦିଗରେ ବନ ବିଭାଗ ନୀରବଦ୍ରଷ୍ଟା ସାଜିଛି। ସଞ୍ଜ ନଇଁଲେ ବିଲରେ ଘଣ୍ଟ ବାଡ଼େଇବା ସହ ନିଆଁହୁଳା ଲଗାଇ ଜଗି ରହୁଥିବା ଚାଷୀମାନେ କହିଛନ୍ତି।

ସୂଚନାଥାଉ କି, ଚନ୍ଦକା ଏବଂ ରଣପୁର ବନାଞ୍ଚଳରୁ ଖସି ଆସିଥିବା ୧୮ ଟିକିଆ ହାତୀପଲ ଟାଙ୍ଗୀ ବନାଞ୍ଚଳରେ ରହୁଛନ୍ତି। ଏମାନେ ଜଙ୍ଗଲ ରାସ୍ତା ଦେଇ ଏପଟେ ସେପଟ ହେଉଛନ୍ତି। ଖୋର୍ଦ୍ଧା ଓ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ନିକଟବର୍ତ୍ତୀ ଗ୍ରାମରେ ପଶି ବ୍ୟାପକ କ୍ଷତି କରୁଛନ୍ତି। ସେହିପରି ଘୁମୁସର ଜଙ୍ଗଲ ପଟୁ ଏକ ହାତୀପଲ ବାଣପୁର, ବାଲୁଗାଁ ନିକଟବର୍ତ୍ତୀ ଜଙ୍ଗଲରେ ରହୁଛନ୍ତି। ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ଜରିପୁଟ, ଦଲେଇପୁଟ, ପାନବରଜ, ଦେଉଳଟାଙ୍ଗୀ, କାଇପଦର, ବେରୁଆଁ, ଶରଧାପୁର, ଛତିପୁର ଏବଂ ଟାଙ୍ଗୀ ବନାଞ୍ଚଳର ଗୟାବନ୍ଧ, ଡମଣଭୂଇ, ଜଙ୍କିଆ, ବାଲିଗାଡ଼ିଆ, ମୋଟା, ଗୋଲବାଇ, ହଜ୍, ନାରଗୋଦା, ଟାଙ୍ଗୋଳ, ସିକୋ ଆଦି ଗ୍ରାମରେ ହାତୀ ଉପଦ୍ରବ ଲାଗିରହିଛି। ସନ୍ଧ୍ୟା ହେଲେ ହାତୀ ଭୟରେ କେହି ବାହାରକୁ ଯିବାକୁ ଭୟ କରୁଛନ୍ତି। ବାହାରକୁ ବାହାରିଲେ, ହାତୀ ହାବୁଡ଼ରେ ପଡ଼ିବା ଆଶଙ୍କାରେ ଏହି ଗ୍ରାମଗୁଡ଼ିକରେ ତାଟି କବାଟ ପଡ଼ିଯାଉଛି।

ଏହି ବନଖଣ୍ଡରେ ଦୀର୍ଘ ବର୍ଷ ହେବ ହାତୀ-ମଣିଷ ଲଢ଼େଇ ଜାରି ରହିଛି। ବନବିଭାଗର ସୂଚନା ପ୍ରକାରେ, ବିଭିନ୍ନ କାରଣରୁ ୨୨ରୁ ଊର୍ଦ୍ଧ୍ୱ ହାତୀଙ୍କ ଜୀବନ ଯାଇଥିବା ବେଳେ ହାତୀ ଆକ୍ରମଣରେ ୧୪ଜଣଙ୍କ ଜୀବନ ଗଲାଣି। ଏହି ଅଞ୍ଚଳରେ ହାତୀ ସୁରକ୍ଷା ଏବଂ ସଂରକ୍ଷଣ ଲାଗି ବନ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। କୌଣସି ସ୍ଥାନରେ ହାତୀ ଉପଦ୍ରବ ହେଲେ ବନ ବିଭାଗର ଚେତା ପଶିଥାଏ। ଏହାପରେ ବର୍ଷସାରା ବନବିଭାଗ କର୍ମଚାରୀଙ୍କ ଦେଖା ମିଳିନଥାଏ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବାରମ୍ବାର ହାତୀ ଓ ମଣିଷ ଲଢେଇ ଜାରି ରହିଥିବା ବେଳେ ଏହାର ସ୍ଥାୟୀ ସମାଧାନ ଲାଗି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ପରିବେଶବିତ୍‌ମାନେ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦାୟନନ୍ଦ କହିଛନ୍ତି ଯେ, ହାତୀଙ୍କ ଗତିପଥ ଉପରେ ନଜର ରଖାଯାଇଛି। ଏକ ସ୍କ୍ୱାଡ୍ ହାତୀ ଚଲାବୁଲା କରୁଥିବା ଅଞ୍ଚଳରେ ପଇଁତାରା ମାରୁଛନ୍ତି। ହାତୀ ଫସଲ ନଷ୍ଟ କରୁଥିବା ନେଇ ଅଭିଯୋଗ ଆସିଲେ, ଉପଯୁକ୍ତ କ୍ଷତିପୂରଣ ଦିଆଯାଉଛି। ହାତୀ ଗତିବିଧି ଅଞ୍ଚଳରେ ସାଇରନ ମାଧ୍ୟମରେ ସୂଚନା ଦିଆଯିବା ସହ ଲୋକଙ୍କୁ ସଚେତନ କରାଯାଉଛି।

## ଛାତ୍ରସମାଜ ଦେଶର ଭବିଷ୍ୟତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା,୧୬।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ରାଧାବଲ୍ଲଭ ସାହିସ୍ଥିତ ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ଗୁରୁବାର ବିଶ୍ୱ ଛାତ୍ର ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସନ୍ତୋଷ କୁମାର ସାହୁ ମୁଖ୍ୟ ଅତିଥି, କବି ଭବାନୀ ପ୍ରସାଦ କର ମୁଖ୍ୟବକ୍ତା ଏବଂ ଅଭିନେତା ରିଂଟୁ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ୍ କଲାମଙ୍କ ଜନ୍ମଦିନକୁ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରାଯାଏ। ଛାତ୍ରସମାଜ ଦେଶର ଭବିଷ୍ୟତ। କଲାମଙ୍କ ଜୀବନ ଆଦର୍ଶ ଛାତ୍ରମାନଙ୍କ ପାଇଁ ପ୍ରେରଣାର ଉତ୍ସ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଚେକୋସ୍ଲୋଭିଆର ରାଜଧାନୀ ପ୍ରେଗ୍‌ଠାରେ ୯ଜଣ ସ୍ୱାଧୀନଚେତା ଛାତ୍ରଙ୍କୁ ୧୯୩୯ ମସିହାରେ ଫାଶୀ ଦିଆଯାଇଥିଲା। ସେହି ଶିକ୍ଷାର୍ଥୀଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ସମଗ୍ର ପୃଥିବୀରେ ବିଶ୍ୱ ଛାତ୍ର ଦିବସ ପାଳନ କରାଯାଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ପୂର୍ବାଞ୍ଚଳ ଶିକ୍ଷା ଅଧିକାରୀଙ୍କ ଡିଆଇଇଟି ପରିଦର୍ଶନ

**ଖୋର୍ଦ୍ଧା,୧୬।୧୦(ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆଣ୍ଡାମାନ ଆଦିର ପୂର୍ବାଞ୍ଚଳ ଶିକ୍ଷା ଅଧିକାରୀ ଏକ ୭୨ଜଣିଆ ଶିକ୍ଷା ଅଧିକାରୀ ଗୋଷ୍ଠୀ ଖୋର୍ଦ୍ଧା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି) ପରିଦର୍ଶନ କରିଛନ୍ତି। ଅନୁଷ୍ଠାନରେ ହେଉଥିବା କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଏନ୍‌ସିଇଆର୍‌ଟି ପ୍ରଫେସର ଜିତେନ୍ଦ୍ର ପଟିଦାରଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ଦଳ ବିଦ୍ୟାଳୟରେ ଶିକ୍ଷାଦାନ ଏବଂ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପ୍ରୟୋଗଶାଳାରେ ଚାଲିଥିବା ସୂଚନା ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟ, ସାମାଜିକ ଓ ଆବେଗିକ ଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଏହି ପ୍ରତିନିଧି ମଣ୍ଡଳୀ ଡିଆଇଇଟି ବାଲ୍ ବାଟିକା ପ୍ରୟୋଗଶାଳା, ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ସମ୍ବଳ କେନ୍ଦ୍ର, ଷ୍ଟୁଡିଓ ଆଦି ବୁଲି ଦେଖିଥିଲେ। ଅନୁଷ୍ଠାନରେ ଚାଲିଥିବା ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ ଉପରେ ଯୋଜନା ପ୍ରସ୍ତୁତି କର୍ମଶାଳାରେ ଯୋଗଦେଇ ଏହି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଡିଆଇଇଟି ଅଧକ୍ଷ ଡ.ତାପସ କୁମାର ନାୟକଙ୍କ ସଭାପତିତ୍ୱରେ ଭାବ ବିନିମୟ କାର୍ଯ୍ୟକ୍ରମ ହୋଇଥିଲା। ଡ.ନାୟକ ଅନୁଷ୍ଠାନର ବିଶେଷ କାର୍ଯ୍ୟାବଳୀ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଅଭିନବ କାର୍ଯ୍ୟ ମ୍ୟାଜିକ ଅକ୍ଷର କାର୍ଡର ବ୍ୟବହାର, ଖୋର୍ଦ୍ଧା ଇତିହାସ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଏତଦ୍ ବ୍ୟତୀତ ଡିଆଇଇଟି-ସିଆର୍‌ସି ସମ୍ପର୍କ, ଖେଳନାଭିତ୍ତିକ ଶିକ୍ଷଣ, କ୍ଲଷ୍ଟରଭିତ୍ତିକ ଅଭିନବ କାର୍ଯ୍ୟକ୍ରମ ସମ୍ପର୍କ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ପ୍ରତିନିଧି ମଣ୍ଡଳ ଡିଆଇଇଟି ଖୋର୍ଦ୍ଧା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଅଭିନବ କାର୍ଯ୍ୟର ପ୍ରଶଂସା କରିବା ସହିତ ସେଗୁଡ଼ିକୁ ନିଜ ରାଜ୍ୟରେ ବ୍ୟବହାର କରିବାକୁ ମତପ୍ରକାଶ କରିଥିଲେ। ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରୀ ନିମନ୍ତେ ଖୋର୍ଦ୍ଧା ଜିଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରୟାସ ସମ୍ପର୍କରେ ବିଚାରବିମର୍ଷ କରାଯାଇଥିଲା। ଏନ୍‌ସିଇଆର୍‌ଟି ନୂଆଦିଲ୍ଲୀର ପ୍ରଫେସର ଡ. ଜିତେନ୍ଦ୍ର ପଟିଦାର କହିଥିଲେ ଯେ, ଖୋର୍ଦ୍ଧା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମଗ୍ର ଦେଶରେ ଏକ ଅଗ୍ରଣୀ ଅନୁଷ୍ଠାନ ଏବଂ ଏହାର ଅଭିନବ କାର୍ଯ୍ୟ ଅଦ୍ୱିତୀୟ। ଅନ୍ୟ ଡିଆଇଇଟି ମାନେ ଏସବୁକୁ କାର୍ଯ୍ୟକାରୀ କଲେ ଶିକ୍ଷାର ଗୁଣାତ୍ମକ ବିକାଶ ହେବା ସହିତ ଜାତୀୟ ଶିକ୍ଷାନୀତିର ସଫଳ ରୂପାୟନ ହୋଇପାରିବ। ଶେଷରେ ଅଧ୍ୟାପକ ମହେଶ ବେହେରା ଏବଂ ବୀଣାପାଣି ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧୁକ ଜବତ, ଅଭିଯୁକ୍ତ ଗିରଫ



ଏମ୍.ଡି. ଅରବାଜ ଓରଫ ମଙ୍ଗଲୁ

**ଜଟଣୀ,୧୬।୧୦(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବେଣାପଞ୍ଜରୀ ଗ୍ରାମର ଏମ୍.ଡି. ଅରବାଜ ଓରଫ ମଙ୍ଗଲୁ(୨୨)। ତାଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୭୩/୨୫)ରୁଜୁ ହୋଇଛି। ସୂଚନା ମୁତାବକ, ପୋଲିସ ପେଟ୍ରୋଲିଂ ଟିମ୍ ଗତ ବୁଧବାର ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ବେଳେ ଉପରୋକ୍ତ ଅଭିଯୁକ୍ତ ବେଆଇନ ଭାବେ ଏକ ଦେଶୀ ବନ୍ଧୁକ ରଖିଥିବା ଖବର ପାଇଥିଲେ। ଘଟଣାସ୍ଥଳରେ ଚଢ଼ାଉ କରି ଅଭିଯୁକ୍ତ ମଙ୍ଗଲୁଙ୍କୁ ଗିରଫ କରିବା ସହ ବନ୍ଧୁକ ଜବତ କରିଥିଲେ। ଅଭିଯୁକ୍ତ ମଙ୍ଗଲୁ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କ ନାମରେ ବିଭିନ୍ନ ଥାନାରେ ୧୬ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଥିବା ପୋଲିସ କହିଛି।

## ଭାଜପାର ଗଣବିକ୍ଷୋଭ




ହରିଭାଇନା ଛକଠାରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଜଟଣୀ,୧୬।୧୦(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ନଗର ମଣ୍ଡଳ ଭାଜପା ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ହରିଭାଇନା ଛକଠାରେ ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପଶ୍ଚିମବଙ୍ଗ ଦୁର୍ଗାପୁରଠାରେ ଓଡ଼ିଆ ଡାକ୍ତରୀ ଛାତ୍ରୀ ବଳାତ୍କାରର ଶିକାର ହୋଇଥିବା ସମୟରେ ସେଠାକାର ସରକାର ନ୍ୟାୟ ଦେବା ପରିବର୍ତ୍ତେ ମହିଳା ବିରୋଧୀ ମନ୍ତବ୍ୟ ଦେବା ବିରୋଧରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉପସ୍ଥିତ ନେତା ଏବଂ କର୍ମୀମାନେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ଗଣ ବିକ୍ଷୋଭ ଜଟଣୀ ଭାଜପା ନଗର ସଭାପତି ତିରୁପତି ଶତପଥୀଙ୍କ ନେତୃତ୍ୱରେ ହୋଇଥିଲା। କାର୍ଯ୍ୟକ୍ରମରେ ରଶ୍ମି ପଟ୍ଟନାୟକ, ନାଗ ଭୂଷଣ ରାୟ, ନାରାୟଣ ମହାନ୍ତି, ଜାନକୀ ପ୍ରଧାନ, ନିରୁପମା କର, ତୁଷାରକାନ୍ତ ମହାନ୍ତି, ପ୍ରଦୀପ ଜେନା, ପରେଶ ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ, ପ୍ରଶାନ୍ତ ବେହେରା, ପ୍ରଶାନ୍ତ କାଣ୍ଡି, ଚିତ୍ତରଞ୍ଜନ ସୁନ୍ଦରାୟ, ରାଜ ରଣସିଂହ, କନକ ପ୍ରଧାନ, ରଘୁ ନାୟକ, କାହ୍ନୁ ବାରିକ, ଲଳିତ ରାଉତରାୟ, ସୁରେଶ ପ୍ରଧାନ, ଦିଲୀପ ଦାସ, ଲକ୍ଷ୍ମୀପ୍ରିୟା ନାୟକ, କୁଇନ ଦାସଙ୍କ ସହିତ ଜଟଣୀ ନଗର ଭାଜପା ସମ୍ପାଦକ ପ୍ରଭାସ କୁମାର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ନୈତିକ, ଶୃଙ୍ଖଳିତ ସମାଜ ସୃଷ୍ଟି କରୁଛି ଭାଗବତ କଥାମୃତ

**ବୋଲଗଡ଼,୧୬।୧୦(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ମାଣିକାଗୋଡ଼ା ଗ୍ରାମ ସ୍ଥିତ ଗୋବିନ୍ଦଜୀଉ ମଠରେ ଅନୁଷ୍ଠିତ ଶ୍ରୀଭାଗବତ କଥାମୃତ ଓ ପ୍ରବଚନ ମହାଯଜ୍ଞ ଗୁରୁବାର ପୂର୍ଣ୍ଣାହୁତି ପ୍ରଦାନ ସହ ଉଦ୍‌ଯାପିତ ହୋଇଯାଇଛି। ରାମକୃଷ୍ଣ ଦାସ ମହାରାଜ ବ୍ୟାସଭାବେ ଘଟସ୍ଥାପନ ଓ ମଙ୍ଗଳାରୋପଣ କରିଥିଲେ। ସନ୍ଥ ରାମେଶ୍ୱରାନନ୍ଦ ମହାରାଜ, ମହାତ୍ମା ଛନ୍ଦାଚରଣ ଦାସ ମହାରାଜ ପ୍ରମୁଖ ଶ୍ରୀମଦ ଭାଗବତ କଥା ପ୍ରବଚନ ଦେଇଥିଲେ। ଏହି ଭାଗବତ କଥାମୃତ ଶ୍ରବଣ ଦ୍ୱାରା ନୈତିକ ଓ ଶୃଙ୍ଖଳିତ ସମାଜ ଗଠନ ସମ୍ଭବ ହୋଇପାରୁଛି ବୋଲି ପ୍ରବଚକମାନେ କହିଥିଲେ। ଶ୍ରୀରାମଚରିତ ମାନସ ପରିଚାଳନା କମିଟି ସଭାପତି ରାଧାଚରଣ ପୃଷ୍ଟି, ସମ୍ପାଦକ ଇଂ.କର୍ପୂର ସାହୁ, ଦିବ୍ୟ ଜୀବନ ସଂଘ ସମ୍ପାଦକ ଫକୀର ମୋହନ ସୁବୁଦ୍ଧି, କୁବେର ସାହୁ, ସନ୍ତୋଷ କୁମାର ଦଳାଇ, ଶରତ ଚନ୍ଦ୍ର ସାହୁ, ଅଜୟ କୁମାର ବେହେରା, ଉପେନ୍ଦ୍ର ସୁବୁଦ୍ଧି, ଶିଶିର ସାହୁ, ଭିକାରୀ ପୃଷ୍ଟି, ନନ୍ଦକିଶୋର ସାହୁ, ଶରତ କୁମାର ସୁବୁଦ୍ଧି, ଅକ୍ଷୟ କୁମାର ଦଳେଇ, ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଭାଗବତ ପାରାୟଣ ସଂଚାଳକ ପ୍ରତାପ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଉପସ୍ଥିତ ଶ୍ରଦ୍ଧାଳୁ ଶ୍ରୀଭାଗବତ କଥାମୃତ ଓ ପ୍ରବଚନ ଶୁଣୁଛନ୍ତି।

## ଭାଜପା ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ



ସାଙ୍ଗଠନିକ ବୈଠକରେ ଉପସ୍ଥିତ ଭାଜପା ନେତା ଓ କର୍ମୀମାନେ।

**କୃଷ୍ଣପ୍ରସାଦ,୧୬।୧୦**
**(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ୨୪ମୌଜା ଅନ୍ତର୍ଗତ ବୁଦ୍ଧିବର, ମାଲୁଦ, ବଜ୍ରକୋଟ, ରାମଲେଙ୍କା ଆଦି ୪ ପଞ୍ଚାୟତ ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ ବୈଠକ ଯୁବନେତା ସୁରେନ୍ଦ୍ର କୁମାର ବିଶ୍ୱାଳଙ୍କ ଆହ୍ୱାନକ୍ରମେ ମା'ନଟା ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ତ୍ରିନାଥ ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଗାମୀ ଦିନରେ ସରକାରଙ୍କ ଲୋକାଭିମୁଖୀ ଯୋଜନା କିପରି ତୃଣମୂଳସ୍ତରରେ ପହଞ୍ଚିବ ଏବଂ ସଙ୍ଗଠନକୁ କିଭଳି ସୁଦୃଢ଼ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ସର୍ବସମ୍ମତିକ୍ରମେ ୪ ପଞ୍ଚାୟତ ଭାଜପା ସଙ୍ଗଠନର ସଭାପତି ଭାବେ ପ୍ରଶାନ୍ତ କୁମାର ମାନସିଂହ, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ଦଳାଇ, ଆବାହକ ଭାବେ ସୁରେନ୍ଦ୍ର କୁମାର ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି। ବିଶେଷକରି ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ କିଭଳି ଲୋକଙ୍କ ପାଖରେ ପହଞ୍ଚିବ ସେ ଦିଗରେ ଆଲୋଚନା ହୋଇଥିଲା। ବୈଠକରେ ରାମଲେଙ୍କା ପଞ୍ଚାୟତ ଭାଜପା ସଭାପତି ରାଜ କିଶୋର ସାହୁ, ବଜ୍ରକୋଟ ପଞ୍ଚାୟତ ଭାଜପା ସଭାପତି ଅଳେଶ୍ୱର ପଲେଇ, ମାଲୁଦ ପଞ୍ଚାୟତ ଭାଜପା ସଭାପତି ସଦାନନ୍ଦ ପ୍ରଧାନ, ବୁଦ୍ଧିବର ପଞ୍ଚାୟତ ଭାଜପା ସଭାପତି ଅଭିମନ୍ୟୁ ତରାଇ, କୃଷ୍ଣପ୍ରସାଦ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ବିଶ୍ୱନାଥ ସେଠୀ, ଅଜୟ ବିଶ୍ୱାଳ, ରମେଶ ଚନ୍ଦ୍ର ବିଶ୍ୱାଳ, ସୁବାସ ନାୟକ, ସୀମାଞ୍ଚଳ ସାହୁ, ବିଚ୍ଛନ୍ଦ ଜେନାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଲେଖନପୁରରୁ ବାଣ ଜବତ, ଅଭିଯୁକ୍ତ ଗିରଫ



ଗିରଫ ଅଭିଯୁକ୍ତ ଏବଂ ଜବତ ବାଣ।

**ବେଗୁନିଆ,୧୬।୧୦(ସନ୍ଧ୍ୟାରାଣୀ ମିଶ୍ର)**

ବାଘମାରୀ ଥାନା ଅନ୍ତର୍ଗତ ଲେଖନପୁର ଗ୍ରାମ ଆଦିବାସୀ ସାହିର ସିଲୁ ଦେଉରିଙ୍କ ଘରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିଛି। ଏଥିସହ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ତେବେ ପୋଲିସ ପକ୍ଷରୁ ବାରମ୍ବାର ଚଢ଼ାଉ ଫଳରେ ବେଆଇନ ଭାବେ ବାଣ ତିଆରି କରୁଥିବା ବେପାରୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

## 'ଶିଶୁଙ୍କ ଲାଳନପାଳନରେ ପୁରୁଷଙ୍କ ସହଭାଗିତା ଜରୁରୀ'

**ବେଗୁନିଆ,୧୬।୧୦(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ମହାବିଦ୍ୟାଳୟ ସଭାଗୃହରେ ବୁଧବାର ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ବେଗୁନିଆ ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର ଓ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ସଚେତନତା ସଭା ହୋଇଥିଲା। ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବେଗୁନିଆ ସିଡିପିଓ ବିନୋଦିନୀ ପଣ୍ଡା ଯୋଗଦେଇଥିଲେ। ଅଧ୍ୟାପକ ବିଧୁଭୂଷଣ ରାଉତ, ଏମ୍. ଆଲୋକ କୁମାର, ଅଧ୍ୟାପିକା କସ୍ତୁରୀ ବେହେରା, ବିନି ଦେଇ, ପ୍ରିୟମ୍ବଦା ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ମେଦବହୁଳତାର କାରଣ ଓ ତାହାର ପ୍ରତିକାର, ମା' ଓ ଶିଶୁ ଖାଦ୍ୟ ଏବଂ ଶିଶୁର ଲାଳନପାଳନରେ ପୁରୁଷଙ୍କ ସହଭାଗିତା ଉପରେ ଆଲୋଚନା ହୋଇଥିଲା। ମସଲା ଖାଦ୍ୟ, ବ୍ୟାୟାମ ନ କରିବା, ରୋଷେଇ ଖାଦ୍ୟରେ ଅତ୍ୟଧିକ ତେଲ ବ୍ୟବହାର, ମାତ୍ରାଧିକ ଚାପଗ୍ରସ୍ତ ଯୋଗୁ ମେଦବହୁଳତାଙ୍କ ସଂଖ୍ୟା ବଢୁଛି। ତେଣୁ ସଚେତନ ହେବା ସହ ସୁଷମ ଖାଦ୍ୟ ସେବନ କଲେ ସୁସ୍ଥ ଏବଂ ନୀରୋଗ ଜୀବନ ଯାପନ କରିପାରିବା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ଗର୍ଭବତୀ, ପ୍ରସୂତି ଏବଂ ଶିଶୁମାନଙ୍କ ଯତ୍ନ କିପରି ନିଆଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ତେଣୁ ଗୋଟିଏ ଶିଶୁର ଲାଳନପାଳନରେ ପୁରୁଷଙ୍କ ସହଭାଗିତା ଜରୁରୀ ବୋଲି ଅତିଥି ପଣ୍ଡା କହିଥିଲେ। କୃତୀ ଛାତ୍ରୀ ଶୁଭଶ୍ରୀ ପ୍ରଧାନ, ଗୁଡ଼ିଆରାଣୀ ରାଉତରାୟ ଏବଂ ସଞ୍ଜିତା ବିଶ୍ୱାଳଙ୍କୁ ପୁରସ୍କୃତ କରାଯାଇଛି। ଯୁବ ରେଡକ୍ରସ ବିଭାଗର ପରାମର୍ଶଦାତା ଡ. ସତ୍ୟଜିତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସ୍ମୃତିମୟୀ ବସନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀମାନେ।

## ରାଇଜିଂ ଷ୍ଟାରକୁ ହରାଇ ଏଡି ଫାଇଟର ଚାମ୍ପିୟନ

**ବୋଲଗଡ଼,୧୬।୧୦(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଦଳାଇସାହି ପଞ୍ଚାୟତ ମାଣିକାଗୋଡ଼ା ଗ୍ରାମର ମା' ମହିସାମର୍ଦ୍ଦିନି ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ ବୁଧବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ୪ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍ ରାଇଜିଂ ଷ୍ଟାର ଏବଂ ଏଡି ଫାଇଟର ଭଲିବଲ ଟିମ୍ ମଧ୍ୟରେ ହୋଇଥିଲା। ରାଇଜିଂ ଷ୍ଟାର ଟିମ୍‌କୁ ୨-୦ ସେଟରେ ହରାଇ ଏଡି ଫାଇଟର ବିଜୟୀ ହୋଇ ଚାମ୍ପିୟନ ହୋଇଛି। ରେଫରି ଭାବେ ପ୍ରମୋଦ ବାରିକ, ସୌମ୍ୟରଞ୍ଜନ ମହାରଣା, ବାବୁଲି ବିଶ୍ୱାଳ ଏବଂ ଭାଷ୍ୟକାର ଭାବେ ଅଭିମନ୍ୟୁ ଦଳାଇ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ସଂଗ୍ରାମ କେଶରୀ ସାହୁ ଏବଂ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଇଂ.କର୍ପୁର ସାହୁ, ବିରଞ୍ଚି ପ୍ରଧାନ, ପାଣ୍ଡବ ସାହୁ, ଯଦୁନାଥ ସାମନ୍ତରାୟ, କାର୍ତ୍ତିକ ସ୍ୱାଇଁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ସମସ୍ତ ଟିମ୍ ଅଧିନାୟକ ଗଣେଶ ସ୍ୱାଇଁ, ଅଜିତ ମହାପାତ୍ର, ଅଜୟ ସୁବୁଦ୍ଧି, ସୁନୀଲ ଦଳେଇଙ୍କୁ ସତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ମହିଷିମର୍ଦ୍ଦିନି ଭଲିବଲ ସଂଘ ସଭାପତି ଅଶୋକ ପ୍ରଧାନ, ସମ୍ପାଦକ ଦିଗନ୍ତ ପ୍ରଧାନ, ଉପଦେଷ୍ଟା ପ୍ରହ୍ଲାଦ ପ୍ରଧାନ, ବସନ୍ତ ସ୍ୱାଇଁ, ଭୀମସେନ ଦଳାଇ ପ୍ରମୁଖଙ୍କ ଦାରା ଆୟୋଜିତ ଏହି ଟୁର୍ନାମେଣ୍ଟ ପରିଚାଳନାରେ ଅଶୋକ ସେଠୀ, ରୋହିତ ସ୍ୱାଇଁ, ଅଶୋକ ପ୍ରଧାନ, ଧରମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ମନୋଜ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।



ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟରେ ମଞ୍ଚାସୀନ ଅତିଥି।

# ସଂକ୍ଷେପରେ

## ଯୁବକଙ୍କ ଉନ୍ମତ୍ତ କାଣ୍ଡ: ଦମ୍ପତିଙ୍କୁ ମାଡ଼, ହତ୍ୟା ଧମକ

ନିମାପଡ଼ା, ୧୬।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଲମ୍ବିଲୋ ଗ୍ରାମରେ ସାମାନ୍ୟ ବଚସାକୁ କେନ୍ଦ୍ରକରି ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ନୟନା ସ୍ୱାଇଁ ନାମ୍ନୀ ମହିଳାଙ୍କ ଘର ନିକଟରେ ମଙ୍ଗଳବାର ଏକ ଭୋଜି ହେଉଥିଲା। ଭୋଜି ବେଳେ ଗ୍ରାମର ଦିପୁନ ସ୍ୱାଇଁ ନାମକ ଯୁବକ ନୟନାଙ୍କ ଘର ନିକଟରେ ପହଞ୍ଚି କୌଣସି କାରଣରୁ ନୟନାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ନୟନାଙ୍କ ସ୍ୱାମୀ ଅଜୟ ଏହାର ପ୍ରତିବାଦ କରିବାରୁ ଦିପୁନ କ୍ରୋଧାନ୍ୱିତ ହୋଇ ଉଭୟ ନୟନା ଏବଂ ଅଜୟଙ୍କୁ ଗାଳିଗୁଲଜ କରି ନିହୁକ ମାଡ଼ ମାରିଥିଲେ। ଏପରିକି ନୟନାଙ୍କୁ ଦିପୁନ ଟଣାଓଟରା କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରି କାମୁଡ଼ି ଦେଇ ତାଙ୍କ ତଣ୍ଟିଚିପି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ନେଇ ନୟନା ଥାନାରେ ଅଭିଯୋଗ କରିଛନ୍ତି। ଏହି ମାଡ଼ ଓ ଆକ୍ରମଣରେ ସ୍ୱାମୀ ସ୍ତ୍ରୀ ଆହତ ହୋଇଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ଏକ କେସ୍ (ନଂ. ୩୧୮/୨୫) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ତୁରନ୍ତ ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରାଯିବାକୁ ନୟନା ପୋଲିସକୁ ନିବେଦନ କରିଛନ୍ତି।

## ନୟାହାଟରୁ ଚୋରି ବୋଲେରୋ ଭୁବନେଶ୍ୱରରୁ ଜବତ

ଯୋଗେଶ୍ୱରପୁର, ୧୬।୧୦(ରଶ୍ମିରଞ୍ଜନ ସାହୁ)

ନୟାହାଟ ଦୁର୍ଗାମଣ୍ଡପ ନିକଟରୁ ଚୋରି ହୋଇଥିବା ବୋଲେରୋ ଗାଡ଼ି ଭୁବନେଶ୍ୱର ବୁଧବାର ରାତିରେ ଡୁମୁଡୁମା ଅଞ୍ଚଳରୁ ଜବତ କରାଯାଇଥିବା ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୧୧ତାରିଖ ରାତି ୩ଟାରେ ନୟାହାଟ ଦୁର୍ଗାମଣ୍ଡପ ପାଖରେ ରମେଶ ବେହେରାଙ୍କ ବୋଲେରୋ (ନଂ. ଓଆର୍ ୦୨ ବିଟି ୫୦୫୧)କୁ ଦୁଇଜଣ ଯୁବକ ନେଇ ଫେରାର ହୋଇଯାଇଥିଲେ। ନୟାହାଟ ଫାଣ୍ଡିର ସିସିଟିଭି କ୍ୟାମେରାରେ ଏହି ଦୃଶ୍ୟ କଏଦ ହୋଇଥିଲା। ଫାଣ୍ଡି ଅଧିକାରୀ ଅନୁସନ୍ଧାନ କରି ବୁଧବାର ଭୁବନେଶ୍ୱର ହାଉସ କଲୋନୀରେ ଗାଡ଼ି ରଖାଯିବା ସହ ନମ୍ବରପ୍ଲେଟ୍ ବଦଳାଯାଇଥିଲା। ନୟାହାଟ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡ଼ିକୁ ଚିହ୍ନଟ କରି ଫାଣ୍ଡିକୁ ଆଣିଥିଲେ।

## ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

ସାକ୍ଷୀଗୋପାଳ, ୧୬।୧୦(ଭରତ ରାଉତ)



ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଦେବୀପ୍ରସାଦ ଷଡ଼ଙ୍ଗୀଙ୍କର ବୁଧବାର ସକାଳେ ପରଲୋକ ହୋଇଯାଇଛି। ଏ ନେଇ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଅମର ଆତ୍ମାର ସଦ୍‌ଗତି କାମନା କରି ମହାବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଷଡ଼ଙ୍ଗୀଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିବା ସହ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଷଡ଼ଙ୍ଗୀ ଜଣେ ଛାତ୍ରବତ୍ସଳ ଶିକ୍ଷକ ତଥା ଦକ୍ଷ ପ୍ରଶାସକ ଭାବେ ପରିଚିତ ଥିଲେ।

# ଗେମ୍ ଆପ୍‌ରେ ଟଙ୍କା ନେଣଦେଣକୁ ନେଇ ହୋଇଥିଲା ଶତ୍ରୁତା

■ ମୁଣ୍ଡରେ ବନ୍ଧୁକ ଲଗାଇ ଅପହରଣ ମାମଲା: ୪ ଗିରଫ
■ ଆଉ ୩ ଅଭିଯୁକ୍ତଙ୍କୁ ଧରିବାକୁ ତଦନ୍ତ ଚଳାଇଛି ପୋଲିସ

ପୁରୀ/କୋଣାର୍କ, ୧୬।୧୦
(ଅଜିତ୍ କୁମାର ମହାନ୍ତି/ଜ୍ୟୋତିରାଜ ମହାନ୍ତି)



ଗିରଫ ଅଭିଯୁକ୍ତମାନେ ।

କୋଣାର୍କ ଥାନା ଅନ୍ତର୍ଗତ କୋଣାର୍କ-ଭୁବନେଶ୍ୱର ମୁଖ୍ୟ ରାସ୍ତାର ବନାଖଣ୍ଡି ପେଟ୍ରୋଲ୍ ପେଟ୍ରୋଲ୍ ପମ୍ପ ସମ୍ମୁଖରେ ଏକ କାରକୁ ଅଟକାଇ ୭ଜଣ ଯୁବକ ଜୟ ଚକ୍ରବର୍ତ୍ତୀ ନାମକ ଯୁବକଙ୍କୁ ଅପହରଣ କରିବା ଘଟଣାରେ ଗୁରୁବାର ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ଚଞ୍ଚଳ ଜାନା, ସୁଲତାନ ଅହମ୍ମଦ ଖାନ, ଏସ୍.କେ. ବାକି ବୁଲା ଓ ଜଗତସିଂହପୁରର ନିର୍ଭୟ ମହାରଥା। ପୋଲିସ ଅଭିଯୁକ୍ତଙ୍କଠାରୁ ୪ଟି ମୋବାଇଲ ଫୋନ୍ ସହିତ ଏକ କାର୍ (ନଂ. ଡବ୍ଲୁବି ୩୨ଏନ ୮୨୫୭) ଜବତ କରିଛି। ସେହିପରି ଅପହରଣର ୩୬ ଘଣ୍ଟା ପରେ ଅପହୃତ ଯୁବକଙ୍କୁ ପାରାଦୀପସ୍ଥିତ ଏକ ବନ୍ଦ କୋଠରୀରୁ ଉଦ୍ଧାର କରାଯାଇଛି। ଘଟଣାରେ ଆଉ ୩ ଜଣ ଅଭିଯୁକ୍ତ ସଂପୃକ୍ତ ରହିଛନ୍ତି। ସେମାନଙ୍କୁ ପୋଲିସ ଖୁବଶୀଘ୍ର ଗିରଫ କରିବ। ଘଟଣାରେ ବନ୍ଧୁକ ବ୍ୟବହାର କରାଯାଇଥିଲା। ସମସ୍ତ ଅଭିଯୁକ୍ତ ଗିରଫ ହେବା ପରେ ବନ୍ଧୁକ ସମ୍ପର୍କରେ ଖୋଲତାଡ଼ ହେବ। ଏନେଇ ଗୁରୁବାର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂ ଏହି ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ଗତ ୧୪ ତାରିଖ ଦିନ କୋଣାର୍କ ଥାନାରେ ଅଶୋକ କୁମାର ସାହୁ ଅଭିଯୋଗ କରିଥିଲେ, ସେ ଓ ତାଙ୍କ ସାଙ୍ଗ ଜୟ ଚକ୍ରବର୍ତ୍ତୀ ଯାଉଥିବାବେଳେ ବନାଖଣ୍ଡି ନିକଟ ପେଟ୍ରୋଲ ପମ୍ପ ନିକଟରେ କେତେଜଣ ଅଜଣା ବ୍ୟକ୍ତି ମୁଣ୍ଡରେ ବନ୍ଧୁକ ଦେଖାଇ ଜୟଙ୍କୁ ଅପହରଣ କରି ନେଇଥିଲେ। ପରେ ଜୟଙ୍କ ସମ୍ପର୍କୀୟଙ୍କୁ ଏକ ଫୋନ କନଫରେନ୍ସ ମାଧ୍ୟମରେ ଆସିଥିଲା ଓ ୩୦ ଲକ୍ଷ ଟଙ୍କା ମଗାଯାଇଥିଲା। ତଦନ୍ତରୁ ଜଣାପଡିଛି ଯେ, ଅନଲାଇନ ଗେମ୍ ଆପ୍‌ରେ ଟଙ୍କା ନେଣଦେଣକୁ ନେଇ ଶତ୍ରୁତା ସୃଷ୍ଟି ହୋଇଥିଲା। ଜୟଙ୍କ ଡ୍ରାଏଫ୍ରୁଟ ବ୍ୟବସାୟ ରହିଛି। ତେବେ ତାଙ୍କର ଟଙ୍କା ଅଭାବ ହେବାରୁ ସେ ଅନ୍ୟ କୌଣସି ଉପାୟରେ ଟଙ୍କା ରୋଜଗାର କରିପାରିବେ ସେ ନେଇ ଚିନ୍ତା କରିଥିଲେ। ଏହି ସମୟରେ ତାଙ୍କର ଚଞ୍ଚଳ ଜାନା ଯିଏକି ମୁଖ୍ୟ ଅଭିଯୁକ୍ତଙ୍କ ସହ ସାକ୍ଷାତ ହୋଇଥିଲା। ଚଞ୍ଚଳ ନିର୍ମାଣ ବ୍ୟବସାୟ କରିବା ସହ ଅନଲାଇନ ଗେମିଂ ମାଧ୍ୟମରେ ଟଙ୍କା ରୋଜଗାର କରୁଥିଲେ। ଏଥିପାଇଁ ସେ କିଛି ଆକାଉଣ୍ଟ ବ୍ୟବହାର କରୁଥିଲେ ଓ କମିଶନ୍ ଦେଉଥିଲେ। ଚଞ୍ଚଳ ଉକ୍ତ ଗେମ ଆପ୍ ସହିତ ଜଡ଼ିତ ରହି ଜୟଙ୍କ ସମ୍ପର୍କରେ ଆସିଥିଲେ। ଭଲ ଟଙ୍କା ରୋଜଗାର ମଧ୍ୟ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଚଞ୍ଚଳଙ୍କ ଆକାଉଣ୍ଟରୁ ୧୭ ଲକ୍ଷ ଟଙ୍କା ଜୟ ଓ ତାଙ୍କ ସାଥୀ ନେଇଥିଲେ। ଟଙ୍କା ମାଗିଥିଲେ ମଧ୍ୟ ଜୟ ଓ ତାଙ୍କ ସାଥୀମାନେ ଚଞ୍ଚଳଙ୍କୁ ଫେରାଇ ନ ଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ବଢିଥିଲା। ଏହାପରେ ଜୟଙ୍କ ଠାରୁ ବିଭିନ୍ନ ଉପାୟରେ ଟଙ୍କା ଆଣିବା ପାଇଁ ଚଞ୍ଚଳ ଯୋଜନା ପ୍ରସ୍ତୁତ କରିଥିଲେ। ପ୍ରଥମେ ଦୀଘାଠାରେ ଜୟ ଓ ତାଙ୍କର ଜଣେ ମହିଳା ସହଯୋଗୀଙ୍କ ଠାରୁ ଟଙ୍କା ନେବାକୁ ଚେଷ୍ଟା କରିଥିଲେ। ମାତ୍ର ମହିଳାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ସେଠାରେ ଛାଡ଼ିଦେଇଥିଲେ। ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଜୟଙ୍କୁ ସେଠାରୁ ଉଦ୍ଧାର କରିଥିଲା। ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇଥିଲା। ପରବର୍ତ୍ତୀ ସମୟରେ ଗତ ୧୪ ତାରିଖରେ ଜୟ ତାଙ୍କର ବନ୍ଧୁ ଅଶୋକଙ୍କ ସହ କୋଣାର୍କ ବୁଲିବାକୁ ଯାଉଥିବା ସମୟରେ ବନଖଣ୍ଡି ନିକଟରେ ବନ୍ଧୁକ ଦେଖାଇ ଜୟଙ୍କୁ ଅପହରଣ କରିଥିଲେ। ତେବେ ପୋଲିସ ପକ୍ଷରୁ ଅତିରିକ୍ତ ଏସ୍‌ପି, ନିମାପଡା ଏସ୍‌ଡିପିଓ, କୋଣାର୍କ ପୋଲିସକୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରି ପଶ୍ଚିମବଙ୍ଗ ସହ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଅଭିଯୁକ୍ତମାନେ ଜୟଙ୍କୁ ପାରାଦ୍ୱୀପ ନେଇ ରଖିଥିବା ସୂଚନା ମିଳିଥିଲା। ସେଠାରେ ଚଢାଉ କରି ଜୟଙ୍କୁ ଉଦ୍ଧାର କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଜଙ୍ଗଲରୁ ଲକ୍ଷାଧିକ ଟଙ୍କାର ବାଣ ତିଆରି ସାମଗ୍ରୀ ଜବତ

ପିପିଲି, ୧୬।୧୦(ଦୁର୍ଗାମାଧବ ମିଶ୍ର)

**ଖସିଗଲେ ପ୍ରସ୍ତୁତକାରୀ**

ପିପିଲି ପୋଲିସ ଗୁରୁବାର ଏକ ଜଙ୍ଗଲରେ ବେଆଇନ ଭାବେ ପ୍ରସ୍ତୁତ ଚାଲିଥିବା ବାଣ ତିଆରି ସାମଗ୍ରୀ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ତେବେ ବାଣ ପ୍ରସ୍ତୁତକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପିପିଲି ପୋଲିସକୁ ପଚାରିଲେ ଶୁକ୍ରବାର ସମ୍ପୂର୍ଣ୍ଣ ତଥ୍ୟ ଦିଆଯିବ ବୋଲି କହୁଛି। ସୂଚନା ଅନୁଯାୟୀ, ବନ୍ଧପଡ଼ା ଗ୍ରାମରୁ ଲହଙ୍ଗା ଗ୍ରାମକୁ ଯାଇଥିବା ରାସ୍ତାର ଦୂରତା ଦୁଇ କିଲୋମିଟର। ଏହି ରାସ୍ତା ମଝିରେ ଏକ ଜଙ୍ଗଲ ଅଛି। ବର୍ତ୍ତମାନ ବାଣ ତିଆରି ଉପରେ କଟକଣା ଥିବାରୁ ପୋଲିସ ଆଢୁଆଳରେ ଏହି ଜଙ୍ଗଲ ମଧ୍ୟରେ ବାଣ ତିଆରି ଚାଲିଥିବା ପିପିଲି ପୋଲିସ ଖବର ପାଇ ଗୁରୁବାର ସନ୍ଧ୍ୟାରେ ଅଚାନକ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ବାଣ ତିଆରି କରୁଥିବା ବ୍ୟକ୍ତିମାନେ ଫେରାର ହୋଇଯାଇଥିଲେ। ସେମାନେ କିଛି ବାଣ ତିଆରି ସାମଗ୍ରୀକୁ ବିଲକୁ ଫିଙ୍ଗି ଦେଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ପୋଲିସ ଇଛା କରିଥିଲେ ଅଭିଯୁକ୍ତମାନଙ୍କୁ ଧରିପାରିଥାନ୍ତା। ପୋଲିସ ୫୦ କେଜି ଗନ ପାଉଡର, ୩୦ କେଜି ଧଳା ପାଉଡର, ୩୦ କେଜି ହଳଦିଆ ପାଉଡର, ଅନ୍ୟାନ୍ୟ ବାଣ ତିଆରି ସାମଗ୍ରୀ, ବ୍ୟାଟେରି ଏବଂ ଲାଇଟି ଜବତ କରି ଏକ ଟ୍ରାକ୍ଟର ଯୋଗେ ଆଣି ଥାନାରେ ରଖିଛି।

# ବେଆଇନ ଭାବେ ଚାଲିଛି ଗଛକଟା



ଯୋଗେଶ୍ୱରପୁର, ୧୬।୧୦
(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ନୟାହାଟ ଅଞ୍ଚଳର ଗାଁଗହଳିରେ ବଡ଼ ବଡ଼ ଗଛ ଲୋପ ପାଇବାକୁ ବସିଲାଣି। କେତେଜଣ କାଠ ବ୍ୟବସାୟୀ ଚାକୁଣ୍ଡା, ପଣସ, ଆମ୍ବ, ଶାଗୁଆନ ଗଛ କାଟି ଦୈନିକ ବେଆଇନ ଭାବେ ଟ୍ରାକ୍ଟର ଯୋଗେ ଶ' ମିଲ୍‌କୁ ବୋହି ନେଉଛନ୍ତି। ଗ୍ରାମାଞ୍ଚଳରୁ ବଡ଼ ବଡ଼ ଗଛ କଟାଯାଇ ପାଣିଛାତ୍ର ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଦେଇ ଟ୍ରାକ୍ଟର ଯୋଗେ ବୁହାଯାଉଛି। ଟଭାଗଡ଼ା ସଂରକ୍ଷିତ ଜଙ୍ଗଲଠାରୁ ୧୦କିମି ଭିତରେ କରତକଳ ରହିବା ନିୟମ ନ ଥିବାବେଳେ ବିଭିନ୍ନ ସ୍ଥାନରେ କରତ କଳ ରହିଛି। ଏପରିକି ଏହି କରତକଳଗୁଡ଼ିକରେ କାଠ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଗ୍ରାମାଞ୍ଚଳରେ ପରିବେଶ ଧୀରେ ଧୀରେ ନଷ୍ଟ ହେବାକୁ ବସିଲାଣି। ଫରେଷ୍ଟ ବିଭାଗ ଅଫିସ୍ ଦେଇ ଟ୍ରାକ୍ଟର ଯୋଗେ କାଠ ଚାଲାଣ ହେଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

# ମନ, ଶରୀରକୁ ସୁସ୍ଥ ରଖେ କ୍ରୀଡ଼ା


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତା**

ସାକ୍ଷୀଗୋପାଳ, ୧୬।୧୦(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ମଣ୍ଡଳସ୍ତରୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ କ୍ରୀଡ଼ା ମଣ୍ଡଳ ସଭାପତି ତଥା ବ୍ଲକ ଶିକ୍ଷା ଅଧିକାରୀ କୈଳାସ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମଠସାହି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର ସୁବୁଦ୍ଧି ଓ ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ହାଇସ୍କୁଲ ଅଭିଭାବକ କମିଟି ସଭାପତି ଚକ୍ରଧର ମହାରଣା ଯୋଗଦେଇଥିଲେ। ଶିକ୍ଷକ ଲିଙ୍ଗରାଜ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ମନ ଓ ଶରୀରକୁ ସନ୍ତୁଳିତ ତଥା ସୁସ୍ଥ ରଖେ। ତେଣୁ କ୍ରୀଡ଼ାରେ ଯେଭଳି ଅଧିକରୁ ଅଧିକ ଛାତ୍ରୀଛାତ୍ର ଭାଗନେବେ, ସେଥିପାଇଁ ଶିକ୍ଷକ ଏବଂ ଅଭିଭାବକମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ପ୍ରତିଯୋଗିତାରେ ବ୍ଲକର ୨୫ ହାଇସ୍କୁଲ, ଗୋଟିଏ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଯୁକ୍ତଦୁଇରେ ପଢୁଥିବା ୧୯୨ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବିଭାଗରେ ମୋଟ ୪୮ ପ୍ରତିଯୋଗୀ ଜିଲାସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶାରୀରିକ ଶିକ୍ଷକ ସଂଗ୍ରାମ କେଶରୀ ମହାନ୍ତି, ଦାମୋଦର ମିଶ୍ର, ସୁଧୀର କୁମାର ସାହୁ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଜେନା, ମୌସୁମୀ ଦାସ ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। ଉତ୍ତୀର୍ଣ୍ଣ ୪୮ ଛାତ୍ରୀଛାତ୍ର ଜିଲାସ୍ତରୀୟ କ୍ରୀଡ଼ାରେ ଭାଗନେବେ ବୋଲି କ୍ରୀଡ଼ା ସମ୍ପାଦକ ସୁଚିତ୍ର ଖଟେଇ କହିଛନ୍ତି।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ଡେଲାଙ୍ଗ, ୧୬।୧୦(ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଘୋରଡ଼ିଆ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ପି ଡ. ସମ୍ବିତ୍ ପାତ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରି ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ରହିବା ପାଇଁ ଯୋଗ ଓ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରାକ୍ତନ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି, ବ୍ଲକ ଶିକ୍ଷାଧିକାରୀ ଶତୃଘ୍ନ ବେହେରା, ପୀତବାସ ସେଠୀ, ନିର୍ବାଚନ ମଣ୍ଡଳୀ ସଂଯୋଜକ ଗଙ୍ଗାଧର ବରାଳ, ଶଶାଙ୍କ ଶେଖର ମିଶ୍ର, ଆମ୍ବା ଆଧକ୍ଷ ଲଡୁ କିଶୋର ରାୟ, ସମାଜସେବୀ ଦୀନବନ୍ଧୁ ବେଉରା, ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ଅତିଥି ପରିଚୟ ଓ ଶିକ୍ଷକ ହୃଷିକେଶ ବଳିୟାରସିଂ ସଭା ସଂଯୋଜନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଶୁକ୍ରବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ।

# ସାକ୍ଷୀଗୋପାଳ କଲେଜରେ ସଚେତନତା କାର୍ଯ୍ୟକ୍ରମ


ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ।

ସାକ୍ଷୀଗୋପାଳ, ୧୬।୧୦(ଭରତ ରାଉତ)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଆନୁକୂଲ୍ୟରେ ଗୁରୁବାର ରାଷ୍ଟ୍ରୀୟ ପୋଷଣ ମାସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକ ସଭାପତିତ୍ୱ କରି ସୁପୋଷିତ ଭାରତ ସଶକ୍ତ ଭାରତ ଏବଂ ସଶକ୍ତ ଭାରତ ହିଁ ଶ୍ରେଷ୍ଠ ଭାରତ ବୋଲି କହିଥିଲେ। ମୁଖ୍ୟବକ୍ତା ତଥା ସାଧନ କର୍ମୀ ଭାବେ ସାକ୍ଷୀଗୋପାଳସ୍ଥିତ କୃଷିବିଜ୍ଞାନ କେନ୍ଦ୍ରର ପୋଷଣ ବିଭାଗ ବୈଜ୍ଞାନିକ ଡ. ସୁମିତା ଆଚାର୍ଯ୍ୟ ଯୋଗଦେଇ ସାମ୍ପ୍ରତିକ ସମୟରେ ସୁପୋଷଣର ଅଭାବ, ମେଦ ବହୁଳତା କିପରି ଗମ୍ଭୀର ସମସ୍ୟା ଭାବେ ମୁଣ୍ଡ ଟେକିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ଅଧ୍ୟାପିକା ସସ୍ମିତା ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ଅତିଥି ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି ସୁସ୍ଥ ପରିବାର ସୁସ୍ଥ ଦେଶଗଠନର ପ୍ରାଥମିକ ସର୍ତ୍ତ ବୋଲି ମତ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଯୋଗ ପ୍ରଶିକ୍ଷଣ ଦିଆଯାଇଥିଲା ଓ ଯୋଗର ଉପକାରିତା ସମ୍ପର୍କରେ ଡ. ରାଜଶ୍ରୀ ଶତପଥୀ କହିଥିଲେ। ରନ୍ଧନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ସଂଘମିତ୍ରା ମିଶ୍ର ଧନ୍ୟବାଦ ଦେଇଥିଲେ।

# ସାହିତ୍ୟ, ସଂସ୍କୃତି, ପରମ୍ପରା ସଂକ୍ରାନ୍ତ ଆଲୋଚନାଚକ୍ର

ପୁରୀ, ୧୬।୧୦(ଅଜିତ୍ କୁମାର ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଦୁଇଦିନ ଧରି ଚାଲିଥିବା ଅନ୍ତର୍ଜାତୀୟ ଆଲୋଚନାଚକ୍ର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଆଲୋଚନାଚକ୍ରର ଶୀର୍ଷକ ଥିଲା 'ଆର୍ଟ, ଆର୍କିଟେକ୍‌ଚର ଆଣ୍ଡ କଲ୍‌ଚର ଅଫ୍ ଓଡ଼ିଶା: ବ୍ରିଂଗିଙ୍ଗ ଟ୍ରାଡ଼ିଶନ ଆଣ୍ଡ ଗ୍ଲୋବାଲ ନାରେଟିଭ'। ଉଦଯାପନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ହିମାଂଶୁ କୁମାର ମହାନ୍ତି, ମୁଖ୍ୟ ବକ୍ତା ଭାବେ ଏଲ୍ଆଣ୍ଡଟି ଡିଭିଜନ ମୁଖ୍ୟ, ସମ୍ମାନିତ ଅତିଥି ଭାବେ ତାଜ୍ ଗ୍ରୁପ ସୁଶ୍ରୀ କ୍ରିପି ଆଏଙ୍ଗିଆ ଏବଂ ଗିରିଶ ଚନ୍ଦ୍ର ନାୟକ ମଞ୍ଚାସୀନ ଥିଲେ। ଆଲୋଚନା ଚକ୍ରରେ ୭୦ରୁ ଉର୍ଦ୍ଧ୍ୱ ଗବେଷକ ଓ ଶିକ୍ଷାବିତ୍ ତାଙ୍କର ଚୟନ ବିଷୟବସ୍ତୁ ପାଠ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଏଭଳି ଏକ ପର୍ଯ୍ୟବେକ୍ଷଣ ମୂଳକ ପ୍ରଦର୍ଶନୀ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂଶିତ ହୋଇଛି। ଏହି ଉଦଯାପନୀ ସଭାକୁ ପ୍ରଫେସର ଦୀପଶିଖା ରାଉତରାୟ ପରିଚାଳନା କରିଥିଲେ ଏବଂ ପ୍ରଫେସର ରବୀନ୍ଦ୍ର କୁମାର ପ୍ରଧାନ ଏହାର ସଂଯୋଜକ ଥିଲେ। ଇଂଲିଶ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ସସ୍ମିତା ପ୍ରାମାଣିକ ଉଦଯାପନୀ ସମ୍ଭାଷଣ ପାଠ କରିଥିଲେ। ପ୍ରଫେସର ଶୁଭାଶିଷ ନନ୍ଦ ଧନ୍ୟବାଦ ଦେଇଥିଲେ। ଦୁଇଦିନ ଧରି ମହାବିଦ୍ୟାଳୟର ପ୍ରାଙ୍ଗଣ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଉପରେ ଆଧାରିତ ଜ୍ଞାନମୂକ ଆଲୋଚନା ଓ ପର୍ଯ୍ୟବେକ୍ଷଣ ମୂଳକ ପ୍ରତିଧ୍ୱନିରେ ମୁଖରିତ ହୋଇଉଠିଥିଲା।

# ଅନ୍ତର୍ନିହିତ ପ୍ରତିଭା ପ୍ରସ୍ଫୁଟିତ କରେ 'ସୁରଭି'

ଅସ୍ତରଙ୍ଗ, ୧୬।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଅସ୍ତରଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ସରିପୁର ପ୍ରାଥମିକ ବିଦ୍ୟାଳୟ ସାଧନ କେନ୍ଦ୍ର ଅଧୀନ କେନ୍ଦ୍ରାପଟି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ରାପଟି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୨ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ମାଣିକ, ସାଧନ ସଂଯୋଜକ ରବୀନ୍ଦ୍ର କୁମାର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ସାଧନ କେନ୍ଦ୍ର ଅଧୀନରେ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଦିବାକର ଛାଟୋଇ, ସମ୍ମାନିତ ଅତିଥି ଭାରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରିୟଦର୍ଶୀ ବିଶ୍ୱାଳ, ମଙ୍ଗୁଳି ଚରଣ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମାକାନ୍ତ ବସ୍ତିଆ, ଶିକ୍ଷକ ପ୍ରଶାନ୍ତ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ସୁରଭି ଦ୍ୱାରା ଶିଶୁଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ହୋଇପାରୁଛି ବୋଲି ଅତିଥିମାନେ କହିଥିଲେ। ସାଧନ ସଂଯୋଜକ ସନ୍ତୋଷ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଯତିନ୍ଦ୍ର ବିଶ୍ୱାଳ ସ୍ୱାଗତ ଭାଷଣ ଓ ରବୀନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।



ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ ।

# କ୍ରୀଡ଼ା କ୍ଷେତ୍ରରେ ଦେଶକୁ ଆଗକୁ ନେବା: ସମ୍ବିତ

**ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ**

ପିପିଲି, ୧୬।୧୦(ଦୁର୍ଗାମାଧବ ମିଶ୍ର)



ଉତ୍ସବରେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ଅନ୍ୟ ଅତିଥି ।

ପିପିଲି ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଗୁରୁବାର ସ୍ଥାନୀୟ ଜବାହର ବିଦ୍ୟାପୀଠ ଖେଳପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସମଗ୍ର ଦେଶରେ ସାଂସଦ ଖେଳ ମହୋତ୍ସବ ଆୟୋଜନର ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ୨୦୩୬ରେ ଭାରତରେ ହେବାକୁ ଥିବା ବିଶ୍ୱ ଅଲିମ୍ପିକ ସମ୍ପର୍କରେ ସେ ସୂଚନା ଦେବା ସହ ଦେଶକୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ନେବା ପାଇଁ ସମସ୍ତଙ୍କୁ ସଂକଳ୍ପ କରିବାକୁ ଆହ୍ୱାନ ଦେଇଥିଲେ। ଖେଳିବା, ଜିତିବା ଓ ଦେଶକୁ ଆଗକୁ ନେବା ବୋଲି ଡା. ପାତ୍ର କହିଥିଲେ। ସମ୍ମାନିତ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ପିପିଲି ଓ ଡେଲାଙ୍ଗ ବ୍ଲକ୍‌ରେ କ୍ରୀଡ଼ାର ବିକାଶ ପାଇଁ ପଦକ୍ଷେପ ନିଆଯାଉଥିବା କହିଥିଲେ। ବ୍ଲକ୍ ଶିକ୍ଷାଧିକାରୀ ପୀତବାସ ସେଠୀ, ଗୋବିନ୍ଦପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ଭୂଷଣ ମଣ୍ଡଳ, ଜବାହର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ର, ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ଏବଂ ପିପିଲି ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପରିଷଦର ଉପସଭାପତି ଦୀନବନ୍ଧୁ ବେହୁରା ଅତିଥି ପରିଚୟ ଓ କ୍ରୀଡ଼ା ଶିକ୍ଷକ ଜଗନ୍ନାଥ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଜାତୀୟ ସ୍ତରରେ ପୁରସ୍କୃତ ବିଜ୍ଞାନ ଶିକ୍ଷକ ହେମନ୍ତ କୁମାର ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ। ଉଭୟ ପୁରୁଷ ଓ ମହିଳା ବିଭାଗରେ ୧୭ ବର୍ଷରୁ କମ୍, ୧୭ ବର୍ଷରୁ ୧୯ ବର୍ଷ ଓ ୧୯ ବର୍ଷରୁ ଉର୍ଦ୍ଧ୍ୱ ଆଦି ୩ଟି ବର୍ଗରେ ଚାଲିଥିବା ଏହି ପ୍ରତିଯୋଗିତାରେ ଶହେ ମିଟର ଦୌଡ଼ରେ ୨୮୭ ଜଣ, ଉଚ୍ଚଡିଆଁରେ ୮୬ ଜଣ, ଲମ୍ବଡିଆଁରେ ୧୪୭ ଜଣ ଓ ବ୍ୟାଡ୍‌ମିଣ୍ଟନରେ ୧୧୯ ଜଣ ପ୍ରତିଯୋଗୀ ଭାଗନେଇଛନ୍ତି। ୧୮ ତାରିଖରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

**ଦୁର୍ଘଟଣାରେ ଖଣ୍ଡଗିରି ଥାନା ଏଏସ୍‌ଆଇ ଗୁରୁତର**

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର): ଭୁବନେଶ୍ୱର-କଟକ ୧୬ ନଂ. ଜାତୀୟ ରାଜପଥର ପାହାଳଠାରେ ଗାଡ଼ି ଦୁର୍ଘଟଣାରେ ଜଣେ ପୋଲିସ ଅଧିକାରୀ ଗୁରୁତର ହୋଇଛନ୍ତି। ସେ ହେଲେ ଖଣ୍ଡଗିରି ଥାନାର ଏଏସ୍‌ଆଇ ସୁବାସ ଚନ୍ଦ୍ର ରାଉତ। ଏଏସଆଇ ରାଉତ ଖଣ୍ଡଗିରି ଥାନାରୁ କାର୍ଯ୍ୟ ସାରି ବୁଧବାର ବିଳମ୍ବିତ ରାତିରେ କଟକ ଘରକୁ ଏକ ବାଇକ୍ ଯୋଗେ ଫେରୁଥିଲେ। ଏହି ସମୟରେ ପାହାଳ ନିକଟରେ ଏକ ମାଲବାହୀ ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ରାଉତ ତଳେ ପଡି ଯିବାରୁ ତାଙ୍କର ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିବାରୁ ସେ ଗୁରୁତର ହୋଇପଡିଥିଲେ। ପାହାଳ ଥାନା ପୋଲିସ ପହଞ୍ଚି ରାଉତଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ଏସସିବି ମେଡିକାଲକୁ ପଠାଇ ଦୁର୍ଘଟଣାଗ୍ରସ୍ତ ୨ଟି ଗାଡି ଜବତ କରି ତଦନ୍ତ ଚଳାଇଛି।

**ସଂକ୍ଷେପରେ**

## ତେଲଦିଆ ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

କଟକ ସଦର,୧୬।୧୦(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ତେଲଦିଆ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁନି, କିଶୋର ବର୍ଗ ପିଲାଙ୍କ ମଧ୍ୟରେ କୁଇଜ, ତର୍କ, ଚିତ୍ରାଙ୍କନ, ନୃତ୍ୟ, ଅଭିନୟ ଭଳି ୨୭ଟି ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପରେ ସମସ୍ତ ପ୍ରତିଯୋଗୀଙ୍କୁ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ଏଥିରେ ଆମ୍ ସଭାପତି ରମା ପ୍ରସାଦ ବିଶ୍ୱାଳ, ପ୍ରଧାନ ଶିକ୍ଷୟିତ୍ରୀ ନୀହାରିକା ପ୍ରିୟଦର୍ଶିନୀ, ସମୀର କୁମାର ସେନାପତି, ଚିତ୍ତରଞ୍ଜନ ସାହୁ, ଚିତ୍ତରଞ୍ଜନ ବେହେରା, ରଞ୍ଜିତ ରାଉତରାୟ, ରଞ୍ଜୁଲତା ରାଉତରାୟ, ଅର୍ପିତା ମିଶ୍ର, ସାଜିଦ ଅଲ୍ଲୀ ଖାଁ, ସେକ ଅବଦୁଲ ବୁରହାନ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ କର୍ମୀଙ୍କ ସ୍ମୃତିରେ ରକ୍ତଦାନ ଶିବିର

କଣ୍ଟାପଡ଼ା,୧୬।୧୦(ସୁରନାରାୟଣ ସାହୁ)

ନେକ୍ସସ ହେଲ୍ଥ ଫାଉଣ୍ଡେଶନର ମାର୍ଗଦର୍ଶକ ତଥା ସାମାଜିକ କର୍ମୀ ସତ୍ୟରଞ୍ଜନ ବାରିକଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ସ୍ଥାନୀୟ ଅଲାପୁର ଗ୍ରାମରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସତ୍ୟରଞ୍ଜନ ଜଣେ ଭଲ ଶିକ୍ଷକ ସହ ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ। ଗତ ୨୯ ତାରିଖରେ ଭୁବନେଶ୍ୱର କେଶୁରା ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗତ ୩ ତାରିଖରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ମୃତିରେ ଫାଉଣ୍ଡେଶନ ମୁଖ୍ୟ ସସ୍ମିତା ଦାସ, ସଦସ୍ୟ ସତ୍ୟ ନରାୟଣ ସାହୁଙ୍କ ଆଦେଶକ୍ରମେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ନେକ୍ସସ ହେଲ୍ଥ ଫାଉଣ୍ଡେଶନ ସଭାପତି ସୁବ୍ରତ ମଲ୍ଲିକ, ସଦସ୍ୟ ସଚ୍ଚିକାନ୍ତ ମୁଦୁଲି, ଗଜେନ୍ଦ୍ର ବେହେରା, ଅଜୟ ବେହେରା ଓ ସ୍ଥାନୀୟ ଗ୍ରାମର ଯୁବକ ସବ୍ୟସାଚୀ ବାରିକ, ରଞ୍ଜିତ ବାରିକ, ବିଶ୍ୱଜିତ୍ ବାରିକ, ଅଜୟ କୁମାର ଓଝା ପ୍ରମୁଖ ଶିବିର ପରିଚାଳନା କରିଥିଲେ। ବିଦ୍ୟାସାଗର କ୍ଲାସେସର ମୂରଲୀଧର ପାତ୍ର, ପ୍ରିୟବ୍ରତ ଆଚାର୍ଯ୍ୟ ଯୋଗଦେଇଥିଲେ। ଏଥିରେ ୨୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ଓ ଏହାକୁ ବୋଲ୍ଡ କ୍ୟାନ୍ସର ରୋଗୀମାନଙ୍କୁ ଯୋଗାଇ ଦିଆଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ପଦ୍ମିନୀ କେୟାରର ନୂତନ ପରିଚାଳନା ନିର୍ଦ୍ଦେଶିକା ନୀଳଞ୍ଜନା

କଟକ,୧୬।୧୦(କାର୍ତ୍ତିକ ସାହୁ)

ଡ୍ରିମ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ସାଇନ୍ସର ସଂଯୁକ୍ତ ଅନୁଷ୍ଠାନ ପଦ୍ମିନୀ କେୟାର ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲର ନୂତନ



ପରିଚାଳନା ନିର୍ଦ୍ଦେଶିକା ଭାବେ ନୀଳଞ୍ଜନା ମୁଖାର୍ଜୀ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଜାତୀୟସ୍ତରରେ ବିଭିନ୍ନ ଶିଳ୍ପ ସଙ୍ଗଠନ, ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଦେଶର ପ୍ରତିଷ୍ଠିତ କର୍ପୋରେଟ୍ ହସ୍ପିଟାଲର ସୁପରିଚାଳନା, ପ୍ରଶାସନିକ ବ୍ୟବସ୍ଥା ଓ ରୋଗୀ ସୁରକ୍ଷା, ଚିକିତ୍ସାରେ ଗୁଣାତ୍ମକ ମାନ ବୃଦ୍ଧି ଏବଂ କ୍ଲିନିକାଲ ପ୍ରଶିକ୍ଷଣ କ୍ଷେତ୍ରରେ ତାଙ୍କର ଦୀର୍ଘ ଦୁଇ ଦଶନ୍ଧିର ଅଭିଜ୍ଞତା ରହିଛି। ମହିଳା ସଶକ୍ତୀକରଣ କ୍ଷେତ୍ରରେ ପାରଦର୍ଶିତା ନିମନ୍ତେ ତାଙ୍କୁ 'ଫେମିନା ଆଚିଭର୍ ଆୱାର୍ଡ' ସମେତ ଅନ୍ୟ ପୁରସ୍କାର ମିଳିଛି। ହସ୍ପିଟାଲର ବିଭିନ୍ନ ବିଭାଗର ପଦାଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ଗ୍ରାମାଞ୍ଚଳରେ ଗଢ଼ି ଉଠିଥିବା ପଦ୍ମିନୀ କେୟାରରେ ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସହ ହସ୍ପିଟାଲକୁ ଆଗକୁ ନେବା ପାଇଁ ନିଷ୍ଠାପର ଉଦ୍ୟମ କରିବେ ବୋଲି ସେ କହିଛନ୍ତି।

# ମଞ୍ଚରେ ପରିସ୍ଫୁଟ ହୁଏ ଅନ୍ତର୍ନିହିତ ପ୍ରତିଭା



ରେଭେନ୍‌ଶା ୟୁନିଭର୍ସିଟି ସେଭେନ ପିଲର୍ସ ଅଫ୍ ୱିସ୍‌ଡମ୍ ପ୍ରେକ୍ଷାଳୟରେ କଟକ ନୃତ୍ୟ ଉତ୍ସବ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ,୧୬।୧୦(କାର୍ତ୍ତିକ ସାହୁ)

**କଟକ ନାଟ୍ୟୋତ୍ସବର ଅନ୍ତିମ ପର୍ଯ୍ୟାୟ ଉଦ୍‌ଘାଟିତ**

ନାଟ୍ୟ ସଂସ୍କୃତିର ପୁନରୁଦ୍ଧାର ଲକ୍ଷ୍ୟ ନେଇ କଟକ ଜିଲା ପ୍ରଶାସନ ପକ୍ଷରୁ ଚାଲିଛି କଟକ ନାଟ୍ୟୋତ୍ସବ-୨୦୨୫। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିସ୍‌ଡମ୍ ପ୍ରେକ୍ଷାଳୟରେ ଆୟୋଜିତ ନାଟ୍ୟୋତ୍ସବ ଅନ୍ତିମ ପର୍ଯ୍ୟାୟକୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଗୁରୁବାର ଉଦ୍‌ଘାଟନ କରି କହିଛନ୍ତି, ମଞ୍ଚରେ ପରିସ୍ଫୁଟ ହୁଏ ଅନ୍ତର୍ନିହିତ ପ୍ରତିଭା। ଏଭଳି ମଞ୍ଚ ହେଉଛି କଟକ ନାଟ୍ୟୋତ୍ସବ। ଏହି ମହୋତ୍ସବରୁ ହିଁ ଆଗାମୀ ପିଢ଼ିର କଳାକାର, ନିର୍ଦ୍ଦେଶକ, ସଙ୍ଗୀତକାର, ସଂଳାପ ଲେଖକ ଆଦି ସୃଷ୍ଟି ହେବେ। ସୂଚନାନୁସାରେ, ୪ ଦିନ ଧରି ଚାଲିବାକୁ ଥିବା ଏହି ନାଟ୍ୟୋତ୍ସବର ବିଭିନ୍ନ ଦିବସରେ ଚୟନ ପର୍ଯ୍ୟାୟରୁ ମନୋନୀତ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ୧୧ଟି ନାଟକ ପ୍ରଦର୍ଶିତ ହେଉଛି। ଉଦ୍‌ଘାଟନୀ ଦିବସରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଆଧୁନିକତା ଓ ପୁରାତନ ମଧ୍ୟରେ ସମନ୍ୱୟ ରଖି ଆଗକୁ ବଢ଼ିବାର ଧାରାକୁ ନେଇ ପରିବେଷଣ କରିଥିଲେ ନାଟକ 'ସକାଳର ଅପେକ୍ଷାରେ'। ସେହିପରି ରାଧାନାଥ ଇନଷ୍ଟିଚ୍ୟୁଟ ଅଫ ଆଡ୍‌ଭାନସଡ ଷ୍ଟଡି ଇନ ଏଜୁକେଶନର ଛାତ୍ରୀଛାତ୍ର ଶକ୍ତିଶ୍ରୀ ନାଟକ ମାଧ୍ୟମରେ ସମାଜରେ ନାରୀ ଉପରେ ହେଉଥିବା ଅତ୍ୟାଚାର ଓ କଷଣର କାହାଣୀ ବଖାଣିଥିଲେ। ବରିଷ୍ଠ ଅଭିନେତା ଡ. ଅନଙ୍ଗ ଦ୍ୱିବେଦୀ, ବରିଷ୍ଠ ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ବରିଷ୍ଠ ଅଭିନେତ୍ରୀ ନମ୍ରତା ଦାସ, ବରିଷ୍ଠ ନିର୍ଦ୍ଦେଶକ ହରିଶ ମହାନ୍ତି ଓ ବିଶିଷ୍ଟ ନାଟ୍ୟକାର ଡ. ବୈଜୟନ୍ତୀ ମିଶ୍ର ପ୍ରମୁଖ ବିଚାରକ ଭାବେ ମୂଲ୍ୟାୟନ କରୁଛନ୍ତି। ଅତରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଓ ଚୟନ ପର୍ଯ୍ୟାୟର ନାଟ୍ୟ ବିଶେଷଜ୍ଞ ଶ୍ରୀକାନ୍ତ ଚୌଧୁରୀ, ଉମେଶ ଦାସ, ଦେବୁ ପଟ୍ଟନାୟକ, ଅକ୍ଷୟ ରଣା, ମହମ୍ମଦ ସଫିଉଲ ହକ, ବବି ଇସଲାମ ଓ ସନ୍ଦୀପ ପାଣି ଯୋଗ ଦେଇଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ଛାତ୍ରୀଛାତ୍ର ଓ ନାଟ୍ୟପ୍ରେମୀ ଯୋଗଦେଇ ମହୋତ୍ସବକୁ ଉପଭୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ କଟକ ନାଟ୍ୟୋତ୍ସବ ୨୦୨୫ ଅନୁଷ୍ଠିତ ହେଉଛି। କଳାପ୍ରେମୀମାନେ ବିନା ମୂଲ୍ୟରେ ଏହି ନାଟ୍ୟୋତ୍ସବ ଦେଖିପାରିବେ।



ବଖରାବାଦସ୍ଥିତ ଗାନ୍ଧୀ ଭବନରେ କଟକ ଶାନ୍ତି ସଦ୍‌ଭାବନା ସମିତି ପକ୍ଷରୁ ଗୁରୁବାର କଟକର ଭାଇଚାରା ପାଇଁ ଦିବସ ବ୍ୟାପୀ ପ୍ରାୟଶ୍ଚିତ୍ତ ଓ ସଙ୍କଳ୍ପ ସତ୍ୟାଗ୍ରହ କାର୍ଯ୍ୟକ୍ରମ।

## ପୁନର୍ବାର ଡିପିଏସ୍ କଳିଙ୍ଗ ପ୍ରଥମ

ଫୁଲନଖରା,୧୬।୧୦(ସତ୍ୟରଞ୍ଜନ ଦାସମହାପାତ୍ର)

ଭୁବନେଶ୍ୱର-କଟକ ଟ୍ୱିନ୍‌ସିଟି ଅନ୍ତର୍ଗତ ଫୁଲନଖରା ଅଡ଼ାଳିଆସ୍ଥିତ ଓଡ଼ିଶାର ଅଗ୍ରଣୀ ସିବିଏସଇ ବିଦ୍ୟାଳୟ ଦିଲ୍ଲୀ ପବ୍ଲିକ ସ୍କୁଲ କଳିଙ୍ଗ ପୁନର୍ବାର ଓଡ଼ିଶା ତଥା ଭୁବନେଶ୍ୱରର ପ୍ରଥମ ସିବିଏସଇ ସହ ଶିକ୍ଷା ବିଦ୍ୟାଳୟର ମାନ୍ୟତା ଲାଭ କରିଛି। ବିଦ୍ୟାଳୟର ସୁସ୍ଥ ସୁନ୍ଦର ପରିବେଶ, ଉଚ୍ଚକୋଟୀର ତଥା ଅନୁକୂଳ ଶୈକ୍ଷିକ ବାତାବରଣ, ଅଭିଜ୍ଞ ଓ ତାଲିମପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀ, ସିବିଏସଇ ତଥା ରାଜ୍ୟ ସରକାରଙ୍କ ନିୟମ ପାଳନରେ ଅଗ୍ରଣୀ ଏହି ବିଦ୍ୟାଳୟ ତା'ର ସାମଗ୍ରିକ ଉପଲବ୍ଧ ତଥା ଉଲ୍ଲେଖନୀୟ ପରୀକ୍ଷା ଫଳ ନିମନ୍ତେ 'ଏଜୁକେଶନ ୱାର୍ଲଡ ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଙ୍ଗ-୨୦୨୫-୨୬'



ବିଦ୍ୟାଳୟ କର୍ତ୍ତୃପକ୍ଷ ନୂଆଦିଲ୍ଲୀରେ ସମ୍ମାନପତ୍ର ଗ୍ରହଣ କରୁଛନ୍ତି।

ଦ୍ୱାରା ସର୍ବୋତ୍କୃଷ୍ଟ ତଥା ପ୍ରଥମ ସିବିଏସଇ ବିଦ୍ୟାଳୟ ଭାବେ ବିବେଚିତ ହୋଇଛି। ଏ ନେଇ ବୁଧବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରୋ-ଭାଇସ ଚେୟାରପର୍ସନ ମାଲା ମିଶ୍ର ଏବଂ କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ର ଏହି ସମ୍ମାନପତ୍ର ଗ୍ରହଣ କରିଛନ୍ତି। ଭୁବନେଶ୍ୱର ତଥା ଓଡ଼ିଶାର ପ୍ରଥମ ସିବିଏସଇ ବିଦ୍ୟାଳୟର ମାନ୍ୟତା ଲାଭ କରିଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଡିପିଏସ କଳିଙ୍ଗ ଗତ ଦଶବର୍ଷ ଧରି କ୍ରମାଗତ ଭାବେ ଓଡ଼ିଶାର ଶ୍ରେଷ୍ଠ ତିନୋଟି ବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇଆସୁଛି।

## ଖୁଣ୍ଟୁଣୀରେ ୨ ପୃଥକ୍ ଦୁର୍ଘଟଣା, ୮ ଆହତ

ଖୁଣ୍ଟୁଣୀ,୧୬।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଞ୍ଚଳରେ ଗୁରୁବାର ୨ଟି ପୃଥକ ଦୁର୍ଘଟଣାରେ ୮ଜଣ ଆହତ ହୋଇଛନ୍ତି। ୫୫ ନଂ. ଜାତୀୟ ରାଜପଥ ରାଧାକିଶୋରପୁର ଓଭର ବ୍ରିଜ ଉପରେ ଟ୍ରକ୍-କାର୍ ମଧ୍ୟରେ ହୋଇଥିବା ପ୍ରଥମ ଦୁର୍ଘଟଣାରେ ୨ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଖୁଣ୍ଟୁଣୀ ଏନ୍‌ଏଚ୍ ପାଟ୍ରୋଲିଂ ପୋଲିସ ଉଦ୍ଧାର କରି ଆମ୍ବୁଲାନ୍ସରେ କଟକ ବଡ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି। ଆହତଙ୍କ ଘର କଟକ ଶିଖରପୁର ଅଞ୍ଚଳରେ ବୋଲି ପୋଲିସ କହିଛି। ଦୁର୍ଘଟଣାଗ୍ରସ୍ତ କାର ଓ ବସ୍ ପୋଲିସ ଜବତ କରିଛି। ଅନ୍ୟ ଦୁର୍ଘଟଣା ଖୁଣ୍ଟୁଣୀ-ଘଣ୍ଟିଖାଲ ପୂର୍ତ୍ତ ବିଭାଗ ରାସ୍ତା ଘଣ୍ଟିଖାଲ ଶବର ସାହି ନିକଟରେ ସକାଳ ପ୍ରାୟ ୯ଟାରେ ବେଳେ ଘଟିଛି। ସୁପ୍ରିମ କମ୍ପାନୀର କର୍ମଚାରୀଙ୍କୁ ନେଇ ଆସୁଥିବା ଏକ ଟ୍ରାଭେଲର ଭ୍ୟାନ ସହିତ ଏକ ମାଲୋଝେଇ ଟ୍ରକ ମୁହାଁମୁହିଁ ଧକ୍କା ହେବାରୁ ଟ୍ରାଭେଲରରେ ଥିବା ୨୦ରୁ ଊର୍ଦ୍ଧ୍ୱ ସୁପ୍ରିମ କମ୍ପାନୀ କର୍ମଚାରୀଙ୍କ ମଧ୍ୟରୁ ୬ଜଣ ଆହତ ହୋଇଥିଲେ। ଆହତଙ୍କୁ ପୋଲିସ ଓ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସରେ ଆଠଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ଖବର ପାଇ ସୁପ୍ରିମ କମ୍ପାନୀ ଜିଏମ୍ ରଞ୍ଜନ ପାଢ଼ୀ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଆହତଙ୍କ ମଧ୍ୟରୁ ୩ଜଣ କର୍ମଚାରୀଙ୍କ ଅବସ୍ଥା ଭଲଥିବା କୁହାଯାଉଛି।

## କଟକ ନଗର କଂଗ୍ରେସ ପକ୍ଷରୁ ଭୋଟ ଚୋରି ଦସ୍ତଖତ ଅଭିଯାନ



ଭୋଟ ଚୋରି ଦସ୍ତଖତ ଅଭିଯାନ ବୈଠକରେ ଉପସ୍ଥିତ କଂଗ୍ରେସ ନେତୃ ମଣ୍ଡଳୀ।

କଟକ,୧୬।୧୦(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ନଗର କଂଗ୍ରେସ ପକ୍ଷରୁ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଭୋଟ ଚୋରି ଦସ୍ତଖତ ଅଭିଯାନ ନିମେନ୍ତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗିରିବାଳା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପିସିସି ପର୍ଯ୍ୟବେକ୍ଷକ ଦେବେନ୍ଦ୍ର ସାହୁ ଯୋଗଦେଇ ଭୋଟ ଚୋରି ଉପରେ ଆଲୋଚନା କରିଥିଲେ। ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ, କଂଗ୍ରେସ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ ଯୋଗଦେଇଥିଲ। ତେବେ ଭୋଟ ହେଉଛି ଜନତାଙ୍କର ଅଧିକାର, ଏହା ଲୁଟ ହେବା ଦଣ୍ଡନୀୟ ଅପରାଧ। ରାହୁଲ ଗାନ୍ଧୀ ଯେଉଭଳି ସାରା ଦେଶରେ ଏହି ଅନ୍ୟାୟ ବିରୋଧରେ ସ୍ୱର ଉଠାଇଛନ୍ତି, ଜନତାଙ୍କ ସମ୍ମୁଖରେ ଏହି ସତ୍ୟକୁ ଆଣିବା ଓ ଗଣତନ୍ତ୍ରକୁ ସୁରକ୍ଷା କରିବା ପ୍ରତ୍ୟେକ କର୍ମୀଙ୍କ କର୍ତ୍ତବ୍ୟ ବୋଲି ଆହ୍ୱାନ ଦେଇଥିଲେ। ବୈଠକରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ପ୍ରଥମ ବିଧାୟକ ସ୍ୱର୍ଗତ ମୌଲାନା ସୟଦ୍ ମହମ୍ମଦ ଅତାହାରଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶେଷରେ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ କର୍ପୋରେଟର ଲିଜା ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ, ସୁବାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ବରିଷ୍ଠ କଂଗ୍ରେସ ନେତା କାଶୀନାଥ ମଲ୍ଲିକ, ଅନିଲ ରାଉତ, ଶରତ ଚନ୍ଦ୍ର ସେଠୀ, ରେଣୁବାଳା ରାଉତ, ଇଶରତ ଜାହାନ, ସେକ୍ ସମ୍ମିମ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି ମରାମତି ବେଳେ ଚାଳକଙ୍କ ଛିଣ୍ଡିଗଲା ହାତ

ମଙ୍ଗୁଳି-ଜଗତପୁର,୧୬।୧୦(ମାନସ ସାମଲ)

ଚୌଦ୍ୱାର ଥାନା ଅଧୀନ ଓଟିଏମ ଦୁର୍ଗା ବଜାର ଆଖଣ୍ଡଳମଣି ଇଲେକ୍ଟ୍ରିକାଲ ଦୋକାନ ସମ୍ମୁଖରେ ଏକ ଟାଟାଏସି ଚାଳକ ଚକା ମରାମତି କରୁଥିବା ସମୟରେ ଡାହାଣ ହାତ କହୁଣି ଅଧାରୁ ଛିଣ୍ଡି ପଡିଛି ବୋଲି ଜଣାପଡିଛି। ଚାଳକ ଜଣକ ହେଲେ ନିଶ୍ଚିନ୍ତକୋଇଲି ଅଞ୍ଚଳର ନାରାୟଣ ମଲିକ। ଜଗତପୁର ଥାନା ଅଧୀନ ଗଣପତି କଲେଜ ପାଖରେ ପରିବାର ସହ ୮ବର୍ଷ ହେବ ଘର ଭଡ଼ା ନେଇ ରହିଆସୁଛନ୍ତି। ପ୍ରତ୍ୟକ୍ଷଦର୍ଶୀ ରମେଶ କର କହିବା ମୁତାବକ, ଗୁରୁବାର ଭୋରୁ ଜଗତପୁରରୁ ଏକ ସିମେଣ୍ଟ ବୋଝେଇ ଟାଟାଏସି ଦୁର୍ଗା ବଜାର ରାସ୍ତା ଦେଇ ବୁଢାଲିଙ୍ଗ ଯାଉଥିବା ସମୟରେ ପମ୍ପଚର ହୋଇଯାଇଥିଲା। କିଛି ସମୟ ପରେ ଗାଡି ମାଲିକ ପହଞ୍ଚିଥିଲେ। ଚାଳକଙ୍କୁ ଏକ ନୁଆ ଚକା ଦେଇ ଲଗାଇବା ପାଇଁ କହିଥିଲେ। ଲୋଡ ଗାଡି ଚକା ବଦଳାଇବାରେ ଅସୁବିଧା ହେବା ବୋଲି ଚାଳକ ଜଣାଇଥିଲେ ସୁଦ୍ଧା ମାଲିକ ନ ଶୁଣି ସେଠାରୁ ଚାଲି ଯାଇଥିଲେ। ଚାଳକ ଜଣଙ୍କ ହେଲ୍ପର ସହାୟତାରେ ଏକ କାଠ ବଟମ ଉପରେ ଜଗ ରଖି ଚକା ବଦଳାଉଥିବା ସମୟରେ ପଟା ଭାଙ୍ଗି ଯାଇଥିଲା ଏବଂ ଜଗ ଦବି ଯାଇଥିଲା। ଫଳରେ ଚାଳକଙ୍କ ଡାହାଣ ହାତ ଗାଡି ତଳେ ଫସି ରହି ଯାଇଥିଲା। ଗାଡିରୁ ସିମେଣ୍ଟ ଲୋଡ ପାଇଁ ସ୍ଥାନୀୟ ବ୍ୟବସାୟୀ ଚାଳକଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଥିଲେ। ଗାଡିରୁ ପ୍ରାୟ ୭୦ ବସ୍ତା ସିମେଣ୍ଟ କାଢିବା ପରେ ଚାଳକଙ୍କୁ ଲୋକେ ଉଦ୍ଧାର କରିଥିଲେ। କିନ୍ତୁ ସେତେବେଳକୁ ହାତ ଛିଣ୍ଡି ସାରିଥିଲା। ପରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସରେ କଟକ ବଡ ମେଡିକାଲକୁ ପଠାଇଥିଲେ।

## ପୁଣି ଏକ ଶାଗୁଆନ ବୋଝେଇ ଟାଟା ଏସିଇ ଜବତ

ଖୁଣ୍ଟୁଣୀ, ୧୬।୧୦(ସଚ୍ଚିଦାନନ୍ଦ ପଣ୍ଡା)

**ବେପାରୀ, ଚାଳକ ଫେରାର**

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କଟକ-ନୂଆପାଟଣା ରାସ୍ତାରୁ ଏକ ଚୋରା ଶାଗୁଆନ ଲଗ ଟାଟା ଏସିଇ ଗାଡି ଜବତ ହୋଇଛି। ଜବତ ୧୬ଟି ବଡ଼ ଶାଗୁଆନ ଲଗ ଖୁଣ୍ଟୁଣୀ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଛି। ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିବା ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ସୂଚନା ଦେଇଛନ୍ତି। ଏହି ଘଟଣାରେ କୌଣସି ବ୍ୟକ୍ତି ଗିରଫ ହୋଇ ନ ଥିବା ଜଣାପଡିଛି। ଜବତ କାଠର ମୂଲ୍ୟ ୪୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ସୂଚନା ଯେ, ଟାଟା ଏସିଇ ଗାଡ଼ିରେ ଶାଗୁଆନ କାଠ ଚୌଦ୍ୱାର ଆଡେ ଯାଉଥିବା ଓରନ୍ଦା ଗ୍ରାମରୁ ଜଣେ ବ୍ୟକ୍ତି ଖୁଣ୍ଟୁଣୀ ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ସାହୁ ତୁରନ୍ତ ଏହାକୁ ଧରିବା ପାଇଁ ଓରନ୍ଦା ଓ ଖୁଣ୍ଟୁଣୀ ଫରେଷ୍ଟ ବନପାଳ ଏବଂ ବନରକ୍ଷୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନପାଳ, ବନରକ୍ଷୀ ଏବଂ ଷ୍ଟାଫମାନେ ଓରନ୍ଦାଠାରୁ ସେହି ଗାଡି ପିଛାକରି ନୂଆପାଟଣା ପର୍ଯ୍ୟନ୍ତ ଯାଇଥିଲେ। ଚାଳକ ଚୌଦ୍ୱାର ନ ଯାଇ ନୂଆପାଟଣା ରାସ୍ତାରେ ଗାଡି ରଖି ଫେରାର ହୋଇଯାଇଥିଲେ। ବନ ବିଭାଗ ଗାଡିକୁ ଜବତ କରି ଖୁଣ୍ଟୁଣୀ ବନାଞ୍ଚଳକୁ ଆଣିଥିଲା। ପ୍ରକାଶ ଥାଉକି ଗତ ଜୁଲାଇ ୨୬ରେ ଏକ ଟାଟା ଏସିଇ ଗାଡିରୁ ୨୦ଖଣ୍ଡ ଶାଗୁଆନ କାଠ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ଗୁରୁଡ଼ିଝାଟିଆ ଗ୍ରାମରୁ ଜବତ ହୋଇଥିଲା।

## ୧୫୭ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ପ୍ରଦାନ

କଟକ ସଦର,୧୬।୧୦(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଯୋଗ୍ୟ ହିତାଧିକାରୀଙ୍କୁ ଗୁରୁବାର କନ୍ଦରପୁରଠାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏଥିରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୫୭ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରିଥିଲେ। କଟକ ସଦର ବିଡିଓ ପ୍ରତୀକ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଜେନା, ଆମ୍ ସଭାପତି ରମା ପ୍ରସାଦ ବିଶ୍ୱାଳ, ସରପଞ୍ଚ ସୁବାସିନୀ ରାଉତ, ମିଲି ସେଠୀ,ନିରୋଜା ନଳିନୀ ଦାସ, ପ୍ରଭାରୀ ସୁରେଶ ଜେନା, ଅଶୋକ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଇତିଶ୍ରୀ ରାଜ ତାଲିକା ପାଠ କରିଥିଲେ। ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ମଣ୍ଡଳ ସଭାପତି ନିରଞ୍ଜନ ରାଉଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବରାଜ ଦାଶ, ଅଜୟ ସେଠୀ, ଦିଲ୍ଲୀପ ମହନ୍ତ, ଦୁର୍ଗା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କନ୍ଦରପୁରଠାରେ ଜଣେ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

# ପଦାରେ ପଡ଼ିଲା କଟକ ବିଜେଡି ଗୋଷ୍ଠୀ କନ୍ଦଳ



ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ପାଳନ ଅବସରରେ ମେୟର ସୁବାସ ସିଂ ଓ ଅନ୍ୟ ବିଜେଡି ନେତୃମଣ୍ଡଳୀ।



ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ଗହଣରେ ବିଜେଡି ନେତୃବୃନ୍ଦ।

କଟକ,୧୬।୧୦(ଶିଲ୍ପା ପ୍ରିୟଦର୍ଶିନୀ)

**ନବୀନଙ୍କ ଜନ୍ମଦିନ ପାଳନ**

- କାର୍ଯ୍ୟକ୍ରମକୁ ଡାକିବାକୁ ସେମାନଙ୍କ ସତ୍‌ସାହସ ନାହିଁ: ଦେବାଶିଷ
- ଦେବାଶିଷଙ୍କ ବକ୍ତବ୍ୟରେ ହାଇକମାଣ୍ଡ ତର୍ଜମା କରିବେ: ସୁବାସ

ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ କଟକ ବିଜେଡି ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି। ପୃଥକ ସ୍ଥାନରେ ନବୀନଙ୍କ ଜନ୍ମଦିନ ପାଳନ କଟକ ବିଜେଡି ଗୋଷ୍ଠୀକନ୍ଦଳ ପଦାକୁ ଆଣିଛି। ଜିଲା ବିଜେଡି ପକ୍ଷରୁ ଜିଲା ସଭାପତି ପ୍ରଫୁଲ୍ଲ ସିଂ ଓ ମେୟର ସୁବାସ ସିଂଙ୍କ ସମେତ କର୍ପୋରେଟର ଓ କେତେଜଣ ଦଳୀୟ କର୍ମୀଙ୍କ ଉପସ୍ଥିତିରେ ସିଡିଏ ସେକ୍ଟର-୧୦ସ୍ଥିତି ଦୃଷ୍ଟିବାଧିତ ବିଦ୍ୟାଳୟର ଅନାଥ ଆଶ୍ରମରେ ଫଳ ବଣ୍ଟନ କରାଯାଇଥିଲା। ସେହିପରି ସମାନ ସମୟରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଓ ତାଙ୍କ ସମର୍ଥକମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ତେବେ ଗୋଟିଏ ଦିନ ଓ ଗୋଟିଏ ସମୟରେ ବିଜେଡି ବ୍ୟାନରେ କଟକରେ ଦୁଇଟି କାର୍ଯ୍ୟକ୍ରମ ହେବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ରାଜ୍ୟ ସଭା ସଦସ୍ୟ ଦେବାଶିଷ କହିଛନ୍ତି, କଟକରେ କେବଳ ଗୋଟିଏ ବିଜେଡି ରହିଛି, ଦ୍ୱିତୀୟ ବିଜେଡି ଏଠାରେ ନାହିଁ। ମୁଁ ବାରବାଟୀ-କଟକର ପୂର୍ବତନ ବିଧାୟକ ଥିଲି, ସେଥିପାଇଁ ସୁପ୍ରିମୋଙ୍କ ଜନ୍ମଦିନ ପାଳନ କରିଛି, ସେମାନେ କ'ଣ କାର୍ଯ୍ୟକ୍ରମ କରିଛନ୍ତି, ଆଉ ଅସଲ ବିଜେଡି କେଉଁଟା ତାଙ୍କୁ ପଚରାଯାଉ। ସେମାନେ ନିମ୍ନସ୍ତରର ନେତା, ତାଙ୍କର ମାନବିକତା ନାହିଁ, ମୋତେ କାର୍ଯ୍ୟକ୍ରମକୁ ଡାକିବା ପାଇଁ ସେମାନଙ୍କ ସତ୍‌ସାହସ ନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ମେୟର ସୁବାସ ସିଂ କହିଛନ୍ତି, ଜଣେ ରାଜ୍ୟ ସଭା ସଦସ୍ୟ ଓ ଦଳର କର୍ମୀ ଭାବେ ସେ କାର୍ଯ୍ୟକ୍ରମ କରି ପାରିବେ। ସେଥିରେ କୌଣସି ମତ ଦେବା ଉଚିତ ନୁହେଁ। ଯଦି ତାଙ୍କ ପାଇଁ କଟକ ମେୟର ଏବଂ ଜିଲା ସଭାପତି ନିମ୍ନସ୍ତରର ନେତା ତେବେ ସେ ଉଚ୍ଚସ୍ତରରେ କିଏ ରହିଛି ସେ କହିପାରିବେ। ତାଙ୍କ ସମ୍ପର୍କରେ ଓ ତାଙ୍କ ବକ୍ତବ୍ୟକୁ ନେଇ କୌଣସି ଟିପ୍ପଣୀ ଦେବାକୁ ଅନୁଚିତ୍ ମନେ କରୁଛି। ସେ କେତେବେଳେ କ'ଣ ବକ୍ତବ୍ୟ ରଖନ୍ତି ସେ ଜାଣନ୍ତି, ତାଙ୍କ ବକ୍ତବ୍ୟ ବାବଦରେ ହାଇକମାଣ୍ଡ ନିଷ୍ପତ୍ତି ନେବେ ବୋଲି ସିଂ କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...................................
ବୟସ: ..................................
ଜନ୍ମ ତାରିଖ: ..............................

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ଶୁଭେଚ୍ଛୁ ପରିବାରବର୍ଗ

ସୂଚୀବନ୍ଧ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଇଣ୍ଡଷ୍ଟ୍ରିଆଲ ଏଷ୍ଟେଟ, ଭୁବନେଶ୍ୱର-୧୦ ଠିକଣାରେ ପଠାଇବା ଆବଶ୍ୟକ।

# ରାଉରକେଲାରେ ତନିସ୍କ ଷ୍ଟୋରର ଶୁଭାରମ୍ଭ



ଭୁବନେଶ୍ୱର,୧୬।୧୦

ତନିସ୍କ ରାଉରକେଲା ଆମ୍ବେଦକର ଛକ କଲେଜ ରୋଡ଼ରେ ଏକ ଷ୍ଟୋରକୁ ଗୁରୁବାର ରିଲଞ୍ଚ କରାଯାଇଛି। ଟାଇଟନ କମ୍ପାନୀ ଲିମିଟେଡ଼ର ରିଜିଓନାଲ ବିଜନେସ୍ ହେଡ୍ ଶାହ ଗୌରବ କ୍ରିଷ୍ଣା ଏବଂ ତନିସ୍କର ସର୍କଲ ବିଜନେସ୍ ମ୍ୟାନେଜର ଅରିନ୍ଦମ ପରାମାଣିକ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଷ୍ଟୋର ପକ୍ଷରୁ ସ୍ୱତନ୍ତ୍ର କଲେକ୍ସନ ସହ ଅଫର ଘୋଷଣା କରାଯାଇଛି। ପୁରୁଣାଗହଣା ବଦଳ ଉପରେ ଶୂନ୍ୟ ପ୍ରତିଶତ କାଟ୍ ଘୋଷଣା କରାଯାଇଥିବାବେଳେ ଅକ୍ଟୋବର ୨୧ ପର୍ଯ୍ୟନ୍ତ ପ୍ରତି ଗ୍ରାମରେ ୪୫୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ। ୧୦ ହଜାର ବର୍ଗଫୁଟ୍ ପରିମିତ ଅଞ୍ଚଳରେ ନିର୍ମିତ ଏହି ଷ୍ଟୋରରେ ସୁନା, ହୀରା, କୁନ୍ଦନ ଏବଂ ପୋଲକି ଗହଣା ଉପଲବ୍ଧ ରହିଛି। ଏହି ଅବସରରେ ପାର୍ବଣ କଲେକ୍ସନ 'ମୃଗାଙ୍କ'ର ମଧ୍ୟ ପ୍ରଦର୍ଶନ ତଥା ବିକ୍ରୟର ଶୁଭାରମ୍ଭ

**ଚାହିଦାରେ ପାର୍ବଣ କଲେକ୍ସନ 'ମୃଗାଙ୍କ'**

କରାଯାଇଛି। ଏହା ସହ 'ଆବାହନ' ଓ ଗ୍ରାମ୍ ଡେଜ୍ ଭଳି କଲେକ୍ସନରେ ସ୍ୱତନ୍ତ୍ର ଡିଜାଇନର ଗହଣା ରହିଛି। 'ଡୋର' ଅଧୀନରେ ଏକ୍ସକ୍ଲୁସିଭ ରେଞ୍ଜର ମଙ୍ଗଳସୂତ୍ର ଏବଂ 'ଷ୍ଟ୍ରିଙ୍ଗ୍ ଏଣ୍ଡ୍ ଇୟର' ଅଧୀନରେ ସୁନାର ଓ ହୀରାର ସ୍ୱତନ୍ତ୍ର ଡିଜାଇନର କାନଫୁଲ ରହିଛି। 'କଲାର' ଅଧୀନରେ ଆକର୍ଷଣୀୟ ଚୁଡ଼ି ଏବଂ 'ଅବୀର' ଓ 'ରିବାଜ୍' ଅଧୀନରେ ଉପଲବ୍ଧ ଗହଣା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଏହି ଅବସରରେ ଶାହ ଗୌରବ କ୍ରିଷ୍ଣା କହିଛନ୍ତି, ରାଉରକେଲା ଅପେକ୍ଷାକୃତ ଅଧିକ ବଡ଼ ଷ୍ଟୋର ଲଞ୍ଚ କରି ଆମେ ଖୁସି ଅନୁଭବ କରୁଛୁ। ଗ୍ରାହକ ସେବାକୁ ତନିସ୍କ ସବୁବେଳେ ପ୍ରାଥମିକତା ଦେଇ ଆସୁଥିବାବେଳେ ଉକ୍ତ ଷ୍ଟୋର ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି।

# ବଜାରରେ ମହିନ୍ଦ୍ରାର ନୂଆ ବୋଲେରୋ ରେଞ୍ଜ

ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)




ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ (ଏମ୍ ଆଣ୍ଡ ଏମ୍) ପକ୍ଷରୁ ବୋଲେରୋ ନୂଆ ରେଞ୍ଜର ବଜାର ପ୍ରବେଶ ହୋଇଛି। ଗୁରୁବାର ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଉତ୍କଳ ଅଟୋମୋବାଇଲ ପକ୍ଷରୁ ବଜାର ପ୍ରବେଶ କାର୍ଯ୍ୟକ୍ରମରେ ଏରିଆ ସେଲ୍ସ ମ୍ୟାନେଜର ତନ୍ମୟ ଦେ, ଜେନେରାଲ ମ୍ୟାନେଜର ସଞ୍ଜୟ ବିଶ୍ୱାଳ ଏବଂ ବିଜ୍ନେସ୍ ଡେଭଲପମେଣ୍ଟ ମ୍ୟାନେଜର ରୋମିଲା ମଜୁମଦାର ଏବଂ ରାଜେଶ ରଥ ପ୍ରମୁଖ ଏହି ଅତ୍ୟାଧୁନିକ ଡିଜାଇନ ସହ ପ୍ରସ୍ତୁତ ଗାଡ଼ିର ଅନାବରଣ କରିଥିଲେ। ନୂତନ ବୋଲେରୋର ମୂଲ୍ୟ ଏକ୍ସ-ଶୋ'ରୁମ୍ ଆଧାରରେ ୭.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଥିବାବେଳେ ନୂତନ ଟପ୍-ଏଣ୍ଡ ବି୮ ଭାରିଆଣ୍ଟ ୯.୬୯ ଲକ୍ଷ ଟଙ୍କାରେ ଉପଲବ୍ଧ। ନୂତନ ବୋଲେରୋ ନିଓର ମୂଲ୍ୟ ୮.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି, ଯାହାର ନୂତନ ଟପ୍-ଏଣ୍ଡ ଏନ୍୧୧ ଭାରିଆଣ୍ଟ ୯.୯୯ ଲକ୍ଷ ଟଙ୍କାରେ ମିଳିବ। ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି ନୂଆ ବୋଲେର ଗ୍ରାହକଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି ଆଶା କରାଯାଉଛି। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ର ଅଟୋମୋଟିଭ ଡିଭିଜନର ମୁଖ୍ୟ ଏକ୍ଜିକ୍ୟୁଟିଭ ଅଫିସର ନଳିନୀକାନ୍ତ ଗୋଲ୍ଲଗୁଣ୍ଟା କହିଛନ୍ତି, ୨୫ ବର୍ଷରୁ ଅଧିକ ସମୟରୁ ବୋଲେରୋ ଲୋକାଦୃତ ଥିବାବେଳେ ଏସ୍ୟୁଭି ଭାବେ ସ୍ଥାନ ପାଇଛି। ନୂଆ ବୋଲେରୋ ରେଞ୍ଜକୁ ବର୍ତ୍ତମାନ ପିଢ଼ି ବିଶେଷକରି ସହରାଞ୍ଚଳ ଗ୍ରାହକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି।

# କେନ୍ଦୁଝରରେ ବିଓଆଇ ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୧୬।୧୦

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ପକ୍ଷରୁ କେନ୍ଦୁଝରରେ ସତର୍କତା ସଚେତନତା ସପ୍ତାହ ଅକ୍ଟୋବର ୨୮ରୁ ନଭେମ୍ବର ୩ ପର୍ଯ୍ୟନ୍ତ କେନ୍ଦୁଝର ଅଞ୍ଚଳରେ ପାଳନ ହେବାକୁ ଯାଉଛି। ଏହି ଉପଲକ୍ଷେ ଲୋକମାନଙ୍କ ମଧ୍ୟରେ ସଚେତନତା ଆଣିବା ପାଇଁ ବିଓଆଇର କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯାଉଛି। କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଅମିତ୍ କୁମାର ପାଲ୍ଙ୍କ ମାର୍ଗଦର୍ଶନରେ କେନ୍ଦୁଝର ଅଞ୍ଚଳ ଅନ୍ତର୍ଗତ ଗ୍ରାମୀଣ ଓ ଅର୍ଦ୍ଧ ସହରୀ ଶାଖାଗୁଡ଼ିକରେ 'ଗ୍ରାମସଭା'ର ଆୟୋଜନ କରାଯାଇଥିଲା। ଏଥିରେ ଉପ-ଆଞ୍ଚଳିକ ପ୍ରବନ୍ଧକ ବିଶ୍ୱଜିତ୍ କୁମାର ବେହେରା ଉପସ୍ଥିତ ଥିଲେ। ସତର୍କତା ଅଧିକାରୀ ବି. ମହେଶ ଏବଂ ଶାଖା ପ୍ରବନ୍ଧକ କିରଣ ଉପସ୍ଥିତ ରହିଥିଲେ। ଚଳିତ ବର୍ଷ ସତର୍କତା ସଚେତନତା ସପ୍ତାହ- ୨୦୨୫ର ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

# ଏଲ୍ଆଇସିର ଜନସୁରକ୍ଷା, ବୀମା ଲକ୍ଷ୍ମୀ ପ୍ଲାନ୍



ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି)ର ସିଇଓ ଏବଂ ଏମ୍ଡି ଆର୍. ଦୋରାଇସ୍ୱାମୀଙ୍କ ଦ୍ୱାରା ଦୁଇଟି ନୂତନ ଯୋଜନା ଜନସୁରକ୍ଷା, ବୀମା ଲକ୍ଷ୍ମୀ ପ୍ଲାନ୍ର ଶୁଭାରମ୍ଭ କରାଯାଇଛି। ନୂତନ ଲେବର କୋଡ୍ ଜିଏସ୍ଟି ରେଜିମ୍ରେ ଏଲ୍ଆଇସି ଦ୍ୱାରା ପରିଚାଳିତ ପ୍ରଥମ ଦୁଇଟି ଉତ୍ପାଦ। ବର୍ତ୍ତମାନର ଅସ୍ଥିର ସୁଧ ହାରର ପରିସ୍ଥିତିରେ ଏହି ଦୁଇଟି ଯୋଜନା ନୀତି କାଳ ସମଗ୍ର ବୀମା କାଳରେ ଗ୍ୟାରେଣ୍ଟି ଯୋଗଦାନ ପ୍ରଦାନ କରୁଛି। ଏହି ଦୁଇଟି ଯୋଜନାରେ ୩ ବର୍ଷର ପୂର୍ଣ୍ଣ ପ୍ରିମିୟମ ପେମେଣ୍ଟ ପରେ ଲୋନ ସୁବିଧା ଉପଲବ୍ଧ। ଜନସୁରକ୍ଷା ଏକ ଜୀବନ ମାଇକ୍ରୋ ବୀମା ଯୋଜନା। ଏହା ନିମ୍ନ ଆୟ ଗୋଷ୍ଠୀର ଲୋକମାନଙ୍କ ପାଇଁ ପ୍ରସ୍ତୁତ ହୋଇଛି। ସେହିପରି ବୀମା ଲକ୍ଷ୍ମୀ ପ୍ଲାନ୍ ମହିଳାଙ୍କ ପାଇଁ ବିଶେଷ ଭାବେ ପ୍ରସ୍ତୁତ କରାଯାଇଛି। ଉକ୍ତ ପ୍ଲାନ୍ରେ ପ୍ରତ୍ୟେକ ୨ ବର୍ଷ କିମ୍ବା ୪ ବର୍ଷ ପରେ ନିୟମିତ ନିର୍ଦ୍ଧାରିତ ଟଙ୍କା ଫେରସ୍ତ କିମ୍ବା ପ୍ରିମିୟମ ପେମେଣ୍ଟ ବନ୍ଦ ହେବା ପରେ ଆକର୍ଷଣୀୟ ଗ୍ୟାରେଣ୍ଟି ମ୍ୟାଚୁରିଟି ସୁବିଧା ପ୍ରଦାନ କରୁଛି। ଅଧିକ ସୂଚନା ପାଇଁ ଏଲ୍ଆଇସି ୱେବ୍ସାଇଟ କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ଡୁରିଆନ୍ ଫର୍ନିଚରର ପାର୍ବଣ ଅଫର

ଭୁବନେଶ୍ୱର,୧୬।୧୦



ସାମନ୍ତରାପୁରସ୍ଥିତ ଡୁରିଆନ୍ ଫର୍ନିଚର ପକ୍ଷରୁ ପାର୍ବଣ ଅଫର ଘୋଷଣା କରାଯାଇଛି। ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇଥିବା ଏହି ଅଫର ଅକ୍ଟୋବର ୨୬ ପର୍ଯ୍ୟନ୍ତ ଚାଲିବ। ଏଠାରେ ମିଳୁଥିବା ବିଭିନ୍ନ ପ୍ରଡକ୍ଟ ଉପରେ ନିର୍ଦ୍ଧାରିତ ସର୍ବ ସହ ୫୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଡୁରିଆନ୍ ଫର୍ନିଚର ମ୍ୟାନେଜର ଅନିଲ କୁମାର ମହାପାତ୍ର କହିଛନ୍ତି, ଶୋ'ରୁମ୍ରେ ୨୦ ହଜାର ଟଙ୍କାରୁ ବେଡ୍ ଆରମ୍ଭ ହେଉଥିବାବେଳେ ୧୨ ହଜାରରୁ ସୋଫା ଆଦି ଉପଲବ୍ଧ ହେଉଛି। ଗ୍ରାହକଙ୍କ ଚାହିଦା ଅନୁସାରେ କଷ୍ଟୋମାଇଜଡ୍ ଫର୍ନିଚର ମଧ୍ୟ ଯୋଗାଇଦିଆଯାଉଛି। କିଙ୍ଗ୍ ବେଡ୍, କିଙ୍ଗ୍ ବେଡ୍ର ଚାହିଦା ଅଧିକ ରହିଥିବାବେଳେ ଫାବ୍ରିକ୍, ଲେଦର ଏବଂ ୱେଟେନ୍ ସୋଫାକୁ ମଧ୍ୟ ଖୁବ୍ ପସନ୍ଦ କରୁଛନ୍ତି। ଡାଇନିଂ ସେଟ୍ ସହ ଚେୟାର, ଟେବୁଲ ଆଦି ଅଫିସ୍ ଫର୍ନିଚର ମଧ୍ୟ ସୁଲଭ ମୂଲ୍ୟରେ ମିଳିପାରୁଥିବା ଅନିଲ କହିଛନ୍ତି। ତେବେ ବିକ୍ରି ପରବର୍ତ୍ତୀ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି। ସେହିପରି ବିଭିନ୍ନ ଉତ୍ପାଦ ଉପରେ ୩ରୁ ୫ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ରହୁଥିବା ଡୁରିଆନ୍ ଫର୍ନିଚର ପକ୍ଷରୁ ସୂଚନା ଦିଆଯାଇଛି।

**Classified Everyday**
**0674-2580101, 9692975378**



**REAL ESTATE SALE**

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call-9861642492.** D-2018

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

**ଛିଣ୍ଡିବାନ୍ ଫ୍ଲଟ୍ ପିତାପଲ୍ଲୀ N.H.-16 ପାଖରେ Litigation free 30ft. Road, ଇଲେକ୍ଟ୍ରି, Possession ଥାଇ ଉପଲବ୍ଧ 6372526344.** D-04




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

The massage felt totally professional! & comfortable at all times- 7978109255. D-76500

Newly open Jyoti spa positively health benefits (Expert therapist). 8458067955. D-76942

**LOST**

Anil Kumar Bansal Prop. of M/s Ram Pratap Rice & Chuda Mill At-Dunguripali, P.S.-Belpada, Dist.- Bolangir reported at Kantabanji P.S.- bearing GD No.-014/dtd.- 16.10.2025 that the Security Deposit Receipt of an amount Rs. 5,81,554.60 paisa for Electric Connection bearing Consumer No.912000000019 was issued on 1.11.2021 has been lost somewhere in residential House at near Govt. Boys, High School, Kantabanji P.O./ P.S.- Kantabanji, Dist.- Bolangir. D-2296

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dt.- 06.10.25, I, MAGA MUDULI, Resident of Muduli Sahi, P.O./P.S.- Satyabadi, Puri, 752014, that I have changed my name MAGUNI MUDULI to MAGA MUDULI. Henceforth, I shall be know as MAGA MUDULI for all purposes.
MAGA MUDULI D-2294

**Email** ମାଧ୍ୟମରେ କ୍ଲାସିଫାଏଡ୍କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Sri Giridhara Nayak declared that as per affidavit No.-983 Dtd-9/10/2025 before the Notary Public, Sunabeda my sons old name Splandana Nayak has been changed to Spandan Nayak. Henceforth, he will be known as Spandan Nayak, son of Giridhara Nayak of Village Khadagapur, P.O.- Nandapur, Dist.-Koraput for all purposes. D-2293

By virtue of an affidavit before the Executive Magistrate, Rasulpur, Dist.- Jajpur, dated- 24.09.2025. I, Runu Nayak, D/o- Basanta Nayak, At- Bantara, P.O.- Bhotaka, P.S.- Kuakhia, Dist.- Jajpur, PIN- 755009, Odisha declare that I have changed my name & father name from Jhuni Nayak, D/o- Niranjan Nayak to Runu Nayak, D/o- Basanta Nayak. Henceforth, I shall be known as Runu Nayak, D/o- Basanta Nayak for all future purpose. D-2301

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

By virtue of an affidavit sworn before Executive Magistrate, Pattamundai, dated-26.08.2025, I, Sanjana Ojha, At/P.O.- Ainipada, P.S.- Pattamundai, Dist.- Kendrapara, Odisha declare that I have changed my name from Sanjana Samantsinghar to Sanjana Ojha. Henceforth, I shall be known as Sanjana Ojha for all purposes.
Sanjana Ojha D-2292

I, Rina Rani Samal (formerly Miss Sajani Rani Palai, D/o- Durjyadhan Palai), W/o- Kumud Charan Samal, holder of LIC Policy No.- 589504620, presently residing at Plot- 1009, Anand Vihar, Nayapalli, Bhubaneswar- 751012, earlier of Urunia, P.O.- Lunga, P.S.- Basudevpur, Dist.- Bhadrak- 756124, and later at Goramati, P.O.- Sabarang, Dist.- Bhadrak- 756123, declare both names refer to the same person. D-2298

By virtue of an affidavit in the Court of Executive Magistrate, Khaira, I, Debasmita Ghanta, W/o- Arun Kumar Jena of Vill- Sampei, P.S.- Khaira, Dist.- Balasore declare that in my Aadhaar Card my name has been recorded as Debasmita Ghanta but in my Husband's service regd (Military) my name has been mentioned as Debasmita Jena. Both the above names belongs to one & same person.
Debasmita Ghanta D-2300

By virtue of an affidavit sworn before the Executive Magistrate, Puri on dtd- 18.09.2025. I, Balaram Das, S/o- Bhima Das, resident of At- Gopalpur Road, P.O.- Baliguali, P.S.- Penthakata Marine, Dist.- Puri, PIN- 752002, Odisha declare that I have changed my name from Balaram Behera, S/o- Bhima Behera to Balaram das, S/o- Bhima Das. Henceforth, I shall be known as Balaram Das for all future purpose. D-2299

I, Lanka Prasanna Kumar, S/o- Lanka Purna Chandra Rao, presently residing at TRL Township, Belpahar, Dist.- Jharsuguda, Odisha, 768218 declared by this affidavit vide No.-12, Dtd.- 15.10.2025 that true and correct name of my wife is Lanka Sharmila Tagore and she will be known as Lanka Sharmila Tagore for all purpose. D-2297

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି (ସପ୍ତମ ବର୍ଷ)**



**ସ୍ୱର୍ଗତା ସ୍ନେହଲତା ମହାନ୍ତି**

ସ୍ୱାମୀ: ସ୍ୱର୍ଗତ ଗିରିଧାରୀ ମହାନ୍ତି
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା

ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆମର ଅନ୍ତର ସହିତ ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଏହି ପୁଣ୍ୟ ତିଥିରେ ଆମେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।

**-: ଶୋକସନ୍ତପ୍ତ :-**
**ବନ୍ଧୁ ଓ ପରିବାରବର୍ଗ।**

**ଧରିତ୍ରୀ DHARITRI**
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦରେ ଦେୟକୁ ନିମ୍ନରେ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ପଇଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ପଣ୍ୟ ପରିବହନରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ରେକର୍ଡ

ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ (ଏପ୍ରିଲ-ସେପ୍ଟେମ୍ବର ୨୦୨୫) ମଧ୍ୟରେ ପଣ୍ୟ ପରିବହନରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଏହି ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୫୨.୫୭ ମିଲିୟନ ଟନ୍ ପଣ୍ୟ ପରିଚାଳନା କରିଛି। ଏହି ସମୟ ମଧ୍ୟରେ ୮୨.୧୬ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଥିବାବେଳେ ୭୦.୪୧ ନିୟୁତ ଟନ୍ ପଣ୍ୟ ପରିବହନ ରେଳମଣ୍ଡଳର କ୍ଷେତ୍ରାଧିକାର ମଧ୍ୟରେ ନିକାଶନ କରାଯାଇଥିଲା। ପୂର୍ବ ଆର୍ଥିକ ବର୍ଷର ସମାନ ସମୟ (ଏପ୍ରିଲ-ସେପ୍ଟେମ୍ବର ୨୦୨୪) ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୪୮.୧୩ ନିୟୁତ ଟନ୍ ପଣ୍ୟ କାରବାର କରିଥିଲା, ଯେଉଁଥିରେ ୭୯.୨୫ ନିୟୁତ ଟନ୍ ବୋଝେଇ ଏବଂ ୬୮.୮୮ ନିୟୁତ ଟନ୍ ନିକାଶନ ଅନ୍ତର୍ଭୁକ୍ତ ଥିଲା। ଗତବର୍ଷର ସମାନ ସମୟ ତୁଳନାରେ ଏହି ମଣ୍ଡଳ ୮.୪୪ ନିୟୁତ ଟନ୍ ଅଧିକ ପଣ୍ୟ ପରିବହନ କରିଛି, ଯାହା ଗତ ବର୍ଷ ତୁଳନାରେ ୫.୭% ଅଭିବୃଦ୍ଧିକୁ ଦର୍ଶାଉଛି। ଏଥିରେ ପୂର୍ବ ବର୍ଷର ପ୍ରଦର୍ଶନ ତୁଳନାରେ ଲୋଡିଂରେ ୬.୧୧ ମିଲିୟନ ଟନ୍ (୮.୭% ଅଭିବୃଦ୍ଧି) ଏବଂ ଅପସାରଣରେ ୧.୫୩ ମେଟ୍ରିକ ଟନ୍ (୨.୨% ଅଭିବୃଦ୍ଧି) ଅନ୍ତର୍ଭୁକ୍ତ। ଗତ ବର୍ଷର ସମାନ ସମୟ ମଧ୍ୟରେ ୫୪.୩ ନିୟୁତ ଟନ୍ ତୁଳନାରେ ତାଳଚେର ଅଞ୍ଚଳ ସର୍ବାଧିକ ୫୭.୦ ମିଲିୟନ ଟନ୍ ପଣ୍ୟ ପରିବହନ ଅବଦାନ ରଖିଛି। ପାରାଦୀପ ଅଞ୍ଚଳରେ ୨୮.୧ ମିଲିୟନ ଟନ୍ ଲୋଡିଂରେ ଯଥେଷ୍ଟ ବୃଦ୍ଧି ଘଟିଛି, ଯାହା ଗତ ଆର୍ଥିକ ବର୍ଷରେ ୨୫.୨ ମିଲିୟନ ଟନ୍ ଥିଲା। ସେହିପରି ଧାମରା ବନ୍ଦର ଅଞ୍ଚଳ ୧୮.୩ ମେଟ୍ରିକ ଟନ୍ ପରିଚାଳନା କରିଥିଲା, ଯାହା ପୂର୍ବ ବର୍ଷରେ ୧୬.୫ ମିଲିୟନ ଟନ୍ ଥିଲା। ଗୋପାଳପୁର ବନ୍ଦର ଅଞ୍ଚଳ ୧.୫ ମେଟ୍ରିକ ଟନ୍ ଅବଦାନ ଦେଇଥିଲା ଯାହା ପୂର୍ବ ବର୍ଷରେ ୧.୩ ମିଲିୟନ ଟନ୍ ଥିଲା। ନୟାଗଡ଼-କେନ୍ଦୁଝର ଅଞ୍ଚଳ ୪.୮ ମେଟ୍ରିକ ଟନ୍ ପରିଚାଳନା କରିଥିଲା, ଯାହା ପୂର୍ବ ବର୍ଷରେ ୪.୫ ମେଟ୍ରିକ ଟନ୍ ଥିଲା। ଇସ୍ପାତ କାରଖାନାରୁ ପଣ୍ୟ ପରିବହନ ସ୍ଥିର ରହିଛି। ଏହା ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୧୪.୪ ମିଲିୟନ ଟନ୍ ପରିଚାଳିତ ହୋଇଥିଲା। ଏହା ସାମାନ୍ୟ ବୃଦ୍ଧି ପାଇ ୧୪.୫ ମିଲିୟନ ଟନ୍ ହୋଇଛି।

# ଟ୍ରେନରେ ବାଣ, ଦହନଶୀଳ ସାମଗ୍ରୀ ପରିବହନ ମନା

ଭୁବନେଶ୍ୱର,୧୬।୧୦ (ଅନୁରାଧା ମହାରଣା)

ଆସନ୍ତା ଦୀପାବଳିକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଟ୍ରେନରେ ବାଣ ଓ ଅନ୍ୟାନ୍ୟ ଦହନଶୀଳ ପଦାର୍ଥ ପରିବହନ ଉପରେ କଟକଣା ଲଗାଇବା ସହ ଏନେଇ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। ବାଣ, ଗ୍ୟାସ ସିଲିଣ୍ଡର, ଏସିଡ୍, ପେଟ୍ରୋଲ, କିରୋସିନ ଆଦି ଦହଶୀଳ ପଦାର୍ଥ ଟ୍ରେନରେ ବହନ କରିବା ରେଲୱେ ଆକ୍ଟ ୧୯୮୯ ଅନୁସାରେ ଗୁରୁତର ଅପରାଧ ଏବଂ ଏଥିପାଇଁ ଜରିମାନା କିମ୍ବା ୩ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ହୋଇପାରେ। ତେଣୁ ମଣ୍ଡଳ ରେଳପଥ ପ୍ରବନ୍ଧକ ସମସ୍ତ ଅଧିକାରୀଙ୍କୁ ସତର୍କ ନଜର ରଖିବା ସହ ଯାତ୍ରୀ ଓ ସାମଗ୍ରୀ ଯାଞ୍ଚ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ରେଳପଥ ସୁରକ୍ଷା ବଳ (ଆର୍‌ପିଏଫ୍) ଓ ସରକାରୀ

**ଯାଞ୍ଚ ଜୋରଦାର କରିବାକୁ ନିର୍ଦ୍ଦେଶ**

ରେଳପଥ ପୋଲିସ (ଜିଆର୍‌ପି)ଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାମଗ୍ରୀ ଓ ପାର୍ସଲ ଲୋଡିଂ ପୂର୍ବରୁ କଡ଼ା ଯାଞ୍ଚ କରାଯାଉଛି। ଏହା ସହିତ ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ଅଭିଯାନ ଚାଲୁ ହୋଇଛି। ରେଳ ଷ୍ଟେଶନଗୁଡିକରେ ଘୋଷଣା ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଉଛି। ରେଳ କର୍ମଚାରୀ, ଲିଜ୍ ହୋଲ୍ଡର, ପାର୍ସଲ, ପ୍ୟାଣ୍ଟ୍ରି କାର୍, ଖାଦ୍ୟ ଯୋଗାଣ କର୍ମଚାରୀ, କୁଲି, ଓବିଏଚ୍‌ଏସ୍ କର୍ମଚାରୀ ଓ ଅନ୍ୟ ଆଉଟସୋର୍ସ କର୍ମଚାରୀଙ୍କୁ ଦହନଶୀଳ ପଦାର୍ଥ ବହନ ବିଷୟରେ ଅବଗତ କରାଯାଇଛି। ଆର୍‌ପିଏଫ୍, ଜିଆର୍‌ପି ଓ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସହ ସଂଯୁକ୍ତ ଭାବେ ବିଶେଷ ଯାଞ୍ଚ ଅଭିଯାନ ଚାଲୁ ରହିଛି।

# ୫୧ ସରପଞ୍ଚ, ସମିତି ସଭ୍ୟ ଭାଜପାରେ ମିଶିଲେ

## ଏମ୍‌ପି ପ୍ରାର୍ଥୀ ଲମ୍ବୋଦର, ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାମିଲ

ନୂଆପଡ଼ା,୧୬।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲା ଖରିଆର ରୋଡ୍ ଗୋଡମା ଏୟାରଷ୍ଟ୍ରିପ ପଡିଆଠାରେ ଗୁରୁବାର ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ବିଧାୟକଙ୍କ ଉପସ୍ଥିତିରେ ଜିଲାର ଶତାଧିକ ବିଜେଡି କର୍ମକର୍ତ୍ତା ଭାଜପାରେ ଯୋଗ ଦେଇଛନ୍ତି। ବିଜେଡିର ତୁଙ୍ଗ ନେତା ଲମ୍ବୋଦର ନିଆଲ ଶଙ୍ଖ ଛାଡି ପଦ୍ମ ଧରିଛନ୍ତି। ସେ ବିଜେଡି ଟିକେଟରେ ୨୦୧୪, ୨୦୧୯ରେ ଖଡିଆଳ ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ହୋଇଥିବା ବେଳେ ୨୦୨୪ରେ କଳାହାଣ୍ଡି ଏମ୍‌ପି ପ୍ରାର୍ଥୀ ହୋଇଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଅନ୍ୟ ଦଳର କର୍ମକର୍ତ୍ତା ଭାଜପାରେ ସାମିଲ ହେଉଛନ୍ତି।

ସେହିପରି ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁଙ୍କ ସମେତ ନୂଆପଡ଼ା ଓ କୋମନା ବ୍ଲକର ୫୧ ଜଣ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଭାଜପାରେ ଯୋଗ ଦେଇଛନ୍ତି । ଏହି ସମୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ, ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ଜିଲା ସଭାପତି କମଲେଶ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ ।

# ଦାରିଦ୍ର୍ୟରେ ଥିବା ପରିବାର ପାଇଁ ସମ୍ମାନଜନକ ବ୍ୟବସ୍ଥା

ପ୍ରତିବର୍ଷ ଅକ୍ଟୋବର ୧୭ରେ ପାଳନ ହୋଇଆସୁଛି ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ। ଏହି ଦିବସ ଦାରିଦ୍ର୍ୟରେ ବାସ କରୁଥିବା ଲୋକଙ୍କର ବ୍ୟାପକ ସମାଜ ମଧ୍ୟରେ ବୁଝାମଣା ଏବଂ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖେ। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟରେ ଉଲ୍ଲେଖ କରାଯାଇଥିବା ତଥ୍ୟ ଅନୁସାରେ, ୨୦୩୦ ସୁଦ୍ଧା ସବୁଠି ସମସ୍ତ ଲୋକଙ୍କ ପାଇଁ ଚରମ ଦାରିଦ୍ର୍ୟ ଦୂରକରିବା। କ୍ଷୁଧାରୁ ମୁକ୍ତି, ଅସୁରକ୍ଷିତ ବାସସ୍ଥାନ ଏବଂ ବିପଜ୍ଜନକ କାର୍ଯ୍ୟ ପରିସ୍ଥିତି ଅନ୍ତର୍ଭୁକ୍ତ ସହ ସମ୍ମାନର ଜୀବନ ପ୍ରଦାନକରି ଦାରିଦ୍ର୍ୟରେ ବଞ୍ଚୁଥିବା ଲୋକଙ୍କ ଅନୁପାତକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବା। ଏଥିସହ ଏହା ଏକ ସ୍ଥାୟୀ ଭବିଷ୍ୟତକୁ ପ୍ରୋତ୍ସାହିତକରେ ଯେଉଁଠାରେ ଭବିଷ୍ୟତ ପିଢ଼ିର ନିଜସ୍ୱ ଆବଶ୍ୟକତା ପୂରଣ କରିବାର କ୍ଷମତାକୁ କ୍ଷତି ନ ପହଞ୍ଚାଇ ବର୍ତ୍ତମାନର ଆବଶ୍ୟକତା ପୂରଣ ହୁଏ। ସୂଚନାଯୋଗ୍ୟ, ୧୯୮୭ ଅକ୍ଟୋବର ୧୭ରେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ଆରମ୍ଭ ହୋଇଥିଲା, ଯେତେବେଳେ ଦାରିଦ୍ର୍ୟର ଶିକାର ହୋଇଥିବା ଲୋକଙ୍କୁ ସମ୍ମାନିତ କରିବା ଏବଂ ଦାରିଦ୍ର୍ୟକୁ ମାନବାଧିକାରର ଉଲ୍ଲଂଘନ ଘୋଷଣା କରିବା ପାଇଁ ପ୍ୟାରିସ୍‌ଠାରେ ୧ଲକ୍ଷରୁ ଅଧିକ ଲୋକ ଏକତ୍ରିତ ହୋଇଥିଲେ। ତେବେ ୧୯୯୨ ମସିହାରେ ଜାତିସଂଘ ସାଧାରଣ ସଭା ଆନୁଷ୍ଠାନିକ ଭାବରେ ୧୭ ଅକ୍ଟୋବରକୁ ବିଶ୍ୱବ୍ୟାପୀ ଦାରିଦ୍ର୍ୟ ବିରୋଧରେ ସଚେତନତା ସୃଷ୍ଟି ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦିବସ ଭାବରେ ନାମିତ କରିଥିଲା। ଚଳିତବର୍ଷ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ଲାଗି ବିଷୟବସ୍ତୁ ରହିଛି 'ପରିବାର ପ୍ରତି ସମ୍ମାନ ଓ ପ୍ରଭାବଶାଳୀ ସମର୍ଥନ' ସୁନିଶ୍ଚିତକରି ସାମାଜିକ ଏବଂ ସାଂଗଠନିକ ଦୁର୍ବ୍ୟବହାରର ଅନ୍ତ ଘଟାଇବା। ଏହା ଦାରିଦ୍ର୍ୟରେ ଥିବା ପରିବାରଗୁଡ଼ିକୁ ଦଣ୍ଡ ଦେଉଥିବା କିମ୍ବା ଦୁର୍ବ୍ୟବହାର କରୁଥିବା ବ୍ୟବସ୍ଥାଗୁଡ଼ିକୁ ଭାଙ୍ଗିବା ଏବଂ ସେମାନଙ୍କୁ ସମ୍ମାନଜନକ ଓ ସହାୟକ ବ୍ୟବସ୍ଥା ସହ ବଦଳାଇବା ଉପରେ ଗୁରୁତ୍ୱାରୋପ କରେ।

**ଆଜି ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ**



# ୨ ବ୍ଲକ୍, ୨ ଏନ୍‌ଏସି ଦାୟିତ୍ୱ ୫୨ ନେତାଙ୍କୁ ବାଣ୍ଟିଲା ବିଜେଡି

ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ଲାଗି ବିଜେଡି ପକ୍ଷରୁ ଦଳୀୟ ନେତାମାନଙ୍କୁ ଗୁରୁବାର ଦାୟିତ୍ୱ ବଣ୍ଟାଯାଇଛି। ଏନେଇ ଦଳ ପକ୍ଷରୁ ବିଳମ୍ବିତ ସନ୍ଧ୍ୟାରେ ଦାୟିତ୍ୱ ପାଇଥିବା ନେତାଙ୍କ ତାଲିକା ପ୍ରକାଶ ପାଇଛି। ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ୨ଟି ବ୍ଲକ ଏବଂ ୨ଟି ଏନ୍‌ଏସି ଦାୟିତ୍ୱ ୫୨ଜଣ ନେତାଙ୍କ ଭିତରେ ବଣ୍ଟାଯାଇଛି। ନୂଆପଡ଼ା ବ୍ଲକ ଦାୟିତ୍ୱ ୧୮ ଜଣଙ୍କୁ ଦିଆଯାଇଛି। ସେମାନଙ୍କ ମଧ୍ୟରେ ନିରଞ୍ଜନ ପୂଜାରୀ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଦିବ୍ୟ ଶଙ୍କର ମିଶ୍ର, ପ୍ରୀତି ରଞ୍ଜନ ଘଡ଼େଇ, ଧ୍ରୁବ ସାହୁ, ମନୋହର ରନ୍ଧାରୀ, ପ୍ରଦୀପ ଦିଶାରୀ, ତୁଷାରକାନ୍ତି ବେହେରା, ବ୍ରଜ କିଶୋର ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ସାରଦା ପ୍ରସନ୍ନ ଜେନା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସୁଦର୍ଶନ ହରିପାଲ, ପ୍ରଶାନ୍ତ କୁମାର ବେହେରା, ଦେବୀ ରଞ୍ଜନ ତ୍ରିପାଠୀ ଏବଂ ନୀହାର ରଞ୍ଜନ ବେହେରାଙ୍କୁ ଦିଆଯାଇଛି। ନୂଆପଡ଼ା ଏନ୍‌ଏସି ଦାୟିତ୍ୱରେ ୮ ଜଣ ରହିଛନ୍ତି। ସେଥିରେ ଅତନୁ ସବ୍ୟସାଚୀ ନାଏକ, ସାରଦା ପ୍ରସାଦ ନାଏକ, ଦେବେଶ ଆଚାର୍ଯ୍ୟ, ମନୋରମା ମହାନ୍ତି, ଦିପାଲୀ ଦାସ, ଆୟୁବ ଖାନ, ରିତା ସାହୁ, ସ୍ୱରୂପ ଦାସ ରହିଛନ୍ତି। ସେହିପରି କୋମନା ବ୍ଲକ ଦାୟିତ୍ୱରେ ପ୍ରଣବ ପ୍ରକାଶ ଦାସ, ପ୍ରତାପ ଦେବ, ଅଧୀରାଜ ପାଣିଗ୍ରାହୀ, ପୁଷ୍ପେନ୍ଦ୍ର ସିଂହଦେଓ, ଯୋଗେଶ ସିଂ, ରବି ନନ୍ଦ, ପ୍ରଦୀପ ମାଝୀ, ନଳିନୀକାନ୍ତ ପ୍ରଧାନ, ବ୍ୟୋମକେଶ ରାଏ, ସୁଶାନ୍ତ କୁମାର ରାଉତ, ସୁଭାଶିଷ ଖୁଣ୍ଟିଆ, ଜଗନ୍ନାଥ ସାରକା, ସରୋଜ ମେହେର, ବିଶ୍ୱରଞ୍ଜନ ମଲ୍ଲିକ, ଅବିନାଶ ସାମଲ, ଈଶ୍ୱର ପାଣିଗ୍ରାହୀ, ରୋହିତ ଯୋଶେଫ ତିର୍କି ଏବଂ ଉମାକାନ୍ତ ସାମନ୍ତରାୟ ରହିଛନ୍ତି। ଖରିଆର ରୋଡ୍ ଏନ୍‌ଏସି ଦାୟିତ୍ୱରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିକ୍ରମ ପଣ୍ଡା, କଳିକେଶ ନାରାୟଣ ସିଂଦେଓ, ସୌଭିକ ବିଶ୍ୱାଳ, ଗୌତମ ବୁଦ୍ଧ ଦାସ, ପ୍ରଶାନ୍ତ ମୁଦୁଲି ଏବଂ ରୁଦ୍ର ପ୍ରସାଦ ମହାରଥୀ ରହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ନୂଆପଡ଼ାର ବିକାଶ ...

ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀ ନ ମିଳିବାରୁ ବରଗଡ଼ ଜିଲାରୁ ପ୍ରାର୍ଥୀ ଆଣି ଛିଡ଼ା କରିଛି। ନୂଆପଡ଼ାର କର୍ମକର୍ତ୍ତାଙ୍କ ଉପରେ ବିଶ୍ୱାସ ନ ଥିବାରୁ ବାହାର ଜିଲାରୁ ପ୍ରାର୍ଥୀ ଆଣିଛନ୍ତି। ଯେଉଁଠୁ ପ୍ରାର୍ଥୀ ଆଣିଲେ ମଧ୍ୟ ନୂଆପଡ଼ା ଉପନିର୍ବାଚନରେ ପଦ୍ମ ଫୁଟିବ। ପୂର୍ବତନ ବିଧାୟକ ସ୍ୱର୍ଗତ ଢୋଲକିଆ ଓ ପୂର୍ବତନ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଉଭୟ ଦଳର ସଂଗଠନକୁ ମଜଭୁତ କରି ରଖିଥିଲେ। ଉଭୟଙ୍କ ସଙ୍ଗଠନ ଏକାଠି ମିଶିଗଲେ ଭାଜପା ଆହୁରି ମଜଭୁତ ହୋଇଯିବ। ବର୍ତ୍ତମାନ ନୂଆପଡ଼ାରେ ବିଜେଡି ନାହିଁ। ଢୋଲକିଆଙ୍କ ଅନୁସାରେ ଦଳ ରହିଥିଲା। ସ୍ୱର୍ଗତ ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ଯୋଗଦାନ କରିବା ପରେ ବିଜେଡିର ସମସ୍ତ କର୍ମକର୍ତ୍ତା ଭାଜପାରେ ଯୋଗଦାନ କରୁଛନ୍ତି। ପ୍ରାର୍ଥୀ ଜୟ ଢୋଲକିଆ ବହୁମତରେ ବିଜୟୀ ହେବେ। ୨୦୩୬ ପର୍ଯ୍ୟନ୍ତ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିବା ସହ ନୂଆପଡ଼ାକୁ ବିକାଶଶୀଳ ଜିଲାରେ ପରିଣତ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ସମାବେଶରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ସୁରେଶ ପୂଜାରୀ, ମୁକେଶ ମହାଲିଙ୍ଗ, ବିଭୂତି ଭୂଷଣ ଜେନା, କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ପ୍ରଦୀପ ପୁରୋହିତ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜୟନାରାୟଣ ମିଶ୍ର, ଆକାଶଦାସ ନାୟକ, ବାବୁ ସିଂ, ଇରାଶିଷ ଆଚାର୍ଯ୍ୟ, ଲିକୁ ସାହୁ, ପୂର୍ବତନ ବିଧାୟକ ନାଉରି ନାଏକ, କୁସୁମ ଟେଟେ, ସ୍ୱର୍ଗତ ଢୋଲକିଆଙ୍କ ପତ୍ନୀ କଳ୍ପନା ଢୋଲକିଆଙ୍କ ସମେତ ଜିଲା ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲା ସଭାପତି କମଲେଶ ଦୀକ୍ଷିତ ମଞ୍ଚ ପରିଚାଳନା କରିଥିଲେ।

## ପଦାଧିକାରୀ ତାଲିକା ...

ରାଓ, ଶିବାଜୀ ମହାନ୍ତି, ଭବେନ୍ଦ୍ର କୁମାର ପଣ୍ଡା, ସିପ୍ରା ବାଜପେୟୀ, ସୁଦର୍ଶନ ଗୋଏଲ ଏବଂ ବିଷ୍ଣୁ ଦାସ ରହିଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ବିରଞ୍ଚି ନାରାୟଣ ତ୍ରିପାଠୀ,ସାରଦା ପ୍ରସାଦ ଶତପଥୀ, ସୀମାଞ୍ଚଳ ଖଟେଇ ଏବଂ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାଏକଙ୍କୁ ନିଯୁକ୍ତି ଦିଆଯାଇଛି। ସମ୍ପାଦକ ଭାବେ ସରୋଜ କୁମାର କର, କାଳନ୍ଦୀ ସାମଲ, ସ୍ମୃତି ପଟ୍ଟନାୟକ, ପ୍ରୀତିପ୍ରତିଭା ଭୋଳ, ଭଗବାନ ମହାନ୍ତି, ପିଙ୍କି ପ୍ରଧାନ, ରାମଚନ୍ଦ୍ର ହାଁସଦା, ମମତା ସିଂ, ପୃଥ୍ୱୀରାଜ ମହାପାତ୍ର, ସ୍ମିତା ପ୍ରଧାନ ନିଯୁକ୍ତି ପାଇଛନ୍ତି। କୋଷାଧ୍ୟକ୍ଷ ଭାବେ ଅଜୟ କୁମାର ଅଗ୍ରୱାଲ ଏବଂ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଦିବାକର ହରିଚନ୍ଦନଙ୍କୁ ନୂଆ ଦାୟିତ୍ୱ ମିଳିଛି। ଏହି ପଦପଦବୀ ଲାଗି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଅନୁମୋଦନ କରିଥିବା ବେଳେ ଦଳର ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତିଙ୍କ ଦସ୍ତଖତରେ ବିଜ୍ଞପ୍ତି ଜାରି କରାଯାଇଛି।

## ଅନ୍ଧାରରେ ରାଜ୍ୟର ...

ସେବା ଶତପ୍ରତିଶତ ପହଞ୍ଚିଛି ବୋଲି ପ୍ରମାଣପତ୍ର ଗ୍ରହଣ କରିବା ଲାଗି ସଚିବ ନାୟାର ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ମୋବାଇଲ ନେଟ୍‌ୱର୍କ ସେବା ଏବେ ସୁଦ୍ଧା ୫୧% ରହିଛି। ଅଦ୍ୟାବଧି ୪୯% ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ପହଞ୍ଚି ପାରିନାହିଁ। ତେବେ ୨୧ଟି ଅଞ୍ଚଳରେ ଏପର୍ଯ୍ୟନ୍ତ ସର୍ଭେ ହୋଇନାହିଁ। ୫ଟି ଗ୍ରାମର ସ୍ଥିତି ନେଇ ତଥ୍ୟରେ ତାଳମେଳ ନାହିଁ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ, କେନ୍ଦୁଝର ଓ କନ୍ଧମାଳ ଜିଲାରେ ବିଶେଷ ଧ୍ୟାନ ଦେବା ଲାଗି ସଚିବ ପରାମର୍ଶ ଦେଇଛନ୍ତି। ସଚିବ ନାୟାର ଦର୍ଶାଇଛନ୍ତି, ରାଜ୍ୟରେ ୭୬ଟି ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରାବାସ ନିର୍ମାଣକୁ ଅନୁମୋଦନ କରାଯାଇଛି। ସେଥିମଧ୍ୟରୁ ୬ଟିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି, କିନ୍ତୁ ବାକି ଜିଲାଗୁଡ଼ିକ ଯଥା– ଢେଙ୍କାନାଳ, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା ଓ ସୁନ୍ଦରଗଡ଼ରେ କାମ ଆରମ୍ଭ ହୋଇନାହିଁ। ସମସ୍ତ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ଯେପରି ମାର୍ଚ୍ଚ ୨୦୨୬ ପୂର୍ବରୁ ସମାପ୍ତ ହେବ, ସେ ଦିଗରେ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରିବା ଲାଗି ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଭାଜପାକୁ ଘାରିଛି କଂଗ୍ରେସ ଭୟ: ଅରବିନ୍ଦ

ଭୁବନେଶ୍ୱର,୧୬।୧୦ (ରବିନାରାୟଣ ଜେନା)

ବିଜେଡି–ଭଜପା ଭାଇଭାଇ। ଏକଥା ପୁଣିଥରେ ନୂଆପଡ଼ା ଉପନିର୍ବାଚନରେ ପ୍ରାର୍ଥୀ ଘୋଷଣାରୁ ଜଣାଯାଇଛି ବୋଲି ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି। ଗୁରୁବାର ଅରବିନ୍ଦ କହିଛନ୍ତି, ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ାର ରାଜନୈତିକ ସଭାରେ କହିଛନ୍ତି, ଏଥର ଲଢ଼େଇ କଂଗ୍ରେସ ସହ ହେଉଛି। ବିଜେଡି ତୃତୀୟ ନମ୍ବରରେ ରହିବ। ମୁଖ୍ୟମନ୍ତ୍ରୀଙ୍କ କଥାରୁ କଂଗ୍ରେସ ପ୍ରାର୍ଥୀ ଆଗୁଆ ଥିବା ନେଇ ଭାଜପା ଆକଳନ କରିଛି। ସେ କହିଛନ୍ତି, କେବଳ କଂଗ୍ରେସକୁ ହରାଇବା ପାଇଁ ହିଁ ଦୁଇଦଳ ମିଳିତ ରଣନୀତି କରୁଛନ୍ତି। ପ୍ରଥମେ ଭାଜପା ଜଣେ ଯୋଗ୍ୟ ପ୍ରାର୍ଥୀ ନ ପାଇବାରୁ ବିଜେଡିରୁ ଜୟ ଢୋଲକିଆଙ୍କୁ ଘୋଡ଼ାବେପାର କରି ଛଡ଼ାଇ ନେଇ ପ୍ରାର୍ଥୀ ଘୋଷଣା କଲା। ତେବେ ଏହି ତ୍ରିକୋଣୀୟ ପ୍ରତିଦ୍ୱନ୍ଦ୍ୱିତାରେ କଂଗ୍ରେସର ବିଜୟ ସୁନିଶ୍ଚିତ ହେବ। କଂଗ୍ରେସର ଘାସିରାମ ମାଝୀ ଏକମାତ୍ର ପ୍ରାର୍ଥୀ, ଯାହାଙ୍କୁ କି ନୂଆପଡ଼ା ମାଟିର ପୁଅ ବୋଲି କୁହାଯାଇପାରେ। ଏହି ଦକ୍ଷ ଆଦିବାସୀ ଆଇନଜୀବୀ ଅତୀତରେ ୫ ଥର ବିଧାନସଭା ନିର୍ବାଚନ ହାରିଥିଲେ ମଧ୍ୟ ପ୍ରତିଥର ତାଙ୍କ ଭୋଟ ପରିମାଣ ବଢ଼ିଛି। ୨୦୨୪ରେ ୫୦ ହଜାର ୯୪୧ ଭୋଟ ପାଇଥିଲେ ବୋଲି ଅରବିନ୍ଦ କହିଛନ୍ତି।

# ୧୮ରେ ପ୍ରାର୍ଥୀପତ୍ର ଦାଖଲ କରିବେ ଜୟ

ନୂଆପଡ଼ା,୧୬।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ଲାଗି ଚଳିତମାସ ୧୩ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ହେଲେ ଗୁରୁବାର ସୁଦ୍ଧା ଜଣେ ହେଲେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ଚତୁର୍ଥ ଦିନ ସୁଦ୍ଧା ୧୪ ଜଣ ପ୍ରାର୍ଥୀ ୧୫ ଗୋଟି ଫର୍ମ କ୍ରୟ କରିଛନ୍ତି। ଗୁରୁବାର ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ବିଶାଳ ପଟୁଆରାରେ ଆସି ପ୍ରାର୍ଥୀପତ୍ର ଦାଖଲ କରିବାର ଥିଲା। ହେଲେ କୌଣସି କାରଣବଶତଃ ସେ ପ୍ରାର୍ଥୀପତ୍ର ଦାଖଲ କରିନାହାନ୍ତି। ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ, ଗୁରୁଙ୍କ ଆଦେଶ କ୍ରମେ ୧୮ ତାରିଖ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଜଣାପଡିଛି। ବାପା ବିଧାୟକ ହୋଇ ଜିଲାର ବିକାଶ ପାଇଁ କାର୍ଯ୍ୟ କରିବା ସହ ଲୋକଙ୍କ ସେବା କରୁଥିଲେ। ଜନତା ଜନାର୍ଦ୍ଦନ ଆଶୀର୍ବାଦ କଲେ ବାପାଙ୍କ ଅଧୁରା ସ୍ୱପ୍ନ ପୂରା କରିବି ବୋଲି ଜୟ କହିଥିଲେ।

# ଭାନୁ ପ୍ରତାପଙ୍କ ବହିଷ୍କାର ପ୍ରତ୍ୟାହାରକଲା ବିଜେଡି

ଭୁବନେଶ୍ୱର, ୧୬।୧୦(ସୁନିତ୍ ମିଶ୍ର)

ନୂଆପଡ଼ାକୁ ନେଇ ଏବେ ସବୁ ଦଳରେ ରାଜନୀତି ଜୋର୍ ଧରିବାରେ ଲାଗିଛି। ସବୁ ଦଳରେ ଏବେଠାରୁ ଦଳଡିଆଁ ପର୍ବ ମଧ୍ୟ ଆରମ୍ଭ ହୋଇଯାଇଛି। ନୂଆପଡ଼ା ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀଙ୍କୁ ଦଳ ପକ୍ଷରୁ ପୂର୍ବରୁ ବହିଷ୍କାର କରାଯାଇଥିଲା। ହେଲେ ଏହି ବହିଷ୍କାର ଆଦେଶକୁ ଗୁରୁବାର ପ୍ରତ୍ୟାହାର କରି ନିଆଯାଇଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତରେ ଜିଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଭାନୁ ପ୍ରତାପଙ୍କ ବହିଷ୍କାର ପ୍ରତ୍ୟାହାର କରାଯାଇଛି। ବହିଷ୍କାର ପ୍ରତ୍ୟାହାର ପରେ ଶଙ୍ଖ ଭବନଠାରେ ମାଝୀଙ୍କୁ ଦଳ ତରଫରୁ ସ୍ୱାଗତ କରାଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ଭାନୁ ପ୍ରତାପ କହିଛନ୍ତି, ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ଏବଂ ନବୀନବାବୁଙ୍କ ନେତୃତ୍ୱରେ ସେ ଦୀର୍ଘଦିନ ଧରି ପ୍ରଥମେ ଜନତା ଦଳ ଏବଂ ପରେ ବିଜେଡିରେ କାର୍ଯ୍ୟ କରିଆସୁଛନ୍ତି। ଦଳରୁ ବହିଷ୍କୃତ ହୋଇଥିଲେ ମଧ୍ୟ କୌଣସି ଅନ୍ୟ ଦଳରେ ଯୋଗଦେଇ ନ ଥିଲେ। ନିଜ ଘରକୁ ଫେରି ସେ ଆନନ୍ଦିତ।

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୨୦ ତାରିଖ: ୧୫।୧୦।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୩ (ତିନି) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ–ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍–କେଜିପି–୨୫–୨୦, ଇ-ନିଲାମ ତାରିଖ: ୩୧।୧୦।୨୦୨୫ । ନିଲାମ ଆରମ୍ଭ ସମୟ: ୧୦.୦୦ ଘଟିକା। ନିଲାମ ସମାପ୍ତି ସମୟ: ୧୭.୩୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ–ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-728) ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ସିଓଏନ୍), ଦକ୍ଷିଣ ପୂର୍ବ ରେଳପଥ, ରାଉରକେଲା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୦୨-ଟେଣ୍ଡର-ଇଏଲ୍‌ସିଓଏନ୍-ସିକେପି-୨୫-୨୬, ତାରିଖ: ୧୫।୧୦।୨୦୨୫। କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଚକ୍ରଧରପୁର ମଣ୍ଡଳରେ ଏମ୍‌ସିଏଲ୍ ଡିପୋଜିଟ୍ କାର୍ଯ୍ୟ ପାଇଁ ବରପାଲି ଲୋଡିଂ ବଲ୍‌ବ ଲାଇନ୍ (୪୭.୭୦ କିମି)ଠାରେ ୨୫ କେଭି ଓଏଚ୍‌ଇର ଯୋଗାଣ, ଉତ୍ଥାପନ, ପରୀକ୍ଷଣ ଓ କମିଶନିଂ । ମୂଲ୍ୟ: ₹୨୪,୮୬,୨୩,୦୧୨ । ବିଡ୍ ଅମାନତ: ₹୧୩,୯୩,୧୦୦ । ସମାପ୍ତି ଅବଧି: ୧୮ (ଅଠର) ମାସ । ଧାର୍ଯ୍ୟ ତାରିଖ: ୧୪।୧୧।୨୦୨୫ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-731)

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752,
e-mail Id-juidcolimited@gmail.com

NIT No.: JUIDCO/NIT/H to B/Road/RNC/671
Date- 16.10.2025

**e-Procurement (Tender Notice)**

| | | |
|---|---|---|
| 1 | Name of Work | Resurfacing/ Refurbishing work of Road from Hinoo Chowk to Birsa Chowk in Ranchi Jharkhand. |
| 2 | Mode of Bid Submission | e-tendering (http://jharkhandtenders.gov.in) |
| 3 | Estimated Cost (Rs.) | Rs. 6,94,39,040.00/- (Rupees Six Crore Ninety-Four Lakhs, Thirty-Nine Thousand, Fourty) only. |
| 4 | Time of Completion | 06 Months |
| 5 | Tender Fee and Bid Security to be submitted online | Tender document fee: Rs 25,000/- (Rupees Twenty-Five Thousand) only. **Non-Refundable.** Bid Security: Rs 6,95,000.00/- (Rupees Eight Lakhs Thirty-Seven Thousand) only |
| 6 | Date/Time of Publication of Tender on Website | 17.10.2025 at 15:00 Hrs. |
| 7 | Last Date/Time of Bid Submission | 07.11.2025 at 17:00 Hrs. |
| 8 | Date/Time of opening of Bid | 10.11.2025 at 17:00 Hrs. |
| 9 | Bid Submission Address | Jharkhand Urban Infrastructure Development Company Limited, JUIDCO Bhawan, Kutchery Chowk, Ranchi, Jharkhand- 834001 |
| 10 | Helpline Number of e-procurement Cell | 0651-2225878 |

Further details can be seen on website http://jharkhandtenders.gov.in

Sd/-
Project Director (Technical)
JUIDCO Ltd, Ranchi

PR 364300 (Urban Development)25-26*D

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**AUL EMBANKMENT DIVISION, AUL**
Dist : Kendrapara, Odisha - 754219
Tel/Fax : 06729-295188, Mail id : aulembankment@gmail.com

**'e' Procurement Notice No. AUL-14 OF 2025-26**

1. No. of the work : **47 no. Flood Control & Road works.**
2. Tender Cost : Varies from ₹ 39,67,360.00 to ₹ 83,92,152.00
3. Bid Document Cost : Rs.6000.00 to 10000.00
4. Bid Security : Varies from Rs.39,700.00 to 84,000.00
5. Class of Contractor : C & B Class
6. Period of Completion : Six calendar months
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2025-26 To AUL 47 of 2025-26 (47 nos. work) | **18.10.2025** 10.00 A.M. | **27.10.2025** 5.00 P.M. | **28.10.2025** 11.00 A.M. |

8. e-mail Id : aulembankment@gmail.com
9. **If required Lottery will be held on dtd.18.11.2025 at 11.00 A.M.**

Further detail conditions can be seen from the Govt. website www.tendersodisha.gov.in

Sd./- Superintending Engineer
Aul Embankment Division
Aul

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ,
ଭୁବନେଶ୍ୱର – 751 001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନର ପ୍ରଥମ ତଳ ପୋର୍ଟିକୋ ସାମ୍ନା ବାମ କୋଣରେ ନୋମିନାଲ ସାଇଜ 15 ଫୁଟ୍ x 9 ଫୁଟ୍ ର ପି4 କିମ୍ବା ତାହାଠାରୁ ଭଲ ସଂପୂର୍ଣ୍ଣ ରଙ୍ଗିନ୍ ଆଉଟଡୋର୍ ଏକ୍ଟିଭ୍ ଏଲଇଡି ଭିଡିଓ ୱାଲର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କାର୍ଯ୍ୟକ୍ଷମତା ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ନଭେମ୍ବର 10, 2025 ଅପରାହ୍ନ 02:00 ଟା ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**e-Procurement Cell**
**Executive Engineer, National Rural Employment Programme, Ranchi**
**JHARKHAND, RANCHI**

**Very Short Term e-Procurement Notice**
**Tender Reference No.16/2025-26**

| Sl. No | Name of Scheme | Estimated Amount (Lac) | Earnest Money (Lac) | BoQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | Construction of New Class Room 10 ACR with Hall cum library Room at the campus of KGBV CM SOE Namkum Ranchi | 191.02900 | 3.85 | 10000.00 | 12 month | कार्य के अनुरूप |
| 2 | Construction of 6 ACR in Kasturba Gandhi Balika Vidyalaya Under Silli Block | 74.48300 | 1.50 | 10000.00 | 12 month | कार्य के अनुरूप |
| 3 | Construction of 6 ACR in Jharkhand Residential Girls School Under Rahe Block | 74.48300 | 1.50 | 10000.00 | 12 month | कार्य के अनुरूप |

| | | |
|---|---|---|
| 3 | Date of Publication of Tender on Website | 17.10.2025 at 9:00 AM |
| 4 | Start Date of Submission of Bids | 17.10.2025 at 11:00 AM |
| 5 | Last Date/Time of Submission of Bids | 01.11.2025 at 11:00 AM |
| 6 | Date/Time of opening of Bid | 03.11.2025 at 2:00 PM |
| 7 | Name & Address of office Inviting tender e-Procurement Cell, | National Rural Employment Programme, Ranchi. |
| 8 | Helpline Number of e-procurement Cell | 94727-45569 |

Any change can be seen on Website *http:// Jharkhandtenders.gov.in.*
*Any other information can be seen on http:// Jharkhandtenders.gov.in.*

PR 364277 (NREP) 25-26 (D)

Nodal Officer
e-Procurement Cell
Executive Engineer, National Rural Employment Program me, Ranchi

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ Bhubaneswar, Friday, October 17/ 2025

# ଓଡ଼ିଶା ଇନିଂସ ୨୭୧ରେ ସୀମିତ

**ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)**



ଓଡ଼ିଶା ଓ ବରୋଦା ମଧ୍ୟରେ ଚାଲିଥିବା ମ୍ୟାଚ୍‌ର ଏକ ମୁହୂର୍ତ୍ତ।

ଚଳିତ ରଣଜୀ ଟ୍ରଫି ସିଜନ ଆରମ୍ଭରୁ ଓଡ଼ିଶାର ଦଳଗତ ବ୍ୟାଟିଂ ବିଫଳତା ପରିଲକ୍ଷିତ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ବରୋଦା ବିପକ୍ଷ ରଣଜୀ ମ୍ୟାଚରେ ଏକଦା ୫ ଉଇକେଟ ହରାଇ ୨୫୦ ରନ କରିଥିବା ଓଡ଼ିଶା ଦଳର ପ୍ରଥମ ଇନିଂସ ୨୭୧ ରନ୍‌ରେ ସୀମିତ ରହି ଯାଇଛି। ଅର୍ଥାତ୍ ଅବଶିଷ୍ଟ ୨୧ ରନ ମଧ୍ୟରେ ଦଳ ୫ ଉଇକେଟ ହରାଇଛି। ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ବରୋଦା ପ୍ରଥମ ଇନିଂସରେ ୨

**ରଣଜୀ ଟ୍ରଫି**

**ବରୋଦା: ୧୨୭/୨**

ଉଇକେଟ ହରାଇ ୧୨୭ ରନ କରିଛି। ଜ୍ୟୋସ୍ନିଲ ସିଂ ୧୨ ଓ ଶାଶ୍ୱତ ରାଓ୍ୱତ ୮ ରନକରି ଆଉଟ ହୋଇଥିବାବେଳେ ଶିଭାଲିକ ଶର୍ମା ୭୫ ଓ ସୁକୀର୍ତ୍ତ ପାଣ୍ଡେ ୩୨ ରନରେ ଅପରାଜିତ ରହିଛନ୍ତି। ବରୋଦା ଇନିଂସରେ ୬୧ ଓଭର ଖେଳ ହୋଇଥିଲେ ମଧ୍ୟ ଓଡ଼ିଶାର କୌଣସି ସ୍ପେଶାଲିଷ୍ଟ ବୋଲର ଗୋଟିଏ ହେଲେ ଉଇକେଟ ପାଇ ନାହାନ୍ତି। ଜ୍ୟୋସ୍ନିଲ ରନ୍‌ଆଉଟ ହୋଇଥିବାବେଳେ ଅନ୍ୟ ଉଇକେଟଟି ସାମୟିକ ବୋଲର ଗୋବିନ୍ଦ ପୋଦ୍ଦାର ହାସଲ କରିଛନ୍ତି। ୮ ଉଇକେଟ ସୁରକ୍ଷିତ ଥିବାବେଳେ ବରୋଦା ଓଡ଼ିଶାର ପ୍ରଥମ ଇନିଂସ ସ୍କୋରଠାରୁ ଆଉ ୧୪୪ ରନ ପଛରେ ରହିଛି।

### ଧୂପର ଶତକରୁ ବଞ୍ଚିତ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୦୫/୫ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ଦିବସରେ ଆଉ ୬୬ ରନ ଯୋଗ କରିବାକୁ ସକ୍ଷମ ହୋଇଥିଲା। ଆତ୍ମବିଶ୍ୱାସର ସହ ଖେଳିଥିବା ରାଜେଶ ଧୂପର ଶତକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ସେ ୨୫୨ଟି ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ଓ ୨ ଛକା ସହାୟତାରେ ୯୪ ରନ କରିଥିବାବେଳେ ଅତୀତ ସେଠ୍‌ଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ ହୋଇଯାଇଥିଲେ। ଉଇକେଟ କିପର ଆଶୀର୍ବାଦ ସ୍ୱାଇଁ ୨୨ ରନର ଯୋଗଦାନ ଦେଇଥିବାବେଳେ ଲୋୟର ଅର୍ଡରରେ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବରୋଦା ବୋଲରଙ୍କ ମଧ୍ୟରେ ଅତୀତ ସେଠ୍ ୪ଟି, ରସିଖ ସଲାମ ୩ଟି, ଭାର୍ଗବ ଭଟ୍ଟ ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୧/ଅଲ୍‌ଆଉଟ (ରାଜେଶ ଧୂପର–୯୪, ଶୁଭ୍ରାଂଶୁ ସେନାପତି–୭୯, ଅତୀତ ସେଠ୍–୪/୬୭, ରସିଖ ସଲାମ–୩/୬୬, ଭାର୍ଗବ ଭଟ୍ଟ–୨/୬୨)। ବରୋଦା ପ୍ରଥମ ଇନିଂସ: ୧୨୭/୨ (ଶିଭାଲିକ ଶର୍ମା–୭୫*, ସୁକୀର୍ତ୍ତ ପାଣ୍ଡେ–୩୨*, ଗୋବିନ୍ଦ ପୋଦ୍ଦାର–୧/୩୪)।

# ସୁପର କପ୍‌ରୁ ଓହରିଲା ରିଅଲ କଶ୍ମୀର ଏଫ୍‌ସି

**ନୂଆଦିଲ୍ଲୀ, ୧୬।୧୦ (ପି.ଟି.)**

ଆଇ–ଲିଗ୍ ଦଳ ରିଅଲ କଶ୍ମୀର ଆସନ୍ତା ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରୁ ଓହରିଯାଇଛି। ସେମାନଙ୍କ ବିଦେଶୀ ଖେଳାଳିମାନଙ୍କୁ ଭିଜା ପ୍ରଦାନରେ ବିଳମ୍ବ ଘଟୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା କ୍ଲବ ତରଫରୁ କୁହାଯାଇଛି। ଗୋଆରେ ସୁପର କପ୍ ଫୁଟ୍‌ବଲ ଅକ୍ଟୋବର ୨୫ରୁ ଆରମ୍ଭ ହେବ। ରିଅଲ କଶ୍ମୀର ସ୍ଥାନରେ ଡେମ୍ପୋ ଏଫ୍‌ସି ଟୁର୍ନାମେଣ୍ଟରେ ସାମିଲ କରାଯାଇଛି। ଶ୍ରୀନଗର ଦଳ 'ଗ୍ରୁପ୍ ଅଫ୍ ଡେଥ୍' ରେ ମୋହନ ବାଗାନ ସୁପର ଜାଏଣ୍ଟ, ଇଷ୍ଟ ବେଙ୍ଗଲ ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ଦଳ ସହିତ ସ୍ଥାନ ପାଇଛି। ରିଅଲ କଶ୍ମୀର ଯଦି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥାନ୍ତା ତେବେ ଅକ୍ଟୋବର ୨୫ ସୁପର କପ୍ ଓପନରରେ ପ୍ରଥମେ ଇଷ୍ଟ ବେଙ୍ଗଲକୁ ଭେଟିଥାନ୍ତା। ଦଳ ପରେ ଗ୍ରୁପ୍ 'ଏ'ରେ ଅକ୍ଟୋବର ୨୮ରେ ମୋହନବାଗାନ ଏସ୍‌ଜି ଓ ଅକ୍ଟୋବର ୩୧ରେ ଚେନ୍ନାଇନ ଏଫ୍‌ସି ସହ ମୁକାବିଲା କରିଥାନ୍ତା।

# ୟୁଏଇକୁ ଟି୨୦ ବିଶ୍ୱକପ୍ ଯୋଗ୍ୟତା

**ଦୁବାଇ, ୧୬।୧୦(ପି.ଟି.):** ୟୁଏଇ ଅନ୍ତିମ ତଥା ୨୦ତମ ଦଳ ଭାବେ ଭାରତରେ ହେବାକୁ ଥିବା ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିଛି। ଏସିଆ/ଇଏପି ଏସିଆ–ପାସିଫିକ କ୍ୱାଲିଫାୟର ଟୁର୍ନାମେଣ୍ଟରେ ଗୁରୁବାର ସୁପର–୬ ମ୍ୟାଚ୍‌ରେ ୟୁଏଇ ୮ ଉଇକେଟରେ ଜାପାନକୁ ପରାସ୍ତ କରି ଏହି ସଫଳତା ପାଇଛି। ୟୁଏଇ ପୂର୍ବରୁ ଏସିଆ–ପାସିଫିକ୍ କ୍ୱାଲିଫାୟରରୁ ନେପାଳ ଏବଂ ଓମାନ ଟି୨୦ ବିଶ୍ୱକପ୍‌ରେ ସ୍ଥାନ ନିଶ୍ଚିତ କରିଥିଲେ।

# ୟୁନିଲାଇଟ୍ କପ୍: ସେମିରେ ଓଡିଏମ୍ ଗ୍ଲୋବାଲ ସ୍କୁଲ

**ଭୁବନେଶ୍ୱର, ୧୬।୧୦(ଅନାଦି କର)**

ଭୁବନେଶ୍ୱର ଭେଟେରାନ ଫୁଟବଲ ଖେଳାଳି ସଂଘ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍–୧ ଫୁଟବଲ ଏକାଡେମୀ ପଡ଼ିଆରେ ୟୁନିଲାଇଟ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ଟାଇବ୍ରେକରରେ ୫–୪ ଗୋଲରେ ଅରବିନ୍ଦ ହାଇସ୍କୁଲ, ଗଣ୍ଡରପୁରକୁ ପରାସ୍ତ କରିଛି।

ମ୍ୟାଚ୍‌ରେ ଓମ୍ ସାଇ ସତ୍ୟଜିତ ଦଳେଇଙ୍କ ଗୋଲ ବଳରେ ଗଣ୍ଡରପୁର ସ୍କୁଲ ପ୍ରଥମାର୍ଦ୍ଧ ସୁଦ୍ଧା ୧–୦ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଗ୍ଲୋବାଲ ସ୍କୁଲ ପାଇଁ ଆୟୁଷ ଗୋଗେ ଗୋଲ ପରିଶୋଧ କରିଥିଲେ। ଫଳରେ ମ୍ୟାଚ୍‌ର ଫଳାଫଳ ବାହାର କରିବା ପାଇଁ ଟାଇବ୍ରେକର ପଦ୍ଧତିର ସହାୟତା ନିଆଯାଇଥିଲା, ଯେଉଁଥିରେ ଗ୍ଲୋବାଲ ସ୍କୁଲ ୫–୪ ବ୍ୟବଧାନରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌କୁ ରାଜୁ ମହାନ୍ତି, ସରୋଜ ମହାରଣା, ଅମିତ ନାୟକ ଓ ମ୍ୟାଚ୍ କମିଶନର ଭାବେ ଟି ମୋହନ ରାଓ ପରିଚାଳନା କରିଥିଲେ। ଗଣ୍ଡରପୁର ସ୍କୁଲର ଗୋଲକିପର ସତ୍ୟଜିତ ପଢ଼ିହାରୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ଅତିଥି ରାଜ କମଳ ମଣ୍ଡଳ ଏବଂ ଅରୁଣ କୁମାର ବଳିୟାରସିଂ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସଭାପତି ନବରଞ୍ଜନ ପଟ୍ଟନାୟକ ଓ ଅଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ସେମି ଫାଇନାଲରେ ଗ୍ଲୋବାଲ ହାଇସ୍କୁଲ, ପଟିଆ ଓ ଜଟଣୀ ସରକାରୀ ସ୍କୁଲ ପରସ୍ପରକୁ ଭେଟିବେ।

# ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟୀ

**ବିଶାଖାପାଟଣା, ୧୬।୧୦**

ଅଧିନାୟିକା ଆଲିସା ହିଲିଙ୍କ ଅପରାଜିତ ଶତକ ଓ ଫୋଏବେ ଲିଚ୍‌ଫିଲ୍ଡଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ଗୁରୁବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ମ୍ୟାଚ୍‌କୁ ୧୦ ଉଇକେଟରେ ଜିତି ନେଇଛି। ଏହା ଅଷ୍ଟ୍ରେଲିଆର ଚତୁର୍ଥ ବିଜୟ। ଏହି ବିଜୟ ସହ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ୫ ମ୍ୟାଚ୍‌ରେ ୯ ପଏଣ୍ଟ ସହ ଶୀର୍ଷକୁ ଫେରିଛି।

ଟସ୍ ଜିତି ବାଂଲାଦେଶ ୫୦

**ଆଇସିସି ମହିଳା ବିଶ୍ୱକପ୍**

ଓଭରରେ ୯ ଉଇକେଟ ହରାଇ ୧୯୮ ରନ କରିଥିଲା। ଦଳ ପାଇଁ ସୋଭନା ମୋଷ୍ଟାରୀ ଅପରାଜିତ ୬୬ (୯ ଚୌକା) ଓ ରୁବ୍ୟା ହାଇଦର ୪୪ (୮ ଚୌକା) ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ଆଶଲେ ଗାର୍ଡନର, ଆଲାନା କିଙ୍ଗ, ଆବାବେଲ ସଦରଲାଣ୍ଡ ଓ ଜର୍ଜିଆ ୱାରେହମ ୨ ଲେଖାଏ ଉଇକେଟ ନେଇଥିଲେ। ଚଳିତ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଦଳକୁ ଅଲଆଉଟ୍ କରିବାରେ ପ୍ରଥମଥର ପାଇଁ ବିଫଳ ହୋଇଥିଲା। ଜବାବରେ



ମ୍ୟାଚ୍ ବିଜୟୀ ଭାଗୀଦାରି ପରେ ଆଲିସା ହିଲି ଓ ଫୋଏବେ ଲିଚଫିଲ୍ଡ।

ଅଷ୍ଟ୍ରେଲିଆ ୨୪.୫ ଓଭରରେ ବିନା ଉଇକେଟରେ ୨୦୨ ରନ କରି ମ୍ୟାଚ୍ ଜିତି ନେଇଥିଲା। ଅଧିନାୟିକା ହିଲି ୧୧୩ (୨୦ ଚୌକା) ଓ ଲିଚ୍‌ଫିଲ୍ଡ ୮୪ (୧୨ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ। ଏହା ହିଲିଙ୍କ ଚଳିତ ବିଶ୍ୱକପ୍‌ରେ ଦ୍ୱିତୀୟ ଶତକ ଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ: ୫୦ ଓଭରରେ ୧୯୮/୯(ସୋଭନା ମୋଷ୍ଟାରୀ–୬୬, ରୁବ୍ୟା ହାଇଦର –୪୪, ଆଲାନ କିଙ୍ଗ–୨/୧୮)। ଅଷ୍ଟ୍ରେଲିଆ: ୨୪.୫ ଓଭରରେ ୨୦୨/୦(ଆଲିସା ହିଲି–୧୧୩*, ଫୋଏବେ ଲିଚଫିଲ୍ଡ–୮୪*)।



**UTKAL AUTOMOBILES:** BHUBANESWAR, CUTTACK, JAGATSINGHPUR, NAYAGARH: 8929207515 **ADITYA MOTORS:** CUTTACK, BHUBANESWAR, JAGATSINGHPUR, KENDRAPARA: 7873999400, JAJPUR, PANIKOILI: 7873999010.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ